

# ଜନନ ମରଣ ସିଦ୍ଧାନ୍ତ

ରଚୟିତା : **ତ୍ରିମତ ଏକୈକ ଗୁରୁ**

ଆଧ୍ୟାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,

ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ତ୍ରୈଞ୍ଜଲ୍ୟ ସୃଷ୍ଟିକାରୀ ରଚୟିତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା।

## ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର

ଅନୁବାଦକ : **ରଘୁନାଥ ମାନସିଂହ**





ପ୍ରକାଶକ :

**ଇନ୍ଦୁ ଜ୍ଞାନବେଦିକା**

(Estd. in 1978 - Regd.No.: 168/2004)

ତ୍ରୈତ ଶକାବ୍ଦ - 45 | ପ୍ରଥମ ମୁଦ୍ରଣ : March 2023

ସଂଖ୍ୟା : 1000 | ମୂଲ୍ୟ : 100/-

## ଯୋଗୀଶ୍ୱରଙ୍କ ଶୃଙ୍ଖଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ
## (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୧. ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା
୨. ଇନ୍ଦୁ ରୀତି
୩. ଇନ୍ଦୁତ୍ୱର ରକ୍ଷା କରିବା
୪. ଆଧ୍ୟାତ୍ମିକ ପ୍ରଶ୍ନ - ଉତ୍ତର
୫. ହିନ୍ଦୁ ମତରେ ଜାତିଆଣ ଭାବ
୬. ଗାଳିରେ ଜ୍ଞାନ - ଆଶିଷରେ ଅଜ୍ଞାନ
୭. ଶ୍ରୀକୃଷ୍ଣ ଈଶ୍ୱର ! କି ଭଗବାନ !!
୮. ଯଜ୍ଞ (ସତ କି ମିଛ ?)
୯. କେଉଁ ମତରେ କେତେ ମତଦ୍ୱେଷ ?
୧୦. ହିନ୍ଦୁ ମତର ସିଦ୍ଧାନ୍ତକର୍ତ୍ତାମାନେ
୧୧. ଦୈବଗ୍ରନ୍ଥରେ ସତ୍ୟାସତ୍ୟ ବିବେଚନା
୧୨. କ'ଣ ଏହା ଈଶ୍ୱରଙ୍କ ଆଗମନର ସମୟ ନୁହେଁ!
୧୩. ତିନି ଗ୍ରନ୍ଥ, ଦୁଇ ଗୁରୁ
୧୪. ପ୍ରେତ-ଭୂତଙ୍କ ଯଥାର୍ଥ ସଂଘଟନା
୧୫. ପ୍ରତିମା× ବିଗ୍ରହ - ଦୈବ× ପ୍ରେତ
୧୬. ତ୍ରୈତକାର ରହସ୍ୟ (ତ୍ରୈତକାର ବେର୍ମୁଣ୍ଡା)
୧୭. ହେତୁବାଦ ପ୍ରଶ୍ନ- ସତ୍ୟବାଦ ଜବାବ
୧୮. ଜ୍ୟୋତିଷ୍ୟଶାସ୍ତ୍ର (ଶାସ୍ତ୍ର- ଅଶାସ୍ତ୍ର ?)
୧୯. ମନ୍ତ୍ର - ମହିମା(ସତ- ମିଛ ?)
୨୦. ଅନ୍ତିମ ଦୈବଗ୍ରନ୍ଥର ଜ୍ଞାନବାକ୍ୟାବଳୀ
୨୧. ଆମ ପର୍ବ (କିପରି ପାଳିବା ଜାଣନ୍ତି ?)
୨୨. କଳିଯୁଗ (କଦାପି ଯୁଗାନ୍ତ ହେବ ନାହିଁ)
୨୩. କୃଷ୍ଣମୁଷା (ଶ୍ରୀକୃଷ୍ଣଙ୍କମରଣୋତ୍ତର ଜୀବନ)
୨୪. ସ୍ୱର୍ଗ ଇନ୍ଦ୍ରଲୋକ ! ନରକ ଯମରାଜ୍ୟ !!
୨୫. ତିନି ଦୈବଗ୍ରନ୍ଥ - ତିନି ପ୍ରଥମ ବାକ୍ୟ ।
୨୬. ନିଷ୍ପତି - ଈଶ୍ୱରଙ୍କ ନିଷ୍ପତି
୨୭. ଗୁଡ୍ଡା
୨୮. ପ୍ରବୋଧ
୨୯. ସୁବୋଧ
୩୦. ଆଦିତ୍ୟ
୩୧. ସମାଧି
୩୨. ମାତା - ପିତା
୩୩. କଷଟିପଥର
୩୪. ତ୍ରୈତାରାଧନା
୩୫. ଧର୍ମଚକ୍ର
୩୬. ପ୍ରସିଦ୍ଧ ବାଣୀ
୩୭. କର୍ମଗ୍ରନ୍ଥ
୩୮. ତୋ ପାଇଁ ମୋ ଲେଖା
୩୯. ଜଣେ ହିଁ ଦୁଇଜଣ
୪୦. ଦୈବମୁଦ୍ରା
୪୧. ଭାବ - ଭାଷା
୪୨. କାହାଣୀରେ ଜ୍ଞାନ
୪୩. ସତ୍ୟାନ୍ୱେଷୀ କଥା
୪୪. କୃଶ କଣ ଈଶ୍ୱର ?
୪୫. ଆତ୍ମଲିଙ୍ଗାର୍ଥ
୪୬. ପ୍ରାଥମିକ ଜ୍ଞାନ
୪୭. ବିଶ୍ୱବିଦ୍ୟାଳୟ
୪୮. ଜିହାଦ୍ କହିଲେ ଯୁଦ୍ଧ ?
୪୯. ଜନନ ମରଣ ସିଦ୍ଧାନ୍ତ
୫୦. ମତାତୀତ ଈଶ୍ୱରମାର୍ଗ
୫୧. ଦୈବ ଚିହ୍ନ
୫୨. ମତ-ପଥ
୫୩. ଦ୍ରାବିଡ ବ୍ରାହ୍ମଣ
୫୪. ପ୍ରବକ୍ତାମାନେ କିଏ ?
୫୫. ଧର୍ମଶାସ୍ତ୍ର କେଉଁଟି ?
୫୬. ଈଶ୍ୱରଙ୍କ ଚିହ୍ନ-୯୬୩
୫୭. ଇନ୍ଦୁ କଣ କ୍ରୈସ୍ତବ ?
୫୮. ନାସ୍ତିକ-ଆସ୍ତିକ

## ଯୋଗୀଶ୍ୱରଙ୍କ ଶୃଙ୍ଖଳ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୫୯. ପ୍ରବୋଧ ତରଙ୍ଗ
୬୦. ଗୀତା ପରିଚୟ
୬୧. ତୈତ ସିଦ୍ଧାନ୍ତ
୬୨. ବାଚକ - ବିକ୍ରେତା
୬୩. ଧର୍ମ - ଅଧର୍ମ
୬୪. ତତ୍ତ୍ୱର ବ୍ୟାଖ୍ୟା
୬୫. ମରଣ ରହସ୍ୟ
୬୬. ପୁନର୍ଜନ୍ମ ରହସ୍ୟ
୬୭. ଗୁରୁ ପ୍ରାର୍ଥନା ମଞ୍ଜରୀ
୬୮. ରୂଢିରେ ଜ୍ଞାନ
୬୯. ଦ୍ୱନ୍ଦାର୍ଥ କାହାଣୀ ଜ୍ଞାନ
୭୦. କେଉଁଟି ସତ୍ୟ ଜ୍ଞାନ ?
୭୧. ନିଗୁଢ ତତ୍ତ୍ୱାର୍ଥ ବୋଧିନୀ
୭୨. ଦେବାଳୟ ରହସ୍ୟ
୭୩. ପ୍ରବୋଧାନନ୍ଦ ନାଟକ
୭୪. ହେତୁବାଦ - ପ୍ରତିବାଦ
୭୫. ମତ ବଦଳାଇବା ଦୈବଦ୍ରୋହ
୭୬. ମୋର ଲୋଚନା-ତୋର ଆଲୋଚନା
୭୭. ଧ୍ୟାନ (ଚିନ୍ତନା)-ପ୍ରାର୍ଥନା-ନମାଜ୍
୭୮. ସାଇବାବା ଈଶ୍ୱର ! କି ନୁହନ୍ତି ?
୭୯. ଲୁ କହିଲେ କଅଣ ?
୮୦. ପ୍ରଥମେ ଗଛ ! କି ମଞ୍ଜି ?
୮୧. ଗୀତମ୍-ଗୀତା
୮୨. ମରଣ ପରେ ଜୀବନ
୮୩. ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତା
୮୪. ଦୈବ ଜ୍ଞାନ କବ୍ଜା ହୋଇଛି
୮୫. ଅଜ୍ଞାନ ହିଁ ଉଗ୍ରବାଦର ବୀଜ
୮୬. ଗୋଟିଏ କଥା ତିନି ଗ୍ରନ୍ଥ
୮୭. ତ୍ରୈତ ସିଦ୍ଧାନ୍ତ ଆଧ୍ୟାତ୍ମିକ ଘଂଟ
୮୮. ଯୀଶୁ ମୃତ୍ୟୁବରଣ କରିଥିଲେ ?
କି ତାଙ୍କୁ ହତ୍ୟା କରାଯାଇଥିଲା ?
୮୯. କ'ଣ ସତ୍ୟ- କ'ଣ ଅସତ୍ୟ ?
୯୦. ଜଣେ ବ୍ୟକ୍ତି ଦୁଇ କୋଣ
୯୧. ଅନ୍ତିମ ଦୈବଗ୍ରନ୍ଥର ବଜ୍ର ବାକ୍ୟାବଳୀ
୯୨. ବ୍ରହ୍ମ-ରାବଣବ୍ରହ୍ମ-ଭଗବାନ୍ ରାବଣବ୍ରହ୍ମ
୯୩. ଦ୍ୱିତୀୟ ଦୈବଗ୍ରନ୍ଥର ରତ୍ନବାକ୍ୟାବଳୀ
୯୪. ହିନ୍ଦୁଧର୍ମର ରକ୍ଷଣ ଆବଶ୍ୟକ ?
୯୫. ବେଦ ମଣିଷର ଆବଶ୍ୟକ ?
୯୬. ଉପନିଷଦରେ ତ୍ରୁଟି
୯୭. କୋରାନ-ହଦିସ୍
୯୮. ସୁପ୍ରସିଦ୍ଧି ବାଣୀ
୯୯. ଭକ୍ତିରେ ତୁମେ ସଂସାରୀ ? କି ବ୍ୟଭିଚାରୀ ?
୧୦୦. ଶତଂ
୧୦୧. ସିଦ୍ଧି ବାଣୀ
୧୦୨. ସତ୍ୟାର୍ଥ ପ୍ରକାଶିକାରେ ସତ୍ୟ କେତେ ?
୧୦୩. ରୂପ ବଦଳିଥିବା ଗୀତା
୧୦୪. ଶୁନ
୧୦୫. ତତ୍ତ୍ୱାର୍ଥ ଛବିଳ ଜ୍ଞାନ



**ଭାଷାରେ ପାଣ୍ଡିତ୍ୟକୁ ଛାଡି ଭାବରେ ପାଣ୍ଡିତ୍ୟକୁ ଦେଖୁଥିବା ପାତ୍ର ହିଁ ପ୍ରକୃତ ଜ୍ଞାନୀ ।**

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗ୍ରନ୍ଥାଲୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)

୧. ଗୁର୍ତିଙ୍ପୁବଡନିବାଡୁ ଗୁରବୁ
୨. ପୁଟ୍ଟିନରୋଜୁ ଏବରିକି ରାଦୁ
୩. ଦ୍ୱିତୀୟୁଡୁ-ଅଦ୍ୱିତୀୟୁଡୁ
୪. ଏକ୍ ନିରଞ୍ଜନ୍ ଆଲେକ୍ ନିରଞ୍ଜନ୍
୫. ମାୟକୁଡୁ-ଅମାୟକୁଡୁ
୬. ତଲ୍ଲି ତଣ୍ଡ୍ରି-ଗୁରୁ ଦୈବମୁ
୭. ଗୁରୁବୁଲେନି ବିଦ୍ୟା ଗୁଡ୍ଡିବିଦ୍ୟା
୮. ମତମୁଲଲୋ ପବିତ୍ରଯୁଦ୍ଧମୁ
୯. ପ୍ରପଂଚ ଶ୍ରଦ୍ଧା-ପରମାତ୍ମା ଶ୍ରଦ୍ଧା
୧୦. ଦେଶଂ ମୋସଂ-ଦେହଂ ମୋହଂ
୧୧. ଏଦମିଦା ମୁଦ୍ରା-ତଲ୍ଲିତଣ୍ଡ୍ରି ଗୁର୍ତୁ
୧୨. ମୁଡୁ ପୁଟକାଲୁ-ରେଣ୍ଡୁ ଜାଗାଲୁ
୧୩. ଯୋଗୀଶ୍ୱରୁଲ ଜନ୍ମଦିନ ସଂଦେଶମ୍
୧୪. ତେଲୁଗୁଲୋ ମୁଡୁ-ଆରୁ-ତୁମ୍ମିଦି
୧୫. ମାୟା ମର୍ମ-ଆତ୍ମା ଧର୍ମ
୧୬-ବାୟିଟି ସମାଜମ୍-ଲୋପଲି ସମାଜମ୍
୧୭. ଦେଉନି ଜ୍ଞାନଂ-ମାୟା ମାହାତ୍ମ୍ୟମ୍
୧୮. ମୁଡୁ ନିର୍ମାଣାଲୁ-ଓକ ପରିଶୁଭ୍ରତା
୧୯. ସହଜ ମରଣମ୍-ତାହାଲିକ ମରଣମ୍
୨୦. ମେଘଂ ଓକ ଭୂତଂ-ରୋଗଂ ଓକ ଭୁତଂ
୨୧. କର୍ମ ଲେନି କୃଷ୍ଣୁଡୁ-କର୍ମ ଉନ୍ନା କୃଷ୍ଣୁଡୁ
୨୨. ସ୍ୱାର୍ଥ ରାଜକୀୟଂ (ସ୍ୱ+ଅର୍ଥ ରାଜକୀୟଂ)
୨୩. ଶ୍ରୀକୃଷ୍ଣୁଡୁ ଚନିପୋୟାଡା ? ଗ୍ରୁଡ୍ଡବଡ୍ଡାଡା ?
୨୪. ଅନ୍ତିମ ଗ୍ରନ୍ଥମୁଲୋ ପ୍ରଥମ ବାକ୍ୟମୁଲୁ
୨୫. ଇଚ୍ଛାଧିନକାର୍ୟମୁଲୁ-ଅନ୍ନିଚ୍ଛାଧିନ କାର୍ୟମୁଲୁ
୨୬. ଟକ୍କୁଟମାରା,ଇନ୍ଦ୍ରଜାଲ ମହେନ୍ଦ୍ରଜାଲ, ଗଜକର୍ଣ୍ଣ, ଗୋକର୍ଣ୍ଣ
୨୭. ଆତ୍ମା, ୨୮-ତାତା
୨୯. ତଲ୍ଲି , ୩୦-ଭୟଂ
୩୧. ଆତ୍ମାପନି ୩୨-ବଛତଲା
୩୩. ୟାଦବ୍, ୩୪-ଜ୍ଞାନଶକ୍ତି
୩୫. ସମାଧି , ୩୬-୬-୩=୬
୩୭. ସନ୍ତକମ୍ , ୩୮-ପ୍ରଭୂ-ପ୍ରଜା
୩୯. ତ୍ରୈତଶକମ୍, ୪୦. ତୋଲେବାଡୁ
୪୧. ତଲ୍ଲି ତଣ୍ଡ୍ରି,    ୪୨. ନଟିଂଚେ ଆତ୍ମା
୪୩. ସଂଚିତ କର୍ମ, ୪୪. ଗୁରୁ ଚିହ୍ନଂ
୪୫. ଆସ୍ତି- ଦୋସ୍ତି, ୪୬. ବେଲୁଗୁବଂଟୁ
୪୭. ଧର୍ମଚକ୍ରଂ,  ୪୮. ଦୈବଗ୍ରନ୍ଥମୁ
୪୯. ଭକ୍ତି-ଶ୍ରଦ୍ଧାଲୁ
୫୦. ପୁରୁଷୋତ୍ତମ
୫୧. ମତଦ୍ୱେଷମୁ, ୫୨. ଗ୍ରହୀତଶକ୍ତି
୫୩. ଆଡିଂଚେ ଆତ୍ମା
୫୪. ଏଦି ଶାସ୍ତ୍ରମୁ ?, ୫୫. ଭଗବନ୍ତୁଡୁ
୫୬. ଏଦି ଧର୍ମମୁ ?, ୫୭. ଗୁରୁ ପୌର୍ଣ୍ଣମୀ
୫୮. ଶ୍ରୀକୃଷ୍ଣାଷ୍ଟମୀ, ୫୯. ଗୋରୁ - ଗୁରୁ
୬୦. ଦଶ- ଦିଶାଲୁ, ୬୧. ମାଟା-ମନ୍ଦୁ
୬୨. ସୃଷ୍ଟି - ସୃଷ୍ଟିକର୍ତା
୬୩. କଲିୟୁଗମୁ, ୬୪. ସେବା ଶାତମୁ
୬୫. ପ୍ରକୃତି-ବିକୃତି, ୬୬. ପୈତ୍ୟଂ-ସୈତ୍ୟଂ
୬୭. ନୈଜଂ-ସହଜଂ, ୬୮. ଭକ୍ତି-ଭୟମୁ
୬୯. ସାମ୍ପ୍ରଦାୟମୁ, ୭୦. ଅଦୁରୁ-ବେଦୁରୁ
୭୧. ନି ବେନୁକାବାଡୁ, ୭୨. ଶବମୁ-ଶିବମୁ
୭୩. ଶୈବମୁ-ବୈଷ୍ଣବମୁ,
୭୪. ଧର୍ମମୁ-ଅଧର୍ମମୁ
୭୫. ଦ୍ରାବିଡୁଲୁ-ଆର୍ୟୁଲୁ
୭୬. କାୟି-ପଣ୍ଡୁ-କାୟି, ୭୭. ୟୁଗମୁ-ଯୋଗମୁ
୭୮. ଦେଉନିକି ମତମୁନ୍ନାଦା ?
୭୯. କର୍ମ ମର୍ମମୁ

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗ୍ରଞ୍ଥଲ୍ୟ ସୃଷ୍ଟିକାରୀ
# ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)

୮୦. ପୁଟ୍ଟୁଟା-ଗିଟ୍ଟୁଟା, ୮୧. ଏକତା-ଏକାଗ୍ରତା
୮୨. ଚମତ୍କାର ଆତ୍ମା, ୮୩. ନିଦର୍ଶ-ନିରୁପ
୮୪. ଗୁରୁବୁ ଏବରୁ ?, ୮୫. ତ୍ରୈତ ସିଦ୍ଧାନ୍ତମୁ
୮୬. ସ୍ତ୍ରୀ/ପୁଂ - ଲିଙ୍ଗମୁ, ୮୭. ଜୀର୍ଣ୍ଣ+ଆଶୟମୁ
୮୮. ଶ୍ରୀକୃଷ୍ଣୁଡୁ ଏବରୁ ?
୮୯. ଆଟା-ଦୋବୁଚଲାଟା
୯୦. ପ୍ରଜାଲୁ-ମାନବୁଲୁ
୯୧. ଦନ୍ତମୁ-ଅନ୍ତମୁ, ୯୨. ମତମୁ-ପଥମୁ
୯୩. ଏଡୁ ଆକାଶମୁଲୁ, ୯୪. ଅର୍ଥମୁ-ଅପାର୍ଥମୁ
୯୫. ମୁଡୁ ଗ୍ରନ୍ଥମୁଲୁ, ୯୬. ଗ୍ରନ୍ଥମୁ-ବୋଧା
୯୭. ପ୍ରଭୁବୁ-ପ୍ରଭୁତ୍ୱଂ
୯୮. ଜ୍ଞାନମୁ-ବିଜ୍ଞାନମୁ
୯୯. ବାର-ମାସ-ବତ୍ସର
୧୦୦. ଭୂତଂ-ମହାଭୂତଂ
୧୦୧. ସେକୁବଲି-କୁଲିସେବା
୧୦୨. ଆତ୍ମାକୁ ବେଂଟ୍ରକୁଲୁ ଗୁର୍ତ୍ତୁ
୧୦୩. କୋଡିପୁଞ୍ଜୁ-ପାଦରସମ୍
୧୦୪. ଇନ୍ଦୁ ମହାସମୂଦ୍ରମୁ
୧୦୫. ଶ୍ରୀକୃଷ୍ଣ ଜନ୍ମ ମଥୁରା
୧୦୬. ଅଧର୍ମ ଆରାଧନାଲୁ
୧୦୭. ପୁସ୍ତକମୁ-ଗ୍ରନ୍ଥମୁ
୧୦୮. ହରିକାଲୁ-ହରିଚେୟି
୧୦୯. ପୁଟଗୋସି-ମୁଲତ୍ରାଡୁ
୧୧୦. ୧୨୩ ଗୁରୁପୌର୍ଣ୍ଣମୀ
୧୧୧. କ୍ଷମିଂଚରାନି ପାପମୁ
୧୧୨. ମରଣମୁ -ଶରୀରମୁ
୧୧୩. ଦିବ୍ୟ ଖୁରାନ୍-ହଦୀସୁ
୧୧୪. ଇନ୍ଦୁ-ହିନ୍ଦୁ
୧୧୫. ସୁଖମୁ-ଆନନ୍ଦମୁ
୧୧୬. କାଲଜ୍ଞାନ ବାକ୍ୟମୁଲୁ
୧୧୭. ଭୌତିକମୁ-ଅଭୌତିକମୁ
୧୧୮. ଦେଉନି ଆଜ୍ଞା-ମରଣମୁ
୧୧୯. ଜ୍ଞାନମୁ ଦଗ୍‌ଗରା ଜାଗ୍ରତା
୧୨୦. ଚନ୍ଦ୍ରାକାରମୁ(ବଙ୍ଗତଲା)
୧୨୧. ଜ୍ଞାନମୁ କବ୍ବା ଆଇନ୍ଦି !
୧୨୨. ଦେଉଡୁ-ଇଦ୍ଦରା ! ଓକରା !!
୧୨୩. ମତ ସାମରସ୍ୟଂ
୧୨୪. ମୋକ୍ଷମୁ-ମୋସମୁ
୧୨୫. ଅକ୍ଷର ଜ୍ଞାନମୁ
୧୨୬. ଲାଲା ଜଲମୁ
୧୨୭. ଦୈବ ଧର୍ମମୁଲୁ-ମତ ସାମ୍ପ୍ରଦାୟଲୁ
୧୨୮. ଆହାରମୁ ନିକା ! ନି ଆତ୍ମାକା !
୧୨୯. ମାତ୍ରା-ମନ୍ଦୁ
୧୩୦. କାଲଚକ୍ରଂ
୧୩୧. ବ୍ରହ୍ମବିଦ୍ୟା ,୧୩୨-ଶକ୍ତି
୧୩୩. ପୌର୍ଣ୍ଣମୀ-ଅମାବାସ୍ୟା
୧୩୪. ଈଶ୍ୱର-ପରମେଶ୍ୱର
୧୩୫. ପୁରୁଷୋତମ-ଶ୍ରୀରାମ
୧୩୬. ଦେଉନିକି ଓକଡେ କୁମାରୁଡୁ-ଦେଉନିକି ଅନେକମନ୍ଦି କୁମାରୁଲୁ
୧୩୭. ଜଲଂ,୧୩୮- ଅଧିପତି
୧୩୯. ଗ୍ରହାନ୍ତର ବାସୁଲୁ
୧୪୦. ଦେଉଡୁ ଦ୍ୱିତୀୟୁଡା ? ଅଦ୍ୱିତିୟୁଡା ?
୧୪୧. ଆଧ୍ୟାତ୍ମିକ ପ୍ରଶ୍ନଲୁ-ଜବାବୁଲୁ
୧୪୨. ଗଶରୀରମୁଲୋ ରକ୍ତମୁ-ଗ୍ରନ୍ଥମୁଲୋ ଜ୍ଞାନମୁ

# ଇନ୍ଦୁ ଜ୍ଞାନବେଦିକା ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ଗ୍ରନ୍ଥଗୁଡିକର ପ୍ରାପ୍ତିସ୍ଥାନ

## ପ୍ରବୋଧାଶ୍ରମ (ଶ୍ରୀକୃଷ୍ଣ ମନ୍ଦିର)

ଗ୍ରାମ-ଚିନ୍ନାପୋଡମଲା, ମଣ୍ଡଳ-ତାଡିପତ୍ରି, ଜିଲ୍ଲା- ଅନନ୍ତପୁରମ୍ (ଏ.ପି)
ଫୋନ୍ ନମ୍ବର : 6371487960, 8260963963, 6370369563.

*****

## ପ୍ରବୋଧା ସେବା ସମିତି (ଶାଖା)

ଗ୍ରାମ- କଡବ, ବେଗୁନିଆ, ଖୋରଧା, 752062 ଓଡିଶା
ସେଲ୍ ନମ୍ବର : 6371487960 (ପ୍ରେସିଡେଣ୍ଟ୍)

୧.କଳ୍ପନା ସୁନ୍ଦରାୟ:7978498668, ୨.ଏସ୍. ବିଶ୍ୱେଶ୍ୱର ରାଓ:9437527499.
୩.ତେଜସ୍ୱିନୀ ମାନସିଂହ:9777075446, ୪.ଦିପ୍ତିରଞ୍ଜନ ପଣ୍ଡା : 7873229092.
୫.ଲକ୍ଷ୍ମୀଧର ପାଇକରାୟ:9692557801, ୬.ରଘୁନାଥ ମାନସିଂହ : 6371487960.

*****

## ଇନ୍ଦୁ ଜ୍ଞାନବେଦିକା ଶାଖା,

ମଲ୍ଲିଗାଓଁ (ଗ୍ରାମ), କୋତପେଟା (ପୋ) ରାୟଗଡା ଜିଲ୍ଲା (ଓଡିଶା)
ସେଲ୍ ନଂ - 8260963963 (ପ୍ରେସିଡେଣ୍ଟ୍)
୧. ଏସ୍. ବିଶ୍ୱେଶ୍ୱର ରାଓ : 9437527499
୨. ଇ. ଅଶୋକ କୁମାର : 6370043490
୩. ଆର୍. ସନ୍ତୋଷ କୁମାର ଶର୍ମା : 6370369563
୪. ଡି.ରବି (ପାରଲାଖେମୁଣ୍ଡି) : 8248683055
୫. ଏସ୍. ଗୌରିଶଙ୍କର ରାଓ : 9348538123
୬. ଇ. ସିହାଂଚଲମ୍:9437527470, ୭. ଡି. ପ୍ରସାଦ୍ ରାଓ : 7013546537

**www.thraithashakam.org**
Youtube : thraitha siddantham

# ଯୋଗୀଶ୍ୱରଙ୍କ ଶୃଙ୍ଖଲ୍ୟାତ୍ମକ ତ୍ରିମତ ଆଧ୍ୟାତ୍ମିକ ରଚନା ସାରାଂଶ

୧. ତ୍ରୈତ ସିଦ୍ଧାନ୍ତର ଅକ୍ଷର ସମାବେଶ ହିଁ, ଆତ୍ମା ସମାର ହୋଇ ରହିଛି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ କ୍ଷୟ, ଅକ୍ଷୟ ସମାଚ୍ଚର ଏବଂ ପରମାତ୍ମା ସମାଚ୍ଚର ରହିଛି ।

୨. ତ୍ରୈତ ସିଦ୍ଧାନ୍ତ ସମ୍ବନ୍ଧୀୟ ଗ୍ରନ୍ଥଗୁଡିକ ଭୌତିକତଃ ଲେଖିଛନ୍ତି ଯୋଗୀଶ୍ୱର । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ ଅଭୌତିକ ଭାବରେ ଯୋଗଶକ୍ତି ରହିଛି ।

୩. ତ୍ରୈତ ସିଦ୍ଧାନ୍ତ ଇନ୍ଦୁ (ହିନ୍ଦୁ) ଧର୍ମରେ ବିପ୍ଳବାତ୍ମକ ଭାବରେ ରହିଛି । ତ୍ରୈତ ସିଦ୍ଧାନ୍ତର ଜ୍ଞାନ ଶୃଙ୍ଖଲ୍ୟ ସୃଷ୍ଟି କରୁଛି । ପଢି ଦେଖନ୍ତୁ ।

୪. ତ୍ରୈତ ସିଦ୍ଧାନ୍ତ ସବୁଠାରୁ ମହାନ । ତ୍ରୈତ ସିଦ୍ଧାନ୍ତ  ସମସ୍ତ ଗ୍ରନ୍ଥଗୁଡିକ ଭିତରେ ମହାନ । ତାର ରଚୟିତା ହେଉଛନ୍ତି ଯୋଗୀମାନଙ୍କର ଈଶ୍ୱର ହୋଇଥିବା ଯୋଗୀଶ୍ୱର ।

୫. ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକୁ ଦେଖିଲେ ଦୁଷ୍ଟଶକ୍ତିମାନେ ଭୟରେ ଚ୍ଚଲିଯାଇଥାନ୍ତି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକ ସେମାନଙ୍କ ପାଖରେ ରଖିଲେ ଯୋଗଶକ୍ତିର ଉତ୍ତାପକୁ ସେମାନେ ସହ୍ୟ କରି ପାରିନଥାନ୍ତି ।

୬. ଭଗବଦ୍ଗୀତା ପରେ କୁହାଯାଇଥିବା ଅତି ମହାନ ଜ୍ଞାନ ହେଉଛି ତ୍ରୈତ ସିଦ୍ଧାନ୍ତ ଜ୍ଞାନ । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ ଶ୍ରୀକୃଷ୍ଣ ଆଗରୁ କହି ନଥିବା ଜ୍ଞାନ ମଧ୍ୟ ଯୋଗୀଶ୍ୱର କହିଛନ୍ତି ।

୭. ତ୍ରୈତ ସିଦ୍ଧାନ୍ତ ଜ୍ଞାନ ମାନବ ଜୀବନର ଏକ ଉଜ୍ଜ୍ୱଳ ଆଲୋକ । ତ୍ରୈତ ସିଦ୍ଧାନ୍ତ ଆଲୋକକୁ ଗଲାପରେ ତାହା ଦୈବଶକ୍ତି ବୋଲି ଜଣାପଡେ ।

୮. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ଲେଖିଛନ୍ତି ଯୋଗୀଶ୍ୱର । ସେଥିଲାଗି ତ୍ରୈତ ସିଦ୍ଧାନ୍ତ କଣ ଆଉ କେତେ ମହାନ ତାହା ଜଣା ପଡିଯାଇଛି ।

୯. ତ୍ରୈତ ସିଦ୍ଧାନ୍ତକୁ ଜାଣି ପାରିଲେ,ଯୋଗୀଶ୍ୱରଙ୍କ ରଚନାକୁ ପଢିପାରିଲେ କୌଣସି ମତାବଲମ୍ବୀ ତାହା ସ୍ୱୀକାର କରିବାକୁ ବାଧ ହୋଇଥାଏ ଏବଂ ଆଚରଣ କରିଥାଏ ।

୧୦. ତ୍ରୈତ ସିଦ୍ଧାନ୍ତକୁ ସାକ୍ଷାତ୍ ଭଗବାନ କହିଛନ୍ତି । ତେଣୁ ପ୍ରତ୍ୟେକ ମତର ସାରାଂଶ ତ୍ରୈତ ସିଦ୍ଧାନ୍ତରେ  ରହିଛି ।

୧୧. ତ୍ରୈତ ସିଦ୍ଧାନ୍ତକୁ ଜଣେ ବ୍ୟକ୍ତି ଲେଖି ନାହାନ୍ତି, ଜଣେ ବ୍ୟକ୍ତିଙ୍କର ଶକ୍ତି ଲେଖିଛି । ତେଣୁ ସେଥିରେ ଥିବା ରହସ୍ୟଗୁଡିକୁ ପଢି ଜାଣନ୍ତୁ ।

୧୨. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା, ବାଇବେଲ୍ କୋରାନରେ ରହିଛି ହେଲେ ହିନ୍ଦୁ, ମୁସ୍ଲିମ୍, କ୍ରୈସ୍ତବମାନଙ୍କୁ ତାହା ଜଣା ନାହିଁ ।

# ତ୍ରୈତ ସିଦ୍ଧାନ୍ତ

ଆଧାତ୍ମିକ ବିଦ୍ୟାରେ ତୃତୀୟ ସିଦ୍ଧାନ୍ତ ହୋଇ ରହିଥିବା ତ୍ରୈତ ସୃଷ୍ଟି ପ୍ରାରମ୍ଭରେ ପରମାତ୍ମା ରୋପଣ କରିଥିବା ମହାବୃକ୍ଷ ଭଳି ଥିଲା । କାଳକ୍ରମେ ତାହା ଦୁର୍ବଳ ହୋଇ ଶୁଖିଯିବା ଭଳି ସମସ୍ତଙ୍କ ପାଇଁ ଅଜଣା ରହିଗଲା । ମାୟା ପ୍ରଭାବରେ ମାନବଲୋକରେ ଅନେକକାଳ ଧରି ଅଜଣା ରହିଥିବା ତ୍ରୈତ ଏବେ କଅଁଳିଛି । ଏହି ବୃକ୍ଷ ଅଜ୍ଞାନ ନାମକ ରୋଗପାଇଁ ମହୌଷଧି ବୋଲି ଜଣାଇ ଅନେକଙ୍କ ପାଖରେ ପହଞ୍ଚାଇବା ମୋର ମହାଭାଗ୍ୟ ବୋଲି ଭାବୁଛି । କେତେ ମହାନ ମତବାଦୀମାନେ ହୁଅନ୍ତୁ, ସେମାନେ ଏହା  ଆମର ବୋଲି ସ୍ୱୀକାର କରିବା ତ୍ରୈତର ମହାନତା ବୋଲି ଭାବୁଛି । ଆମ ମତ ଅଲଗା, ଆମ ଈଶ୍ୱର ଅଲଗା ବୋଲି ଏହାକୁ ଜାଣିଥିବା କେହି ମଧ୍ୟ କହି ପାରିବେ ନାହିଁ । ଏହା ସ୍ୱଚ୍ଛ ଦୈବ ଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ହୋଇଥିବାରୁ ଜାଣିବା ଆଗରୁ ଏହା ବାବଦରେ କେଉଁଭଳି ନିନ୍ଦାକରି କହିଥିଲେ ମଧ୍ୟ, ଜାଣିବା ପରେ ନିଶ୍ଚୟ ସ୍ୱୀକାର କରିବବାକୁ ବାଧ୍ୟ ହୋଇଥାନ୍ତି । ପ୍ରାୟ ଦୁଇହଜାର ବର୍ଷରୁ ରହିଥିବା ଅଦ୍ୱୈତ, ଦ୍ୱୈତ ସିଦ୍ଧାନ୍ତ ଜାଣିଥିବା ଲୋକମାନେ କିଛି ଅନିଚ୍ଛା ପ୍ରକାଶ କରୁଥିଲେ ମଧ୍ୟ, ସେମାନେ ବୁଦ୍ଧିରେ ବିଚାର କରି, ସ୍ୱାନୁଭବ ଅନୁସାରେ ଦେଖିଲେ ଦ୍ୱୈତ, ଅଦ୍ୱୈତ କେବଳ କଥା କହିବା ପାଇଁ ରହିଛି ସିନା, ସତ୍ୟ ନିର୍ଦ୍ଧାରଣ ଅନୁଭବ, ବାସ୍ତବ ଆଚରଣ କେବଳ ତ୍ରୈତରେ ରହିଛି ବୋଲି ଜାଣି ପାରିବେ । ଅନ୍ୟ ମତଗୁଡିକୁ ମଧ୍ୟ ନିଜଠାରେ ମିଶାଇ ପାରୁଥିବା ତ୍ରୈତ ପରମାତ୍ମା ଜଣାଇଥିବା ବାସ୍ତବ ଇନ୍ଦୂପଥ ଭାବରେ (ଜ୍ଞାନମାର୍ଗ ଭାବରେ) ସମସ୍ତଙ୍କର ଉପକାର କରିବ ବୋଲି ଭାବୁଛି ।

ଇତି

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ                ପାଠକରାନ୍ତୁ

ପ୍ରଥମ ଦୈବଗ୍ରନ୍ଥ

# ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା

(୫୭୮ ଶ୍ଲୋକ ବିଶିଷ୍ଟ)

ଆଧ୍ୟାତ୍ମିକ ରଙ୍ଗମଞ୍ଚରେ ଚାଞ୍ଚଲ୍ୟାତ୍ମକ ହୋଇ, ବିଜ୍ଞାନ ମଂଚରେ ବିପ୍ଳବାତ୍ମକ ହୋଇ ପାରିଛି ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା । ୫୧୬୧ ବର୍ଷରୁ ଅଜଣା ରହିଯାଇଥିବା ଐଶ୍ୱରୀୟ ରହସ୍ୟଗୁଡିକ ଏହି ଗ୍ରନ୍ଥରେ ପଦାରେ ପଡିଯାଇଛି । ଜୀବାତ୍ମା ଆଉ ପରମାତ୍ମାଙ୍କ ମଝିରେ ତୃତୀୟପାତ୍ର ହୋଇଥିବା ଆତ୍ମା କଅଣ, ତାହାର କାର୍ଯ୍ୟକଳାପ କଅଣ ତାହା ଜଣାଇଥିବା ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ହେଉଛି ଏହି ଗୀତା । ଏହି ଭଗବଦ୍ଗୀତା ଅଦ୍ୱୈତ, ବିଶିଷ୍ଟାଦ୍ୱୈତାଦି ସିଦ୍ଧାନ୍ତଗୁଡିକୁ ଖଣ୍ଡନ କରି ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛି । ଏହାର ପଠନପାଠନରେ ଐଶ୍ୱରୀୟ ଜ୍ଞାନ କହିଲେ କଅଣ ଜଣାପଡିଥାଏ ।

**ରଚୟିତା** : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ                ପାଠକରାନ୍ତୁ

# ଶ୍ରୀକୃଷ୍ଣ ଈଶ୍ୱର (ପରମାତ୍ମା) ? କି ଭଗବାନ ?

ଏହି ଗ୍ରନ୍ଥ ଦ୍ୱାରା କୃଷ୍ଣ କହିଲେ କଅଣ ଏବଂ କିଏ ବୋଲି ଜଣାପଡିଥାଏ । ଈଶ୍ୱର ମାନବରୂପ ଧାରଣ କରିଥାନ୍ତି କହିବାକୁ ଏହା ଏକ ନିଦର୍ଶନ । ଏହା ଦ୍ୱାରା କେତେ ମହାନ ଜ୍ଞାନ ଜଣାପଡିବା ସହିତ, ଏପର୍ଯ୍ୟନ୍ତ ଜଣା ନଥିବା ଅନେକ ଆଧ୍ୟାତ୍ମିକ ରହସ୍ୟ ଜଣାପଡିଥାଏ । ଏହି ଜ୍ଞାନ ଦ୍ୱାରା ଈଶ୍ୱର ଅଲଗା, ଭଗବାନ ଅଲଗା ବୋଲି ଜଣାପଡିଥାଏ । କୃଷ୍ଣ ମଣିଷ ହେଲେହେଁ ତାଙ୍କ ମରଣରେ ଘଟିଥିବା ରହସ୍ୟ ଏପର୍ଯ୍ୟନ୍ତ କାହାକୁ ମଧ ଜଣା ନାହିଁ । କୃଷ୍ଣଙ୍କ ମରଣ ରହସ୍ୟ ଏହି ଗ୍ରନ୍ଥ ଦ୍ୱାରା ଜାଣି ପାରିଲେ ଭୂପୃଷ୍ଠରେ କୌଣସି ମତଭେଦ ରହିବ ନାହିଁ, ମତକଳହ ରହିବ ନାହିଁ ।

**ରଚୟିତା :** ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

# ରଚୟିତାଙ୍କ ମନ୍ତବ୍ୟ

ଜନ୍ମ ଏବଂ ମୃତ୍ୟୁ, ଏ ଦୁଇଟି ପ୍ରତ୍ୟେକ ଜୀବନରେ ଘଟିଥାଏ । ଜନ୍ମରେ ଜୀବନର ପ୍ରାରମ୍ଭ ହୋଇ ମରଣରେ ଅନ୍ତ ହୋଇଥାଏ । ଜନ୍ମ, ମୃତ୍ୟୁ ସହିତ  ସମ୍ବନ୍ଧୀତ ମାନବ ଏହି ଦୁଇଟି ବିଷୟରେ ପ୍ରକୃତ ତଥ୍ୟ ନପାଇ ତା' ବାବଦରେ ଅନେକ ଭାବନା କରିଥାଏ । ଶାସ୍ତ୍ରବଦ୍ଧ ଭାବରେ ଏ ଦୁଇଟି ତଥ୍ୟ ତା'ପାଖରେ ନାହିଁ । ଜନ୍ମ ଏବଂ ମୃତ୍ୟୁ ବାବଦରେ ଅଶାସ୍ତ୍ରୀୟ ପୁରାଣାଦିରୁ ସେ ଯେଉଁ ସମାଚାର ପାଇଥାଏ ସେଥିରେ କେବଳ ଭାବନା ଛଡା ଶାସ୍ତ୍ରବଦ୍ଧ ସମାଚାର କିଛି ନଥାଏ । ମାନବ ପ୍ରଥମେ ନିହାତି ଜାଣିବା ଦରକାର ଯେ, ଜୀବନ କିପରି ଆରମ୍ଭହୁଏ, କିପରି ଅନ୍ତହୁଏ । ଏହି ଦୁଇଟି ବିଷୟରୁ ଅଶାସ୍ତ୍ରୀୟତାକୁ କାଢିଦେଇ ମାନବକୁ ବାସ୍ତବତା ଜଣାଇବା ଉଦ୍ଦେଶ୍ୟରେ ଏହି ଗ୍ରନ୍ଥଟିର ରଚନା ଆରମ୍ଭ କରିଛୁ । ଏହି ଗ୍ରନ୍ଥର ବିଷୟଗୁଡିକ ବିଧିବଦ୍ଧ ସିଦ୍ଧାନ୍ତ ପୂର୍ଣ୍ଣ ହୋଇଥିବାରୁ ଏହାକୁ **"ଜନନ ମରଣ ସିଦ୍ଧାନ୍ତ"** ଭାବରେ ନାମକରଣ କରାଯାଇଛି ।

କେତେକ ନିୟମରେ ପରିପୂର୍ଣ୍ଣ ହୋଇଥାଏ ସିଦ୍ଧାନ୍ତ । ବ୍ରହ୍ମବିଦ୍ୟା ସମ୍ବନ୍ଧୀତ ନିୟମଗୁଡିଏ ଏଥିରେ ସ୍ଥାନ ପାଇଥିବାରୁ ଏହାକୁ ବ୍ରହ୍ମବିଦ୍ୟାର ସିଦ୍ଧାନ୍ତ କୁହାଯାଏ । ଆମେ ଜାଣିଛେ ଯେ, ଭୂପୃଷ୍ଠରେ ଛଅଗୋଟି ଶାସ୍ତ୍ର ରହିଛି । ଏହି ଛଅଗୋଟି ଶାସ୍ତ୍ର ମଧ୍ୟରୁ ପାଞ୍ଚଗୋଟି ଶାସ୍ତ୍ର ପ୍ରକୃତି ସମ୍ବନ୍ଧୀୟ ହୋଇଥିବା ବେଳେ ଶେଷରେ ଥିବା ଷଷ୍ଠତମ ଶାସ୍ତ୍ର ପରମାତ୍ମା ସମ୍ବନ୍ଧୀୟ ହୋଇ ରହିଛି । ସେଗୁଡିକୁ କ୍ରମାନ୍ୱୟରେ ଲେଖିଲେ, **୧) ଗଣିତ ଶାସ୍ତ୍ର, ୨) ଖଗୋଳ ଶାସ୍ତ୍ର, ୩) ଭୌତିକ ଶାସ୍ତ୍ର, ୪) ରାସାୟନିକ ଶାସ୍ତ୍ର, ୫) ଜ୍ୟୋତିଷ୍ୟ ଶାସ୍ତ୍ର, ୬) ବ୍ରହ୍ମବିଦ୍ୟା ଶାସ୍ତ୍ର** । ଏହି ଶାସ୍ତ୍ରଗୁଡିକ ପ୍ରକୃତ ଶାସ୍ତ୍ର ହୋଇଥିବା ସ୍ଥଳେ, ଏଗୁଡିକୁ ବାଦ୍‌ଦେଇ କେତକ ଲୋକ ଅନ୍ୟ କେତେଗୁଡିକୁ ଶାସ୍ତ୍ର କହିଥା'ନ୍ତି, ଯଥା- ୧) ଶିକ୍ଷା, ୨) ବ୍ୟାକରଣ, ୩) ଛନ୍ଦ, ୪) ନିରୁକ୍ତ, ୫) ଜ୍ୟୋତିଷ୍ୟ, ୬) କଳ୍ପ । ଏହି ଶାସ୍ତ୍ରଗୁଡିକ ଭିତରୁ ଜ୍ୟୋତିଷ୍ୟଶାସ୍ତ୍ରକୁ ଯଦି ବାଦ୍ ଦିଆଯାଏ ତେବେ ଅନ୍ୟଗୁଡିକୁ କିପରି ଶାସ୍ତ୍ର

କୁହାଗଲା ତାହା ଆଶ୍ଚର୍ଯ୍ୟ ଲାଗେ । ପ୍ରଥମତଃ ମାନବ ଶାସ୍ତ୍ର କ'ଣ ନଜାଣି ପ୍ରତ୍ୟେକ ପୁସ୍ତକକୁ ଶାସ୍ତ୍ର ଭାବିଛି ଏବଂ ପୁରାଣଗୁଡ଼ିକରେ ଲେଖାଯାଇଥିବା ମାନବର ଜନ୍ମବିଷୟକୁ ନେଇ ତାହା ହିଁ ସତ୍ୟବଚନ ଭାବିବସିଛି, ସେଗୁଡ଼ିକ ବାବଦରେ ଆଲୋଚନା କରିବା ହିଁ ହାସ୍ୟାସ୍ପଦ । କାହିଁକିନା ! କେତେକ ପୁସ୍ତକରେ ଲେଖାଯାଇଥିବା ବିଷୟଗୁଡ଼ିକୁ ଆଲୋଚନା କଲେ ମାତୃ ଗର୍ଭରେ ହିଁ ଶିଶୁଠାରେ ପ୍ରାଣ ପ୍ରବେଶ ହୋଇଥାଏ, ସେତେବେଳେ ସେହି ଗର୍ଭରେ ତା'ର ପୁର୍ବଜନ୍ମ କଥା ମନେପଡେ ବୋଲି ଲେଖାଯାଇଥିବା ଜଣାଯାଏ । ଏଭଳି କେତେକ ବିଷୟକୁ ବାସ୍ତବତାର ରୂପ ଦେବାପାଇଁ ତା'ସମ୍ବନ୍ଧୀୟ ଅନେକ କାହାଣୀ ମଧ୍ୟ ଲେଖା ଯାଇଥିବା ଜଣାଯାଏ । ଯଦି ଏକ ପୁରାଣ କୁହାଯାଉଥିବା ଭାଗବତକୁ ବିଚାର କରାଯାଏ ସେଥିରୁ ଦେଖିବାକୁ ମିଳେ ଯେ, ହିରଣ୍ୟକଶ୍ୟପଙ୍କ ପୁତ୍ର ପ୍ରହଲାଦ ମାତୃଗର୍ଭରେ ଥିବାବେଳେ ଦେବର୍ଷି ନାରଦ ଆସି ତା'କୁ ନାରାୟଣ ମନ୍ତ୍ର ଶୁଣାଇଥିଲେ । ମହାଭାରତରେ ଅଭିମନ୍ୟୁ ମଧ୍ୟ ଶୁଭଦ୍ରାଙ୍କ ଗର୍ଭରେ ଥିବାବେଳେ ଅର୍ଜୁନଙ୍କଠାରୁ ଯୁଦ୍ଧର ଚକ୍ରବ୍ୟୁହ ଭେଦ ବାବଦରେ ଶୁଣିଥିଲେ ବୋଲି ଲେଖା ଅଛି । ଏମିତି ଅନେକ କଥା ପୁରାଣଗୁଡ଼ିକରେ ଲେଖାଯିବା ଦ୍ୱାରା ମାତୃଗର୍ଭର ଶିଶୁଠାରେ ପ୍ରାଣ ଅଛି ବୋଲି ଆମେମାନେ ବିଶ୍ୱାସ କରିଆସୁଛେ । ଦୃଢଭାବରେ ଥିବା ଏଇ ପୁରାଣ କାହାଣୀକୁ ଆମେ ତିରସ୍କାର କରି, ଏସବୁ କଳ୍ପିତ ଏବଂ ଅସତ୍ୟ କହିଲେ କେହି ବିଶ୍ୱାସ କରିବେ ନାହିଁ ବୋଲି ଜାଣି ମଧ୍ୟ ଆମେ ଆମର ଚେଷ୍ଟା ଜାରିରଖିଛୁ । ସେହି ଚେଷ୍ଟା ହେଉଛି ଏଇ **"ଜନନ ମରଣ ସିଦ୍ଧାନ୍ତ"**। ଏଥିରେ କେବଳ ଜନନ ସିଦ୍ଧାନ୍ତ ନୁହେଁ ମରଣ ସିଦ୍ଧାନ୍ତ ମଧ୍ୟ ବିବାଦସ୍ପଦ ଭାବରେ ରହିଛି ।

ଏଭଳି ବିବାଦସ୍ପଦ ଘଟଣାଗୁଡ଼ିକୁ ଲେଖିବା ଦ୍ୱାରା ଆପଣଙ୍କର ଉଦ୍ଦେଶ୍ୟ କ'ଣ ? ବୋଲି କେତେକ ମୋତେ ପଚାରି ପାରନ୍ତି । ତା'ର ସମାଧାନରେ ଆମେ କହିବୁ ଯେ, କେହି ବିଶ୍ୱାସ କରନ୍ତୁ ବା ନକରନ୍ତୁ

ଯାହା ସତ୍ୟ ତାହା ସତ୍ୟ ଏବଂ ସତ୍ୟର ଉନ୍ମେଷ ଆମର ଲକ୍ଷ୍ୟ । ଏଥିରେ ଗର୍ଭସ୍ଥ ଶିଶୁର ପ୍ରାଣ ନାହିଁ, ଜୀବାତ୍ମା ମାତୃଗର୍ଭର ଶିଶୁ ଶରୀରରେ ପ୍ରବେଶ କରିନଥାଏ ବୋଲି ଜୋର୍‌ଦେଇ ଲେଖିଛୁ । କାରଣ ଶିଶୁ ଜନ୍ମହେବା ପରେ ତା'ଠାରେ ପ୍ରାଣ ପ୍ରବେଶ ହୋଇଥାଏ, ଏହି ସିଦ୍ଧାନ୍ତ ବ୍ରହ୍ମବିଦ୍ୟା ଶାସ୍ତ୍ରରେ ରହିଛି । ପୁରାଣକୁ ପ୍ରଥମେ ଖଣ୍ଡନ କରୁଥିବା ଲୋକ କ'ଣ ବା ଲେଖିଥିବ ଭାବି କେତେକ ଏହିଠାରୁ ପଢିବା ମଧ୍ୟ ବନ୍ଦ କରିଦେଇ ପାରନ୍ତି, କିନ୍ତୁ ଲୋକମାନଙ୍କର ଏଇ ଭାବ ଦ୍ୱାରା ଏକ ରହସ୍ୟ ସର୍ବଦା ରହସ୍ୟ ହୋଇ ରହିଯିବ, ସେଥିଲାଗି ଆମର ଲକ୍ଷ୍ୟ ମୁତାବକ କହିବାକୁ ପଡୁଛି ଯେ, ଏହି ବିଷୟଗୁଡିକୁ ଆପଣମାନେ ଏକ ଗବେଷଣା ଦୃଷ୍ଟିରେ ପାଠକଲେ ହିଁ ଶେଷରେ ଏକ ସୁନିର୍ଣ୍ଣୟରେ ପହଞ୍ଚିପାରିବେ । ତେଣୁ ଏହି ସତ୍ୟକୁ ଜାଣିବା ପାଇଁ ଯେଉଁ ସୁଯୋଗ ରହିଛି ତାହା ହାତଛଡା କରନ୍ତୁ ନାହିଁ ।

କର୍ଣ୍ଣ କର୍ଣ୍ଣଗହ୍ୱରରୁ, ବାଳୀ ଲାଙ୍ଗୁରୁ (ପୁଚ୍ଛରୁ), ଦ୍ରୋଣ ତୋରାଣି-କୁଣ୍ଡରୁ (କେହି କେହି ଥାଳିରୁ ଜନ୍ମ ହୋଇଥିଲେ ବୋଲି କହନ୍ତି), ମତ୍ସ୍ୟବଲ୍ଲଭ (ମକରଧ୍ୱଜ) ମାଛଠାରୁ ଜନ୍ମ ହୋଇଥିଲେ, ଏଭଳି ଅନେକ ଘଟଣାମାନ ଲେଖାଯାଇଛି । ଶୁଣା କଥାଗୁଡିକୁ ବିଶ୍ୱାସ କରିବା ଆଗରୁ ତାହା ସତ୍ୟ କି ମିଥ୍ୟା ଥରେ ବିଚାର ନ କରିବା ଦ୍ୱାରା, ଯିଏ ଯାହା ଲେଖିଛନ୍ତି ବିଶ୍ୱାସ କରିବା ଆମର ପରମ୍ପରା ହୋଇଯାଇଛି । ଯେଉଁମାନେ ଏସବୁକୁ ବିଶ୍ୱାସ କରନ୍ତି ସେମାନେ ସଠିକ୍ ବିବରଣ ଥିବା, ପ୍ରମାଣ ସହିତ ଥିବା ସିଦ୍ଧାନ୍ତକୁ କାହିଁକି ବିଶ୍ୱାସ କରିପାରୁ ନାହାନ୍ତି ? ସାଧାରଣ ମାନବକୁ ବାଦ୍ ଦେଲେ ବଡ ବଡ ବିଜ୍ଞାନ ବିଶ୍ୱାସୀମାନେ ମଧ୍ୟ ପ୍ରମାଣିତ ହେଉଥିବା ସିଦ୍ଧାନ୍ତକୁ ବୁଝି ନପାରିବା ବଡ ଆଶ୍ଚର୍ଯ୍ୟଜନକ ବିଷୟ । ଭଗବଦ୍ଗୀତାରେ ଭଗବାନ ଶ୍ରୀକୃଷ୍ଣ ଏତେ ସୁନ୍ଦର ଭାବରେ ବୋଧ କରିଥିବା ବିଷୟଗୁଡିକୁ ଛାଡି ସାଧାରଣ ମାନବ, କବି, ଲେଖକମାନଙ୍କ ଲେଖାକୁ ବିଶ୍ୱାସ କରିବା ଆହୁରି ଆଶ୍ଚର୍ଯ୍ୟଜନକ ବିଷୟ । ଶାସ୍ତ୍ର, ପୁରାଣ, ଇତିହାସକୁ ବିଭାଜନ

ନକରି ସବୁଗୁଡିକୁ ଶାସ୍ତ୍ର କହି, ଶାସ୍ତ୍ର କ'ଣ ନଜାଣି ପାଠ କରିବା ଦ୍ୱାରା ସତ୍ୟର ଉନ୍ମେଷ ହୋଇ ନଥାଏ । ଖାଲି ଜନନ ବିଷୟ କାହିଁକି ମରଣ ବାବଦରେ ମଧ୍ୟ ଅନେକ ଅବାସ୍ତବ କଥାଗୁଡିଏ ମାନବ ତା' ମୁଣ୍ଡରେ ପ୍ରବେଶ କରାଇଛି । ଜଣେ ମରିଯିବା ପରେ ଯମଦୂତମାନେ ଆସି ତା'କୁ ଯମଲୋକକୁ ନେଇଯାନ୍ତି, ସେଠାରେ କରିଥିବା ପାପ ପୁଣ୍ୟର ବିଚାର ହୁଏ, ତଦନୁଯାୟୀ ଯମରାଜ ଦଣ୍ଡ ବିଧାନ କରନ୍ତି, ଫଳରେ ନାନା ପ୍ରକାରର ନର୍କଯନ୍ତ୍ରଣା ଭୋଗିବାକୁ ହୁଏ, ନରକଭୋଗ ଶେଷ ହୋଇଯିବା ପରେ ଦେବଦୂତମାନେ ଆସି ସ୍ୱର୍ଗକୁ ନେଇଯାଆନ୍ତି, ପୁଣ୍ୟାନୁଯାୟୀ ସେଠିକାର ସୁଖ ଶେଷ ହୋଇଯିବା ପରେ ସେଠାରୁ ବ୍ରହ୍ମାଙ୍କ ପାଖକୁ ଯିବାକୁ ହୁଏ, ଶେଷରେ ସେଠାରୁ ନୂତନ କପାଳଲେଖା ଆଣି ପୁଣି ଭୂଲୋକରେ ଜନ୍ମ ନେବାକୁ ପଡେ, ଏସବୁକୁ ମାନବ ଖାଲି ଯେ ବିଶ୍ୱାସ କରେ ତା ନୁହେଁ ପ୍ରଚାର ମଧ୍ୟ କରେ । ସେଥିଲାଗି ବ୍ରହ୍ମବିଦ୍ୟା ଶାସ୍ତ୍ରରେ ଭଗବାନ ଶ୍ରୀକୃଷ୍ଣ କହିଥିବା ରହସ୍ୟକୁ ମାନବ ଦିନକୁ ଦିନ ଭୁଲିବାକୁ ଲାଗିଛି ।

ମରଣ ପରେ ଗୋଟିଏ ଶିଶୁ ଶରୀରରେ ଜୀବାତ୍ମା ପ୍ରବେଶ କରିଥାଏ, ସ୍ୱର୍ଗ ନରକ ବୋଲି କୌଣସି ଏକ ସ୍ଥାନ ନାହିଁ, ଏହି ସତ୍ୟକୁ ବଜାୟ ରଖି, ମାନବର ଅନ୍ଧବିଶ୍ୱାସକୁ ଖଣ୍ଡନ କରିବା ସହିତ ଏଥିରେ ମରଣ ସିଦ୍ଧାନ୍ତ ମଧ୍ୟ ଲେଖାଯାଇଛି ଯାହା ବାସ୍ତବ ଏବଂ ଶାସ୍ତ୍ରବଦ୍ଧ । ଏହି ବିଷୟଗୁଡିକ ଆଜି ପର୍ଯ୍ୟନ୍ତ କେହି କେଉଁଠାରୁ ଜାଣି ନଥିଲେ ମଧ୍ୟ, ଏହା କୌଣସି ନୂଆ ବିଷୟ ନୁହେଁ, ସୃଷ୍ଟି ପ୍ରାରମ୍ଭର ପରୁଣା ବିଷୟ । ଏହାକୁ ଅନ୍ଧଭାବରେ ନପଢି ଗବେଷଣାତ୍ମକ ପଢିବା ଆବଶ୍ୟକ, ନଚେତ କୌଣସି ନିର୍ଣ୍ଣୟରେ ପହଞ୍ଚିପାରିବେ ନାହିଁ । ଏହା ଜୀବନର ଆରମ୍ଭ ଏବଂ ଅନ୍ତର ବିଷୟ ଯାହା ଆମର ଅତି ମୁଖ୍ୟ ଜ୍ଞାତବ୍ୟ ବିଷୟ । ଆମେ ଆମର ଯାତ୍ରା ଏବଂ ଲକ୍ଷ୍ୟ ବାବଦରେ ଜାଣିବା ଦରକାର, କାରଣ ଆମକୁ ଦିନେ ସବୁକିଛି ଛାଡି ଚାଲିଯିବାକୁ ହେବ । ମରଣ ଅନିର୍ବାର୍ଯ୍ୟ ବୋଲି ଆମକୁ

ଡାକ୍ତର ଜଣାଇଦେବା ବେଳେ ଆମେ କେତେ ଅଧର୍ଯ୍ୟ ହୋଇପଡୁଛେ, କିନ୍ତୁ ତାହା ସାଧାରଣ । ତେଣୁ ଏହି ସତ୍ୟ ଆମକୁ ନିଶ୍ଚୟ ଜାଣିବାକୁ ହେବ । ଜନ୍ମମରଣ ଖାଲି ମାନବର ନୁହେଁ ସର୍ବଜୀବରାଶିର ହୋଇଥାଏ । ତେଣୁ ଏହି ଗ୍ରନ୍ଥ କେବଳ ହିନ୍ଦୁମାନଙ୍କର ବୋଲି ନବୁଝି ସମସ୍ତଙ୍କର ବୋଲି ବୁଝିବାକୁ ହେବ । କେତେକ ମତର (ଧର୍ମ) ଲୋକେ ପୁନର୍ଜନ୍ମକୁ ବିଶ୍ୱାସ କରନ୍ତି ନାହିଁ, କେତେକ ହିନ୍ଦୁ ମଧ୍ୟ ବିଶ୍ୱାସ କରନ୍ତି ନାହିଁ । ମାନବ ଏହାକୁ ବିଶ୍ୱାସ କରୁ ବା ନକରୁ ହେଲେ ପରମାତ୍ମା କହିଛନ୍ତି ଯେ, ମରଣପରେ ପୁଣି ଜନ୍ମହେବାକୁ ପଡେ । ମୃତ୍ୟୁବରଣ କରିଥିବା ଲୋକ (ଜୀବ) ପୁଣି ଜନ୍ମହୁଏ ନାହିଁ ବୋଲି କୌଣସି ପ୍ରମାଣ ନାହିଁ,କିନ୍ତୁ ଜନ୍ମ ହୋଇଥାଏ ବୋଲି ଅନେକ ପ୍ରମାଣ ରହିଛି । କେତେକଙ୍କର ପୁର୍ବଜନ୍ମ ମନେ ପଡି, ଅନେକ ପଛକଥା କହିଥିବାର ଅନେକ ପ୍ରମାଣ ରହିଛି, ତାହା ସତ୍ୟ ବୋଲି ପ୍ରମାଣିତ ମଧ୍ୟ ହୋଇଛି । ପୁର୍ବଜନ୍ମର ପୋତା ଧନ ମନେପଡି ଏ ଜନ୍ମରେ ଦେଖାଇବା, ପୂର୍ବ ନାମ କହିବା, ପୁରୁଣାଘରକୁ ଚିହ୍ନିବା, ବନ୍ଧୁବାନ୍ଧବଙ୍କୁ ଚିହ୍ନିପାରିବା ଇତ୍ୟାଦି ଅନେକ ପ୍ରମାଣ ରହିଛି । ଏହି ଅନୁସାରେ ବିଚାର କଲେ ପୁନର୍ଜନ୍ମ ଥିବାର ପ୍ରମାଣ ମିଳୁଛି ସିନା, ନ ଥିବାର କୌଣସି ପ୍ରମାଣ ନାହିଁ ।

ପୁର୍ବଜନ୍ମ ନାହିଁ ବୋଲି କହୁଥିବା ଲୋକମାନେ ଏହି ସିଦ୍ଧାନ୍ତକୁ ବିଶ୍ୱାସ ନକଲେ ମଧ୍ୟ ପ୍ରତ୍ୟେକ ମତର ଲୋକମାନେ ମରଣକୁ ମାନିବାକୁ ବାଧ୍ୟ । ଏବେ ସବୁକଥା ଛାଡି ଦିଅନ୍ତୁ, ଜନ୍ମ ମରଣ ଆପଣମାନଙ୍କ ସାମ୍ନାରେ ଘଟୁଛି ଆଉ ଆମେ ମଧ୍ୟ ଆପଣମାନଙ୍କ ସାମ୍ନାରେ ଲେଖୁଛୁ । ତେଣୁ କେତେକ ବାସ୍ତବ ଘଟଣାକୁ ପରୀକ୍ଷା କରି ସିଦ୍ଧାନ୍ତର ସତ୍ୟତାକୁ କାହିଁକି ଗ୍ରହଣ ନ କରିବେ ?

ଆଧ୍ୟାତ୍ମିକ ଏବଂ ବିଜ୍ଞାନ ଏଭଳି ଦୁଇଟି ବିଧାନ ରହିଛି । ଏଠାରେ ଚର୍ଚ୍ଚାର ବିଷୟ ହେଉଛି ପ୍ରଥମେ ଆଧ୍ୟାତ୍ମିକ ଜନ୍ମ ନେଲା ? ନା ବିଜ୍ଞାନ ଜନ୍ମ ନେଲା ? ବିଜ୍ଞାନ ମଣିଷ ମୁଣ୍ଡର ବିଚାର ଏବଂ ଗବେଷଣାର ଫଳ

ବୋଲି କହିପାରିବା ଯାହା ଶାସ୍ତ୍ରବଦ୍ଧ ଏବଂ ନୂଆ ବିଚାରର ସାରାଂଶ, କିନ୍ତୁ ଆଧ୍ୟାତ୍ମିକ ହେଉଛି ମାନବର ଅନ୍ତର୍ଗତ ଆତ୍ମା ସଂବନ୍ଧୀୟ ବିଷୟ । ଏହି ଆତ୍ମା ବାବଦରେ ଜାଣିବା ପାଇଁ ଅନେକଙ୍କର ପ୍ରବଳ ଆଗ୍ରହ ଏବଂ ଚେଷ୍ଟା ରହିଥାଏ, କିନ୍ତୁ ଆତ୍ମା ବିଷୟ ମାନବର ବାହ୍ୟ ବିଷୟ ନହୋଇ ଅନ୍ତର୍ଗତ ବିଷୟ ହୋଇଥାଏ । ଏହି ଆତ୍ମା ଦ୍ୱାରା ବିଜ୍ଞାନ ମଧ୍ୟ ବାହାରକୁ ଆସିଥାଏ । ଆଜିର ବିଜ୍ଞାନ ମାନବଠାରୁ ହିଁ ଆସିଛି । ତେଣୁ ବିଜ୍ଞାନଠାରୁ ଆଧ୍ୟାତ୍ମିକର ଜନ୍ମ ପ୍ରଥମେ ହୋଇଛି ବୋଲି ସନ୍ଦେହ ନାହିଁ ।

ଆଧ୍ୟାତ୍ମିକ ଦ୍ୱାରା ବିଜ୍ଞାନକୁ ଜାଣିହେବ, ଦେଖିହେବ, ହେଲେ ବିଜ୍ଞାନ ଦ୍ୱାରା ଆଧ୍ୟାତ୍ମିକକୁ ଜାଣିବା ଅସମ୍ଭବ । କାରଣ ! ବିଜ୍ଞାନର କେବଳ ସ୍ଥୁଳଦୃଷ୍ଟି ଥାଏ, କିନ୍ତୁ ସୂକ୍ଷ୍ମଦୃଷ୍ଟିରେ କିଛି ବି ନିରୂପିତ ହୋଇଥାଏ । ଏହି ଦୃଷ୍ଟି ଦ୍ୱାରା ହିଁ ଜନନ ମରଣର ରହସ୍ୟ ବାହାରକୁ ଆସିଛି । ତେଣୁ ଏହି ସିଦ୍ଧାନ୍ତକୁ ସୂକ୍ଷ୍ମଦୃଷ୍ଟି ଦେଇ ଗବେଷଣା ପୂର୍ବକ ପାଠକରିବା ପାଇଁ ଅନୁରୋଧ କରୁଛୁ ।

କ'ଣ ବିଜ୍ଞାନ, କ'ଣ ଶାସ୍ତ୍ର, କ'ଣ ସିଦ୍ଧାନ୍ତ ଏଗୁଡିକୁ ଗଭୀର ଭାବର ସହିତ ଜାଣିବା ବିଧେୟ । ଏଠାରେ ଜନନ ଏବଂ ମରଣକୁ ଆମେ ସିଦ୍ଧାନ୍ତ କହିଛୁ । **ସିଦ୍ଧାନ୍ତ କହିଲେ ଯହା ପ୍ରମାଣ ସହିତ ଅତୀତରୁ ଆଜି ଏବଂ ଭବିଷ୍ୟତ ପର୍ଯ୍ୟନ୍ତ ସ୍ଥିତ ।** ଆପଣ ଯାହାକୁ ବିଜ୍ଞାନ କହୁଛନ୍ତି ତାହା ସିଦ୍ଧାନ୍ତରେ ପରିପୂର୍ଣ୍ଣ । ଏହା ସତ୍ୟ, ତେଣୁ ବିଜ୍ଞାନ ଦୃଷ୍ଟିରେ ଦେଖନ୍ତୁ, କାରଣ ! ଆଜିର ମାନବ ବିନା ବିଜ୍ଞାନରେ କିଛିବି ବିଶ୍ୱାସ କରିନଥାଏ । ତେଣୁ ବିଜ୍ଞାନକୁ ଆଖି ଆଗରେ ରଖି, ଆଧ୍ୟତ୍ମିକକୁ ଜାଣି, ଚଳିତ ଘଟଣାଗୁଡିକୁ ଗବେଷଣା କରି ଭବିଷ୍ୟତର ବାସ୍ତବତାକୁ ଜାଣନ୍ତୁ ।

**(ଇତି)**

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

# ଜନନ(ଜନ୍ମ)

ଆମେ ସର୍ବପ୍ରଥମେ ଜାଣିବା ଉଚିତ୍ ଯେ, ବ୍ରହ୍ମବିଦ୍ୟା କୁହାଯାଉଥିବା ଯୋଗଶାସ୍ତ୍ର ଭଗବଦ୍ଗୀତାର ସାଂଖ୍ୟଯୋଗରେ ଥିବା ୨୨ତମ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ଏଇ ଜନନ (ଜନ୍ମ) ବାବଦରେ କ'ଣ କହିଛନ୍ତି ।

**ଶ୍ଳୋ ॥ ୨୨:-**
**ବାସାଂସି ଜୀର୍ଣ୍ଣାନି ଯଥା ବିହାୟ ନବାନି ଗୃହ୍ଣାତି ନରୋପରାଣି ।**
**ତଥା ଶରୀରାଣି ବିହାୟ ଜୀର୍ଣ୍ଣାନି ଅନ୍ୟାନି ସଂଯାତି ନବାନି ଦେହୀ ॥**

ପ୍ରଥମେ ଏହି ଶ୍ଳୋକକୁ ଆଧାର କରି ଦେଖିବା । ଏକଥା ସତ ଯେ, ଯେଉଁମାନେ ଭଗବଦ୍ଗୀତାକୁ ଭଗବାନ ଶ୍ରୀକୃଷ୍ଣଙ୍କ ଭଳି ମହାତ୍ମା କହିଛନ୍ତି ବୋଲି ବିଶ୍ୱାସ କରନ୍ତି ସେମାନେ ଅତି ସହଜରେ ବୁଝିପାରିବେ । ତା'ଛଡା ଅନ୍ୟମାନେ ଯଦି ବିଚାର ଏବଂ ବୁଝିବାର ଶ୍ରଦ୍ଧା ନାମକ ଦୁଇଟି ବିଷୟ ପ୍ରତି ଧ୍ୟାନ ଦେଇ ପାଠକରନ୍ତି ତେବେ ବୁଝିବାରେ କୌଣସି ଅସୁବିଧା ରହିବ ନାହିଁ ।

ଆଜି ପର୍ଯ୍ୟନ୍ତ ଏହି ଶ୍ଳୋକର ଭାବକୁ ଯେଉଁଭଳି ବ୍ୟାଖ୍ୟା କରାଯାଇଛି ତାହା ଶତ ପ୍ରତିଶତ ବୁଝା ପଡିନାହିଁ ବୋଲି କହୁଛୁ । କାରଣ ଏହି ଶ୍ଳୋକର ଭାବ ସମସ୍ତଙ୍କୁ ବିପରୀତ ବୁଝାପଡିଛି । ଭଗବାନ ଏହି ଶ୍ଳୋକରେ ଏକ ସୁନ୍ଦର ପରିଭାଷା ଦେଇଛନ୍ତି, ତାହା ହେଉଛି ନୂଆ ବସ୍ତ୍ର ଏବଂ ପୁରୁଣା ବସ୍ତ୍ର । ଏହି **ନୂଆ, ପୁରୁଣା ବସ୍ତ୍ର ପରିଧାନର ଉଦାହରଣ ସହିତ ନୂଆ ଦେହ, ପୁରୁଣା ଦେହର ଧାରଣକୁ ତୁଳନା କରି ବୁଝାଇଛନ୍ତି,** କିନ୍ତୁ ଏଠାରେ ନୂଆ ଦେହ, ପୁରୁଣା ଦେହ କଅଣ ବୋଲି ନଜାଣିବା ଦ୍ୱାରା ଭଗବାନଙ୍କର ଉଦ୍ଦେଶ୍ୟ କାଳଗର୍ଭରେ ଲୁଚିଯାଇଛି । କେତେକ ବୁଦ୍ଧିମାନ୍ ବୋଲାଉଥିବା ଲୋକମାନେ ମାତୃଗର୍ଭର ଅଧାଗଢା ଶରୀରରେ ଅର୍ଥାତ୍ ଶିଶୁଶରୀର ଛଅମାସର ହେବାବେଳେ ସେଥିରେ ଜୀବାତ୍ମା ପ୍ରବେଶ କରେ ବୋଲି ଜଣାଇଛନ୍ତି । କେତେକ ଭଗବାନ ଶ୍ରୀକୃଷ୍ଣ କହିଥିବା ଉଦାହରଣ

ଭଳି ନୂଆ ଘର, ପୁରୁଣା ଘରର ଉଦାହରଣ ଦେଇଛନ୍ତି; ତଥାପି ତାହା ବିଚାର କଲେ ଅଧାଗଢା ଘର, ଯାହାର ଛାତ ପଡିନାହିଁ କି ଯାହାର ଝରକା କବାଟ ଲାଗି ନାହିଁ ସେହି ଘରେ ଆମେ ରହୁଛେ କହିବା ଯଥାର୍ଥ ହେବ ନାହିଁ! ନୂଆଦେହ, ନୂଆଘର କହିଲେ ସଂପୂର୍ଣ୍ଣ ରୂପରେଖ ଥିବା ଶରୀର, ସଂପୂର୍ଣ୍ଣ ତିଆରି ହୋଇଥିବା ଘର ବୋଲି ବୁଝାଏ, ତାହା ଟିକିଏ ମଧ୍ୟ ବିଚାର କରି ନାହାନ୍ତି । ଏପରି କିଏ କଅଣ କହିଥିଲେ ମଧ୍ୟ ପୁରୁଣା ଶରୀର ପରିତ୍ୟାଗ କରିଥିବା ଆତ୍ମା ସଂପୂର୍ଣ୍ଣ ତିଆରି ହୋଇଥିବା ଶିଶୁ ଶରୀରରେ ପ୍ରବେଶ କରିଥାଏ ବୋଲି ଭଗବାନ ଶ୍ରୀକୃଷ୍ଣ କହିଛନ୍ତି । ଜୀବାତ୍ମା ଯେଉଁ ଶରୀରକୁ ଯାଏ ଆତ୍ମା ମଧ୍ୟ ସେହି ଶରୀରକୁ ଯାଇଥାଏ । ତେଣୁ ଜୀବାତ୍ମା ଜନ୍ମହେଲେ ଆତ୍ମା ମଧ୍ୟ ଜନ୍ମ ହୋଇଥାଏ । ଜୀବାତ୍ମା କିପରି ଶରୀର ବଦଳାଇଥାଏ ପ୍ରଥମେ ତାହା ଜାଣିଗଲେ ଆତ୍ମା କିପରି ସେହି ଶରୀରରେ ପ୍ରବେଶ କରେ ଜାଣିପାରିବା । ତେଣୁ ଏହି ବିଷୟଗୁଡିକୁ ଆଧ୍ୟାତ୍ମିକ ଦିଗରୁ ଏବଂ ବିଜ୍ଞାନ ଦିଗରୁ ସିଦ୍ଧାନ୍ତର ସହିତ ଜାଣିବାକୁ ହେବ ।

ସ୍ତ୍ରୀ ଏବଂ ପୁରୁଷର ସଂଯୋଗରେ ପୁରୁଷର ବୀର୍ଯ୍ୟ ସ୍ତ୍ରୀ ଯୋନିମାର୍ଗ ଦ୍ୱାରା ଗର୍ଭାଶୟରେ ପ୍ରବେଶକରି ସେଠାରେ ଶରୀରଟିଏ ହେବାକୁ ସୁଯୋଗ ପାଏ । ପୁରୁଷର ବୀର୍ଯ୍ୟ ସ୍ତ୍ରୀ ଗର୍ଭାଶୟରେ ସଂପୂର୍ଣ୍ଣ ଶିଶୁଶରୀରଟିଏ ହେବା ପାଇଁ ପ୍ରାୟ ନଅମାସ ସମୟ ନେଇଥାଏ । ସ୍ତ୍ରୀ ଗର୍ଭମୁଣାରେ ସଂପୂର୍ଣ୍ଣ ତିଆରି ହୋଇଥିବା ଶିଶୁଶରୀରରେ ମଧ୍ୟ ପ୍ରାଣ ନଥାଏ । ଆପଣମାନେ ଏହା ଜାଣି ଆଶ୍ଚର୍ଯ୍ୟ ହୋଇଯାଆନ୍ତୁ ନାହିଁ, କାରଣ! ଏହା କାହାକୁ ଜଣା ନଥିବା ରହସ୍ୟ । ମାତୃଗର୍ଭରେ ଥିବା ଶିଶୁଶରୀରରେ ଜୀବାତ୍ମା ପ୍ରବେଶ କରିଥାଏ ବୋଲି ପ୍ରାୟ ସମସ୍ତେ ବିଶ୍ୱାସ କରିଥା'ନ୍ତି, କିନ୍ତୁ ଏହା ସଂପୂର୍ଣ୍ଣ ମିଛକଥା । ଗର୍ଭାଶୟରେ ପୂର୍ବଜନ୍ମ ମନେପଡିଥାଏ ଏବଂ ଶିଶୁ ସେସବୁ ମନେପକାଇ ଦୁଃଖରେ ଛଟପଟ ହୁଏ କହିବା ମଧ୍ୟ ମିଛକଥା । ଏଠାରେ ଅନେକ ଲୋକ ସଂଦେହ କରିପାରନ୍ତି ଯେ, ଶିଶୁଶରୀରରେ ଯଦି

ପ୍ରାଣ ନାହିଁ ତେବେ ସେଠାରେ ସେ କିପରି ଘୂରିବୁଲୁଛି ? ଯଦି ନାହିଁ ସେ କେଉଁ ଆଧାର ନେଇ ଘୂରୁଛି ? ଯେତେବେଳେ ଶିଶୁଶରୀର ଛଅ ମାସର ହୋଇଯାଏ ସେତେବେଳେ ସେ ମାଆର ପେଟ ଭିତରେ ଘୂରିବା ଆମକୁ ବାହାରୁ ସ୍ପଷ୍ଟ ଭାବରେ ଆଖିକୁ ଦେଖାଯାଇଥାଏ । ତେଣୁ ଗର୍ଭସ୍ଥଶିଶୁର ପ୍ରାଣ ଅଛି ନାମକ ସତ୍ୟକୁ ଆମେ ଏହି ପ୍ରମାଣର ସହିତ କହୁଛୁ ବୋଲି କହିପାରନ୍ତି, କିନ୍ତୁ ଏଠାରେ ଆମେ କହିବୁ ଯେ, ଦୂରରୁ ଦେଖି ପିଜୁଳି ଗଛକୁ ଜାମୁକୋଳି ଗଛ ଭାବିବା ଭଳି, ଗର୍ଭସ୍ଥ ଶିଶୁର ଘୂରିବାକୁ ଦେଖି, ଘୂରିବାର କାରଣ କ'ଣ ହୋଇପାରେ ନଜାଣି ଆମେ ତା'ଠାରେ ପ୍ରାଣଅଛି ବୋଲି କହୁଛେ । ଗଛ ପାଖକୁ ଗଲେ ସିନା ଆମେ ଜାଣିବା ଯେ, ତାହା ପିଜୁଳିଗଛ ନୁହେଁ ଜାମୁକୋଳି ଗଛ ! ପ୍ରକୃତରେ ଗର୍ଭସ୍ଥଶିଶୁ କିପରି ଘୂରୁଛି ଜାଣିବାକୁ ଇଚ୍ଛାକଲେ ସିନା ଆମର ସନ୍ଦେହ ଦୁର ହେବ !

ସ୍ତ୍ରୀ ଗର୍ଭଧାରଣ କରିବାର ପ୍ରଥମ ଦିନଠାରୁ ଛଅମାସ ପର୍ଯ୍ୟନ୍ତ ଶିଶୁଶରୀରର ଏକ ଆକୃତି ତିଆରି ହୁଏ, ଏଥିପାଇଁ ଗର୍ଭଧାରୀ ମାଆର ନାଡୀଗୁଡିକ ସାହାଯ୍ୟ କରିଥା'ନ୍ତି । ମାଆଶରୀରର ବ୍ରହ୍ମନାଡୀଠାରୁ ଆରମ୍ଭ ହୋଇଥିବା କେତେଗୁଡିଏ ନାଡୀ ଗର୍ଭକୋଷକୁ ଆକ୍ରମଣ କରି ଅର୍ଥାତ୍ ଗର୍ଭକୋଷ ସହିତ ସଲଗ୍ନହୋଇ, ଶିଶୁଶରୀରର ନାଭି ଦ୍ୱାରା ସମ୍ପର୍କ ସ୍ଥାପନ କରି, ଶିଶୁଶରୀର ବଢାଇବାକୁ ଲାଗିଥା'ନ୍ତି । ଗର୍ଭଧାରୀ ମାଆର ଶରୀରରେ ରହିଥିବା ହୃତ୍‌ପିଣ୍ଡ, ଫୁସ୍‌ଫୁସ୍, ଇତ୍ୟାଦି ମାଆର ଗୋଟିଏ ଗୋଟିଏ ଅବୟବ (ଅଙ୍ଗ) ହୋଇଥିବା ଭଳି ଗର୍ଭାଶୟ ମଧ୍ୟ ମାଆ ଶରୀରର ଗୋଟିଏ ଅବୟବ ହୋଇଥାଏ । ଶରୀରର ଏହି ଅବୟବଗୁଡିକ ଯେଉଁଭଳି ନାଡୀଗୁଡିକ ଦ୍ୱାରା କାର୍ଯ୍ୟ କରିଥାଏ, ସେହିଭଳି ଗୋଟିଏ ଅବୟବ ହୋଇଥିବା ମାଆର ଗର୍ଭାଶୟ ସଲଗ୍ନ ନାଡୀଗୁଡିକ ଦ୍ୱାରା ଶକ୍ତି ପାଇ ସେଠାରେ ଥିବା ଶିଶୁଶରୀର ଆବଶ୍ୟକ ଅନୁସାରେ ଘୂରିବୁଲେ । ଯେମିତି କୁମ୍ଭାର ମାଠିଆଟିଏ ଗଢିବାବେଳେ ମାଟିରେ ପ୍ରଥମେ ମାଠିଆର

ଆକୃତି ଆଣିବା ପରେ ତା'କୁ ଘୂରାଇ ଘୂରାଇ ପିଟି, ଚିକ୍କଣ କରି ସଂପୁର୍ଣ୍ଣ ରୂପଦିଏ,ଠିକ୍ ସେହିଭଳି ମାଆ ଶରୀରର ଆତ୍ମା ବ୍ରହ୍ମନାଡୀ ଦ୍ୱାରା ଛଅମାସ ପର୍ଯ୍ୟନ୍ତ ଶିଶୁଶରୀରର ଆକୃତିକୁ ତିଆରି କରିବା ପରେ, ଶିଶୁଶରୀରକୁ ଆବଶ୍ୟକ ସ୍ଥଳେ ଘୂରାଇ ଶେଷରେ ସଂପୂର୍ଣ୍ଣ କରିଥାଏ । ସମ୍ପୂର୍ଣ୍ଣ ଶରୀରର ନିର୍ମାଣ ଅର୍ଥାତ୍ ଜୀବାତ୍ମା ପ୍ରବେଶ କରିପାରିବା ଭଳି ଶରୀରଟିଏ ହେବାପାଇଁ ଆତ୍ମାସ୍ଥାନ ବା ବ୍ରହ୍ମନାଡୀର ଚୈତନ୍ୟଶକ୍ତି ସହାୟ ହୋଇଥାଏ । ନାଡୀଗୁଡ଼ିକ ଦ୍ୱାରା ଏହି ଘୂର୍ଣ୍ଣନକୁ କିଛିଲୋକ ବାହାରୁ ଲକ୍ଷ୍ୟକରି ଛଅମାସରେ ଗର୍ଭସ୍ଥ ଶିଶୁର ପ୍ରାଣପ୍ରବେଶ ହୋଇଥାଏ ବୋଲି ଭ୍ରମିତ ହୋଇଥା'ନ୍ତି ।

ମାତୃଗର୍ଭର ନାଡୀଗୁଡ଼ିକ ଶିଶୁଶରୀର ସହିତ ସମ୍ବନ୍ଧୀତ ହୋଇ, ନଅ-ମାସ ପର୍ଯ୍ୟନ୍ତ ଜୀବାତ୍ମା ପ୍ରବେଶଯୋଗ୍ୟ ଶରୀରଟିଏ ଗଢ଼ି, ଯେତେବେଳେ ତାହାକୁ ସମ୍ପୂର୍ଣ୍ଣ ସ୍ଥିତିରେ ପହଞ୍ଚାଇଥାନ୍ତି, ସେତେବେଳେ ତାହା ଏକକ୍ଷଣ ମଧ୍ୟ ବିଳମ୍ବ ନ ହୋଇ ଗର୍ଭକୋଶ ମୁକୁଳିତ ହୋଇ, ଯୋନିଦ୍ୱାର ବିକଶିତ ହୋଇ ଶିଶୁଶରୀର ବାହାରକୁ ଚାଲିଆସେ । ନାଡୀଗୁଡ଼ିକ ଏହିପରି ଶିଶୁକୁ ବାହାରକୁ ଠେଲିଦେବା ଭଳି କରିଥାନ୍ତି । ଯେମିତି ଗଛ ତା'ର ପାଚିଲା ଫଳକୁ ଯଥା ସମୟରେ ଖସାଇଥାଏ ଠିକ୍ ସେହିପରି ମାଆ ଶରୀରର ନାଡୀଗୁଡ଼ିକ ଶିଶୁଶରୀର ସହିତ ସଂପର୍କ ତୁଟାଇଦେଇ ତାହାକୁ ବାହାରକୁ ପଠାଇ ଦେଇଥାଏ । ବାହାରକୁ ଆସିଥିବା ଶିଶୁଶରୀରଟି ସେତେବେଳେ ଏକ ଶବ ଭଳି ପଡିଥାଏ । କାରଣ ! ତା'ଠାରେ ପ୍ରାଣପ୍ରବେଶ ଘଟିନଥାଏ । ଏଇଠାରେ କେତେକ ପଚାରି ପାରନ୍ତି ଯେ, **ଗର୍ଭସ୍ଥ ଶିଶୁଠାରେ ଯଦି ପ୍ରାଣ ନଥିଲା ତେବେ ତାହା ଭିତରେ ପଚିସଢି ମାଆର ଶରୀରକୁ ଅସୁସ୍ଥ କରିଦେଇଥା'ନ୍ତା (କ୍ଷତି ଘଟାଇଥା'ନ୍ତା), ଛଅମାସ ପରେ ଗର୍ଭସ୍ଥପିଣ୍ଡ ସ୍ଥିର ହୋଇଯିବା ବେଳେ ମାଆର ଶରୀର କ୍ଷତି ହେବା ମଧ୍ୟ ଆମେ ଆଖିରେ ଦେଖୁଛେ । ଛୁଆର ଘୂରିବା (ଛୁଆ ମାଆ ଗର୍ଭରେ ହଲଚଲ୍ ହେବା) ବନ୍ଦ ହୋଇଗଲେ ମାଆ ଯନ୍ତ୍ରଣା ଅନୁଭବ କରିଥାଏ,ତେଣୁ**

**ଆମେ ବିଳମ୍ୱ ନ କରି ହସ୍ପିଟାଲ୍ ନେଉ, ସେତେବେଳେ ଅପରେସନ୍ କରି ସ୍ଥିର ଶିଶୁକୁ ବାହାରକୁ ଆଣିଥାଉ, ନଆଣିଲେ ମାଆର ଜୀବନ ପ୍ରତି ବିପଦ ଥାଏ । ଏଭଳି ସ୍ଥିତିରେ କିଛି ଜଣା ନଥିବା ଲୋକଟିଏ ମଧ୍ୟ କହି ପାରିବ ଯେ, ଛୁଆଠାରେ ପ୍ରାଣ ନିଶ୍ଚୟ ଥିଲା ଯେଉଁ କାରଣରୁ କି ସେ ଭିତରେ ଘୂରୁଥିଲା, ଯେତେବେଳେ ତାହା ବନ୍ଦ ହୋଇଗଲା ସେତେବେଳେ ଛୁଆ ମୃତ୍ୟୁବରଣ କଲା । ହେଲେ ଏଠାରେ ଆପଣ କହୁଛନ୍ତି କି ଗର୍ଭସ୍ଥ ଶିଶୁଠାରେ ପ୍ରାଣ ନାହିଁ ! ଆପଣଙ୍କ କଥା କିଏ ବିଶ୍ୱାସ କରିବ ? ଆମ ଆଖି ଆଗରେ ଆମେ ସବୁକିଛି ଦେଖୁଥିବା ବେଳେ କିପରି କହିବା ଯେ, ଗର୍ଭସ୍ଥ ଶିଶୁର ପ୍ରାଣ ନାହିଁ ?** ଏହାର ସମାଧାନରେ ଆମେ କହିବୁ ଯେ;

ଗର୍ଭରେ ଛଅମାସ ବେଳକୁ ଶିଶୁଶରୀର ଘୂରିବୁଲିବା କଥା ନିରାଟ ସତକଥା । ଶିଶୁର ଘୂରିବା ବନ୍ଦ ହୋଇଗଲେ ମାଆଶରୀରକୁ ବିପଦ ଥାଏ, ଏକଥା ମଧ୍ୟ ସତକଥା; ହେଲେ ଶିଶୁଠାରେ ପ୍ରାଣ ପ୍ରବେଶ କଲା କିମ୍ବା ଚାଲିଗଲା କହିବା ଶୁଦ୍ଧମିଛ କଥା । ଯଦି ଛଅମାସରେ ପ୍ରାଣ ପ୍ରବେଶ କରିଥିଲା ବୋଲି କହିବା ତେବେ ଆମକୁ କହିବାକୁ ପଡିବ ଯେ, ତା' ପୂର୍ବରୁ ସେଥିରେ ପ୍ରାଣ ନଥିଲା ! ସତ ନଜାଣି ସମସ୍ତେ ଏଇଠାରେ ଭୁଲ୍ ବୁଝିଥା'ନ୍ତି । ସତକଥା ହେଉଛି ଯେମିତି ଆମ ଶରୀରରେ ଥିବା କେତେକ ଅବୟବ ଶରୀରରେ ରହିଥିଲେ ମଧ୍ୟ ଆମର କୌଣସି କ୍ଷତି ଘଟି ନଥାଏ, ସେମିତି ମାଆ ଶରୀରର ଗର୍ଭସ୍ଥ ପିଣ୍ଡ (ଶିଶୁ) ମାଆଶରୀରର କୌଣସି କ୍ଷତି ଘଟାଇନଥାଏ । ମାଆଶରୀରର ନାଡୀଗୁଡିକ ଶିଶୁଶରୀର ସହିତ ସଂଯୋଜିତ ହୋଇ ଗର୍ଭର ଶିଶୁକୁ ବଢାଇଥାଏ । ତେଣୁ ଶିଶୁର ଶରୀର ମାଆ ଶରୀରର ଏକ ଅବୟବ ଭଳି । ଛଅମାସ ପରେ ନାଡୀ (Artery) ଗୁଡିକ ଦ୍ୱାରା ଶିଶୁଶରୀର ମାଆର ପେଟରେ ଘୂରୁଥିଲେ ମଧ୍ୟ

ମାଆର କୌଣସି କ୍ଷତି ଘଟିନଥାଏ । ଏଭଳି ନଅମାସ ପର୍ଯ୍ୟନ୍ତ ଶିଶୁର ନିର୍ମାଣ ଘଟି ଶେଷରେ ନାଡୀଗୁଡିକର ଉଦ୍ଦୀପନା ଦ୍ୱାରା ମାଆ ପ୍ରସବ କରିଥାଏ । ତା'ଛଡା କେତେକ ମାତୃଶରୀର ଅନାରୋଗ୍ୟ କାରଣରୁ ଛଅ ମାସ ପୂର୍ବରୁ ନାଡୀଗୁଡିକର ସମ୍ପର୍କ ଗର୍ଭକୋଶଠାରୁ ବିଚ୍ଛିନ୍ନ ହୋଇଯିବାରୁ ସେଠାରେ ବଢୁଥିବା ଶରୀର ମାତୃଗର୍ଭର ଏକ ଅପଦାର୍ଥ ହୋଇ ବାହାରକୁ ଚାଲିଆସେ । ଏହାକୁ ଆମେ **ଗର୍ଭପାତ ବା ଗର୍ଭସ୍ରାବ** କହୁଛେ । ଏହା କେତେକଙ୍କ କ୍ଷେତ୍ରରେ ଛଅମାସ ପୂର୍ବରୁ ମଧ୍ୟ ହୋଇଥାଏ । ଛଅମାସ ପୂର୍ବରୁ ଶିଶୁଶରୀର ସମ୍ପୂର୍ଣ୍ଣ ହୋଇ ନଥାଏ । ତେଣୁ ରକ୍ତ ଭାବରେ ହେଉ, ଖଣ୍ଡରକ୍ତ କିମ୍ବା ଛୋଟ ଛୋଟ ମାଂସଖଣ୍ଡ ଭାବରେ ହେଉ ତାହା ବାହାରକୁ ଚାଲିଆସେ । ଏହା ଏକମାସ ବା ଦୁଇମାସ ଭିତରେ ହେଲେ ମାଆକୁ କଷ୍ଟ ଜଣାପଡି ନଥାଏ, କିନ୍ତୁ ମାସ ବଢିବା କ୍ରମରେ ମାଆକୁ ଅଧିକ କଷ୍ଟ ଜଣାପଡିଥାଏ ।

ଯେତେବେଳେ ଛଅମାସ ବେଳକୁ ଶିଶୁର ଏକ ଆକୃତି ତିଆରି ହୋଇଯାଏ ସେତେବେଳେ ସାଧାରଣ ସ୍ଥିତିରେ ଗର୍ଭସ୍ରାବ ହୋଇନଥାଏ । ଏତିକିବେଳେ ଶିଶୁଶରୀର ସହିତ ନାଡୀଗୁଡିକର ସମ୍ପର୍କ ବିଚ୍ଛିନ୍ନହୋଇ ଏକ ପ୍ରତିକୂଳ ପରିସ୍ଥିତିରେ ଶିଶୁଶରୀରଟି ମାଆ ଶରୀରର ଏକ ଅପଦାର୍ଥ ହୋଇ ପଚିବା ଆରମ୍ଭ ହୁଏ ଏବଂ ଫୁଲିଯାଇ ଗର୍ଭକୋଷର ପାଖାପାଖି ଅବୟବଗୁଡିକୁ ସ୍ପର୍ଶକରେ, ଏହାଦ୍ୱାରା ମାଆକୁ ଯନ୍ତ୍ରଣା ଅନୁଭବ ହୁଏ । ଏହି ପରିସ୍ଥିତିରେ ପଚି ଫୁଲିଯାଇଥିବା ଶିଶୁଶରୀର ମାଆର ଅନ୍ୟାନ୍ୟ କୋମଳ ଅବୟବଗୁଡିକୁ ସ୍ପର୍ଶକରେ । ଏହି ଉପଦ୍ରବ କାରଣରୁ ମାଆର କୋମଳ ହୃତ୍‌ପିଣ୍ଡ ମଧ୍ୟ କାର୍ଯ୍ୟକରିବା ବନ୍ଦକରିଦେଇ ପାରେ । ହୃତ୍‌ପିଣ୍ଡ ବନ୍ଦ ହୋଇଯିବାର ସଂଭାବନା ଥିବାବେଳେ ହସ୍ପିଟାଲ୍‌କୁ ନେବାରେ ବିଳମ୍ବ ହୋଇଗଲେ ଦୁର୍ଭାଗ୍ୟ ବସତଃ ମାଆର ବଞ୍ଚିବା ମଧ୍ୟ ଶୋଚନୀୟ ହୋଇଯାଇଥାଏ । ଏକଥା ଏଭଳିଭାବରେ ଥିବାବେଳେ ଆମେ ନାନା

ପ୍ରକାରର ଭାବନା କରି ମାଆଗର୍ଭରେ ହିଁ ଶିଶୁଠାରେ ପ୍ରାଣ ପ୍ରବେଶକଲା ଭାବି ଭ୍ରମିତ ହେଉଛେ ।

ମାଆର ଶରୀର ସମ୍ପୂର୍ଣ୍ଣ ସୁସ୍ଥ ରହି ତିଆରି ହେଉଥିବା ଶିଶୁଶରୀର ନଅମାସରେ ସମ୍ପୂର୍ଣ୍ଣ ହୋଇଯିବା ପରେ ଗର୍ଭକୋଷରେ ଥିବା ନାଡୀଗୁଡିକର ଆଲୋଡନ ଦ୍ୱାରା ବାହାରକୁ ଚାଲିଆସେ । **ଏକ କୁର୍ତ୍ତା(ସାର୍ଟ) ଯେପରି ଜଣେ ଦରଜି (ଟେଲର) ଦ୍ୱାରା ସଂପୂର୍ଣ୍ଣ ତିଆରିହେବା ପରେ ପିନ୍ଧିବା ଯୋଗ୍ୟ ହୋଇଥାଏ, ସେହିଭଳି ଏକ ଶରୀର ନାଡୀଗୁଡିକର ଚୈତନ୍ୟ ଦ୍ୱାରା ସମ୍ପୂର୍ଣ୍ଣ ତିଆରି ହୋଇ ବାହାରକୁ ଆସିବା ପରେ ଜୀବାତ୍ମା ବସତି ପାଇଁ ଯୋଗ୍ୟ ହୋଇଥାଏ** । ଏହିଭଳି ବାହାରକୁ ଆସିଥିବା ଶରୀରରେ ଜୀବ ପ୍ରବେଶ କରିଥାଏ । ମୃତ୍ୟୁବରଣ କରିବା ପରେ ସାଙ୍ଗେ ସାଙ୍ଗେ ଜୀବ ବିଳମ୍ବ ନକରି ବାହାରକୁ ଆସିଥିବା ନୂଆ ଶରୀର ଧାରଣ କରିଥାଏ । ଏଇକଥାକୁ ହିଁ ଭଗବାନ ଉଦାହରଣ ଦେଇ କହିଛନ୍ତି । ଏହାକୁ ଗୀତାଶାସ୍ତ୍ରରେ **ପୁରୁଣା ବସ୍ତ୍ର ଛାଡି ନୂଆ ବସ୍ତ୍ର ଧାରଣ କରିବା ଭଳି, ଜୀବ ବିନାଶ ହେଉଥିବା ପୁରୁଣା ଶରୀରକୁ ଛାଡି ନୂଆ ଶରୀରକୁ ଧାରଣ କରିଥାଏ** ବୋଲି ଭଗବାନ ଉଦାହରଣ ଭାବରେ କହିଛନ୍ତି । ଜୀବ ନୂଆ ଶରୀର ଧାରଣ କରିବା ତା'ର କର୍ମ ଉପରେ ନିର୍ଭର କରିଥାଏ । ପାପପୁଣ୍ୟ ନାମକ କର୍ମ ଅନୁସାରେ ଜୀବର ଶରୀର ନିର୍ମାଣ ହୋଇଥାଏ । ଏକ ନବଜାତ ଶରୀରରେ ପ୍ରବେଶ କରିବା ପାଇଁ ଜୀବଟିଏ ଅନ୍ୟ ଏକ ଶରୀରରୁ ଆସିଥାଏ । ମାଆ ଗର୍ଭରୁ କେବଳ ମୁଣ୍ଡମାତ୍ର ବାହାରକୁ ଆସୁଆସୁ ସେହି କ୍ଷଣରେ ଶିଶୁଶରୀରରେ ପ୍ରାଣ ପ୍ରବେଶ କରିପାରେ । ବେଳେବେଳେ ସଂପୂର୍ଣ୍ଣ ବାହାରକୁ ଆସିଲେ ମଧ୍ୟ ଏକ ମିନିଟ୍‌ରୁ ଆରମ୍ଭ କରି କେଇଘଣ୍ଟା ପର୍ଯ୍ୟନ୍ତ ପ୍ରାଣପ୍ରବେଶ ଘଟି ନପାରେ । ଏଭଳି କେତେଗୋଟି ଦୃଷ୍ଟାନ୍ତ ଆପଣମାନେ ଆଗକୁ ପଢିବାକୁ ପାଇବେ ।

ଶିଶୁଶରୀରକୁ କାହିଁକି ଜୀବାତ୍ମା ବିଳମ୍ବରେ ପ୍ରବେଶ କରେ ନଜାଣି କେତେକ ଗାଉଁଲି ଧାଇମାନେ **ଗର୍ଭଫୁଲ** (placent) ରେ ପ୍ରାଣ ଅଛି ବୋଲି ଭାବି ତା'ଦେହରେ ପାଣି ସିଞ୍ଚାଡି ହାତରେ ଥାପୁଡାଇଥା'ନ୍ତି । କିଛି ଜାଣିନଥିବା ଧାଇମାନେ ଏପରି କରିବା ବେଳେ, ଜୀବାତ୍ମା ଅନ୍ୟଏକ ଶରୀରରୁ ଆସି ଶିଶୁଶରୀରରେ ପ୍ରବେଶ କରିଥାଏ । ଜୀବାତ୍ମା ଶିଶୁର ଶରୀରରେ ପ୍ରବେଶ କରିବା ବେଳେ ତାଠାରେ ଶ୍ୱାସପ୍ରଶ୍ୱାସ ଚାଲିବା ଆରମ୍ଭ ହୋଇଥାଏ । ସେଥିଲାଗି ପ୍ରଥମ ଶ୍ୱାସରେ ହିଁ ଜୀବାତ୍ମାର ପ୍ରବେଶ ହୋଇଥାଏ ବୋଲି ଆମେ କହୁଛୁ । ଶିଶୁଠାରେ ପ୍ରାଣ ପ୍ରବେଶ କରିବା କ୍ଷଣରେ ଶିଶୁ କାନ୍ଦିବା ଆରମ୍ଭ କରିଦିଏ, ସେତେବେଳେ ଶିଶୁଠାରେ ପ୍ରାଣ ଗର୍ଭଫୁଲ ଭିତରୁ ଆସିଲା ବୋଲି ଧାଇମାନେ ଜାଣିପାରି ଶିଶୁର ନାଭି (ନାହି) କାଟିଥା'ନ୍ତି । ପ୍ରାଣ ଆସିବା ପୂର୍ବରୁ ନାଭି କାଟିଦେଲେ ଗର୍ଭଫୁଲ ଭିତରୁ ଆଉ ପ୍ରାଣ ଆସିପାରିବ ନାହିଁ ବୋଲି ସେମାନଙ୍କର ପ୍ରଗାଢ ବିଶ୍ୱାସ ରହିଥାଏ । ସେଥିଲାଗି ଶିଶୁ ନ କାନ୍ଦିବା ପର୍ଯ୍ୟନ୍ତ ଗାଉଁଲି ଧାଇମାନେ ନାଭି କାଟିନଥା'ନ୍ତି । ପ୍ରାଣ ଆସିବା ପୂର୍ବରୁ ନାଭି କାଟିଦେଲେ ଶିଶୁ ଶରୀରରେ ଆଉ ପ୍ରାଣପ୍ରବେଶ ହୋଇନଥାଏ, ଏକଥା ସତ୍ୟ, କିନ୍ତୁ ଶିଶୁ ଶରୀରକୁ ଗର୍ଭଫୁଲ ଭିତରୁ ଯେ ପ୍ରାଣ ଆସି ପ୍ରବେଶ କରିଛି, ଏକଥା ସଂପୂର୍ଣ୍ଣ ଅସତ୍ୟ ।

ନାଭି କାଟିଦେବା ପରେ ପ୍ରାଣ ଆସିନପାରେ । କାରଣ ! ଯେମିତି ନୂଆ ଉଠିଥିବା ତେନ୍ତୁଳି ଗଛକୁ ମଞ୍ଜିର ଭିତରେ ଥିବା ଆହାର ବଳ ଯୋଗାଇ ଥାଏ, ସେହିଭଳି ନବଜାତ ଶିଶୁ ଶରୀରର ରକ୍ତକୁ ଶୀତଳ ହେବାକୁ ନଦେଇ ଶିଶୁର ଜୀବନ ଆଧାର ହୋଇ ରହିଥାଏ **ଗର୍ଭଫୁଲ** । ଏହି ଫୁଲ ହିଁ ନାଭି ସହ ସଂଯୋଜିତ ହୋଇ ବାହାରକୁ ଆସିଥାଏ । ଏହା ହିଁ ଶିଶୁଶରୀରରେ ପ୍ରାଣ ଆସିବା ଆଗରୁ ଶରୀରର ଆଧାର ହୋଇ


ରହିଥାଏ, ଏଭଳି ମାତ୍ର କିଛିସମୟ ରହିପାରେ । ଜୀବାତ୍ମା ପ୍ରବେଶ କରିବା ପରେ ଶିଶୁଶରୀର ସ୍ୱତନ୍ତ୍ର ହୋଇ ଶ୍ୱାସପ୍ରଶ୍ୱାସ ନେବା ପରେ ଶରୀରରେ ରକ୍ତସଞ୍ଚାଳନ ଯଥାବିଧ ହେବାରୁ ଆଉ ଗର୍ଭଫୁଲର ଆବଶ୍ୟକ ନଥାଏ । ବାସ୍ତବରେ ଠିକ୍ ଏତିକିବେଳେ ହିଁ ନାଭି କାଟିବା ଉଚିତ୍ । ଜୀବ ପ୍ରବେଶ କରିବା ପୂର୍ବରୁ ନାଭି କାଟିଦେଲେ ଶିଶୁର ରକ୍ତ ଥଣ୍ଡା ହୋଇଯାଏ, ଆଉଟିକିଏ ଡେରି ହୋଇଗଲେ ଶିଶୁ ଶ୍ୱାସ ଗ୍ରହଣ କରିବାପାଇଁ ଅଯୋଗ୍ୟ ହୋଇଯାଏ । ନାଭି କାଟିଦେବାର ଏକ ବା ଦୁଇମିନିଟ୍ ଭିତରେ ଯଦି ପ୍ରାଣ ନ ଆସିଲା ତେବେ ସବୁ ଅନର୍ଥ ହୋଇ ଶିଶୁକୁ ମୃତ ଘୋଷିତ କରିବାକୁ ପଡେ । ଆପଣମାନେ ଏହି ବିଷୟକୁ ସଂପୂର୍ଣ୍ଣ ଜାଣନ୍ତୁ ବା ନଜାଣନ୍ତୁ, ଛୁଆ ନକାନ୍ଦିବା ପର୍ଯ୍ୟନ୍ତ ତା'ର ନାଭି କାଟିବାକୁ ଦିଅନ୍ତୁ ନାହିଁ । ଗାଉଁଲି ଧାଇମାନଙ୍କ କଥାକୁ ଅନେକ ଲୋକ ବିଶ୍ୱାସ କରିଥା'ନ୍ତି । ସେମାନଙ୍କୁ ଏଇଠି ଆମେ ପଚାରୁଛୁ, **ଯଦି ଗର୍ଭଫୁଲରେ ପ୍ରାଣ ଥିଲା ତେବେ ଛଅ-ମାସ ଯାଏ ଶିଶୁ କିପରି ବଞ୍ଚିଥିଲା ? ପ୍ରାଣ ସେତେବେଳେ ଶିଶୁଠାରେ ଥିଲା ନା ଗର୍ଭଫୁଲ ଭିତରେ ଥିଲା ? ଯଦି ଶିଶୁଠାରେ ଥିଲା ତେବେ ଜନ୍ମ ହେବାପରେ ତାହା କାହିଁକି ଗର୍ଭଫୁଲ ଭିତରକୁ ଚାଲିଗଲା ? ପୁଣି କିପରି ଶରୀର ଭିତରକୁ ଆସିଲା ?** ଏହିସବୁ ପ୍ରଶ୍ନର ସମାଧାନ କ'ଣ ଧାଇମାନେ କରିପାରିବେ ?

ଆମେ ଆମର ଜନ୍ମ ବାବଦରେ ସଠିକ୍ ଜାଣି ନପାରି ଅନ୍ଧାରରେ ବାଡି ବୁଲାଇବା ଭଳି କହୁଛେ । କିଛି ଜାଣି ନଥିବା ଲୋକମାନେ ଛଅ ମାସରେ ପ୍ରାଣ ପ୍ରବେଶ ହୁଏ, ସେ ଗତଜନ୍ମ ମନେପକାଇ କାନ୍ଦେ, ବାହାରର କଥା ଶୁଣେ ବୋଲି କହିବା କେତେଦୂର ଠିକ୍ ଆପଣମାନେ ବିଚାରକରନ୍ତୁ । ପୂର୍ବ କାଳରେ ଶିଶୁ ଜନ୍ମ ହେବା ପରେ ତା'ଠାରେ ପ୍ରାଣ (ପବନ) ପ୍ରବେଶ କରିଥାଏ ବୋଲି ବିଶ୍ୱାସ କରୁଥିଲେ । ଧର୍ମ ସବୁ ଅଧର୍ମ

ହୋଇଯାଏ ବୋଲି ଗୀତାରେ ଭଗବାନ କହିବା ଭଳି, ଆମେ ମାଆର ଗର୍ଭରେଥିବା ଶିଶୁଠାରେ ପ୍ରାଣଅଛି ବୋଲି କହୁଛେ । ପୂର୍ବେ ଶିଶୁ ଜନ୍ମହେବା ପରେ ତାର ଜାତକ କରୁଥିଲେ । କାରଣ ! ସେମାନେ ଜାଣିଥିଲେ ଯେ, ଶିଶୁ ଜନ୍ମହେବା ପରେ ତା'ଠାରେ ପ୍ରାଣ ପ୍ରବେଶ କରିଥାଏ । ଏବେ ବି ସେହି ପୁରୁଣାପଦ୍ଧତି ପ୍ରଚଳିତ ଅଛି । ଜ୍ୟୋତିଷ୍ୟଶାସ୍ତ୍ରରେ ମଧ୍ୟ ଶିଶୁ ଜନ୍ମହେବା ପରେ ତାଠାରେ ପ୍ରାଣ ପ୍ରବେଶ କରେ ବୋଲି କୁହାଯାଇଛି । ଆଜିର ଜ୍ୟୋତିଷ୍ୟମାନେ ଏହା ନଜାଣି ଶିଶୁ ଜନ୍ମହେବା କ୍ଷଣରୁ ଜାତକ ଲେଖୁଛନ୍ତି । ପ୍ରକୃତ ଜନ୍ମ କହିଲେ ଯେତେବେଳେ ଶିଶୁଠାରେ ପ୍ରଥମଥର ଶ୍ୱାସ ପ୍ରବେଶ କରେ । ପ୍ରାଣ ପ୍ରବେଶ କ୍ଷଣ ହିଁ ଜାତକ ଲେଖାଇବାର ପ୍ରକୃତ କ୍ଷଣ ହୋଇଥାଏ । ଏଭଳି ଜାତକରୁ ମଣିଷର ଭବିଷ୍ୟତକୁ ଠିକ୍ ଜାଣିହୁଏ । ଯଦି ଶିଶୁଠାରେ ଛଅମାସରେ ପ୍ରାଣ ପ୍ରବେଶକରେ ବୋଲି ସେମାନେ କହୁଛନ୍ତି, ତେବେ ସେମାନଙ୍କୁ ପଚାରନ୍ତୁ ଯେ, ମାଆ ପେଟରୁ ଜାତକ ନଲେଖି ଜନ୍ମହେବା ପରେ କାହିଁକି ଲେଖୁଛନ୍ତି ? କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ! ସେମାନେ ସେମାନଙ୍କ ଅଜାଣତରେ ଜନ୍ମହେବା ପରେ ଶିଶୁର ଜାତକ ଲେଖନ୍ତି । ଏ କଥା ବିଚାର କଲେ ଧର୍ମ ସଂପୂର୍ଣ୍ଣ ଅଧର୍ମ ନହୋଇ କିଛି ବାକି ଅଛି ବୋଲି ସୂଚନା ମିଳୁଛି ।

ଏବେ ଶରୀରଶାସ୍ତ୍ରଜ୍ଞ ଏବଂ ଡକ୍ଟରମାନେ ଏ ବାବଦରେ ଅନେକ ସନ୍ଦେହ କରିପାରନ୍ତି । କାରଣ ! ସେମାନେ ପଢିଥିବା ପାଠରେ ପୁରୁଷର ବୀର୍ଯ୍ୟକଣାରେ ପ୍ରାଣ ଅଛି ବୋଲି ପଢିଛନ୍ତି । ସେଥିଲାଗି ଜଣେ ନାମି ଡକ୍ଟର ଆମ ସିଦ୍ଧାନ୍ତକୁ ବିଶ୍ୱାସ କରୁଥିବା ଜଣେ ବ୍ୟକ୍ତିଙ୍କୁ କହିଲେ ଯେ, ସେ ଯାହା କହୁଛନ୍ତି, ତାହା ଶାସ୍ତ୍ର ବିରୁଦ୍ଧ । ଶରୀରଶାସ୍ତ୍ରଜ୍ଞ ଭାବରେ, ଡକ୍ଟର ଭାବରେ ଥିବା ଆମମାନଙ୍କଠାରୁ କ'ଣ ତାଙ୍କୁ ଅଧିକ ଜଣାଅଛି ? ତାଙ୍କ କଥା ସଂପୂର୍ଣ୍ଣ ମିଛ । ପ୍ରସବହେବା ପରେ ଶିଶୁଠାରେ ପ୍ରାଣ ଆସେ କହିବା ଅସତ୍ୟ । ଛଅ

ମାସ ପରେ ଶିଶୁଠାରେ ପ୍ରାଣ ଆସେ କହିଥିବା ବେଦବେଦାନ୍ତ କ'ଣ ମିଛ କହନ୍ତି ? ପୁରୁଷର ବୀର୍ଯ୍ୟରେ ବୀର୍ଯ୍ୟକଣାଗୁଡିକ ସଜୀବ ଥାଆନ୍ତି । ସଜୀବ ବିର୍ଯ୍ୟକଣା ସ୍ତ୍ରୀ ଶରୀରରେ ଥିବା ରଜକଣା ସହିତ ମିଶି ନୂଆ ଶରୀରଟିଏ ହେବାକୁଲାଗେ ଏବଂ ତାହା ନଅମାସ ପରେ ସଂପୂର୍ଣ୍ଣ ହୋଇ ବାହାରକୁ ଆସିଥାଏ । ବୀର୍ଯ୍ୟରେ ଥିବା ବୀର୍ଯ୍ୟକଣିକାରେ ପ୍ରାଣ ଅଛି ବୋଲି ଆମେ ଅନେକ ପ୍ରମାଣ ଦେଖାଇ ପାରିବୁ କହି, ପ୍ରାଣଥିବା ଜନ୍ତୁଶରୀରରୁ ବୀର୍ଯ୍ୟକୁ କାଢିନେଇ କେତେଦିନ ପର୍ଯ୍ୟନ୍ତ ଉଚିତ ବାତାବରଣରେ ରଖି, ଦରକାର ବେଳେ ସେହି ବୀର୍ଯ୍ୟକୁ ସ୍ତ୍ରୀ ଜନ୍ତୁ (ମାଇ ଜନ୍ତୁ)ର ଯୋନି ମାର୍ଗ ଦ୍ୱାରା ପ୍ରବେଶ କରାଇ ଆମେ ଶାବକ ଶୃଷ୍ଟି କରାଇ ପାରୁଛୁ ବୋଲି କହିଛନ୍ତି । ବୀର୍ଯ୍ୟରେ ପ୍ରାଣ ଅଛି ବୋଲି ସେ ବିଶ୍ୱାସ କରିବା ପାଇଁ ଦରକାରୀ ବାତାବରଣରେ ଅର୍ଥାତ୍ (୦°)ରୁ (୪°)ସେଲ୍ସିଅସ୍ ଉଷ୍ଣତା ଥିବା ଏକ ଫ୍ଲାସ୍କୋରୁ ଟେସ୍ଟଟ୍ୟୁବ୍ ଭଳି ଥିବା ଏକ କାଚ ଘରେ ରଖିଥିବା ପଶୁ ବୀର୍ଯ୍ୟକୁ କାଢି, ତୁରନ୍ତ ଏକ କାଚ ପ୍ଲେଟ୍ ଉପରେ ରଖି, ମାଇକ୍ରୋସ୍କୋପ୍ ଦ୍ୱାରା ଦେଖିବାବେଳେ, ଏକ ବିନ୍ଦୁ ବୀର୍ଯ୍ୟରେ ମୁଣ୍ଡ ଏବଂ ଲାଞ୍ଜ ଥିବା ଅସଂଖ୍ୟ ବୀର୍ଯ୍ୟକଣା ପହଁରି ଆଗକୁ ଯାଉଛନ୍ତି ବୋଲି ସେ ଦେଖିଥିଲେ । ସେ ପ୍ରଥମେ ଆଶ୍ଚର୍ଯ୍ୟ ହୋଇଗଲେ, ପରେ ବିଶ୍ୱାସ ମଧ୍ୟ କରିଥିଲେ । ବୋଧହୁଏ ସେଥିଲାଗି ଆମେ ଶରୀରଶାସ୍ତ୍ରଜ୍ଞ ବୋଲି ସେ ଜୋର୍‌ଦେଇ କହିବାକୁ ପଛାଇ ନାହାନ୍ତି । ଯାହା ଆମକୁ ଜଣା ଅଛି ତାହା କ'ଣ ତାଙ୍କୁ ଜଣାଅଛି ? ସେ ଯାହା କହୁଛନ୍ତି ତାହା ମିଛ କଥା ବୋଲି କହିଛନ୍ତି । ତେଣୁ କ'ଣ ସତ୍ୟ ଏବେ ତାଙ୍କରି ପାଠ ଉପରକୁ ଯାଇ ଟିକିଏ ଦେଖିବା । ସେ ବୀର୍ଯ୍ୟକୁ କିପରି ପରିଶୀଳନ କରିଛନ୍ତି, କେଉଁଭଳି ନିଜର ନିର୍ଣ୍ଣୟକୁ ଠିକ୍ ଭାବିଛନ୍ତି ଜାଣିବା । ପ୍ରଥମେ ବୀର୍ଯ୍ୟକଣାର ଏକ ଚିତ୍ରକୁ ପର ପର୍ଦ୍ଦରେ ଲକ୍ଷ୍ୟ କରନ୍ତୁ ।




ବୀର୍ଯ୍ୟରେ ବୀର୍ଯ୍ୟକଣାଗୁଡିକର ଚଳନ ଦେଖିଥିବା ସେହି ଡାକ୍ତର ମହାଶୟ ବୀର୍ଯ୍ୟରେ ଜୀବନ ରହିଛି ଭାବି, ବାସ୍ତବରେ ପ୍ରସବ ପରେ ଜୀବ ପ୍ରବେଶ କରିଥାଏ କହୁଥିବା ଆମକଥାକୁ ମିଛ ଭାବି ଶେଷରେ ଆମକୁ ସାକ୍ଷାତ୍ କରି, "ସ୍ୱାମିଜୀ! ଜୀବାତ୍ମା ଶିଶୁର ଶରୀରରେ ଜନ୍ମ ହେଉଛି ବୋଲି ଆପଣଙ୍କ କଥା ଶୁଣିବା ପରେ ମୁଁ ମୋର ଏକ ଗବେଷଣାରେ ପୁରୁଷବୀର୍ଯ୍ୟରେ ପ୍ରାଣ ଅଛି ବୋଲି ଦେଖିଲି । ବୀର୍ଯ୍ୟର ବୀର୍ଯ୍ୟକଣିକାରେ ଜୀବନ ଥାଏ ବୋଲି ସ୍ପଷ୍ଟଭାବରେ ଦେଖାଯାଉଥିବା ବେଳେ, ଆପଣଙ୍କ କଥା ମୋର ବିଶ୍ୱାସ ହେଉ ନାହିଁ, ତେଣୁ ଏଠାରେ ଆପଣ କହୁଥିବା କଥା ସତ୍ୟ ? ନା ବିଜ୍ଞାନ ସ୍ପଷ୍ଟ କରିଥିବା କଥା ସତ୍ୟ ? ମୋର ଏଇ ସଂଦେହ ଦୁର ହେବାପାଇଁ ଆପଣ କ'ଣ କହିବେ ?" ବୋଲି ପାଖକୁ ଆସି ମୋତେ ପଚାରିଥିଲେ ।


ଏହା ପୂର୍ବରୁ ଆଧ୍ୟାତ୍ମିକ ଗ୍ରନ୍ଥ ନାମରେ ପରିଗଣିତ ହେଉଥିବା ଗ୍ରନ୍ଥଗୁଡିକରେ ଛଅମାସ ପରେ ଅର୍ଥାତ୍ ମାତୃଗର୍ଭରେ ହିଁ ଶିଶୁର ପ୍ରାଣ

ପ୍ରବେଶ ହେବା କଥାକୁ ମିଥ୍ୟା ପ୍ରମାଣିତ କରି, ପ୍ରସବ ପରେ ଶିଶୁଠାରେ ପ୍ରାଣ ପ୍ରବେଶ ହୋଇଥାଏ ଲେଖି, ଆମେ ଆମ ସିଦ୍ଧାନ୍ତରେ ଜଣାଇଥିଲୁ, କିନ୍ତୁ ଏବେ ଡକ୍ଟରମାନେ କହୁଛନ୍ତି ଯେ, ପୁରୁଷର ବୀର୍ଯ୍ୟକଣାରେ ପ୍ରାଣ ଅଛି ! ତେଣୁ ଏଠାରେ ଆଜିର ବିଜ୍ଞାନରୁ କିଛି ପ୍ରମାଣ ଆଣି ଆମକୁ ଏକ ନିର୍ଣ୍ଣୟରେ ପହଞ୍ଚିବାକୁ ହେବ ।

ଜୀବ (ଜୀବାତ୍ମା) ଆଖିକୁ ଦେଖାଯାଏ ନାହିଁ, କେବଳ ଜ୍ଞାନନେତ୍ରକୁ ଦେଖାଯାଇଥାଏ । ଜ୍ଞାନନେତ୍ର ନଥିବା ଡକ୍ଟରମାନେ ବୀର୍ଯ୍ୟକଣାରେ ପ୍ରାଣ ଅଛି ବୋଲି କେବଳ ଭାବିବା ଛଡା କେବେ ବି ଦେଖି ନାହାନ୍ତି । ବୀର୍ଯ୍ୟକଣାର ଚଳନଶକ୍ତି ଅଛି ବୋଲିଯେ, ତା'ଠାରେ ପ୍ରାଣ ଅଛି ଭାବିବା ଭୂଲ୍ । ଯଦି ଏମିତି ଭାବିବା ତେବେ ବସ୍, ଟ୍ରକ୍, ରେଳ ଆଦି ଯାନଗୁଡିକର ମଧ୍ୟ ଚଳନଶକ୍ତି ଅଛି, ତେବେ କ'ଣ ସେଗୁଡିକରେ ଜୀବନ ଅଛି କହିବା ? ଏଠାରେ ନାହିଁ ବୋଲି ମୁଁ, ଆପଣ, ଡକ୍ଟର, ବୈଜ୍ଞାନିକ, ସାଧାରଣ ସମସ୍ତେ ସ୍ୱୀକାର କରିବେ । ଚଳନଶକ୍ତି ଥିବା ଯନ୍ତ୍ରଗୁଡିକରେ ଯେଉଁଭଳି ଜୀବନ ନଥାଏ, ସେହିଭଳି ଚଳନଶକ୍ତି ଥିବା ବୀର୍ଯ୍ୟକଣାଗୁଡିକରେ ମଧ୍ୟ ଜୀବନ ନଥାଏ । ତେବେ ଏଠି ଜୀବନ ନଥିବା ବୀର୍ଯ୍ୟକଣାଗୁଡିକ କିପରି ଗତି କରୁଛନ୍ତି ନାମକ ଏକ ବଡ ସଂଦେହ ରହିଯାଏ । ଏହି ସନ୍ଦେହ ଦୂରକରିବା ପାଇଁ ପ୍ରଥମେ ବୀର୍ଯ୍ୟକଣା ପୁରୁଷ ଶରୀରରେ କିପରି ତିଆରି ହେଉଛି ତାହା ସଂପୂର୍ଣ୍ଣଭାବରେ,ବିଜ୍ଞାନ ଦିଗରୁ ଜାଣିବା ନିହାତି ଦରକାର । ତେଣୁ ଆଜିର ଶରୀରଶାସ୍ତ୍ରଜ୍ଞ ଏବଂ ଡକ୍ଟରମାନଙ୍କୁ ଜଣା ନଥିବା ଜନନ ସିଦ୍ଧାନ୍ତକୁ ଆଜିର ବିଜ୍ଞାନ ଅନୁସାରେ ଜଣାଉଛୁ ।

ପୁରୁଷ ଶରୀରରେ ଥିବା ପୁରୁଷାଙ୍ଗ (ଲିଙ୍ଗ)ର ଠିକ୍ ତଳେ ଥିବା ବୃଷଣ (ଅଣ୍ଡକୋଷ)ରେ ବୀର୍ଯ୍ୟ ତିଆରି ହୋଇଥାଏ । ଏହା ମାନବ ତୁଳନାରେ ଯନ୍ତୁମାନଙ୍କର ଟିକିଏ ବଡ ଆକାରର ହୋଇଥାଏ । ପ୍ରତ୍ୟେକ

ପିଣ୍ଡଜମାନଙ୍କର ବୀର୍ଯ୍ୟ ତିଆରି ହୋଇଥାଏ, ମାନବର ବୃଷଣରେ ପ୍ରାୟ ଦୁଇ ଶହରୁ ଅଧିକ **ଲାବ୍ୟୁ** ନାମକ ସୂକ୍ଷ୍ମ ଅଂଶ ରହିଥାଏ । ପ୍ରତ୍ୟେକ ଲାବ୍ୟୁର ସୂକ୍ଷ୍ମଭାଗରେ ଚଉତିହୋଇ ପଡିଥିବା ଭଳି ଅନେକ ନଳୀ ଥାଏ । ଏହାକୁ ବୀର୍ଯ୍ୟୋତ୍ପାଦକ  ନଳୀ କୁହାଯାଏ, ଏହିଠାରେ ହିଁ ବୀର୍ଯ୍ୟର ଉତ୍ପତି ଘଟିଥାଏ । ଲାବ୍ୟୁର ନଳୀଗୁଡିକ ଏକାଠି ହୋଇ **ଏପିଡାଇଡ୍ମିସ୍** ନାମକ ଏକ ପାଇପ୍ ସଦୃଶ ଉଦର ଭାଗରେ ପ୍ରବେଶ କରି ସେଠାରେ ଏକ ବଡ ବ୍ଲାଡର୍ ଭଳି ବିସ୍ତାରିତ ହୋଇ ରହିଥାଏ । ବୀର୍ଯ୍ୟ ଏହି ବ୍ଲାଡର୍‌ରେ ଗଚ୍ଛିତ ହୋଇ ରହିଥାଏ । ସେଥିଲାଗି ଏହି ବ୍ଲାଡରକୁ **ବୀର୍ଯ୍ୟାଶୟ କୁହାଯାଏ ।** ଏଭଳି ଦୁଇ ବୃଷଣରୁ ଆସିଥିବା ନଳୀଦୁଇଟି ଭିତରେ ବୀର୍ଯ୍ୟାଶୟ ଭାବରେ ରହି, ବୀର୍ଯ୍ୟାଶୟରୁ ମଧ୍ୟ ନଳୀଟିଏ ଆରମ୍ଭ ହୋଇ **ପ୍ରୋଷ୍ଟେଟ୍**ଗ୍ରନ୍ଥିକୁ ଯାଇ, ସେଠାରୁ ପୁରୁଷାଙ୍ଗକୁ ଯିବା ଭଳି ଖୋଲିହୋଇ ରହିଥାଏ । ମାନବର ବୀର୍ଯ୍ୟନିର୍ମାଣ ତଳ ଚିତ୍ରରେ ଦେଖନ୍ତୁ ।




1) ଏପିଡାଇଡ୍ମିସ୍, 2) ବିର୍ଯାଶୟ, 3) ପ୍ରୋଷ୍ଟେଟ୍ ଗ୍ରନ୍ଥି, 4) ଲିଙ୍ଗ, 5) ବୃଷଣ, 6) ଲାବ୍ୟୁସ୍

ବୃଷଣରେ ତିଆରି ହୋଇଥିବା ବୀର୍ଯ୍ୟକଣାଗୁଡିକ ଏପିଡାଇଡ-ମିସ୍‌ରେ ପହଞ୍ଚି,ସେଠାରୁ ବୀର୍ଯ୍ୟନଳୀ ଦ୍ୱାରା ବୀର୍ଯ୍ୟାଶୟକୁ ଯାଇଥାନ୍ତି । ବିର୍ଯ୍ୟାଶୟରେ କିଛିକାଳ ସ୍ଥିର ରହି ସ୍ଖଳନ ସମୟରେ ପ୍ରୋଷ୍ଟେଟ୍ ଗ୍ରନ୍ଥି ଦ୍ୱାରା ଆସିବା ବେଳେ, ତାହା ସ୍ରାବିତ କରିଥିବା ପତଳା ଦୁଧିଆରଙ୍ଗର ଦ୍ରବରେ ମିଶି ମୂତ୍ରନଳୀକୁ ଆସି, ସେଠାରେ କୌପର୍ ନାମକ ଗ୍ରନ୍ଥି ଝରାଇଥିବା ଏକ ପ୍ରକାରର ଦ୍ରବ ଏବଂ ମୂତ୍ରନଳୀର ମ୍ୟାକସ୍ ନାମକ ପରଦା ସେଠାରେ ତିଆରି କରିଥିବା ମ୍ୟାକସ୍ ନାମକ ଅଠାଳିଆ ଦ୍ରବ ସହିତ ମିଶି ବୀର୍ଯ୍ୟଭାବରେ ବାହାରକୁ ଆସିଥାଏ । ଏହାକୁ (ବୀର୍ଯ୍ୟକୁ) ଇଂରାଜୀ ଭାଷାରେ ସ୍ପେରଂ (Sperm) କୁହାଯାଇଥାଏ ।

ବୀର୍ଯ୍ୟରେ ବୀର୍ଯ୍ୟକଣାର ମୁଣ୍ଡ, କଣ୍ଠ, ଲାଞ୍ଜ ଏହିଭଳି ତିନିଗୋଟି ଭାଗ ରହିଥାଏ । ବୀର୍ଯ୍ୟକଣାଗୁଡିକ ଚଳନରହିତ ଭାବରେ ଅସଂପୂର୍ଣ୍ଣ ହୋଇ ରହିଥା'ନ୍ତି । ବୀର୍ଯ୍ୟକଣାଗୁଡିକ ବୀର୍ଯ୍ୟାଶୟରେ ହିଁ ସଂପୂର୍ଣ୍ଣ ହୋଇଥା'ନ୍ତି । ତିଆରି ହୋଇଥିବା ବୀର୍ଯ୍ୟକଣାଗୁଡିକ ସଂପୂର୍ଣ୍ଣ ହେବା ପରେ ଚଳନଶକ୍ତି ପାଇଥା'ନ୍ତି । ମୁଖ୍ୟତଃ ଜାଣିବା ଉଚିତ୍ ଯେ, ବୀର୍ଯ୍ୟକଣାଗୁଡିକ ସଂପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ଚଳନ ରହିତ ଭାବରେ ରହିଥା'ନ୍ତି । ସଂପୂର୍ଣ୍ଣ ହୋଇଥିବା ବୀର୍ଯ୍ୟକଣାଗୁଡିକ ଦ୍ରବପଦାର୍ଥ ଭିତରେ ମିନିଟ୍‌କୁ ଚାରି (୪) ମିଲିମିଟର ବେଗରେ ପହଁରିବା ଭଳି ଦେଖାଯାଇଥା'ନ୍ତି । ତିଆରି ହୋଇଥିବା ବୀର୍ଯ୍ୟକଣାଗୁଡିକର ଲାଞ୍ଜ ବେଙ୍ଗଫୁଲା କିମ୍ବା ସାପଲାଞ୍ଜ ଭଳି ହଲିବା ଦ୍ୱାରା ସେଗୁଡିକ ଆଗକୁ ଗତିକରି ପାରନ୍ତି, ହେଲେ ଅମ୍ଳଗୁଣ ଥିବା ଦ୍ରବପଦାର୍ଥରେ ପହଁରି ଆଗକୁ ଗତି କରି ପାରନ୍ତି ନାହିଁ, କେବଳ କ୍ଷାରଗୁଣ ଦ୍ରବରେ ହିଁ ଗତି କରି ପାରିଥା'ନ୍ତି । ବୀର୍ଯ୍ୟକଣାଗୁଡିକ ମାତ୍ର କେଇସପ୍ତାହ ପର୍ଯ୍ୟନ୍ତ ଗତିଶକ୍ତି ପ୍ରାପ୍ତହୋଇ ରହି ପାରନ୍ତି ଏବଂ ବିର୍ଯ୍ୟସ୍ଖଳନ ହେବା ସମୟରେ ମଧ ମାତ୍ର କେଇଘଣ୍ଟା ପର୍ଯ୍ୟନ୍ତ ସ୍ତ୍ରୀ ଶରୀରର ଅନୁକୂଳ ସ୍ଥିତିରେ ପହଁରି ପାରିଥା'ନ୍ତି ।

ଏବେ ଯଦି ଆମେ ବୀର୍ଯ୍ୟକଣାଗୁଡିକର ଚଳନଶକ୍ତି ବାବଦରେ ଗବେଷଣା କରିବା ତେବେ ଜାଣିପାରିବା ଯେ, ବୀର୍ଯ୍ୟାଶୟ ଭିତରେ ଯେଉଁ ବୀର୍ଯ୍ୟ ତିଆରି ହେଉଥାଏ ସେଥିରେ ଅଧିକ ପରିମାଣରେ ଗ୍ଲୁକୋଜ୍ ଉତ୍ପତି ହେଉଛି । ଲାଞ୍ଜଥିବା ବୀର୍ଯ୍ୟକଣାଗୁଡିକ ଏହି ଗ୍ଲୁକୋଜ୍ ସଂସ୍ପର୍ଶରେ ଆସିବା କ୍ଷଣରେ ସେଗୁଡିକର ଲାଞ୍ଜ ହଲିବା ଆରମ୍ଭ ହୋଇଥାଏ । ବୀର୍ଯ୍ୟାଶୟରେ ଅହରହ ଗ୍ଲୁକୋଜ୍ ଉତ୍ପତି ହେଉଥିବା କାରଣରୁ ବୀର୍ଯ୍ୟକଣାଗୁଡିକ ଅଧିକ ସମୟଧରି ଚଳନଶକ୍ତି ବିଶିଷ୍ଟହୋଇ ରହିପାରନ୍ତି । **ଯଦି ବୀର୍ଯ୍ୟାଶୟର ଦ୍ରବ ପଦାର୍ଥରେ ଗ୍ଲୁକୋଜ୍ ନଥାଏ ତେବେ ସେଗୁଡିକ ନିଜର ଚଳନଶକ୍ତି ହରାଇଥା'ନ୍ତି ।** ଚୂନପଥରରେ ପାଣି ଲାଗିଗଲେ ଯେପରି ତାହା ଚଳନଶକ୍ତି ପ୍ରାପ୍ତ ହୁଏ, ଲେମ୍ବୁ ରସରେ ସୋଢା ଲାଗିଗଲେ ଯେପରି ସ୍ପନ୍ଦିତ ହୁଏ, ପାରଦ ଉଷ୍ଣତା ପ୍ରାପ୍ତହୋଇ ଯେପରି ଉର୍ଦ୍ଧ୍ୱମୁଖି ହୁଏ, ଠିକ୍ ସେହିପରି ବୀର୍ଯ୍ୟକଣାଗୁଡିକରେ ଗ୍ଲୁକୋଜ୍ ଲାଗିଗଲେ ତାହା ଗତି କରିବା ପାଇଁ ପ୍ରସ୍ତୁତ ହୋଇଥା'ନ୍ତି । ଗ୍ଲୁକୋଜ୍ ଏବଂ ବୀର୍ଯ୍ୟକଣାର ଏହିଭଳି ଅହି-ନକୁଳ ସଂପର୍କ ରହିଥାଏ । ତେଣୁ ବୀର୍ଯ୍ୟକଣାକୁ ଯେତେବେଳେ ଗ୍ଲୁକୋଜ୍ ସ୍ପର୍ଶକରେ ସେତେବେଳେ ରାସାୟନିକଚର୍ଯ୍ୟା ଆରମ୍ଭ ହୋଇଯାଏ । ସେହି ରାସାୟନିକ କ୍ରିୟା ହେଉଛି ବୀର୍ଯ୍ୟକଣାର ଚଳନଶକ୍ତି । ଏହି କ୍ରିୟାକୁ ଦେଖି ସେଥିରେ ଜୀବନ ଅଛି ଭାବିବା ଭୂଲ୍ ହୋଇଥାଏ । ଶାସ୍ତ୍ରଜ୍ଞମାନେ ଏଇଠାରେ ହିଁ ପ୍ରଥମେ ଭୂଲ୍ ବୁଝିଥା'ନ୍ତି । **ଯେତେବେଳେ ଗ୍ଲୁକୋଜ୍ ଉତ୍ପତି ବନ୍ଦ ହୋଇଯାଏ ସେତେବେଳେ ବୀର୍ଯ୍ୟକଣାର ଚଳନ ମଧ୍ୟ ବନ୍ଦ ହୋଇଯାଏ ।**

ଶାସ୍ତ୍ରଜ୍ଞମାନଙ୍କର କହିବା ଅନୁସାରେ ଯଦି ବିର୍ଯ୍ୟକଣାର ଜୀବନ ଅଛି, ତା'ର ଚଳନ ଆଗକୁ ନହୋଇ ପଛକୁ କିମ୍ବା କଡକୁ ହୁଅନ୍ତା ଅର୍ଥାତ୍ ସେଗୁଡିକ କୌଣସି ଦିଗରେ ପହଁରିପାରନ୍ତେ ! କିନ୍ତୁ ଜୀବନ ନଥିବାରୁ ସେଗୁଡିକ ରାସାୟନିକକ୍ରିୟା ଦ୍ୱାରା କେବଳ ଆଗକୁ ଗତି କରିଥା'ନ୍ତି ।

ଗ୍ଲୁକୋଜ୍ ସହିତ ବୀର୍ଯ୍ୟକଣାର ଏହି ରାସାୟନିକକ୍ରିୟାରେ ଗ୍ଲୁକୋଜ୍ ଖର୍ଚ୍ଚ ହୋଇଥାଏ, କିନ୍ତୁ ଯଥା ପରିମାଣରେ ଗ୍ଲୁକୋଜ୍ ଉତ୍ପତି ହେଉଥିବାରୁ ବୀର୍ଯ୍ୟକଣାଗୁଡିକ ରାସାୟନିକ କ୍ରିୟା ଦ୍ୱାରା କିଛିଦିନ ପର୍ଯ୍ୟନ୍ତ ଯଥାବିଧ ସନ୍ତରଣ କରିପାରନ୍ତି ।

ସ୍ତ୍ରୀ ଓ ପୁରୁଷର ମିଳନ ସମୟରେ ପୁରୁଷଠାରୁ ଆସୁଥିବା ବୀର୍ଯ୍ୟ ସ୍ତ୍ରୀ ଯୋନି ମାର୍ଗରେ ପ୍ରବେଶ କରେ । ଭିତରକୁ ପ୍ରବେଶ କରିଥିବା ବୀର୍ଯ୍ୟକଣା ସ୍ତ୍ରୀର ରଜକଣା ସହିତ ମିଶିବା ବେଳେ ସ୍ତ୍ରୀ ଗର୍ଭଧାରଣ କରେ । ଏହି ବୀର୍ଯ୍ୟକଣାଗୁଡିକ ସ୍ତ୍ରୀର ଯୋନିମାର୍ଗରେ ପ୍ରବେଶ କରି ଗର୍ଭାଶୟ ପର୍ଯ୍ୟନ୍ତ ଅନେକ ଦୂର ଯାଇଥା'ନ୍ତି । ବୀର୍ଯ୍ୟକଣାର ଗତି ଆଗକୁ ଥାଏ ତେଣୁ ତାହା କିଛିଦୂର ଗତି କରିବା ପରେ ସ୍ତ୍ରୀର ରଜକଣା ସହିତ ମିଳିତ ହେବାକୁ ସୁଯୋଗ ପାଏ । ବୀର୍ଯ୍ୟକଣା ସ୍ତ୍ରୀର ରଜକଣା ସହିତ ମିଳିତ ହେବା ପାଇଁ ହିଁ ତିଆରି ହୋଇଥାଏ । ସେଥିଲାଗି ମାନବଠାରେ ତା'ର ଏହି ଗତି କରିବା ବିଧି ପ୍ରକୃତି ଦ୍ୱାରା ପରମାତ୍ମା ଖଞ୍ଜି ରଖିଛନ୍ତି, ନଚେତ୍ ବୀର୍ଯ୍ୟକଣାର ଗତି ଆବଶ୍ୟକ ନଥା'ନ୍ତା । ସ୍ତ୍ରୀ ଯୋନିମାର୍ଗରେ ସ୍ଖଳିତ ହେଉଥିବା ବୀର୍ଯ୍ୟକଣା ଚଳନଶକ୍ତି ପ୍ରାପ୍ତହୋଇ ଆଗକୁ ଗତିକରେ । ଗ୍ଲୁକୋଜ୍ ଶେଷ ହୋଇଗଲେ ଆଗକୁ ଗତି କରିପାରି ନଥାଏ । ଅର୍ଥାତ୍ ଗ୍ଲୁକୋଜ୍‌ର ପରିମାଣ ଅନୁସାରେ ବୀର୍ଯ୍ୟକଣାର ଗତି ନିର୍ଣ୍ଣୀତ ହୋଇଥାଏ । ତେଣୁ ଏହି କ୍ଷେତ୍ରରେ ଗ୍ଲୁକୋଜ୍ ଉତ୍ପତି କରୁଥିବା ପ୍ରୋଷ୍ଟେଟ୍ ଗ୍ରନ୍ଥିକୁ ମୁଖ୍ୟପାତ୍ର ବୋଲି କହିପାରିବା ।

ଅମ୍ଳଗୁଣ ଦ୍ରବରେ ଗ୍ଲୁକୋଜ୍ ଥିଲେ ମଧ୍ୟ ଘଟୁଥିବା ରାସାୟନିକ କ୍ରିୟା ଦ୍ୱାରା ବୀର୍ଯ୍ୟକଣା ଚଳନ ରହିତ ହୋଇଯାଏ । କେବଳ କ୍ଷାରଗୁଣ ଦ୍ରବରେ ଗ୍ଲୁକୋଜ୍‌ର ସଂଯୋଗ ଘଟିଲେ ବୀର୍ଯ୍ୟକଣା ଆଗକୁ ଗତିକରି ପାରେ । ପ୍ରାୟ ପ୍ରତ୍ୟେକ ସ୍ତ୍ରୀଯୋନିରେ ଅମ୍ଳଗୁଣ ଦ୍ରବ ଉତ୍ପତି ହୋଇଥାଏ; ତଥାପି ବୀର୍ଯ୍ୟକଣାଗୁଡିକ ଆଗକୁ ଗତି କରି ପାରନ୍ତି । କାରଣ ! ପୁରୁଷର

ପ୍ରୋଷ୍ଟେଟ୍ ଗ୍ରନ୍ଥି ଉତ୍ପନ୍ନ କରୁଥିବା କ୍ଷାରଗୁଣ ବିଶିଷ୍ଟ ଦ୍ରବ ସ୍ଖଳନ ସମୟରେ ବାହାରି ସ୍ତ୍ରୀ ଯୋନି ମାର୍ଗରେ ପ୍ରବେଶ କରିଥାଏ । ତେଣୁ ସ୍ତ୍ରୀ ଯୋନିର ଅମ୍ଳଗୁଣ ଦ୍ରବରେ ସ୍ଥିର ରହି ନଯାଇ ଦୁଇ ତିନି ଘଣ୍ଟା ପର୍ଯ୍ୟନ୍ତ ଗତି କରି ପାରେ ।

ସ୍ତ୍ରୀ, ପୁରୁଷର ପ୍ରତ୍ୟେକ ମିଳନରେ ବୀର୍ଯ୍ୟକଣାଗୁଡିକ ସ୍ତ୍ରୀର ରଜକଣା ସହିତ ମିଳିତ ହୋଇପାରି ନଥାଏ । ପ୍ରତ୍ୟେକ ସଂଯୋଗରେ ବୀର୍ଯ୍ୟକଣା ଗତି କରିବାପାଇଁ ଦରକାର ହେଉଥିବା ଗ୍ଲୁକୋଜ୍ ବେଳେବେଳେ ଶେଷ ହୋଇଯାଇ ପାରେ କିମ୍ବା ଯୋନିମାର୍ଗରେ ଅମ୍ଳଗୁଣ ଦ୍ରବ ଅଧିକ ହୋଇଯାଇ ପାରେ । ବୀର୍ଯ୍ୟକଣାରେ ସଂପୂର୍ଣ୍ଣ ମାତ୍ରାରେ ଗ୍ଲୁକୋଜ୍ ରହିଥାଇ କ୍ଷାରଗୁଣ ଦ୍ରବ ରହିଥିଲେ ମଧ୍ୟ ବୀର୍ଯ୍ୟକଣା ସଂପୂର୍ଣ୍ଣ ଲକ୍ଷ୍ୟରେ ପହଞ୍ଚି ପାରିବ ବୋଲି କହିପାରିବା ନାହିଁ । କାରଣ ! ଠିକ୍ ସେହି ସମୟରେ ସ୍ତ୍ରୀ ଗର୍ଭକୋଷରେ ମଧ୍ୟ ରଜକଣା ଉତ୍ପତ୍ତି ହୋଇଥିବା ଦରକାର, ଯଦି ହୋଇ ନଥାଏ ତେବେ ସେହି ମିଳନ ଫଳଦାୟୀ ହୋଇ ନଥାଏ । ସବୁକିଛି ଅନୁକୂଳ ଥିବାବେଳେ ବୀର୍ଯ୍ୟକଣା ରଜକଣା ସହିତ ମିଳିତ ହୋଇପାରେ । କୌଣସି ଏକ ବିଷୟରେ ଯଦି ପ୍ରତିକୁଳ ପରିସ୍ଥିତି ଉପୁଜେ ତେବେ ମିଳନଟି ଫଳଦାୟୀ ହୋଇ ନଥାଏ । ସେଥିଲାଗି ଜାଣି ବା ନଜାଣି ସ୍ତ୍ରୀ ପୁରୁଷମାନେ ଅନେକ ଥର ମିଳିତ ହେବା ବିଧିକୁ ପ୍ରକୃତି ଖଞ୍ଜି ରଖିଛି । ଏସବୁ କାରଣ ନେଇ କେତେକଙ୍କର ସନ୍ତାନସନ୍ତତି ଖୁବ୍‌ଶୀଘ୍ର କିମ୍ବା ବିଳମ୍ବରେ ହୋଇଥା'ନ୍ତି । ଏଠାରେ ଆଉଏକ ପ୍ରଶ୍ନ ହେଉଛି ! ଜନ୍ତୁମାନେ ମାତ୍ର ଗୋଟିଏ ଥର ମିଳିତ ହୋଇ ମଧ୍ୟ ସେମାନଙ୍କ ମିଳନ କିପରି ଫଳଦାୟୀ ହୋଇଥାଏ ? ତା'ର ସମାଧାନ ହେଉଛି ! ଜନ୍ତୁମାନଙ୍କର ବୀର୍ଯ୍ୟରେ କ୍ଷାରଗୁଣ ଦ୍ରବ ଅଧିକ ପରିମାଣରେ ରହିଥାଏ । ତା'ଛଡା ସ୍ତ୍ରୀ (ମାଈ) ଜନ୍ତୁଗୁଡିକଠାରେ ମାନବ ସ୍ତ୍ରୀ ଭଳି ଋତୁସ୍ରାବର ଲକ୍ଷଣ ଦେଖାଯାଉ ନଥିଲେ ମଧ୍ୟ ଯେତେବେଳେ ସେମାନଙ୍କର ରଜକଣା ଉତ୍ପତ୍ତି ହୋଇଥାଏ ସେତେବେଳେ ସେମାନଙ୍କ

ଶରୀରରେ କେତେକ ପରିବର୍ତ୍ତନ ଘଟେ । ଏହାକୁ ଲକ୍ଷ୍ୟକରି ପୁରୁଷଜନ୍ତୁ ସ୍ତ୍ରୀଜନ୍ତୁ ପ୍ରତି ଆକର୍ଷିତହୋଇ ମିଳନସୁଖ ଆଶାରେ ଅନୁଧାବିତ ହୋଇଥାଏ । ଠିକ୍ ଏହି ସମୟରେ ସେମାନଙ୍କଠାରେ କାମଗୁଣ ଉତ୍ପନ୍ନ ହୋଇଥାଏ । ଉଦାହରଣ ସ୍ୱରୂପ ଗୋ'ଜାତି କଥା ବିଚାରକଲେ ଗାଈଟିଏ ବୃଷଭ ସହିତ ମିଳିତ ହେବା ପାଇଁ ଏକ ପ୍ରକାରର ଆକର୍ଷଣୀୟ ଶବ୍ଦ କରିବା ବେଳେ, ଆକର୍ଷିତ ବୃଷଭ ମଧ୍ୟ ମିଳିତ ନ ହେବା ପର୍ଯ୍ୟନ୍ତ ଗାଈକୁ ଛାଡି କୁଆଡେ ଯାଇ ନଥାଏ । ଏଭଳି ରଜକଣା ଉତ୍ପତି ହେବାବେଳେ ସେମାନଙ୍କର ମିଳନର ସମୟ ଆସିଥାଏ । ଏହି ସମୟରେ ବୀର୍ଯ୍ୟକଣା ଆଗକୁ ଗତି କରିବାକୁ ସୁଯୋଗ ପାଇଥାଏ । ସେଥିଲାଗି ଜନ୍ତୁମାନଙ୍କର ଏକ ପର୍ଯ୍ୟାୟର ମିଳନ ସଫଳିକୃତ ହୋଇଥାଏ, କିନ୍ତୁ ମାନବ ପକ୍ଷରେ ଏହି ଚର୍ଯ୍ୟାରେ ନାନା ପ୍ରତିବନ୍ଧକ ଆସିପାରେ । ତେଣୁ ମାନବ ବାରମ୍ବାର ଯୌନକ୍ରିୟା ରଚିଥାଏ ।

ବୀର୍ଯ୍ୟକଣାଗୁଡିକ ଶରୀରର ଉଷ୍ମତାରେ ଗ୍ଲୁକୋଜ୍ ସହିତ ମିଶିବା ପରେ ଘଟୁଥିବା ରାସାୟନିକକ୍ରିୟା ଦ୍ୱାରା ଚଳିତ ହୋଇଥା'ନ୍ତି । ଏଠାରେ ଜଣାପଡେ ଯେ ବୀର୍ଯ୍ୟକଣା ଏବଂ ଗ୍ଲୁକୋଜ୍ ମଧ୍ୟରେ ଘଟୁଥିବା ରାସାୟନିକକ୍ରିୟା ପାଇଁ ଉଷ୍ମତା ଦରକାର, ହେଲେ ଶରୀରର ଅତ୍ୟଧିକ ଉଷ୍ମତାରେ ଏହି କ୍ରିୟା ଘଟିପାରେ ନାହିଁ । କାରଣ ! ବୀର୍ଯ୍ୟକଣା ସେଠାରେ ନଷ୍ଟ ହୋଇଥାଏ । ସେହିପରି ଅତ୍ୟଧିକ ଶୀତଳତାରେ ମଧ୍ୟ ବୀର୍ଯ୍ୟକଣା ନଷ୍ଟ ହୋଇଯାଇଥାଏ । ଏକ ପ୍ରମାଣ ଅନୁସାରେ ଶୂନ୍ୟଡିଗ୍ରୀ (୦°) ସେଲ୍‌ସିୟସ୍ ଶୀତଳତାରେ ରଖିଲେ ବୀର୍ଯ୍ୟକଣା ନଷ୍ଟ ହୋଇନଯାଇ ସୁରକ୍ଷିତ ରହେ, ଏହି ସମୟରେ ଗ୍ଲୁକୋଜ୍ ମଧ୍ୟ ଖର୍ଚ୍ଚହୋଇ ନଥାଏ । ସେଥିଲାଗି ଆଜିର ବୈଦ୍ୟମାନେ ବୀର୍ଯ୍ୟକୁ ୦° ସେଲ୍‌ସିୟସ୍‌ରେ ରଖିଥା'ନ୍ତି ଏବଂ ପରେ ଉଷ୍ମତା ପ୍ରଦାନ କରିବା ପରେ ବୀର୍ଯ୍ୟକଣିକା ଚଳନଶକ୍ତି ହାସଲ କରି ରାସାୟନିକ କ୍ରିୟା ଘଟାଇବା ପାଇଁ ପ୍ରସ୍ତୁତ ହୁଏ ଏବଂ ତାହା ସେତିକିବେଳେ

ସ୍ତ୍ରୀଜନ୍ତୁର ଗର୍ଭରେ ପ୍ରବେଶ କରାଇ ଦିଆଯାଏ । ଏହା ଆଜିର ବିଜ୍ଞାନ ତରଫରୁ ଆମେ ଜାଣିଥିବା ବିଷୟ ।

ସତ କହିଲେ ଆଜିର ଶରୀରଶାସ୍ତ୍ରଜ୍ଞମାନଙ୍କର ଜ୍ଞାନନେତ୍ର ନାହିଁ କି ସୂକ୍ଷ୍ମଦୃଷ୍ଟି ନାହିଁ । ତେଣୁ ସେମାନଙ୍କର ଭାବନାସମୁହ ସ୍ଥୁଳ ପରିଶୀଳନ ଉପରେ ଆଧାରିତ ହୋଇଥାଏ । ବୀର୍ଯ୍ୟକଣାର ଚଳନକୁ ଦେଖି ତାହା ଗତି କରୁଛି ବୋଲି ସେମାନେ ଭାବନ୍ତି ଯେ, ତା'ଠାରେ ଜୀବନ ଅଛି । ଏହା ଭୂଲ୍ କି ଠିକ୍ ଆପଣମାନେ ସୂକ୍ଷ୍ମଦୃଷ୍ଟି ଦେଇ ଦେଖନ୍ତୁ । ସେମାନଙ୍କୁ ଜୀବାତ୍ମା ବାବଦରେ କିଛି ମଧ୍ୟ ଜଣା ନାହିଁ । ଶରୀରଟିଏ ଜୀବ (ଜୀବାତ୍ମା) ନିବାସ ଯୋଗ୍ୟ ହେବା ପାଇଁ ତା'ସହିତ କେତେଗୁଡିଏ ଶକ୍ତି ବା ମିଶ୍ରିତ ମୌଳିକର ଯେ ଆବଶ୍ୟକ ରହିଛି ତାହା ବୈଦ୍ୟମାନଙ୍କୁ ଜଣା ନାହିଁ । ଜୀବାତ୍ମା ସେହିଠାରେ ରହେ ଯେଉଁଠାରେ ପଂଚଭୂତ ଥାଆନ୍ତି । ଆକାଶ, ବାୟୁ, ଅଗ୍ନି, ଜଳ, ଭୂମି ଇତ୍ୟାଦିରୁ ତିଆରି ହୋଇଥିବା ମନ, ବୁଦ୍ଧି, ଚିତ୍ତ, ଅହଂ ଇତ୍ୟାଦି ୨୪ଗୋଟି ମୌଳିକର ମିଶ୍ରିତ ସ୍ଥଳରେ ଜୀବାତ୍ମା ନିବାସ କରିଥାଏ । ଏହି ଚବିଶିଗୋଟି ମୌଳିକ ନଥିଲେ ଜୀବାତ୍ମା ରହିପାରି ନଥାଏ । ଜୀବ ମରଣରେ ପୁରୁଣା ଶରୀରକୁ ଛାଡି, ଜନ୍ମରେ ନୂତନ ଶରୀର ଧାରଣ କରିଥାଏ । ନୂତନ ଶରୀରରେ ବାଲ୍ୟ, କିଶୋର, ଯୌବନ, ବୃଦ୍ଧାବ୍ୟ ଥାଏ ବୋଲି ଗୀତାରେ ପରମାତ୍ମା ଜଣାଇଛନ୍ତି ସିନା, ମାତୃ ଗର୍ଭରେ ଜୀବାତ୍ମାର ବୃଦ୍ଧି ବାବଦରେ କେଉଁଠି ମଧ୍ୟ କହିନାହାନ୍ତି । ଜୀବାତ୍ମାର ଶରୀର ସୂକ୍ଷ୍ମ, ସ୍ଥୁଳ ନାମକ ଦୁଇବିଧ ରହିଥାଏ । ଏହି ଦୁଇ ଭାଗରୁ ସ୍ଥୁଳଭାଗ ନଥିଲେ ମଧ୍ୟ ସୂକ୍ଷ୍ମଭାଗରେ ଜୀବାତ୍ମା ରହିପାରେ, କିନ୍ତୁ ସୂକ୍ଷ୍ମଭାଗ ନଥିଲେ ଜୀବାତ୍ମା ରହି ପାରେ ନାହିଁ । ଏକ ଜୀବାତ୍ମା ଶରୀରରେ କିପରି ରହେ, କ'ଣ କରେ ତା'ର ସମସ୍ତ ବୟାନ ଭଗବାନ ଶ୍ରୀକୃଷ୍ଣ ଗୀତାରେ କରିଛନ୍ତି । ଏହି ବିବରଣୀ ଆଜିର ଡକ୍ଟର, ବୈଜ୍ଞାନିକ କିମ୍ବା ଶରୀରଶାସ୍ତ୍ରଜ୍ଞମାନଙ୍କୁ ଜଣା ନାହିଁ, ସେମାନେ କେବଳ ସାଇନ୍ସ ପଢିଥା'ନ୍ତି ସିନା, ସାଇନ୍ସକୁ ଜନ୍ମ

ଦେଇଥିବା ସୁପର-ସାଇନ୍ସ (ବ୍ରହ୍ମବିଦ୍ୟା)କୁ ପଢିନଥା'ନ୍ତି । ଏହାକୁ ପଢିବା ପାଇଁ ସ୍ଥୁଳନେତ୍ର ନୁହେଁ ସୂକ୍ଷ୍ମନେତ୍ର ଆବଶ୍ୟକ ବୋଲି ସେମାନଙ୍କୁ ଜଣା ନଥାଏ । ବୀର୍ଯ୍ୟକଣାଗୁଡିକ ମୁଣ୍ଡ ଏବଂ ଲାଞ୍ଜ ବିଶିଷ୍ଟ ହୋଇ ରହିଥାନ୍ତି । ଲାଞ୍ଜ ହିଁ ପ୍ରଥମେ ଚଳନଶକ୍ତି ପାଇ ମୁଣ୍ଡକୁ ଆଗକୁ ଗତିକରାଏ, ଏହି ବୀର୍ଯ୍ୟ ହିଁ ସନ୍ତାନର କାରଣ ବୋଲି ଆମେ ଏପର୍ଯ୍ୟନ୍ତ ଜାଣିଲେ । ଏବେ ମୁଣ୍ଡ ବାବଦରେ ଜାଣିବା ।

ବୀର୍ଯ୍ୟକଣାର, ମୁଣ୍ଡର ଭିତରି ଭାଗରେ (ମଧ୍ୟରେ) ଏକ କ୍ଷୁଦ୍ର, ଗୋଲାକାର, ତେଜୋବନ୍ତ ଅଂଶ ଥାଏ । ଏହାକୁ ପରୀକ୍ଷା କରି ମଧ୍ୟ ଆମେ ଜାଣି ପାରିବା । ଏହି ଗୋଲାକାର ଭାଗ ସ୍ତ୍ରୀ ଗର୍ଭରେ ରଜକଣା ସହିତ ମିଶି ଶରୀରଟିଏ ହେବା ପାଇଁ ଅନୁକୁଳିତ ଭାବରେ ନିର୍ମିତ ହୋଇଥାଏ । ଏହାକୁ ହିଁ ପୁରୁଷବୀର୍ଯ୍ୟର ବୀଜ (ମଞ୍ଜି)ବୋଲି କହି ପାରିବା ।

ସ୍ତ୍ରୀ ଗର୍ଭକୋଶର ଓଭରି (**Ovary**) ନାମକ ସ୍ଥାନରୁ ରଜକଣାର ଉତ୍ପତି ହୋଇଥାଏ । ଓଭରିରେ ମାସକୁ ମାତ୍ର ଗୋଟିଏ ରଜକଣା ଉତ୍ପତି ହୋଇଥାଏ । ରଜକଣାକୁ ଇଂରାଜୀରେ ଓଭମ୍ (**Ovum**) କହନ୍ତି, ଏହା ପ୍ରୋଟୋପ୍ଲାଜମ୍ (**Protoplasam**) ନାମକ ପଦାର୍ଥରେ ତିଆରି ହୋଇଥାଏ । ବାଦାମମଞ୍ଜି ଭଳି ଆକୃତିର ଓଭରି ସ୍ତ୍ରୀ ଗର୍ଭକୋଷରେ ଗର୍ଭାଶୟର ଦୁଇ କଡରେ ଦୁଇଗୋଟି ରହିଥାଏ । ଓଭରିରେ ତିଆରି ହୋଇଥିବା ରଜକଣା ଗର୍ଭାଶୟ ପାଖରେ ଥିବା ନଳୀ ଭିତରକୁ ଗତିକରି ସେଠାରେ ସ୍ଥିର ରହେ । ସଂଯୋଗ ପରେ ପୁରୁଷର ବୀର୍ଯ୍ୟକଣା ଯୋନି ଗହ୍ୱରରେ ଆଗକୁ ଯାଏ ଏବଂ ବିକଶିତ ଫୁଲଟିଏ ଭଳି ଆକୃତି ହୋଇଥିବା ସ୍ଥାନରେ ପ୍ରବେଶ କରି, ସେଠାରେ ଥିବା ନଳୀ ଦ୍ୱାରା ଗର୍ଭକୋଷକୁ ଯାଇ, ଗର୍ଭାଶୟ ପ୍ରଥମଭାଗରେ ଥିବା ନଳୀରେ ରଜକଣା ସହିତ ମିଶିଯାଏ । ରଜକଣା ସହିତ ମିଶିଥିବା ବୀର୍ଯ୍ୟକଣା ପୁନର୍ବାର

ଗର୍ଭାଶୟକୁ ଆସି, ସେଠାରେ ଥିବା ଅଠାଳିଆ ପଦାର୍ଥରେ ନିର୍ମିତ ପରଦା ଭିତରେ ରହି ଶିଶୁଟିଏ ହେବାକୁ ଲାଗେ ।

ସ୍ତ୍ରୀର ରଜକଣା ସହିତ ବୀର୍ଯ୍ୟକଣା ମିଶିବା ବେଳେ ବିର୍ଯ୍ୟକଣାର ମୁଣ୍ଡଭାଗରେ ଥିବା ଗୋଲାକାର କଣିକାଟି ଅନେକ କଣିକାରେ ବିଭାଜିତ ହୋଇ (**mitosis**), ମିଳିତ ଭାବରେ ଶରୀରଟିଏ ହେବାକୁ ଲାଗନ୍ତି । ଏହା ଏକ ରାସାୟନିକ ପ୍ରକ୍ରିୟା । ବୀର୍ଯ୍ୟକଣା ସ୍ତ୍ରୀ ଶରୀର ଜନିତ ପ୍ରୋଟୋପ୍ଲାଜମ୍ ରଜକଣା ସହିତ ମିଶିବାବେଳେ ଏହି ପ୍ରକ୍ରିୟା ଘଟିଥାଏ । ବୀର୍ଯ୍ୟକଣାର ମୁଣ୍ଡରେ ଥିବା ଗୋଲାକାର ଭାଗ ଏବଂ ସ୍ତ୍ରୀ ରଜକଣା ଉଭୟ ରାସାୟନିକ କ୍ରିୟା ପାଇଁ ଅନୁକୁଳିତ ପଦାର୍ଥରେ ତିଆରି ହୋଇଥା'ନ୍ତି । ଏହି ଦୁଇ ପଦାର୍ଥର ମିଳନ ଦ୍ୱାରା ସୃଷ୍ଟି ହୋଇଥିବା ରାସାୟନିକ କ୍ରିୟାରେ ବୀର୍ଯ୍ୟକଣାଟି ଅନେକ କଣିକାରେ ବିଭାଜିତ ହୋଇଥାଏ, ସେହି କଣିକାଗୁଡିକ ଏକଦଳ ହୋଇ ଶିଶୁଶରୀର ହେବାକୁ ଲାଗନ୍ତି । ଗର୍ଭୋତ୍ପତି ହେବାର ତିନିମାସଠାରୁ ଗର୍ଭାଶୟରେ ବିର୍ଯ୍ୟକଣା ଅଭିବୃଦ୍ଧି ହେଉଥିବା ପରଦା ଭିତରେ, ପରଦାକୁ ଲାଗିରହି ଏକ ରକ୍ତମୁଣା ଭଳି ପରଦା ନର୍ମିତ ହୁଏ । ଏଥିରେ ଥିବା ଅତିଛୋଟ ସରୁ(ପତଳା) ନଳୀଗୁଡିକ ସହିତ ମାଆ ଶରୀରରେ ଥିବା ରକ୍ତନଳୀର ଶାଖା ମିଶି ରହିଥାଏ । ଏହି ରକ୍ତନଳୀରୁ ଆରମ୍ଭ ହୋଇଥିବା ନାଡୀଗୁଡିକ ନାଭିସୂତ୍ର ଭାବରେ ରହି ଶିଶୁର ନାଭି ସହିତ ସଂଯୋଜିତ ହୋଇଥାନ୍ତି । ଶିଶୁ ଶରୀରରେ ଘଟୁଥିବା ବିକାଶକାର୍ଯ୍ୟ ପାଇଁ ଦରକାର ହେଉଥିବା ଅମ୍ଳଜାନ, ଆହାର ପଦାର୍ଥ, ଭିଟାମିନ୍ସ ଏହି ନାଭି ଦ୍ୱାରା ପ୍ରବେଶ କରିଥାଏ । ଏଭଳି ଗର୍ଭଧାରଣ ହେବାର ୨୮୦ ଦିନ ପରେ ଶିଶୁଶରୀର ସଂପୂର୍ଣ୍ଣ ହୋଇଥାଏ ।

ଗର୍ଭଧାରଣ ହେବା ପରେ ଓଭରିର ଗୋଟିଏ ଭାଗରେ ଗର୍ଭରକ୍ଷକ ରସ ତିଆରି ହୋଇ ରକ୍ତରେ ମିଶିଥାଏ । ତାହାକୁ **ପ୍ରୋଜେଷ୍ଟିରାନ୍ ହର୍ମୋନ୍**

କୁହାଯାଏ । ଏହି ହର୍ମୋନ୍ ଗର୍ଭକୋଷ ସଲଗ୍ନ ନାଡୀଗୁଡ଼ିକୁ ବଳ ଯୋଗାଇ ଗର୍ଭଶ୍ରାବରୁ ରକ୍ଷା କରିଥାଏ । ପ୍ରୋଜେଷ୍ଟିରାନ୍ ଠିକ୍ ଭାବରେ ତିଆରି ହେବା ପାଇଁ ମାଆ ଠିକ୍ ଭାବରେ ଶରୀରର ଯତ୍ନ ନେବା ଆବଶ୍ୟକ ପଡ଼ିଥାଏ । ଏହା ଠିକ୍ ଭାବରେ ଉତ୍ପତି ନ ହେଲେ ମାଆର ଶରୀର ଅସୁସ୍ଥ ହୋଇ ଶିଶୁ ଭଲରେ ବଢ଼ିପାରେ ନାହିଁ, ଗର୍ଭସ୍ରାବ ମଧ୍ୟ ହୋଇପାରେ । ଏଭଳି ବାରମ୍ବାର ଗର୍ଭସ୍ରାବହେଲେ ମାଆକୁ ପ୍ରୋଜେଷ୍ଟିରାନ୍ ଇଞ୍ଜେକ୍ସନ୍ ନେବାକୁ ପଡ଼ିଥାଏ ।

ମାଆଶରୀରର ବ୍ରହ୍ମନାଡୀଠାରୁ ଆରମ୍ଭ ହୋଇଥିବା କେତେକ ନାଡୀ ଗର୍ଭକୋଷ ସହିତ ସଲଗ୍ନ ହୋଇଥାଏ । ବୀର୍ଯ୍ୟକଣା କେଉଁ ଆକୃତିର ହେବ ତାହା ବ୍ରହ୍ମନାଡୀ ହିଁ ନିର୍ଣ୍ଣୟ କରିଥାଏ । ସେହି ନାଡୀ ହିଁ ଶିଶୁକୁ ଯଥାବିଧ ବଢ଼ାଇଥାଏ । ବ୍ରହ୍ମନାଡୀଠାରୁ ଆରମ୍ଭ ହୋଇଥିବା ନାଡୀଗୁଡ଼ିକ ଶିଶୁର ଶରୀରକୁ ଗର୍ଭାଶୟରେ ଘୂରାଇଥାଏ । ଏହି ନାଡୀଗୁଡ଼ିକର ଚୈତନ୍ୟପ୍ରସାର କମ୍ ହେଲେ ଗର୍ଭାଶୟରେ ଶିଶୁ ଠିକ୍ ଭାବରେ ନ ଘୂରି ଯେଉଁ କ୍ରମରେ ବଢ଼ିବା ଉଚିତ୍ ସେପରି ବଢ଼ିନଥାଏ । ମାଆ ଶରୀର ଅସୁସ୍ଥତାର କାରଣ ନେଇ ଶିଶୁର ଘୂରିବା ବନ୍ଦ ହୋଇଗଲେ, ଶରୀରଟି ଠିକ୍ ନବଢ଼ି ଅଣ୍ଟାଠାରୁ ତଳକୁ କମ୍ ବଢ଼ିଥାଏ କିମ୍ବା ଅଣ୍ଟା ପର୍ଯ୍ୟନ୍ତ ଠିକ୍ ଭାବରେ ବଢ଼ି ଉପରକୁ ଠିକ୍ ଭାବରେ ବଢ଼ିନଥାଏ । କେତେକଙ୍କର ଅଣ୍ଟା, ଅଣଓସାର ହେବା, ହାତଗୋଡ ଛୋଟ ହେବା କିମ୍ବା ବଡହେବା ଏମିତି ଅନେକ ପ୍ରକାରର ବିକୃତି ଦେଖାଦିଏ । ତା'ର କାରଣ ଏହି ବ୍ରହ୍ମନାଡୀର ଚୈତନ୍ୟପ୍ରସାର କିମ୍ବା ମାଆର ସୁସ୍ଥତା, ଅସୁସ୍ଥତା ଉପରେ ନିର୍ଭର କରିଥାଏ । ଯଦି ବ୍ରହ୍ମନାଡୀର ଚୈତନ୍ୟପ୍ରସାର ନଥାଏ ତେବେ ଗର୍ଭରେ ଶିଶୁ ବଢ଼ିନଥାଏ, ଘୂରିନଥାଏ କି ସଠିକ୍ ଆକାରର ହୋଇନଥାଏ ।

ଆଜିର ଶରୀରଶାସ୍ତ୍ରଜ୍ଞମାନେ ପୁରୁଷର ବୀର୍ଯ୍ୟକଣା ଏବଂ ସ୍ତ୍ରୀ ରଜକଣାକୁ ବିଜ୍ଞାନଗାରରେ ମିଶାଇ ସେଥିପାଇଁ ଆବଶ୍ୟକ ବାତାବରଣ,

ପୋଷକପଦାର୍ଥ, ରକ୍ତ ଇତ୍ୟାଦି ପ୍ରବେଶ କରାଇବା ପରେ ବୀର୍ଯ୍ୟକଣା ରଜକଣା ସହିତ ମିଶାଇ, ରାସାୟନିକକ୍ରିୟା ଦ୍ୱାରା ବିଭାଜିତ କରାଇ, ଧିରେ ଧିରେ ବଢାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ଏକ ଶିଶୁ ଶରୀର ନହୋଇ ମାଂସ ପିଣ୍ଡୁଳାଟିଏ ହୋଇ ରହିଯିବା ଦେଖିଛନ୍ତି, ତାହା ଶରୀର ଭଳି ବଢି ନଥାଏ, ଯାହା ବଢିଥାଏ ତା'ର କୌଣସି ଆକାର ନିର୍ମାଣ ହୋଇନଥାଏ । ଏହି ଗବେଷଣାରୁ ଜଣାଯାଏ ଯେ, କେବଳ ମାଆର ଶରୀରରେ ଶିଶୁର ଆକୃତି ତିଆରି ହୋଇପାରେ । ଯେଉଁଠାରେ ବ୍ରହ୍ମନାଡୀର ସ୍ପର୍ଶ ନାହିଁ ସେଠାରେ ଶରୀର ନିର୍ମାଣ ହୋଇପାରି ନଥାଏ । ଏହା ଜାଣି ନଥିବା ଶାସ୍ତ୍ରଜ୍ଞମାନେ ଅନେକ ଗବେଷଣା କରି ମଧ୍ୟ ଶେଷରେ ବିଫଳ ହୋଇ ଆମଠାରୁ ବଡ କେହି ଜଣେ ଈଶ୍ୱର ଅଛନ୍ତି ବୋଲି ଅଙ୍ଗୀକାର କରିଛନ୍ତି । ଯଦି ସେମାନେ ଏହି ଗବେଷଣାରେ ସଫଳ ହୋଇଥା'ନ୍ତେ ବୋଧହୁଏ ଆଜିର ବିଜ୍ଞାନବିଶ୍ୱାସୀମାନେ ଆମଠାରୁ ବଳି ଆଉ କେହି ଈଶ୍ୱର ନାହାନ୍ତି ବୋଲି କହିଥା'ନ୍ତେ ।

ଏତେ ଜାଣିବା ଶୁଣିବା ପରେ ମଧ୍ୟ ଆହୁରି କେତେକଙ୍କଠାରେ ସନ୍ଦେହ ରହି ହିରଣ୍ୟକଶ୍ୟପଙ୍କ ପୁତ୍ର ପ୍ରହଲାଦ ମାଆଗର୍ଭରେ ଥାଇ ନାରଦ ମହର୍ଷିଙ୍କଠାରୁ ନାରାୟଣମନ୍ତ୍ର କିପରି ଶୁଣିଥିଲେ ? ଯଦି ମାଆଗର୍ଭର ଶିଶୁଠାରେ ଜୀବନ ନାହିଁ ତେବେ ଏହା ସମ୍ଭବ ହେଲା କିପରି ? ବୋଲି ପଚାରିଛନ୍ତି, ସେମାନଙ୍କୁ ଏବେ ଆମେ ପଚାରୁଛୁ , ଯଦି ସେତେବେଳେ ଏହା ସମ୍ଭବ ହୋଇଥିଲା ଆଜି କାହିଁକି ଆମେ ଗର୍ଭସ୍ଥ ଶିଶୁ ସହିତ କଥା ହୋଇପାରୁ ନାହେଁ ? ଏହାର ଜବାବ ସେମାନେ ଦେଇପାରିବେ ନାହିଁ । କାରଣ ! ଏହା ମିଥ୍ୟା ଏବଂ ପୁରାଣର କଳ୍ପନା । ବ୍ରହ୍ମବିଦ୍ୟା କେବଳ ଯୋଗୀକୁ ଜଣାଥାଏ । ଭାଷାରେ ପାଣ୍ଡିତ୍ୟ ଅର୍ଜନ କରିଥିବା କବି, ଗାଳ୍ପିକମାନେ ବ୍ରହ୍ମବିଦ୍ୟା ବାବଦରେ କିଛି ବି କହି ପାରିବେ ନାହିଁ । ତେଣୁ ସୂକ୍ଷ୍ମଦୃଷ୍ଟି ନଥିବା ପାଣ୍ଡିତ୍ୟ ଏ ବାବଦରେ ସଂପୂର୍ଣ୍ଣ ଅସତ୍ୟ ତଥ୍ୟ ଦେଇଥାଏ ।

**ଏହି ପ୍ରହଲାଦ ପ୍ରସଙ୍ଗ ପୁରାଣର, ପୁରାଣ କଳ୍ପିତ । ଏଠାରେ ବିଷ୍ଣୁଭକ୍ତ କବି, ଲେଖକମାନେ ନିଜ ନିଜର କଳ୍ପନା ଦ୍ୱାରା ଏହାକୁ ପୁରାଣାନ୍ତର୍ଗତ କରିଛନ୍ତି ।** ଏଇଭଳି କେତେକ ବିଷୟ ପଢି, ଏତେବଡ ଲୋକ ଲେଖିଥିବା ବିଷୟ ସତ ନ ହୋଇ କ'ଣ ମିଛ ! ବୋଲି କିଛିଲୋକ ଭାବନା କରିଥା'ନ୍ତି । ସେମାନଙ୍କୁ ଅନୁସରଣ କରି ଅନ୍ୟମାନେ ମଧ୍ୟ ତାହା ସତ୍ୟ ଭାବିଛନ୍ତି, କେତେକ ପ୍ରଚାର ମଧ୍ୟ କରିଛନ୍ତି, ଯାହା ଦ୍ୱାରା ପ୍ରକୃତ ଶାସ୍ତ୍ରର ବିଷୟ ଲୁଚି ଯାଇଛି । ଭଗବାନ ଶ୍ରୀକୃଷ୍ଣ ଯିଏ ସାରା ସୃଷ୍ଟିର ମୂଳାଧାର ତାଙ୍କ ମୁଖନିଶୃତ ଉପଦେଶର ବ୍ୟତିରେକ ଆଚରଣ କରିଥିବା କବି, ଲେଖକମାନଙ୍କଠାରୁ ହିଁ ଅଧର୍ମ ବ୍ୟାପିବା ଆରମ୍ଭ ହୋଇଛି ।

ଏହା ଏତେ ସହଜରେ ଆପଣମାନଙ୍କୁ ବୁଝାଯାଇ ନପାରେ, କାରଣ ! ଏହା ସତ୍ୟ । ସତ୍ୟକୁ ଗ୍ରହଣ କରିବା ଏତେ ସହଜ ନୁହେଁ, ସେଥିଲାଗି କହନ୍ତି ଯେ 'ସଚ୍ କଡବା ହୋତି ହେ' । ଆମେ କୌଣସି ବିଷୟରେ ବିଚାର କରିବା ପୂର୍ବରୁ ଭାଷାପଣ୍ଡିତମାନଙ୍କର ନାମ ପଛରେ ଲାଗିଥିବା ବଡପଣିଆ ନିକଟରେ ସଙ୍କୁଚିତ ହୋଇଯାଉଛେ । ହଠାତ୍ ଭାବିବସୁଛେ କି ଏତେବଡ କବି, ଲେଖକ, ଏତେବଡ ପଣ୍ଡିତ, ଅବତାରି ପୁରୁଷ କହିଛନ୍ତି ତାହା ସତ ନ ହୋଇ କ'ଣ ମିଛ ହେବ ! ଏବଂ ଶେଷରେ ସେମାନଙ୍କ କଥାକୁ ହିଁ ବିଶ୍ୱାସ କରିବସୁଛେ । ସେମାନଙ୍କ ମନଗଢା ଭାବକୁ (ଅଧର୍ମକୁ) ଧର୍ମ ଭାବି ମାନି ନେଉଛେ । ପୁରାଣ-କଳ୍ପନା, ଶାସ୍ତ୍ର-ସତ୍ୟ ବୋଲି ଯଦି ଆମେ ଜାଣି ସବୁ ବିଷୟରେ ଉଚିତ୍ ବିଚାର କରୁଥା'ନ୍ତେ, ତେବେ ଆଜି ଆମର ଏହି ହିନ୍ଦୁମତ (ଇନ୍ଦୁ ଧର୍ମ) ମୋକ୍ଷ ଦିଗରେ ଅନ୍ୟ ମତାବଲମ୍ବୀମାନଙ୍କଠାରୁ ମାତ୍ର ଦୁଇ ପ୍ରତିଶତରେ ନଥା'ନ୍ତା ! ଆମେ ଆମର ଧର୍ମ (ମତ) ହିନ୍ଦୁମତ (ହିନ୍ଦୁଧର୍ମ) ବୋଲି କହି ତୁଚ୍ଛା ବାହାସ୍ଫୋଟ ମାରିଲେ କିଛି ଲାଭ ନାହିଁ, ଖାଇସାରି ଶୋଇବା ପୂର୍ବରୁ ଟିକିଏ ଚିନ୍ତା କରନ୍ତୁ କି ଆମର ସ୍ଥିତି କେଉଁଠି, ଆଜି ଆମେ ଧର୍ମ ନା ଅଧର୍ମ ଆଚରଣ

କରୁଛେ ତାହା ନିଶ୍ଚୟ ଜାଣି ପାରିବେ । ଆମେ ଏଥିରେ କେବଳ ଶାସ୍ତ୍ରବଦ୍ଧ ସତ୍ୟକୁ ଲେଖୁଛୁ । **ଅସତ୍ୟକୁ ହଜାରେ ଜଣ  ସତ୍ୟ ବୋଲି କହିଲେ ମଧ୍ୟ ତାହା ସତ୍ୟ ନୁହେଁ, ସତ୍ୟକୁ ହଜାରେ ଜଣ  ଅସତ୍ୟ ବୋଲି କହିଲେ ମଧ୍ୟ ତାହା ଅସତ୍ୟ ନୁହେଁ ।**

ଆମେ ଜଣାଉଛୁ ଆଧ୍ୟାତ୍ମିକ, ଯାହା କେବଳ ଜୀବ ଏବଂ ଆତ୍ମାର ବୟାନ । ଆତ୍ମା ବାବଦରେ ଜଣାଇଥାଏ ଆଧ୍ୟାତ୍ମିକ । ତେଣୁ ଆଧ୍ୟାତ୍ମିକ କହିଲେ ଆତ୍ମାର ଅଧ୍ୟୟନ, ଏହା ଜୀବଥିବା ପ୍ରତ୍ୟେକ ଜୀବରାଶିଙ୍କ ପାଇଁ ସମାନ । ଜନ୍ମ କହିଲେ କେବଳ ମାନବର ନୁହେଁ ପ୍ରତ୍ୟେକ ଜୀବରାଶି ଜନ୍ମ ହୋଇଥା'ନ୍ତି । ତେଣୁ କୀଟପତଙ୍ଗ, ତରୁଲତା ସମସ୍ତଙ୍କ ପାଇଁ ଏହି ବାଣୀ ଉପଯୋଗୀ । ଏଠାରେ କେତେକଙ୍କଠାରେ ଏକ ସନ୍ଦେହ ଆସି ପାରେ ଯେ, କୁକୁଡା ଛୁଆ କିପରି ଅଣ୍ଡା ଭିତରୁ ସଜୀବ ଭାବରେ ବାହାରକୁ ଆସେ ? ଆପଣଙ୍କ ବୋଧସୂତ୍ର କୁକୁଡାଛୁଆ ପାଇଁ କିପରି ଲାଗୁ ହେବ ? ତା'ଛଡା ଆପଣଙ୍କ କହିବା ଅନୁସାରେ ପ୍ରଥମ ଶ୍ୱାସରେ ହିଁ ଜୀବାତ୍ମାର ଜନ୍ମ କ'ଣ ଏହା ସମସ୍ତଙ୍କ ପାଇଁ ସମାନ ନୁହେଁ ? ଏହା ଏକ ଉନ୍ନତ ପ୍ରଶ୍ନ ହୋଇଥିବା ବେଳେ ଆମେ କୁକୁଡା ଛୁଆର ଜନ୍ମ ବାବଦରେ ଜାଣିବା ନିହାତି ଦରକାର ।

ଅଣ୍ଡଜ ଏବଂ ପିଣ୍ଡଜମାନଙ୍କ ଜନ୍ମରେ ଟିକିଏ ପ୍ରଭେଦ ଥାଏ । ଏହି ସ୍ୱଳ୍ପ ପ୍ରଭେଦକୁ ବାଦ୍ ଦେଲେ ଜନ୍ମ ସିଦ୍ଧାନ୍ତ ସମସ୍ତଙ୍କ ପାଇଁ ଅଭିନ୍ନ । ଖାଲି ଅଣ୍ଡଜ, ପିଣ୍ଡଜ କାହିଁକି ତରୁଲତାଦିର ଶରୀରରେ ମଧ୍ୟ ପ୍ରଥମଶ୍ୱାସରେ ଜୀବ ପ୍ରବେଶ ହୋଇଥାଏ । କୁକୁଡା ଜନ୍ମର ବିବରଣୀରେ, କୁକୁଡାର ମିଳନବୟସ ଆସିବା ସହିତ ତା'ର ଶରୀରରେ କେତେକ ପଦାର୍ଥ ତିଆରି ହୋଇ ଦିନକୁଦିନ ବଢି ଶେଷରେ ତା'ଭିତରେ ଅଣ୍ଡାକୃତି ଧାରଣ କରେ । ଅଣ୍ଡା ପାଇଁ ଦରକାରି ପଦାର୍ଥ ତିଆରି ହେବା ସମୟରେ ମାଈ (ସ୍ତ୍ରୀ)କୁକୁଡା


ସହିତ ଗଞ୍ଜା (ପୁ)ର ସଂପର୍କ ସ୍ଥାପନ (ମିଳନ) ହୁଏ । ଏହି ସଂପର୍କ ଦ୍ୱାରା ଗଞ୍ଜାର ବୀର୍ଯ୍ୟପଦାର୍ଥ ମାଈ କୁକୁଡାର ଶରୀରରେ ତିଆରି ହୋଇଥିବା ଛୋଟ ଖୋଳପା ବିହୀନ ଅଣ୍ଡାକୃତି ପଦାର୍ଥରେ ମିଳିତ ହୋଇଥାଏ । ଏହା ପରେ ଅଣ୍ଡା ସଂପୂର୍ଣ୍ଣ ହେବାକୁ ଲାଗେ ଏବଂ ଠିକ୍ ସମୟରେ ବାହାରକୁ ଆସେ । ବାହାରକୁ ଆସିଥିବା ସେହି ଅଣ୍ଡାକୁ ସାଧାରଣ ପରିଶୀଳନ କଲେ ସେଥିରେ ଆମେ କେଶର ଏବଂ ତା'କୁ ଘେରି ରହିଥିବା ଶ୍ୱେତପଦାର୍ଥକୁ ଦେଖିପାରିବା । ଏଥିରେ ପ୍ରାଣ ନଥାଏ । ତେଣୁ ଅଣ୍ଡାରେ ପ୍ରାଣ ନାହିଁ ବୋଲି କେତେକ କହିଥା'ନ୍ତି । ପିଣ୍ଡଜ ଶିଶୁ ବାହାରକୁ ଆସିବା ବେଳେ ସେଥିରେ ପ୍ରାଣପ୍ରବେଶ ହେବାଭଳି କୁକୁଡାଠାରୁ ଅଣ୍ଡା ବାହାରକୁ ଆସିବା ବେଳେ ସେଥିରେ ପ୍ରାଣପ୍ରବେଶ ହୋଇ ନଥାଏ । ଏହା ହିଁ ଆମେ କହିଥିବା ଅଣ୍ଡଜ, ପିଣ୍ଡଜର ସ୍ୱଳ୍ପ ଭିନ୍ନତା । ଅଣ୍ଡାରେ ଥିବା ପଦାର୍ଥ ନିର୍ଜୀବ । ତାହା ଉଚିତ ବାତାବରଣରେ ବଦଳେ । ୪୦°ସେଣ୍ଟିଗ୍ରେଡ୍ ଉଷ୍ମତାରେ ଅଣ୍ଡାର ଆଭ୍ୟନ୍ତରୀଣ ଅବସ୍ଥାନ୍ତର ଆସିଥାଏ । ଅନ୍ୟ ପକ୍ଷୀଜାତିର ଅଣ୍ଡାଗୁଡିକ ମଧ୍ୟ ବିଭିନ୍ନ ଉଷ୍ମତା ନେଇ ବଦଳିଥାଏ । ଉଚିତ ଉଷ୍ମତାରେ ଅଣ୍ଡାର ଭିତର ପଦାର୍ଥରେ ରାସାୟନିକକ୍ରିୟା ଘଟିବା ପାଇଁ ଅଣ୍ଡାର ନିର୍ମାଣ ଆଗରୁ ହୋଇଥାଏ । କୁକୁଡାଛୁଆଟିଏ ତିଆରି ହେବାପାଇଁ ଆବଶ୍ୟକୀୟ ପୋଷକ ପଦାର୍ଥ, ଭିଟାମିନ୍ସ ତଥା ଅନ୍ୟାନ୍ୟ ପଦାର୍ଥରେ ତିଆରି ହୋଇଥାଏ । ଆମେ ପୂଜା ପାର୍ବଣେରେ ଫୁଟାଉଥିବା ବୋମା (ବାଣ)ରେ ଯେପରି ରାସାୟନିକ ପଦାର୍ଥ ଭରି ଦିଆଯାଇଥାଏ ସେହିଭଳି କୁକୁଡା ଅଣ୍ଡାରେ ରାସାୟନିକପଦାର୍ଥ ରହିଥାଏ । ବୋମାକୁ ଯେପରି ଆମେ ବାହାରେ କୌଣସି ଉପଦ୍ରବ ଦ୍ୱାରା ଫୁଟାଉଛେ ସେହିପରି ଅଣ୍ଡାରେ ମଧ୍ୟ ବାହାରର ଉଷ୍ମତା (କୁକୁଡା ଦ୍ୱାରା) ଲାଗି ଭିତରେ ରାସାୟନିକ ଚର୍ଯ୍ୟା ଘଟି ଉଚିତ ସମୟରେ କୁକୁଡାଛୁଆ ହୋଇ ବାହାରକୁ ଆସେ ।

ମାଆକୁକୁଡା ଅଣ୍ଡାଗୁଡିକ ଉପରେ ବସି ନିଜ ଶରୀରରୁ ଉତ୍ପନ୍ନ ହେଉଥିବା ଉଷ୍ମତା ଦ୍ୱାରା ଅଣ୍ଡାଭିତରେ ରାସାୟନିକକ୍ରିୟା ଘଟାଇଥାଏ । ଅଣ୍ଡାଭିତରେ ଥିବା କେଶର ଭିତରେ ଏକ ଗୋଲାକାର ପଦାର୍ଥ ଥାଏ । ତାହା ଉଷ୍ମତା ପ୍ରାପ୍ତ ହେଲେ ବଦଳିବାକୁ ଲାଗିଥାଏ । କେଶରର ଏହି ଗୋଲାକାର ପଦାର୍ଥଟି ପୁରୁଷ କୁକୁଡାର ବୀର୍ଯ୍ୟ । ଏହା ଶ୍ୱେତ ପଦାର୍ଥ ଏବଂ କେଶରକୁ ବିନିଯୋଗ କରି ବଦଳିଥାଏ । ଅଣ୍ଡା ଭିତରର ଶ୍ୱେତ ପଦାର୍ଥ ହେଉଛି ସ୍ତ୍ରୀ କଣିକା । ଉଚିତ ଉଷ୍ମତାରେ ଅଣ୍ଡା ଭିତରେ ଥିବା ପୁରୁଷକଣିକା ସ୍ତ୍ରୀକଣିକା ସହିତ ମିଳିତ ହୋଇ, ପୁରୁଷକଣିକା ବୃଦ୍ଧି ଘଟି, କିଛିଦିନ ପରେ ସମ୍ପୂର୍ଣ୍ଣ ରୂପ ନେଇ ବାହାରକୁ ଆସିଥାଏ । ଏଥିପାଇଁ ୨୧ ଦିନ ସମୟ ଲାଗିଥାଏ । ଏଭଳି ସବୁ ଜାତିର ଅଣ୍ଡାରୁ ଛୁଆ ହେବା ପାଇଁ ସମାନ ସମୟ ଲାଗି ନଥାଏ । ଭିନ୍ନଭିନ୍ନ ଜାତିର ଅଣ୍ଡାପାଇଁ ଭିନ୍ନଭିନ୍ନ ସମୟ ଲାଗିଥାଏ । ୪୦° ସେଣ୍ଟିଗ୍ରେଡ୍ ଉଷ୍ମତାଠାରୁ କିଛି ଅଧିକ ହେଲେ ଅଣ୍ଡା ନଷ୍ଟ ହୋଇଯିବା ସମ୍ଭାବନା ରହିଥାଏ । ସେଥିଲାଗି ଖରାଦିନେ ଖୁବ୍‌କମ୍ କୁକୁଡା ଛୁଆ କରିଥା'ନ୍ତି । କୁକୁଡାଅଣ୍ଡା ଉପରେ ମା' କୁକୁଡାକୁ ନ ବସାଇ ବାହାରର ଉଷ୍ମତାକୁ ଯଥା ପରିମାଣରେ ଦେଇ କୌଣସି ସ୍ଥାନରେ ମଧ୍ୟ ଅଣ୍ଡାରୁ ଛୁଆ କରାଇ ପାରିବା । ଆଜି ଏହି କାର୍ଯ୍ୟକୁ ଯନ୍ତ୍ର କରି ପାରୁଛି । ଏହି ବ୍ୟବସ୍ଥାକୁ ବିଜ୍ଞାନ ଭାଷାରେ Encubators କୁହାଯାଏ । କେତେକଙ୍କ ଘରେ ଖାଇବାପାଇଁ ରଖାଯାଇଥିବା ଅଣ୍ଡାରୁ ବାହାର ଉଷ୍ମତାରେ ଛୁଆ ଫୁଟିଥିବା ଦେଖାଯାଏ । କେତେକ ସ୍ଥାନରେ ପୁରୁଷକୁକୁଡା (ଗଞ୍ଜା) ସହିତ କୁକୁଡା (ପେଣ୍ଠି)ର ମିଳନ ନହୋଇ ମଧ୍ୟ କୁକୁଡା ଅଣ୍ଡା ଦେଇଥିବା ଦେଖାଯାଏ, କିନ୍ତୁ ଏଭଳି ଅଣ୍ଡାରୁ ଛୁଆ ହୋଇ ନଥାଏ । ପ୍ରତ୍ୟେକ ଅଣ୍ଡା ଭିତରେ ପୁରୁଷକଣିକା ରହିବା ପାଇଁ ପ୍ରତ୍ୟେକ ଦିନ ମାଈକୁକୁଡା ପୁରୁଷକୁକୁଡା ସହିତ ମିଳିତ ହେବା ଆବଶ୍ୟକ । ଏହା ନୁହେଁ ଯେ ଗୋଟିଏ ଥର ମିଳନ ହୋଇଗଲେ ମାଈକୁକୁଡାର ପ୍ରତ୍ୟେକ ଅଣ୍ଡାରେ ପୁରୁଷକଣିକା

ରହିବ । ସେଥିଲାଗି ମାଇକୁକୁଡା ଏକ ପ୍ରକାର ଆକର୍ଷଣୀୟ ଶବ୍ଦ କରି ବାରମ୍ବାର ମିଶିବା ନିମନ୍ତେ ପୁରୁଷକୁକୁଡାକୁ ନିଜ ଦିଗରେ ଆକର୍ଷିତ କରିଥାଏ । ଏହି ବିଧି ପ୍ରକୃତିଜ ।

ଗର୍ଭକୋଷରେ ମାନବଶିଶୁର ପ୍ରାଣ ନଥିବା ଭଳି ଅଣ୍ଡା ଭିତରେ ଥିବା କୁକୁଡାଛୁଆର ମଧ୍ୟ ପ୍ରାଣ ନଥାଏ । ଏଠାରେ ମୁଖ୍ୟତଃ ଧ୍ୟାନଦେବା ବିଷୟ ହେଉଛି ! ମାନବଶିଶୁ ଗର୍ଭ ବାହାରେ ପ୍ରାଣ ଗ୍ରହଣ କରୁଥିବା ବେଳେ,କୁକୁଡାଛୁଆଠାରେ ଅଣ୍ଡା ଭିତରେ ପ୍ରାଣ ପ୍ରବେଶ ହୋଇଥାଏ । ଖାଲି ଯେ ପିଣ୍ଡଜମାନଙ୍କର ପ୍ରଥମଶ୍ୱାସରେ ପ୍ରାଣ ପ୍ରବେଶ ହୋଇଥାଏ ତା ନୁହେଁ, ଏହି ସୂତ୍ର ଅନୁସାରେ ଅଣ୍ଡଜମାନଙ୍କ ଶରୀରରେ ମଧ୍ୟ ପ୍ରଥମ ଶ୍ୱାସରେ ପ୍ରାଣପ୍ରବେଶ ଘଟିଥାଏ, ହେଲେ ନିର୍ଜୀବ କୁକୁଡାଛୁଆ ଖୋଳପାକୁ ଫଟାଇ ବାହାରକୁ ଆସି ନଥାଏ, କାରଣ ତା'ଠାରେ ପ୍ରାଣ ନଥାଏ । ତେଣୁ ଛୁଆ ଅଣ୍ଡାର ଖୋଳପାକୁ ଫଟାଇ ବାହାରକୁ ଆସିବା ପାଇଁ, ତା' ଠାରେ ପ୍ରାଣ ଆସିବା ବ୍ୟବସ୍ଥା ଅଣ୍ଡାର ଭିତରେ ପରମାତ୍ମା ପ୍ରକୃତି ଦ୍ୱାରା ଖଞ୍ଜି ଦେଇଛନ୍ତି । ଯେତେବେଳେ ଜୀବାତ୍ମା ନିବାସଯୋଗ୍ୟ ଶରୀରଟିଏ ନିର୍ମାଣ ଘଟିଥାଏ, ସେତେବେଳେ ଅନ୍ୟଏକ ଶରୀରରୁ ଜୀବାତ୍ମା ଆସି ଏକ ନୂତନ ଶରୀରରେ ପ୍ରବେଶ କରିଥାଏ, ଏହି ସିଦ୍ଧାନ୍ତ ଆମେ ଆଗରୁ ଜାଣି ସାରିଛେ, ତେଣୁ ଏହି ସିଦ୍ଧାନ୍ତ ଅନୁସାରେ ଅଣ୍ଡା ଭିତରେ ତିଆରି ହୋଇଥିବା ଛୁଆ ଶରୀରକୁ ପ୍ରଥମ ଶ୍ୱାସରେ ହିଁ ଜୀବାତ୍ମା ପ୍ରବେଶ କରିଥାଏ । ଏଠାରେ ଆଉଗୋଟିଏ ପ୍ରଶ୍ନ ମଧ୍ୟ ଆସିଥାଏ । ଆମେ ଜାଣିଛେ ଯେ, ପ୍ରାଣ ହିଁ ପବନ, ପବନ ହିଁ ପ୍ରାଣ । ଏବେ ବାହାର ପବନ ଭିତରକୁ ନଯାଇ ଛୁଆଠାରେ କିପରି ଶ୍ୱାସ (ପବନ) ପ୍ରବେଶ କରିବ ? ତା'ର ସମାଧାନ ହେଉଛି ! କୁକୁଡା ଶରୀରରେ ଅଣ୍ଡାଟିଏ ତିଆରି ହେବାବେଳେ ଛୁଆର ଦରକାରୀ ପୋଷକପଦାର୍ଥ ଗର୍ଭମୁଣାର ଏକ ପତଳାପରଦା ଭିତରେ ଖଞ୍ଜିହୋଇ ରହିଥାଏ, ସେହି

ପରଦାର ବାହାର ଭାଗ ଏବଂ ଅଣ୍ଡାଖୋଳପାର ଅନ୍ତର୍ଭାଗରେ ଏକ ଖାଲିସ୍ଥାନ ରହିଥାଏ । ସେହି ଖାଲିସ୍ଥାନ ଅଣ୍ଡା ଭିତରେ କେଉଁଠି ରହିଛି ଚିତ୍ରରେ ଦେଖନ୍ତୁ ।




1) ଖାଲି ସ୍ଥାନ, 2) ପତଳା ପରଦା, 3) ଖୋଳପା, 4) ଶ୍ୱେତ ପଦାର୍ଥ, 5) ପୁରୁଷ କଣିକା, 6) କେଶର

ଅଣ୍ଡା ଭିତରେ ସଂପୂର୍ଣ୍ଣ ତିଆରି ହୋଇଥିବା ଛୁଆ ଭିତରେ ଜୀବାତ୍ମା ପ୍ରବେଶ କରିଥାଏ । ଛୁଆ ସଂପୂର୍ଣ୍ଣ ହେବାର ଅନ୍ତିମ ସମୟରେ ଅଣ୍ଡା ଭିତରର ପତଳା ପରଦାଟି ଫାଟିଯାଏ ଏବଂ ଏତିକିବେଳେ ଖୋଳପା ଭିତରେ ଥିବା ପବନକୁ ଛୁଆ ତା'ର ପ୍ରଥମ ଶ୍ୱାସ ଭାବରେ ଗ୍ରହଣ କରେ । ଅଣ୍ଡାରେ ପବନ ରହିଥିବାରୁ ଜୀବ ଛୁଆ ଶରୀରେ ପ୍ରଥମ ଶ୍ୱାସରେ ପ୍ରବେଶ କରିଥାଏ ବୋଲି ଜାଣିଲେ । ଛୁଆ ଶରୀରକୁ ପ୍ରବେଶ କରିଥିବା ଜୀବ ଅଣ୍ଡା ଭିତରେ ଥିବା ପବନକୁ ଶ୍ୱାସ ଭାବେ ଗ୍ରହଣ କରିଥାଏ, ଏହିଭଳି

କିଛି ସମୟ ଶ୍ୱାସ ନେବାପରେ ସେ ପବନରୁ ଅକ୍ସିଜେନ୍ ବା ପ୍ରାଣବାୟୁ ସମାପ୍ତ ହୋଇଯାଏ । ସେତେବେଳେ ଛୁଆର ଶ୍ୱାସକ୍ରିୟା ହେଉଥିଲେ ମଧ୍ୟ ସେଥିରୁ ସେ ଅକ୍ସିଜେନ୍ ନପାଇ, ଅଣନିଶ୍ୱାସୀ ହୋଇ ବିକଳରେ କୁଆଡେ ବାହାରି ଯିବାକୁ ଚେଷ୍ଟାକରେ, ସେହି ଚେଷ୍ଟାରେ ସେ ଦିଗ ଜଣାନଥିବା ଅଣ୍ଡା ଖୋଳାକୁ ଥଣ୍ଟରେ ଖୁମ୍ପିବା ଆରମ୍ଭ କରେ, ସେତେବେଳେ ଅଣ୍ଡା ଖୋଳାଟି ଛୋଟ ଛିଦ୍ର ହୋଇ ଶେଷରେ ଫାଟିଯାଏ, ସେତେବେଳେ ବାହାର ପବନରୁ ଅକ୍ସିଜେନ୍ ନେଇ କୁକୁଡାଛୁଆ ଜୀବନ ବଞ୍ଚିବାକୁ ଲାଗେ । ଏହିପରି ସମସ୍ତ ଅଣ୍ଡଜମାନଙ୍କର ଜନ୍ମ ହୋଇଥାଏ ବୋଲି ଜାଣିଲେ । ସ୍ତ୍ରୀମାନଙ୍କର ଗର୍ଭ ନଷ୍ଟ ହୋଇଯିବା ଭଳି ଅଣ୍ଡା ମଧ୍ୟ ବ୍ୟର୍ଥ ହୋଇଯାଇ ପାରେ । ଅଣ୍ଡା ତିଆରି ହେବାରେ ଦ୍ରବ ପଦାର୍ଥର ଊଣାଅଧିକ ପରିମାଣରେ ହେଉ କିମ୍ବା ଅଣ୍ଡା ବାହାରକୁ ଆସିବା ପରେ ଉଷ୍ମତାର ଊଣା ଅଧିକ ପରିମାଣ ନେଇ ଅଣ୍ଡା (ନଷ୍ଟ)କାଞ୍ଜିଆ ହୋଇଯାଇଥାଏ । ଏପର୍ଯ୍ୟନ୍ତ ଅଣ୍ଡଜର ବାବଦରେ ଜାଣିଲେ । ଏବେ ଭୂମିରୁ ଜନ୍ମ ହେଉଥିବା ଜୀବ (ଉଭିଜ) ମାନଙ୍କର ଜନ୍ମ କିପରି ହୋଇଥାଏ ଜାଣିବା ।

ଭୂମିରୁ ଜନ୍ମ ସମ୍ଭବ ହେଉଥିବା ବୃକ୍ଷଲତାଦିଙ୍କୁ ଭୂମିଜ ବା ଉଭିଜ କୁହାଯାଏ । କୁକୁଡାଛୁଆ ଅଣ୍ଡା ଭିତରୁ ଜନ୍ମ ହେବା ଭଳି, ମଞ୍ଜିରୁ ଭୂମିଜମାନେ ଜନ୍ମ ହୋଇଥା'ନ୍ତି । ମାଆ କୁକୁଡାର ଅଣ୍ଡାରେ ପ୍ରାଣ ନଥିବା ଭଳି, ଗଛରୁ ତିଆରି ହୋଇଥିବା ମଞ୍ଜିରେ ମଧ୍ୟ ପ୍ରାଣ ନଥାଏ । ମଞ୍ଜିର ପ୍ରାଣ ନାହିଁ କହିଲେ କେତେକ ବିଚିତ୍ର କାନରେ ଶୁଣୁଥିବେ । କାହିଁକିନା ! ଆମ କଥାସବୁ ବିଚିତ୍ର ଲାଗେ, କିନ୍ତୁ ଆମେ କହୁଥିବା କଥା ବିଚିତ୍ର ନୁହେଁ ନଗ୍ନସତ୍ୟ । ଆମକଥା ମିଛ ଭାବି କେତେକ ବହି ପଢିବା ବନ୍ଦ କରିଦେଇ ପାରନ୍ତି ! ଆମ କଥା କେହି ବିଶ୍ୱାସ କରନ୍ତୁ ବା ନ କରନ୍ତୁ ମଞ୍ଜିରେ ମଧ୍ୟ ପ୍ରାଣ ନାହିଁ କହିବା ସର୍ବଦା ସତ୍ୟ ହୋଇ ରହିଛି ।

କୁକୁଡା ଶରୀରରେ ଅଣ୍ଡା ତିଆରି ହେବା ଭଳି, ବୃକ୍ଷଲତାଦିରେ ମଞ୍ଜି ତିଆରି ହୋଇଥାଏ । ପ୍ରତ୍ୟେକ ଜାତିର ମଞ୍ଜିରେ ଦୁଇଟି ବିଭାଗ ରହିଥାଏ । ମଞ୍ଜି ଗଜା ହେବାପାଇଁ କେତେକ ଦରକାରି ପଦାର୍ଥ ଫଳରେ ତିଆରିହୋଇ ମଞ୍ଜିରେ ପ୍ରବେଶ କରିଥାଏ । ମଞ୍ଜି ଗଜା ହେବାପାଇଁ ଦୁଇଟି ପରଦା ଭିତରେ ଖାଦ୍ୟପଦାର୍ଥ, ରାସାୟନିକ ପଦାର୍ଥ ଥାଏ । ଯେମିତି ଅଣ୍ଡାରେ ଖୋଳପା ଥାଏ ସେମିତି ମଞ୍ଜିରେ ମଧ୍ୟ ଖୋଳପା ଥାଏ । ଏହି ଖୋଳପାର ଦୁଇ ଅନ୍ତ (ଶେଷାଗ୍ର) ଗୋଟିଏ ସ୍ଥାନରେ ମିଳିତ ହୋଇଥାଏ ବୋଲି ଆମକୁ ବାହ୍ୟତଃ ଦେଖାଯାଏ । ଖୋଳପା ବା ଉପର ପରଦାର ଗୋଟିଏ ସ୍ଥାନ ଧଳାରଙ୍ଗର ଅଂଶଟି ଗଣ୍ଠିପଡିବା ଭଳି ରହି ମଞ୍ଜିର ଭିତରବେଢାକୁ ଢାଙ୍କି ରଖିଥାଏ । ଏହାକୁ ମଞ୍ଜିର ମୁହଁ ବା ମୁନ ବୋଲି ଆମେ କହୁଛେ । ଏହା ହିଁ ମଞ୍ଜିର ମୁଖ୍ୟ ଅଂଶ । ଏହି ମୁନରେ ପୁରୁଷକଣିକା ରହିଥାଏ । ଭିତରେ ଥିବା ସମସ୍ତ ଅଂଶକୁ ସ୍ତ୍ରୀଅଂଶ କୁହାଯାଏ । ଏହି ପୁରୁଷ ଅଂଶ ବା ମୁନ, ସ୍ତ୍ରୀଅଂଶ ବା ଭିତର ଭାଗକୁ ମଞ୍ଜିର ସଂପୂର୍ଣ୍ଣ ବାହାରେ ଆଉଏକ ପତଳାପରଦା ରହିଥାଏ ଯାହାକୁ ବୀଜରକ୍ଷକ ବା ମଞ୍ଜିର ଚେ଼ପା (ଖୋଳପା) କୁହାଯାଏ । ଏହି ଚେ଼ପା ନଥିଲେ ମଞ୍ଜିଟି ବ୍ୟର୍ଥ ହୋଇଥାଏ । ତେଣୁ ଚେ଼ପା ନଥିବା ମଞ୍ଜି ଗଜା ହୋଇ ନଥାଏ । ମଞ୍ଜିର ମୁନଠାରେ ବାହାରୁ ଏକ କ୍ଷୁଦ୍ରରନ୍ଧ୍ର ହୋଇ ରହିବା ପରେ ମଞ୍ଜିଟି ସଂପୂର୍ଣ୍ଣ ହୋଇଥାଏ । ଏବେ ଆମେ ଜାଣିଲେ ଯେ ମଞ୍ଜିରେ ଛିଦ୍ରଟିଏ ନହେବା ଯାଏ ତାହା ସଂପୂର୍ଣ୍ଣ ବା ପାକଳ ହୋଇ ନଥାଏ । ମଞ୍ଜି ସଠିକ୍ ପାକଳ ହୋଇନଥିଲେ ଗଜା ହୁଏ ନାହିଁ । ସଂପୂର୍ଣ୍ଣ ତିଆରି ହୋଇଥିବା ମଞ୍ଜି ପାଣି ବାଜିବା ପରେ ବଦଳିଥାଏ । ମାଟିରେ ବୁଣାଯାଇଥିବା ମଞ୍ଜି ପାଣି ବାଜିବା ପରେ ଗଜା ହେବାକୁ ଲାଗେ । ମଞ୍ଜିର ଚେ଼ପା ଉପରେ ଥିବା ଛିଦ୍ର ଦ୍ୱାରା ମଞ୍ଜିର ଭିତର ବେଢାରେ ଥିବା ମୁନ ସ୍ଥାନକୁ ଯେତେବେଳେ ପାଣି ସ୍ପର୍ଶକରେ ସେତେବେଳେ ମଞ୍ଜିଟି ଗଜାହେବାକୁ ଲାଗେ । ଏହି ସମୟରେ

ଭିତର ପରଦାଟି କୋମଳ ହୁଏ ତେଣୁ ମଞ୍ଜିଟି ଏହି ଦୁଇଟି ପରଦାକୁ ଆଧାର କରି ଗଜା ହୋଇଥାଏ । ଠିକ୍ ଏତିକିବେଳେ ଗଣ୍ଠି ପଡିଥିବା ଭଳି ସ୍ଥାନଟି ଫାଟିଯାଏ ଏବଂ ମୁନରୁ ଗୋଟିଏ ଭାଗ ଭୂମିଦିଗରେ ଗତିକରେ, ଆଉଏକ ଭାଗ ଭୂମିର ବିପରିତ ଦିଗକୁ ଅର୍ଥାତ୍ ଉପରକୁ ଗତିକରେ । ଅଣ୍ଡା ଭିତରେ ଥିବା ଛୁଆର ପ୍ରାଣ ନଥିଲେ ମଧ୍ୟ ଯେମିତି ବଢିଥାଏ ସେମିତି ମଞ୍ଜି ଭିତରେ ପ୍ରାଣ ନଥିଲେ ମଧ୍ୟ ମଞ୍ଜିର ମୁନ ବା ପୁରୁଷକଣିକା ବଢିଥାଏ, ଏହା ହିଁ ମଞ୍ଜି ଭିତରର ରାସାୟନିକ ଚର୍ଯ୍ୟା ବୋଲି ଜାଣିବା ଉଚିତ୍ । ବଢିବା ସମୟରେ ମଞ୍ଜିର ପଦାର୍ଥଗୁଡିକ ଗଜା ହେବାପାଇଁ ବିନିଯୋଗ ହୋଇଥାଏ ଏବଂ ଗଜାହୋଇ ଗଛଟିଏ ହୁଏ । ଭୂମି ଉପରକୁ ଉଠୁଥିବା ଅଂଶରେ କୋମଳ (କଅଁଳିଆ) ପତ୍ର ହୁଏ, ଭୂମି ଦିଗରେ ଗତି କରିଥିବା ଅଂଶରେ କୋମଳ କୋମଳ ଚେର ହୁଏ । ଏଇଭଳି ନୂଆ ଜନ୍ମ ହୋଇଥିବା କୋମଳ ଗଛରେ ମଧ୍ୟ ପ୍ରାଣ ପ୍ରବେଶ କରି ନଥାଏ । ସେ ପର୍ଯ୍ୟନ୍ତ ମଞ୍ଜି ଭିତରେ ପୋଷକ ପଦାର୍ଥରେ ଘଟିଥିବା ରାସାୟନିକ କ୍ରିୟା ବୋଲି ଜାଣିବା ଉଚିତ୍ ।

ନୂଆ ଗଛର କୋମଳ ପତ୍ର ହେବା ପର୍ଯ୍ୟନ୍ତ ତା'ଠାରେ ପ୍ରାଣ ନଥାଏ । ପ୍ରଥମ ଶ୍ୱାସରେ ହିଁ ପ୍ରାଣର ପ୍ରବେଶ, ଏହି ସିଦ୍ଧାନ୍ତ ଅନୁସାରେ କୋମଳ ଗଛରେ ପ୍ରଥମ ଶ୍ୱାସ ନ ଆସିବା ଯାଏ ପ୍ରାଣପ୍ରବେଶ ଘଟିନଥାଏ । ଯେତେବେଳେ ପତ୍ର ହୋଇ, ପତ୍ରରେ ଛିଦ୍ର ସୃଷ୍ଟିହୁଏ ସେତେବେଳେ ତା'ଠାରେ ଜୀବାତ୍ମା ପ୍ରବେଶ କରିବା ପାଇଁ ସୁଯୋଗ ପାଏ । ପ୍ରଥମେ ଗଛର କାଣ୍ଡ, ପତ୍ର ହେବା ପରେ, ପତ୍ରର ତଳେ ଛିଦ୍ର ହୁଏ, ଏହି ଛିଦ୍ରରେ ଗଛ ଶ୍ୱାସ ଗ୍ରହଣ କରେ ବୋଲି ଆମେ ବିଜ୍ଞାନରୁ ଜାଣିଛେ । ପତ୍ର ରନ୍ଧ୍ରରେ ଯେତେବେଳେ ଶ୍ୱାସ ପ୍ରବେଶକରେ ସେତିକିବେଳେ ଗଛରେ ଜୀବଟିଏ ପ୍ରବେଶ କରେ ବୋଲି ହିସାବ ହୋଇଥାଏ । ଅଣ୍ଡଜ, ପିଣ୍ଡଜମାନଙ୍କର ପ୍ରାଣପ୍ରବେଶ ହେବା ପରେ ସେମାନଙ୍କଠାରେ ପ୍ରାଣ ପ୍ରବେଶ କରିଥିବା

ଭଳି ଜାଣିହେବ, କିନ୍ତୁ ବୃକ୍ଷଲତାଦିରେ ଶ୍ୱାସ କ୍ରିୟା ଏବଂ ପ୍ରାଣପ୍ରବେଶ କିପରି ହୁଏ ତାହା କାହାକୁ ଜଣାପଡି ନଥାଏ । ମଞ୍ଜିରୁ ଗଛଟିଏ ହେବା ପରେ ପତ୍ର ଦ୍ୱାରା ବାୟୁରୁ ଶ୍ୱାସ ପ୍ରଶ୍ୱାସକୁ, ଚେର ଦ୍ୱାରା ଭୂମିରୁ ଜଳ ଓ ଖଣିଜ ଲବଣାଦିକୁ ଗ୍ରହଣ କରିଥାଏ । ଗଛ ନିଜର ପତ୍ରର ଉପରି ଭାଗରେ ସୂର୍ଯ୍ୟରଶ୍ମି ଦ୍ୱାରା ଗ୍ଲୁକୋଜ୍ ତିଆରି କରି, ତାହାକୁ ଖାଦ୍ୟ ଭାବରେ ଗ୍ରହଣ କରି ଜୀବନ ବଞ୍ଚିଥାଏ ।

ସ୍ତ୍ରୀମାନଙ୍କର ଗର୍ଭସ୍ରାବ ହେବାଭଳି, ଅଣ୍ଡାଟିଏ ନଷ୍ଟ (କାଞ୍ଜିଆ) ହୋଇଯିବା ଭଳି, ମଞ୍ଜିଟିଏ ମଧ୍ୟ ନଷ୍ଟ ହୋଇଯାଇ ପାରେ । ଅଧିକ ଉଷ୍ଣତାରେ, ମଞ୍ଜି ଭିତରେ ଆଦ୍ରତା ଅଭାବରେ, ଜଳର ଅଭାବରେ ମଞ୍ଜିର ପଦାର୍ଥ ନଷ୍ଟହୋଇ ଗଜା ହୋଇପାରି ନଥାଏ । ମଞ୍ଜିରେ ପଦାର୍ଥଗୁଡିକର ଅନୁକୁଳତା ନଥିବା ଦ୍ୱାରା ମଞ୍ଜିର ପୁରୁଷଭାଗ ଗଜା ହୋଇପାରେ ନାହିଁ ।

ଏହିଭଳି ଭୂପୃଷ୍ଠରେ ସମସ୍ତ ବୀଜ(ମଞ୍ଜି)ର ଜନ୍ମ ଉପରେ କୁହାଯିବା ଭଳି ଗୋଟିଏ ସିଦ୍ଧାନ୍ତ ଅନୁସାରେ, **ପ୍ରଥମ ଶ୍ୱାସରେ ହିଁ ଘଟିଥାଏ** । ସମୁଦ୍ର ଭିତରେ ଥିବା ଜୀବରାଶି ମଧ୍ୟ ପ୍ରଥମଶ୍ୱାସ ଜଳରୁ ଗ୍ରହଣ କରିଥା'ନ୍ତି । ସମସ୍ତ ଜୀବରାଶିଙ୍କଠାରେ କିଭଳି ଜୀବ (ଜୀବାତ୍ମା) ପ୍ରବେଶ କରିଥାଏ ଜାଣିଲେ । ତାଛଡା ସବୁବେଳେ ଜୀବାତ୍ମା ସହିତ ଆତ୍ମା ରହିଥାଏ, ତେଣୁ ଆତ୍ମା ରହିଥିବାରୁ ଆତ୍ମା ମଧ୍ୟ ଜୀବାତ୍ମା ସହିତ ଏକ ସଙ୍ଗରେ ଏକ ନୂତନ ଶରୀରରେ ପ୍ରବେଶ କରିଥାଏ ବୋଲି ଜାଣିବା ଉଚିତ୍ । ନୂଆଶରୀର କଅଣ, ଆତ୍ମା ସେଥିରେ କେତେବେଳେ ପ୍ରବେଶ କରୁଛି ଜାଣିଲେ ।

**ସୂଚନା:-** "ବାସାଂସି ଜୀର୍ଣ୍ଣାନି" ନାମକ ଭଗବଦ୍ଗୀତା ଶ୍ଲୋକର ଯେଉଁ ଭାବ ଆମେ କହିଛୁ ତାହା ନୂଆ । ତେଣୁ ଏହାକୁ ଭଲରେ ବିଚାର କରି ଗ୍ରହଣ କରିବେ ବୋଲି ଆଶା କରୁଛୁ । ତଥାପି ଏଥିରେ ଅନେକ ସନ୍ଦେହ ସୃଷ୍ଟି ହୋଇ ସତରେ କଣ ଏହା ସତ୍ୟ ? ନାମକ ପ୍ରଶ୍ନ ଆସିଥାଏ । ଏହି

ସନ୍ଦେହଗୁଡିକ ଦୂର ହେବାପାଇଁ କେତେକ ସତ୍ୟ ଘଟଣାକୁ ଜଣାଉଛୁ । ପ୍ରାୟ ପଚିଶ ବର୍ଷ ତଳେ ଇନାଡୁ ଖବର କାଗଜରେ **ଟୁକିଗା** ନାମକ ଏକ ଶୀର୍ଷିକାର ତଳେ **ଗଡ୍ଡୁଗାୟି** ନାମକ ଘଟଣାଟିଏ ପ୍ରଚ୍ଚର କରାଯାଇଥିଲା । ତାହା ହେଉଛି ! ଇଂଲଣ୍ଡର ଏକ ବଡ ନାମି ହସ୍ପିଟାଲ୍‌ରେ ଜଣେ ସ୍ତ୍ରୀ ପ୍ରସବ କଲାବେଳେ, ଜନ୍ମିତ କନ୍ୟାଶିଶୁ ଏକ ଘଣ୍ଟା ପର୍ଯ୍ୟନ୍ତ କୌଣସି ହଲ୍‌ଚଲ୍ ନ ହେବାରୁ, ସେଠିକାର ଡକ୍ଟରମାନେ ପରୀକ୍ଷାନିରୀକ୍ଷା କରି ସେହି ଶିଶୁଟି ଗର୍ଭରେ ମୃତ୍ୟୁବରଣ କରିଛି ବୋଲି କହିଥିଲେ । ସେତେବେଳେ ଶିଶୁର ଆଈ ସେହି ହସ୍ପିଟାଲ୍‌ରେ ପହଞ୍ଚି, ମୋ'ନାତୁଣୀ କିପରି ମରିଗଲା ବୋଲି ପ୍ରଶ୍ନ କରିବାରୁ ସେଠିକାର କର୍ମଚ୍ଚରୀମାନେ କହିଲେ ଯେ, ଆପଣଙ୍କ ନାତୁଣୀ ଗର୍ଭରେ ହିଁ ମରିଯାଇଥିଲା, ଆମେ ତା'କୁ ବାହାର କରି ଶବାଗାରକୁ ପଠାଇ ଦେଇଛୁ । ଏକଥା ଶୁଣିବା ପରେ ମଧ୍ୟ ସେହି ବୃଦ୍ଧା ମୋ'ନାତୁଣୀ ମରିଗଲେ କ'ଣ ହେଲା ମୁଁ ଟି'କେ ମୋ'ନାତୁଣୀର ମୁହଁ ଦେଖିବି କହି ଶବାଗାରକୁ ଯିବାବେଳେ, ଶବାଗାରର ଗୋଟିଏ କଣରେ କପଡାରେ ଗୁଡାଯାଇ ପଡିଥିବା ଶିଶୁକନ୍ୟାଟି ସ୍ୱଳ୍ପକଣ୍ଠରେ କାନ୍ଦୁଥିବା ଦେଖିଲେ । ତୁରନ୍ତ ଚିତ୍କାର କରି କହିଲେ ଯେ ଦୌଡିଆସ ଦେଖିବ ମୋ'ନାତୁଣୀ ବଞ୍ଚିଛି । ଏହା ପରେ ଏହି ସତ୍ୟକୁ ସେଠାରେ ସମସ୍ତେ ଦେଖିଥିଲେ, ଚର୍ଚ୍ଚାରେ ଡକ୍ଟରମାନଙ୍କ ମୁହଁ ମଧ୍ୟ ତଳକୁ ହୋଇଯାଇଥିଲା । ତାପରେ ସେହି ଡାକ୍ତରମାନଙ୍କ ସଂରକ୍ଷଣରେ ଏକମାସ ପର୍ଯ୍ୟନ୍ତ ସେହି ଶିଶୁକୁ ରଖି ତାପରେ ଡିଶ୍ଚାର୍ଯ୍ କରିଥିଲେ ।

ଏପରି ଏକ ଘଟଣା ତିରୁପତି ଗୋସ୍ ହସ୍ପିଟାଲ୍‌ରେ ମଧ୍ୟ ଘଟିଥିଲା ସେଠାରେ ଥିବା ମହିଳାଡକ୍ଟର ଶେଷରେ ନିଜକୁ ଧିକ୍କାର କରି, ମୁଁ କିପରି ଏତେବଡ ଭୂଲ୍ କଲି ବୋଲି କହିଥିଲେ, ମୋର ପରୀକ୍ଷାରେ ଭୂଲ୍‌ଥିଲା ବୋଲି ସ୍ୱୀକାର ମଧ୍ୟ କରିଥିଲେ । ଏମିତି ଦିନେ ସେହି ମହିଳାଡକ୍ଟର ଏହି **ଜନନ ମରଣ ସିଦ୍ଧାନ୍ତ** ପଢିବା ସୁଯୋଗ ପାଇ ଆଶ୍ଚର୍ଯ୍ୟ ହୋଇ

ମୋ'ପରୀକ୍ଷାରେ କେଉଁଠି ଭୂଲ୍ ରହିଲା ବୋଲି ଆମକୁ ପଚାରିଥିଲେ । ତାଙ୍କ ସହିତ କଥା ହେଉଥିବା ବେଳେ ମୁଁ ତାଙ୍କୁ ପଚାରିଲି **"ଶିଶୁଶରୀର ଜନ୍ମ ହେବା ପରେ ଯଦି ହଲ୍‌ଚଲ୍ ନହୁଏ ସେତେବେଳେ ସେ କେଉଁ ସ୍ଥିତିରେ ଥାଏ ବୋଲି ଆପଣ ଭାବୁଛନ୍ତି ?'** ସେ କହିଲେ "ବୋଧହୁଏ ତାହା ମୂର୍ଚ୍ଛା ସ୍ଥିତି । ଏହି ସମୟରେ ଆମେ ଶିଶୁର ଗୋଡକୁ ଧରି ତା'ର ପିଠିକୁ ହାତରେ ଥାପୁଡେଇଥାଉ; ତଥାପି ଯଦି ଶିଶୁର କୌଣସି ସ୍ପନ୍ଦନ ନଆସେ ସେତେବେଳେ ଆମେ ଦୁଇ ପ୍ରକାରର ଇଞ୍ଜେକ୍ସନ୍ ଦେଉ ; ତାପରେ ମଧ୍ୟ ଯଦି ଶିଶୁଠାରେ କୌଣସି ସ୍ପନ୍ଦନ ନ ଆସିଲା ସେତେବେଳେ ଆମେ ଶିଶୁକୁ ଗର୍ଭରୁ ମୃତ ବୋଲି ଘୋଷିତ କରିଥାଉ' । ତାଙ୍କ କଥା ଶୁଣି ମୁଁ କହିଲି "ଆମେ ଜାଣିଛେ ଯେ, ଶ୍ୱାସ ଚାଲୁଥାଇ କାହାର କୌଣସି ସ୍ପନ୍ଦନ ନଥିଲେ ତାହା ମୂର୍ଚ୍ଛା ବା ଅପସ୍ମାରକ ସ୍ଥିତି, କିନ୍ତୁ ଶ୍ୱାସ ନ ଚାଲି ଶରୀର ସ୍ଥିର ରହିଯିବା ବେଳେ ଆମେ ତା'କୁ ମୂର୍ଚ୍ଛାସ୍ଥିତି କିପରି କହିବା ? ପ୍ରଥମେ ଶ୍ୱାସ ଚାଲୁଛି କି ନାହିଁ ପରୀକ୍ଷା କରିବା ଦରକାର କି ନାଇଁ ! ଏଭଳି ଭୂଲ୍ ଯଦି ଡକ୍ଟର ହୋଇ ଆପଣ କରନ୍ତି ସାଧାରଣ ଲୋକଙ୍କୁ କ'ଣ କହିବା ?' ତା'ପରେ ସେ ଡକ୍ଟର ଏହି ଜନନ ବାବଦରେ ଆମଠାରୁ ଭଲରେ ବୁଝି ସବୁକଥାକୁ ଶାସ୍ତ୍ରବଦ୍ଧଭାବରେ ଗ୍ରହଣ କରିଥିଲେ । ଏଇଭଳି ହସ୍ପିଟାଲ୍‌ଗୁଡିକରେ ଡକ୍ଟରମାନେ କିପରି କେତେ ଭୂଲ୍ କରୁଛନ୍ତି ତା'ର କେତୋଟି ଉଦାହରଣ ଲେଖୁଛୁ ଦେଖନ୍ତୁ ।

## ୧) ଡିସେମ୍ବର-୧, ୨୦୦୧, ଇନାଡୁ ଖବର, ହାଇଦ୍ରାବାଦ୍
## ଶିଶୁ ବଞ୍ଚିଥିଲେ ମଧ୍ୟ ମରି ଯାଇଛି କହିଥିବା ଡକ୍ଟର-

ସିତାଫଲ୍‌ମଣ୍ଡି, ନଭେମ୍ବର-୩୦, (ନ୍ୟୁଜ୍‌ଟୁଡେ), ନଅମାସ କଷ୍ଟର ଫଳକୁ ଦେଖିବି ବୋଲି ସେ ମାଆଟି ଭାରି ଖୁସି ଥିଲା, କିନ୍ତୁ ଜନ୍ମଦେବା ପରେ ତା'ର ସ୍ୱପ୍ନଟି ଭାଙ୍ଗିଗଲା । ଶିଶୁ ମରିଯାଇଛି ବୋଲି

ଶୁଣି ତା'ର ମର୍ମାହତ ସ୍ଥିତି ଅତି ଦାରୁଣ ହୋଇଯାଇଥିଲା । ଶବ କହି ଶିଶୁକୁ ଡକ୍ଟରମାନେ ଗୋଟିଏ ବ୍ୟାଗ୍‌ରେ ରଖି ସେମାନଙ୍କୁ ହସ୍ତାନ୍ତର କରିଦେଇଥିଲେ । କଥା ଏତିକିରେ ଶେଷ ହୋଇଯାଇଥା'ନ୍ତା, ହେଲେ ସେହି ଶିଶୁର ବାପା ହସ୍ପିଟାଲ୍‌କୁ ବିଳମ୍ବରେ ଆସିବା ଦ୍ୱାରା କଥାଟି ଏକ ନୂଆ ମୋଡ ନେଇଥିଲା । ଶିଶୁର ପିତାକୁ ସମସ୍ତେ ଅପେକ୍ଷା କରିଥିବା ସମୟରେ ବ୍ୟାଗ୍‌ରେ ଥିବା ଶିଶୁ କାନ୍ଦି ଉଠିଥିଲା ଏବଂ ଗୋଡ ହାତକୁ ଚଳପ୍ରଚଳ କରିଥିଲା । ଏହା ଆଶ୍ଚର୍ଯ୍ୟ କି ଡକ୍ଟର ମାନଙ୍କର ନିର୍ଲକ୍ଷ୍ୟତା ! ଏହା କେଉଁ ଅଜଣା ପଲ୍ଲୀର ଘଟଣା ନୁହେଁ । ଆନ୍ଧ୍ରପ୍ରଦେଶର ପ୍ରଖ୍ୟାତ ଗାନ୍ଧୀ ହସ୍ପିଟାଲ୍‌ର ଘଟଣା । ଏହାର ବିବରଣୀକୁ ଦେଖିଲେ, ଗୁଡୁରୁ ଗ୍ରାମରେ ବାସ କରୁଥିବା ପ୍ରକାଶ (୨୫), ରେଣୁକା (୨୦) ଙ୍କର ଏକବର୍ଷ ତଳେ ବିବାହ ହୋଇଥିଲା । ରେଣୁକାର ଏହା ପ୍ରଥମ ଗର୍ଭ ହୋଇଥିବାରୁ ସେମାନେ ଟଙ୍କା ପଇସାକୁ ଖାତର ନକରି ବଡ ନାମି ହସ୍ପିଟାଲ୍‌ରେ ଚେକପ୍ କରାଉଥିଲେ । ପ୍ରସବ ସମୟ ପାଖେଇ ଆସିବାରୁ ଗୁରୁବାର ସଂଧ୍ୟାରେ ସେମାନେ ଗୁଡୁରୁରୁ ଆସି ଗାନ୍ଧି ହସ୍ପିଟାଲ୍‌ରେ ଆଡ୍‌ମିଟ୍ ହେଲେ । ସାତଟା ବେଳକୁ ରେଣୁକା ପୁଅଟିଏ ଜନ୍ମଦେଲା,କିନ୍ତୁ ଦୁର୍ଭାଗ୍ୟର ବିଷୟ ସମସ୍ତ ବୈଦ୍ୟବିଦ୍ୟା ଦ୍ୱାରା ଡକ୍ଟରମାନେ, ବଳହୀନତାର କାରଣ ନେଇ ଗର୍ଭରେ ଶିଶୁ ମରିଯାଇଥିଲା ବୋଲି କହିଦେଲେ । ଶୁଣିବା ପରେ ରେଣୁକା ମୂର୍ଚ୍ଛା (ଅଚେତ) ହୋଇଗଲା । ରେଣୁକାର ମାଆ ବୀରମ୍ମାଙ୍କୁ 'ତୁମ ଶବକୁ ନିଅ' କହି ଶିଶୁଟିକୁ ବ୍ୟାଗ୍ ସହିତ ହସ୍ତାନ୍ତର କରି, ତାଙ୍କ ହାତର ଦସ୍ତଖତ ନେଇଗଲେ । ରେଣୁକାଙ୍କ ସ୍ୱାମୀ ସେହି ସମୟରେ ପାଖରେ ନଥାଇ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ । ବୀରମ୍ମା ରେଣୁକାକୁ ସାନ୍ତ୍ୱନା ଦେବା ସହିତ ଶିଶୁଶବକୁ ଧରି ଜୋଇଁଙ୍କ ଆସିବା ବାଟକୁ ଚାହିଁ ବସିଥା'ନ୍ତି । ସମୟ ଏକଘଣ୍ଟା ବିତିବା ପରେ ବୀରମ୍ମା ଧରିଥିବା ବ୍ୟାଗ୍‌ଟି ହଲ୍‌ଚଲ୍ ହେଲା । ଏକଥା ବୀରମ୍ମା ଜାଣିବା ପୂର୍ବରୁ ହସ୍ପିଟାଲ୍‌ରେ ଥିବା ଅନ୍ୟ ମହିଳା କେହି ବୀରମ୍ମାଙ୍କୁ

ଜଣାଇଥିଲେ । ବୀରମ୍ମା ଡେରି ନକରି ବ୍ୟାଗ୍‌ଟି ଖୋଲି ଦେଖନ୍ତି ତ ଶବ ଭାବିଥିବା ପୁଅଶିଶୁଟି ବ୍ୟାଗ୍ ଭିତରେ ହାତଗୋଡ ଛାଟୁଛି । ଏସବୁ ଦେଖି ବୀରମ୍ମା, ରେଣୁକାଙ୍କ ଖୁସି କହିଲେ ନସରେ, କିଛି ସମୟ ପରେ ପୁଅଟି ପୁଣି ହାତ ଗୋଡ ଛାଟିବା ବନ୍ଦ କରିଦେବାରୁ ବୀରମ୍ମା ବିଳମ୍ୱ ନକରି ଦୌଡିଯାଇ ବ୍ୟାକୁଳ କଣ୍ଠରେ ଡକ୍ଟରମାନଙ୍କୁ ଜଣାଇଥିଲେ, ସେମାନେ ବୀରମ୍ମାଙ୍କ କଥା ନଶୁଣି ନାନା କଟୁକଥା କହି ଫେରାଇ ଦେଇଥିଲେ, କିନ୍ତୁ ଆଉ କିଛି ସମୟ ପରେ ଶିଶୁଟି ପୁଣି ଜୋର୍‌ରେ କାନ୍ଦି ଉଠିବା ସହିତ ଗୋଡହାତ ଛାଟିବାକୁ ଲାଗିଲା; ତଥାପି ଏଥର ମଧ୍ୟ ଡକ୍ଟରମାନେ ନା ସେମାନଙ୍କ କଥା ଶୁଣିଥିଲେ ନା ପାଖକୁ ଆସି ଦେଖିଥିଲେ, ହେଲେ ସତକଥା ଜାଣି ସେଠାରେ ଥିବା ଅନ୍ୟମାନେ କୋଳାହଳ ଆରମ୍ଭ କରି ଦେଇଥିଲେ । ଶେଷରେ ଡକ୍ଟରମାନଙ୍କୁ ଆସିବାକୁ ପଡିଲା ଏବଂ ସେମାନେ ଶିଶୁର କଣ୍ଡିସନ୍ ଦେଖି ପ୍ରିମେଚ୍ୟୁର୍ ୟୁନିଟ୍‌କୁ ନେଇଗଲେ । ଏବେ ଶିଶୁଟି ସେଇଠାରେ ଚିକିତ୍ସା ହେଉଛି । ଜୋଇଁ ଆସିବାଯାଏ ଯଦି ଆମେ ଅପେକ୍ଷା କରି ନଥା'ନ୍ତୁ ତେବେ ଅବସ୍ଥା କ'ଣ ଯେ ହୋଇଥା'ନ୍ତା !.. ବୋଲି କହି ବୀରମ୍ମା ଆଖିରୁ ଖୁସିର ଲୁହ ଝରାଇଥିଲେ । ସତରେ ରେଣୁକାର ଅ ବସ୍ଥା କ'ଣ ହୋଇଥା'ନ୍ତା ! ଶିଶୁକୁ ଶବ କହି ପୋତି ଦେଇଥା'ନ୍ତେ, ରେଣୁକା ହୁଏତ ଆତ୍ମଘାତୀ ହୋଇଯାଇଥାନ୍ତା । ସେତେବେଳେ ସେହି ପାପ କାହାର ? ଆଜିର ଡକ୍ଟରମାନେ ବିଚାର କରନ୍ତୁ । (ଏହା ହିଁ ଥିଲା ଖବର କାଗଜର ଖବର)

କେତେକ କ୍ଷେତ୍ରରେ ଡକ୍ଟରମାନେ ନିଜର କିଛି ଭୂଲ୍ ରହିଯାଇଛି ବୋଲି ସ୍ୱୀକାର କରନ୍ତି ସିନା, ସେମାନଙ୍କୁ ଯାହା ଜଣା ନାହିଁ ତାହା ହିଁ ଘଟିଯାଉଛି ବୋଲି ଜାଣନ୍ତି ନାହିଁ । ଶିଶୁକୁ ମୃତଘୋଷିତ କରିଦେଲେ ଯେ ଡକ୍ଟରମାନେ ସମସ୍ତେ ଅନ୍ଧ ବୋଲି କହି ପାରିବା ନାହିଁ । ଡକ୍ଟରମାନେ ଅନ୍ଧ ନୁହନ୍ତି ! ସେମାନଙ୍କୁ ମଧ୍ୟ ଏ ବିଷୟ ଭଲରେ ଜଣା ଅଛି, ହେଲେ କିଛି

ବୁଝିହେଉ ନଥିବା ବିଷୟ ହୋଇଥିବାରୁ, ଭୂଲ୍ ବଶତତଃ ଏପରି କହି ଦେଇଛନ୍ତି । ଡାକ୍ତରମାନେ ପ୍ରଥମେ ଦେଖିବା ବେଳେ ଶିଶୁ ଦେହରେ ପ୍ରାଣ ନାହିଁ ସତକଥା । ତାପରେ ଯେତେବେଳେ ଦେଖିଛନ୍ତି ସେତେବେଳେ ଶିଶୁ ବଞ୍ଚିଛି, ଏହା ମଧ୍ୟ ସତକଥା । କେଉଁଠି ମଧ୍ୟ ଭୂଲ୍ ନାହିଁ ।

## ୨) ଶିଶୁଶରୀରରେ ପ୍ରାଣ ଆସିବା ପୂର୍ବରୁ ପ୍ରାଣ ଆସିଥିଲା ଏବଂ ପରେ ପ୍ରାଣ ଚାଲିଗଲା ବୋଲି କହିଥିବା ଡକ୍ଟର

**ପିତା**- E.Ram Mohan Gaud, **ମାତା**- E. basavi
Hospital - Ganga Hospital
Date-22/07/2004 - Time-6:30 AM.

ଗର୍ଭବତୀ ଥିବା ଶ୍ରୀମତୀ ବାସବୀ ଗଙ୍ଗା ହସ୍ପିଟାଲ୍‌ରେ ଜଣେ ମହିଳା ଡକ୍ଟରଙ୍କ ପାଖରେ ଗର୍ଭଧାରଣ କରିବା ପରଠାରୁ ସବୁବେଳେ ଚେକପ୍ କରାଉଥିଲେ । ଗର୍ଭସ୍ଥ ଶିଶୁର ଶରୀର ସୁସ୍ଥ ଅଛି ବୋଲି ତାଙ୍କର ସ୍ୱାମୀ ରାମମୋହନ୍ ଗୌଡ୍‌ଙ୍କୁ ଡକ୍ଟର ଜଣାଇ ଦେଇଥିଲେ । କିଛିଦିନ ବିତିଯିବା ପରେ ଯଥା ସମୟରେ ବାସବୀଙ୍କର ଗର୍ଭଯନ୍ତ୍ରଣା ଆରମ୍ଭହେଲା । ସବୁ ଠିକ୍‌ଅଛି ଡେଲିଭରି ମଧ୍ୟ ନର୍ମାଲ୍ ହେବ ଜାଣି ରାମମୋହନ୍ ମଧ୍ୟ ଖୁସି ଥିଲେ । ଶିଶୁ ଜନ୍ମ ହେଲା, କିନ୍ତୁ ୧୫ ମିନିଟ୍ ପର୍ଯ୍ୟନ୍ତ ଶିଶୁର ହାତ ଗୋଡ ହଲିଲା ନାହିଁ କି ଶିଶୁ କାନ୍ଦିଲା ନାହିଁ । ଡକ୍ଟର ଶିଶୁକୁ ନେଇ ରାମମୋହନଙ୍କୁ ଦେଖାଇଲେ, କହିଲେ ଶିଶୁର ହାର୍ଟପ୍ରୋବ୍ଲମ୍, ଏହି ସ୍ଥିତିରେ ଛୁଆମାନେ ଏମିତି ରହନ୍ତି, ଶ୍ୱାସ ଧିରେଧିରେ ଚଳେ, ଏଭଳି ସ୍ଥିତିରେ ଶିଶୁର ଭବିଷ୍ୟତ ବିପଦପୂର୍ଣ୍ଣ, ତେଣୁ ଶିଶୁଶରୀର ପ୍ରତି ଆପଣଙ୍କୁ ସତର୍କତା ଅବଲମ୍ବନ କରିବାକୁ ହେବ । ଏକଥା ଡକ୍ଟରଙ୍କଠାରୁ ଶୁଣି ରାମମୋହନ୍ ଭାଙ୍ଗିପଡିଲେ ସତ, ପୁଣି କିଛି ସମୟ ପରେ ରାଗିଯାଇ "ଆମେ ନିୟମିତ ଆପଣଙ୍କ ପାଖରେ ଚେକପ୍ କରାଇ ଆସୁଥିଲୁ, ସବୁ ଠିକ୍‌ଅଛି, ସବୁ ନର୍ମାଲ୍

ହେବ କହି ଏବେ କହୁଛନ୍ତି ଛୁଆର ହାର୍ଟ ପ୍ରୋବ୍ଲେମ୍ !' ତାଙ୍କ କଥା ଶୁଣି ଡକ୍ଟର କହିଲେ "ଆପଣ ରାଗୁଛନ୍ତି କାହିଁକି ? ସବୁ ସମସ୍ୟା ପରୀକ୍ଷା ଦ୍ୱାରା କୁହାଯାଇ ପାରେନା, ଆମେ ଚୁପ୍ ବସି ନାହୁଁ, ଛୁଆକୁ ଆଇ.ସି. ୟୁ.କୁ ପଠାଇଛୁ, ଆମେ ଆମର ଚେଷ୍ଟା ଚଲାଇଛୁ, କିନ୍ତୁ ଛୁଆ ବଞ୍ଚିବା ନ ବଞ୍ଚିବା କଥା ସଠିକ୍ କହି ପାରିବୁ ନାହିଁ' ବୋଲି କହିବା ପରେ ଆଉ କାହା ସହିତ ଫୋନ୍‌ରେ କଥାହୋଇ, ସାଙ୍ଗେସାଙ୍ଗେ ଆମ୍ବୁଲାନ୍ସ ଡକାଇ, ଶିଶୁ ନାକରେ ଭେଣ୍ଟିଲେଟର୍ ଲଗାଇ ଅନ୍ୟଏକ ବଡ ହସ୍ପିଟାଲ୍‌କୁ ପଠାଇ-ଦେଲେ । ୪୫ ମିନିଟ୍ ବିତିଗଲେ ମଧ୍ୟ ରାମମୋହନ୍ ମୋ'ସ୍ତ୍ରୀର ଶରୀର ଠିକ୍ ରହିବା ଉଚିତ୍ ଭାବି, ଏକଥା ବାସବୀଙ୍କୁ ନ ଜଣାଇ, ସେ ଅନ୍ୟ ଏକ ରୁମ୍‌ରେ ଚିକିତ୍ସା ହେଉଛି ବୋଲି କହିଥିଲେ । ଆଉ ଅଧଘଣ୍ଟା ଗଲା ପରେ ତାଙ୍କ ଛୁଆ ମରିଯାଇଛି ବୋଲି ରାମମୋହନ୍‌ଙ୍କୁ ଜଣାଇ ଦିଆଗଲା, ହେଲେ ବାସବୀ ସୁସ୍ଥହେବା ପରେ ଜାଣିଥିଲେ । ଏ ଘଟଣାଟି ଆଜିକୁ ମାତ୍ର ୨୦ଦିନ ତଳେ ଘଟିଥିଲା ।

ଏଠାରେ ପ୍ରକୃତ ଘଟଣା କ'ଣ ଘଟିଥିଲା ଦେଖନ୍ତୁ । ୧୫ ମିନିଟ୍ ପରେ ମଧ୍ୟ ଶିଶୁଠାରେ କୌଣସି ସ୍ପନ୍ଦନ ନପାଇ, ଡକ୍ଟର ଏଠାରେ କିଛି ବୁଝି ନପାରି, ଶ୍ୱାସ ବିଲ୍‌କୁଲ୍ ଚାଲୁନଥିବା ଶିଶୁଠାରେ ଶ୍ୱାସ ଧିରେଧିରେ ଚାଲୁଛି ବୋଲି କହିଥିଲେ । ଏହା ଏଭଳି ସମସ୍ୟାର ଲକ୍ଷ୍ୟଣ ବୋଲି କହିବା ଡକ୍ଟରଙ୍କର ପ୍ରଥମ ଭୂଲ୍ ଥିଲା । ଏକଥା ରାମମୋହନଙ୍କର ବିଶ୍ୱାସ ହେବାଭଳି କହି, ଏପରି ସ୍ଥିତିରେ ଶିଶୁର ଭବିଷ୍ୟତ ବିଷମ, ସତର୍କତା ଅବଲମ୍ବନ କରିବାକୁ ହେବ ବୋଲି କହିବା ଡକ୍ଟରମାନଙ୍କର ଦ୍ୱିତୀୟ ଭୂଲ୍ ଥିଲା । ଶ୍ୱାସ ଚାଲୁନଥିବା ଶିଶୁଠାରେ ଭେଣ୍ଟିଲେଟର୍ ଲଗାଇ, ଅନ୍ୟଏକ ହସ୍ପିଟାଲ୍‌କୁ ପଠାଇ ସେମାନଙ୍କ ଦ୍ୱାରା ଶିଶୁ ମରିଯାଇଛି କୁହାଇବା ତୃତୀୟ ଭୂଲ୍‌ଥିଲା । ବେଳେବେଳେ କେତେକ ଶିଶୁ ବିଳମ୍ବରେ ଜୀବନ ପାଇଥା'ନ୍ତି (ପ୍ରାଣଯୁକ୍ତ ହୋଇଥାନ୍ତି) ବୋଲି ଜାଣି ନପାରିବା ସେମାନଙ୍କର

ସବୁଠାରୁ ବଡଭୂଲ୍ ଥିଲା । ଅଧଘଂଟା ହେଉ, ଘଣ୍ଟାଏ ହେଉ, ଦୁଇଘଂଟା ବା କେଇଘଣ୍ଟା ପରେ ହେଉ ଶିଶୁଠାରେ ପ୍ରାଣ ଆସିପାରେ ବୋଲି ରହିଥିବା ପ୍ରକୃତ ସତ୍ୟକୁ ନଜାଣିବା ଦ୍ୱାରା, ସେଦିନ ଗଙ୍ଗା ହସ୍ପିଟାଲ୍‌ରେ ପ୍ରାଣ ଆସିବା ପୂର୍ବରୁ ଶିଶୁଠାରେ ଶ୍ୱାସ ଚାଲୁଥିଲା କହି, ଶ୍ୱାସ ଚାଲୁନଥିବା ବେଳେ ଶିଶୁ ମରିଯାଇଛି କହି, ସେମାନଙ୍କ ନାଟକଟି ଅତି ସହଜରେ ମଞ୍ଚସ୍ଥ କରିଦେଲେ । କେତେ ଆଶା ରଖିଥିବା ଶିଶୁ ଉପରୁ ମା ବାପାଙ୍କର ଭରସା ତୁଟିଗଲା । ଜୀବନର ପ୍ରଥମ ଅଙ୍କକୁ ଜାଣି ନଥିବା ଡକ୍ଟରମାନେ ଏଇଭଳି ନାନା ପରୀକ୍ଷା ନାମରେ ଶିଶୁହତ୍ୟା କରୁଛନ୍ତି, ଏହା ସତ୍ୟ ।

ହତ୍ୟା ଏକ ଅପରାଧ । ଅପରାଧିଙ୍କୁ ଦଣ୍ଡ ଦେଇ ପାରୁଥିବା ନ୍ୟାୟ-ବ୍ୟବସ୍ଥା ମାତାପିତାଙ୍କୁ ଯନ୍ତ୍ରଣା ଦେଉଥିବା ଏହି ପରୋକ୍ଷ ଶିଶୁହତ୍ୟାକୁ ବନ୍ଦ କରାଇବା ଉଚିତ । କେତେବେଳେ ଶିଶୁଠାରେ ପ୍ରାଣ ପ୍ରବେଶ ହୁଏ ଜାଣିନଥିବା ଡକ୍ଟରମାନଙ୍କୁ ବଦଳିବାକୁ ଆଦେଶ ଜାରି କରି, ଶିଶୁହତ୍ୟାକୁ ରୋକିବା ଉଚିତ ।

## ୩) ଶିଶୁଠାରେ ପ୍ରାଣ ଆସିବା ପୂର୍ବରୁ ଶିଶୁ ମରିଯାଇଛି କହିଥିବା ଡକ୍ଟର

**ପିତା : ମଲ୍ଲେଶ୍**
**ମାତା : ରଞ୍ଜିତା**
**ହସ୍ପିଟାଲ୍ : ବିଜୟା ନର୍ସିଙ୍ଗ୍ ହୋମ୍(କର୍ମନଘାଟ୍)**
**ତାରିଖ : ୨୬/୦୮/୨୦୦୪**
**ଡକ୍ଟର୍‌ମାନେ : ସତ୍ୟନାରାୟଣ ଏବଂ ଜଣେ ଗୈନକାଲଜିଷ୍ଟ୍**

ମଜୁରିଆ ପରିବାରଟିଏ ମଲ୍ଲେଶଙ୍କର । ଡେଲିଭରି ସମୟ ପାଖେଇ ଆସିବାରୁ ତାଙ୍କ ସ୍ତ୍ରୀଙ୍କର ଗର୍ଭଯନ୍ତ୍ରଣା ଆରମ୍ଭ ହେଲା, ସେ ସାଙ୍ଗେ ସାଙ୍ଗେ ପାଖ ହସ୍ପିଟାଲ୍ ଗାୟତ୍ରୀନଗର-ରୋଡ୍ ନଂ-୧ ୯ରେ ଥିବା ବିଜୟା-

ନର୍ସିଂହୋମ୍‌କୁ ନେଇ ଯାଇଥିଲେ । କିଛିସମୟ ପରେ ସେଠାରେ ତାଙ୍କର ଜନ୍ମ ହୋଇଥିବା ଶିଶୁପୁତ୍ରଠାରେ ପ୍ରାଣ ନାହିଁ ବୋଲି ଡକ୍ଟରମାନେ ଜଣାଇ ଦେଇଥିଲେ । ଠିକ୍ ସେହି ସମୟରେ ମଲ୍ଲେଶ୍ ତାଙ୍କ ସ୍ତ୍ରୀଙ୍କୁ ଛାଡି କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ ଏବଂ ହସ୍ପିଟାଲ୍‌ରେ ପହଞ୍ଚିବା ବେଳକୁ ଏ ଘଟଣାଟି ଘଟିବାର ଦେଢଘଣ୍ଟା ବିତିଯାଇଥିଲା । ସବୁଜାଣି ସେ ବହୁତ ମନଦୁଃଖ କଲେ ।

ପ୍ରାଣ ନଥିବା ଶିଶୁକୁ ନେଇ ପୋତିଦେବା ବନ୍ଦୋବସ୍ତ କରିବା ବିଧି ଅନୁସାରେ ନିଜର ପରିଚିତମାନଙ୍କ ସମେତ ହସ୍ପିଟାଲ୍‌ରୁ ଶ୍ମଶାନକୁ ନେବା, ପୋତିବା ପାଇଁ ଗାତ ଖୋଳିବା କାର୍ଯ୍ୟ ଶେଷ କରି, ରକ୍ତ ଶୁଖିନଥିବା ନିଜର ପୁଅକୁ ହାତରେ ଧରି ଖୋଳାଯାଇଥିବା ଗାତ ପାଖକୁ ନେଉନେଉ ଶିଶୁକୁ ଦେଖି ଖୁସିରେ ଖୁବ୍‌ଜୋର ପାଟିକଲେ । ମୋ'ପୁଅ ବଞ୍ଚିଛି ! ହେଇଟି ଦେଖ ମୋ ପୁଅ ରହିଁଛି ! ବୋଲି କହୁଥାଇ ଅତ୍ୟନ୍ତ ଖୁସିରେ ପାଗଳପ୍ରାୟ ହୋଇଗଲେ । ହଠାତ୍ ଏହି ଘଟଣାରେ ସେଠିକାର ସମସ୍ତେ ଆଶ୍ଚର୍ଯ୍ୟ ହୋଇଯିବା ସ୍ୱାଭାବିକ୍ । ଭାଗ୍ୟ  ବଶତଃ ସେତେବେଳକୁ ଶିଶୁର ନାଭି କଟାହୋଇ ନଥିଲା । ଏହି ଘଟଣାରେ ସେଠିକାର ସମସ୍ତେ ଡକ୍ଟରଙ୍କ ଉପରେ ଖୁବ୍ ରାଗିଯାଇଥିଲେ, ଗାଁର ଆଉ କେତେଜଣଙ୍କ ସମେତ ହସ୍ପିଟାଲ୍‌କୁ ଯାଇ ସେଠାରେ କୋଳାହଳ ଆରମ୍ଭ କରି ଦେଇଥିଲେ । ସେ ସମୟରେ ଡକ୍ଟର କ'ଣ କହିବେ ସଠିକ୍ ନିର୍ଣ୍ଣୟ ନେଇ ନପାରି, ଖାଲି ଯେ ଏଥିରେ ମୋର ଭୂଲ୍ ବୋଲି କାହିଁକି କହୁଛନ୍ତି ମୋ ସହିତ ଗୈନକାଲଜିଷ୍ଟ୍ ମଧ୍ୟ ଥିଲେ, ସେ ହିଁ ମୋତେ କହିଥିଲେ ଯେ ଛୁଆର **ଫିଟଲ୍‌ହାର୍ଟ ସମସ୍ୟା ଥିଲା** ସେଥିଲାଗି ଗର୍ଭରେ ହିଁ ମରିଯାଇଛି । ଏବେ ଆପଣମାନେ ମୋ' ଉପରେ ରାଗିବା ବନ୍ଦକରି ଶିଶୁର ନାଭି କାଟି ଓ. ଓାଇ.ସି ହସ୍ପିଟାଲ୍‌କୁ ତୁରନ୍ତ ନେଇଯାଆନ୍ତୁ । ଏହାପରେ ସେମାନେ ତାହାହିଁ କଲେ ଏବଂ ଶେଷରେ ଶିଶୁକୁ ସୁସ୍ଥ ସଜୀବ ପାଇ ଖୁସି ହୋଇଥିଲେ ।

ବାପାର ହାତରେ ପ୍ରାଣ ପାଇଥିବା ଶିଶୁ ଯଦି ଆଉ କିଛି ସମୟ ବିଳମ୍ବରେ ଆଖି ଖୋଲିଥା'ନ୍ତା ତେବେ ତା'ଠାରେ ପ୍ରାଣ ଆସିବା ବେଳକୁ ଗାତରେ ପୋତା ସରିଥା'ନ୍ତା । ଏହି ଘଟଣାଟି ତିନିଦିନ ପରେ E-TV ବୃନ୍ଦଙ୍କୁ ମିଳିଲା । ସାମ୍ବାଦିକ ରହମାନ୍ ବିଜୟା ନର୍ସିଂଗ୍‌ହୋମ୍‌କୁ ଯାଇ ପଚରାଉଚରା କରିବାରେ ସେମାନେ ସେମାନଙ୍କର ଅଜଣା ତ୍ରୁଟିକୁ ନମାନି, ଆମର ସବୁ ପ୍ରକାରର ପରୀକ୍ଷାରେ କୌଣସି ଭୂଲ୍ ହୋଇ ନାହିଁ, ଯାହା ଘଟିଛି ତାହା ଏକ ବିଚିତ୍ର ଘଟଣା ଘଟିଛି ବୋଲି କହିବାରୁ ନ୍ୟୁଜ୍ ଚ୍ୟାନେଲ୍ ତାହାକୁ ଅଗଷ୍ଟ ୨୯ତାରିଖରେ ବିଚିତ୍ର ବିଷୟ ଭାବରେ ପ୍ରସାର କରିଥିଲା ।

## ୪) ବାରଘଣ୍ଟା ପରେ ଶ୍ମଶାନରେ ବଞ୍ଚିଥିବା ଶିଶୁ
## ମାତା-ସୁମତି, ହସ୍ପିଟାଲ୍-ଗାୟତ୍ରୀ କ୍ଲିନିକ୍ (କଲ୍ୱକୁର୍ତ୍ତି)
## ତାରିଖ୧୫/୧୦/୨୦୦୪

Dr.Muwa Ramarao, Himabindu (ଆନ୍ଧ୍ରଭୂମି ନ୍ୟୁଜ୍, କଲ୍ୱକୁର୍ତ୍ତି )

କେତେ ପରିଶୀଳନ (ଗବେଷଣା) କରି ଭୌତିକ ବିଷୟଗୁଡ଼ିକୁ ଜାଣିଛୁ, ଆମକୁ କିଛି ଅଜଣା ନାହିଁ ଭାବୁଥିବା ଶାସ୍ତ୍ରଜ୍ଞମାନଙ୍କୁ ଆହୁରି ଅନେକ ଅଜଣା ବିଷୟ ଜାଣିବାକୁ ବାକି ରହିଛି । ସେଥିରୁ ଗୋଟିଏକୁ ମଧ୍ୟ ସଠିକ୍ ଗବେଷଣା ନ କରି ଆମେ ବଡ ଡାକ୍ତର, ବଡ ବୈଜ୍ଞାନିକ ବୋଲି ମୁହଁରେ ରଙ୍ଗ ବୋଳିହୋଇ ସମାଜ ଦ୍ରୋହରେ ଲାଗିପଡିଛନ୍ତି । ଏପରି ଅନେକ ଦ୍ରୋହ ଘଟଣା ଉଦାହରଣ ହୋଇ ରହିଛି । ଗୋଟିଏ ଛେଳି ଦୁଇଟି ଛୁଆ ଜନ୍ମ ଦେଇଥିବା ବେଳେ ମରିଯାଇଛନ୍ତି କହି କଡକୁ ଫିଙ୍ଗିଦେବାର ୩ଘଣ୍ଟା ପରେ ଯଦି ଉଠି ଚାଲିଯାଆନ୍ତି ତେବେ ଇଏତ ପଶୁର କଥା ବୋଲି ସେଥିପ୍ରତି ବିଶେଷ ଧ୍ୟାନ ଦେଉ ନାହେଁ, ଯଦି ମଣିଷର ଏ ଘଟଣା ଘଟେ ସେତେବେଳେ କେତେ ହଙ୍ଗାମା ହୋଇଯାଏ ଆମେ ଜାଣିଛେ । ତେଣୁ

ଆମ ଗବେଷଣା ମାନବ ସମାଜର କଲ୍ୟାଣ ଦିଗରେ ନହୋଇ ଅନ୍ୟ ଦିଗର ହେବା ଉଚିତ୍ ନୁହେଁ । ମାନବର ଉନ୍ନତି ଦିଗରେ ଉପଯୋଗ ହେଉଥିବା ବିଜ୍ଞାନ ଜୀବନର ପ୍ରଥମାଙ୍କ କୁହାଯାଉଥିବା ଶୈଶବରେ ମାନବକୁ ହତ୍ୟା କରିଦେବା କେଡେ ନିନ୍ଦନୀୟ ବିଷୟ ! ଏଭଳି ଘଟଣାମାନ ଖାଲି ଆନ୍ଧ୍ର ପ୍ରଦେଶରେ ଘଟୁଥିବାର ଶହଶହ ଉଦାହରଣ ରହିଛି ! ଅନ୍ୟ ରାଜ୍ୟମାନଙ୍କର କଥା କ'ଣ ଆଲୋଚନା କରିବା ? ଏବେ ଏ ଘଟଣା ମହବୁବ୍‌ନଗର ଜିଲ୍ଲା, କଲ୍‌ୱକୁର୍ତ୍ତିପ୍ରାଇଭେଟ୍ ଗାୟତ୍ରୀ ନର୍ସିଂହୋମ୍‌ର ବିବରଣୀକୁ ଦେଖିବା ।

ଜଡ୍‌ଚଲ୍ ବ୍ଲକ୍‌ର ନଜୁରୁଲ୍ଲାବାଦ୍ ନାମକ ଗ୍ରାମର ସୁମତି ୨୦୦୪ ଅକ୍ଟୋବର ୫ତାରିଖ, ମଙ୍ଗଳବାର ଦିନ ଗର୍ଭ ଯନ୍ତ୍ରଣାରେ କଲ୍‌ୱକୁର୍ତ୍ତି ପ୍ରାଇଭେଟ୍ ମେଡିକାଲ୍‌ରେ ଆଡ୍ମିଟ୍ ହେଲେ । ସଂଧ୍ୟା ୫ଟା ବେଳକୁ ସୁମତିଙ୍କୁ ସିଜେରିଆନ୍ ଅପରେସନ୍ କରି କନ୍ୟା ଶିଶୁଟିଏ ବାହାରକୁ ଆଣିଥିବା ଡକ୍ଟର, ଶିଶୁକୁ କିଛି ସମୟ ଗଭୀର ପରୀକ୍ଷା କରି ଶିଶୁ ମରିଯାଇଛି ବୋଲି ଧ୍ରୁବୀକରଣ କଲେ । ମରିଯାଇଥିବା ଶିଶୁକଥା ଶୁଣି ସୁମତିଙ୍କ ଆତ୍ମୀୟମାନେ ଦୁଃଖର ସହିତ ଶିଶୁକନ୍ୟାର ଶବକୁ ନେଇ ଘରକୁ ଫେରିଲେ । ସେମାନେ ଘରକୁ ଫେରିବା ବିଳମ୍ବ ହୋଇଯାଇଥିଲା ତେଣୁ ବୁଧବାର ଦିନ ସକାଳ ହେଉହେଉ ପୋତିବା ପାଇଁ ଶ୍ମଶାନକୁ ନେଲେ, ହେଲେ ଗାତରେ ପୋତିବା ବେଳେ ଆଶ୍ଚର୍ଯ୍ୟଜନକ ଭାବେ ଶିଶୁ ଦେହରେ ମାଟି ପଡୁପଡୁ ଶିଶୁ କାନ୍ଦି ଉଠିଲା । ଏ ଘଟଣାରେ ଶିଶୁର ବାପା ଏବଂ ଅନ୍ୟମାନେ ଅତ୍ୟନ୍ତ ଖୁସିରେ ତା'କୁ ଘରକୁ ନେଇଆସିଲେ । ସବୁ ଦୃଷ୍ଟିରୁ ଶିଶୁ ସୁସ୍ଥ ଥିଲା, ହେଲେ ଏତେ ପରୀକ୍ଷା ନିରୀକ୍ଷା କରି ଡକ୍ଟର କିପରି କହିଲେ ଯେ, ଶିଶୁ ମରିଯାଇଥିଲା ? ଏ ଘଟଣାରେ ଖାଲି ସୁମତିଙ୍କ କୁଟୁମ୍ବ କାହିଁକି ସେ ଗାଆଁର ଅନ୍ୟ ଲୋକମାନେ ମଧ୍ୟ ଏତେ କ୍ଷୁବ୍ଧ ହୋଇଯାଇଥିଲେ ଯେ, ସେହି ହସ୍ପିଟାଲ୍‌ରେ ଆକ୍ରମଣାତ୍ମକ ତାଲା ଝୁଲାଇବା ପାଇଁ ଉଦ୍ୟମ କରିଥିଲେ । ସେତେବେଳକୁ ଶିଶୁ ମରିଯାଇଛି ବୋଲି ଧ୍ରୁବୀକରଣ କରିଥିବା

ଡକ୍ଟର କେଉଁଆଡେ ଫେରାର୍ ହୋଇଯାଇଥିଲେ । ଏହା ଏକ ବାସ୍ତବ ଘଟଣା ଏବଂ ଏଥିରେ ଡକ୍ଟରମାନଙ୍କୁ ଜଣା ନଥିବା ବିଷୟ କିଛି ରହିଛି ବୋଲି ସ୍ପଷ୍ଟ ହେଉଛି । ଶିଶୁ ଗର୍ଭରୁ ବାହାରକୁ ଆସିବା ପରେ ତା'ଠାରେ ପ୍ରାଣ ପ୍ରବେଶ କରେ, ଏହା କାହାକୁ ଜଣା ନଥିବା ସତ୍ୟ । ଏହା ନ ଜାଣିବା ଦ୍ୱାରା ଦୁଇଦିନ ପରେ ଶିଶୁ ବଞ୍ଚିବା ବିଷୟ କିଛି ବୁଝି ନପାରି ସେହି ଡକ୍ଟର ଆମର କିଛି ଭୂଲ୍ ରହିଯାଇଛି ବୋଲି ଭାବିଥିଲେ । ଶିଶୁଠାରେ ପ୍ରଥମେ ପ୍ରାଣ ନଥିବା କଥା ସତ୍ୟ କିନ୍ତୁ ଡକ୍ଟରମାନେ ଆମର ଭୂଲ୍ ରହିଯାଇଛି ଭାବିବା ସେମାନଙ୍କର ପାଠ ପଢାକୁ ଅବମାନ । ଏହି ଗୋଟିଏ ବିଷୟରେ ଡକ୍ଟରମାନଙ୍କୁ ଅନେକ ରହସ୍ୟ ଜଣା ନାହିଁ ବୋଲି ଜଣା ପଡୁଥିଲେ ମଧ୍ୟ, ଆମେ ଗତ ୩୫ (ରଚନା ହେବାବେଳ ପର୍ଯ୍ୟନ୍ତ) ବର୍ଷ ହେଲା କହି ଆସୁଥିବା କଥା ଶୁଣି ମଧ୍ୟ, କ'ଣ ଆମେ ଯାହା ଜାଣି ନାହୁଁ ତାହା ତମେ ଜାଣିଛ ? ବୋଲି ପ୍ରଶ୍ନ କରି ପାଗଳଙ୍କ ଭଳି କଥା କହୁଛନ୍ତି । ଏମାନଙ୍କୁ କ'ଣ ବା କହିବା ?

ଡକ୍ଟର ଶିଶୁକୁ ମୃତ ଘୋଷିତ କରିଦେବା ପରେ ଯଦି ବିଳମ୍ବ ନ କରି ଶିଶୁକୁ ପୋତି ଦିଆଯାଇଥା'ନ୍ତା ତେବେ ସେ ମରଣର ପରୋକ୍ଷ କାରକ ଆମେ କାହାକୁ କହିଥା'ନ୍ତେ ! ଏଠାରେ ସ୍ପଷ୍ଟ ହେଉଛି ଯେ ଡକ୍ଟର ହିଁ ପରୋକ୍ଷ ହତ୍ୟାକାରୀ । ମେଡିକାଲ୍ ବୋର୍ଡ ଏହି ବିଷୟରେ ଅଧକ୍ଷତା ଗ୍ରହଣକରି ସବୁ ସମସ୍ୟାର ସମାଧାନ କରିବା ଉଚିତ୍ ।

ନିଜ ଜନ୍ମ ବାବଦରେ ନିଜେ ଜାଣି ନଥିବା ଲୋକ, ନିଜ ଛୁଆ ବାବଦରେ ମଧ୍ୟ ଭୂଲ୍ କରି ବସୁଛି । ଅନେକ ମାଆବାପା ଶିଶୁ ଗର୍ଭରେ ହିଁ ମରିଯାଇଛି ବୋଲି ଅନ୍ଧ ଭାବରେ ବିଶ୍ୱାସ କରୁଛନ୍ତି । ଜନ୍ମ ପରେ ସ୍ପନ୍ଦନ ନଥିବା ଶିଶୁକୁ ମରିଯାଇଛି ବୋଲି ଡକ୍ଟରମାନେ କହିବା ଦ୍ୱାରା ଶିଶୁ ମରିଯାଇଛି ଭାବି ପୋତିଦେଉଥିବା ଲୋକମାନେ ସମାଜରେ ଥିବାବେଳେ,

ଏତେ ପରିଶ୍ରମ ନକରି ନିର୍ଜନ ପ୍ରଦେଶରେ, ଲଟା ଗହଳିରେ, ପଘ୍ର-ନାଳୀରେ ଫିଙ୍ଗି ଦେଉଥିବା ଲୋକମାନେ ମଧ୍ୟ ଅନେକ ଅଛନ୍ତି । ଏଭଳି ଘଟଣା କ'ଣ ଆମେ ଆମ ଘରିକଡରେ ଘଟୁଥିବା ଦେଖୁନାହେଁ? ଆଉ ଗୋଟିଏ ଉଦାହରଣ ଦେଖନ୍ତୁ ।

## ୫) ଅନାଥ ଶିଶୁକୁ ଆପଣାର କରିଥିବା ଦମ୍ପତି

ଧର୍ମବରମ୍, ସେପ୍ଟେମ୍ବର୍ ୧୨,୨୦୦୪ (ଅନ୍‌ଲାଇନ୍ ଆନ୍ଧ୍ରଜ୍ୟୋତି)

ଛୁଆ ମରିଯାଇଛି ବୋଲି କେହି ଜଣେ ମାଆ ଜନ୍ମକରି ଫିଙ୍ଗି ଦେଇଥିବା କୋମଳ ଶିଶୁଟିଏ ପାଇଥିବା ଦମ୍ପତିଙ୍କ ଅଙ୍ଗେଲିଭା କଥା ଏହା । ଅନନ୍ତପୁର ଜିଲ୍ଲାର ଧର୍ମବରମ୍ ସହରର ଗୁଡ୍ସ ସେଡ୍‌କୁ ଯାଇଥିବା ରୋଡ୍‌ର ରେଳଗେଟ୍ ପାଖରେ କାହାକୁ ଜଣା ନଥିବା ସ୍ଥିତିରେ ସଦ୍ୟଜାତ ଶିଶୁଟିକୁ କେହି ଫିଙ୍ଗି ଦେଇଥିଲା । ବିଷୟଟିକୁ ଜାଣି ପୋଲିସ୍ ସେଠାରେ ପହଞ୍ଚି, ଶିଶୁ ବଞ୍ଚିଥିବା ଜାଣି ତା'କୁ ସରକାରୀ ହସ୍ପିଟାଲ୍‌କୁ ପଠାଇ ଦେଇଥିଲେ । କେହି ଜଣେ ଶିଶୁକୁ ଦେଖି, ପୋଲିସିକୁ ଜଣାଇବା ପର୍ଯ୍ୟନ୍ତ ସେଠାରେ ଅନେକ ଲୋକ ରୁଣ୍ଡ ହୋଇଯାଇଥିଲେ । ସମସ୍ତେ କାନ୍ଦୁଥିବା ଶିଶୁକୁ ଦେଖୁଥିଲେ ମଧ୍ୟ କେହି ପାଖକୁଯାଇ ଆହା କରୁନଥିବା ପରିସ୍ଥିତିରେ ସି.ଆଇ. ବିକ୍ଟର୍, ଏସ.ଆଇ.ଶ୍ରୀନିବାସ, ଏ.ଏସ୍.ଆଇ.ଭିମପ୍ପା କଣ୍ଟାବଣ ଭିତରୁ ଛୁଆଟିକୁ ବାହାରକୁ ଆଣିଲେ । ସରକାରୀ ହସ୍ପିଟାଲ୍‌ରେ ଚିକିତ୍ସା କରିବା ପରେ ଜଣାପଡିଲା ଯେ ଶିଶୁର ବୟସ ମାତ୍ର କେଇଘଣ୍ଟା ହୋଇଛି । ସେହି ଶିଶୁକୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିବାପାଇଁ ଅନେକ ଦମ୍ପତି ଆଗେଇ ଆସିଥିଲେ ମଧ୍ୟ, ସମସ୍ତ ବିଷୟ ଜାଣି ଶିଶୁକୁ ପୋଷିବା କ୍ଷମତା ଥାଇ ସନ୍ତାନ ସନ୍ତତି ନଥିବା ଦମ୍ପତିଙ୍କୁ ଦିଆଯାଇଥିଲା । ସେହି ଭାଗ୍ୟଶାଳୀ ଥିଲେ ଗୁନ୍ତକଲର ବି.ଦେବଦାସ୍, ସରୋଜା ।

ଶିଶୁଟି କୌଣସି କୁକାର୍ଯ୍ୟ  ସମ୍ବନ୍ଧ ଦ୍ୱାରା ଜନ୍ମ ହୋଇଥିବା ଶିଶୁ ହୋଇ ନପାରେ । ଏହି ନବୀନ କାଳରେ ଆବର୍ସନର ବ୍ୟବସ୍ଥା, ନାନା ପ୍ରକାରର ବୈଦ୍ୟବିଧାନ ଏହି ପାପକୁ ଘୋଡାଇଦେଇ ପାରିଥା'ନ୍ତା । ତେଣୁ ଏହି ଘଟଣାଟି ନିଶ୍ଚୟ ଛୁଆ ମରିଯାଇଛି ଭାବି କେହି ଫିଙ୍ଗିଦେଇ ପାରିଥା'ନ୍ତି ବୋଲି ଅନୁମାନ କରାଯାଇ ଥିଲା । ଯଦି କେହି ଜଣେ ଶିଶୁର କାନ୍ଦିବା ଶୁଣି ପୋଲିସ୍‌କୁ ଖବର କରି ନଥା'ନ୍ତେ ତେବେ ଖୁବ୍ କମ୍ ସମୟ ଭିତରେ ଶିଶୁଟି କୁକୁରମାନଙ୍କ ଆହାର ହୋଇଯାଇଥା'ନ୍ତା ।

ସମାଜରେ ଏହିଭଳି ଅନେକ ଶିଶୁହତ୍ୟା ପରୋକ୍ଷ ଭାବରେ ଘଟୁଛି ।  ଆମେ ଗତ ୩୫ ବର୍ଷଧରି କହି ଚାଲିଛୁ, ତାହା ଅବହେଳିତ କର୍ଣ୍ଣରେ ଶୁଣିବା ଛଡା କେହି ସତ୍ୟକୁ ଗ୍ରହଣ କରିବାକୁ ରାଜି ନୁହନ୍ତି । ପ୍ରାରମ୍ଭରୁ ଅନ୍ତ  ହୋଇଯାଉଥିବା  ଶିଶୁମାନଙ୍କୁ ରକ୍ଷା କରିବା ପାଇଁ, ପରୋକ୍ଷହତ୍ୟା  ନିବାରଣ  ପାଇଁ ନ୍ୟାୟସ୍ଥାନର ନ୍ୟାୟଧୀଶମାନଙ୍କୁ ଆଗକୁ ଆସିବାକୁ ଅନୁରୋଧ କରୁଛୁ ।

ଜନନ ସିଦ୍ଧାନ୍ତର ଆଉଏକ ଉଦାହରଣ ଆପଣମାନେ ଦେଖି ପାରିବେ ।

## ୬) ମାଆ ମୁଁ ବଞ୍ଚିଛି  !
## ଜୀବିତ ଥିବା ଶିଶୁ ମରିଯାଇଛି କହି କପଡାରେ ଗୁଡାଇଥିବା ଡକ୍ଟର

ସେପ୍ଟେମ୍ବର ୨୧/୨୦୦୫ (ଇନାଡୁ ନ୍ୟୁଜ୍ ଟୁଡେ,ସୁଲ୍‌ତାନ୍ ବଜାର)
କୋଠି,ହାଇଦ୍ରାବାଦ୍

ସାଙ୍ଗେ ସାଙ୍ଗେ ଆଖି ଖୋଲିଥିବା ଶିଶୁ, ମାଆ ଶରୀରର ଛାଇ କ'ଣ ଜାଣି ନାହିଁ, ମାଆ କ୍ଷୀରର ସ୍ୱାଦ ଚାଖି ନାହିଁ, ସୁନ୍ଦର ଦୁନିଆଁ ଦେଖିବାକୁ

ବାକି ଅଛି, ହେଲେ ନିର୍ଦ୍ଦୟ ବୈଦ୍ୟ ତୁ ମରିଯାଇଛୁ ବୋଲି କହିଦେଲେ, କପଡାରେ ଗୁଡାଇ କଣକୁ ଫିଙ୍ଗି ଦେଲେ । ଶିଶୁ ଜନ୍ମ ହୋଇସାରିଛି ଜାଣି ସେ ମାଆର ସବୁ ଦୁଃଖ କଷ୍ଟ ଉଭାନ ହୋଇଯାଇଥିଲା । ପାଖରେ ଥିବା ପରିଚିତମାନେ  ବାହାରକୁ ଯାଇଥିବା ବେଳେ, ମାଆର କିଛି ଅସୁବିଧା ହେବ କି କ'ଣ ମଧ୍ୟ ନ ଭାବି ଶିଶୁକୁ ମୃତମୁଦ୍ରା ଲଗାଇ ମାଆପାଖରେ ଶୁଆଇ ଦେଇଥିଲେ । ଅମାନବିକତାଠାରୁ ବଳି ଯଦି କିଛି ମନ୍ଦଶବ୍ଦ ଥାଏ ତେବେ ତାହା ସୁଲ୍‌ତାନ୍ ବଜାର ପ୍ରସୂତୀ ହସ୍ପିଟାଲ୍‌ର ଡାକ୍ତରମାନଙ୍କ ପାଇଁ ବ୍ୟବହାର କରାଯିବା ଉଚିତ୍ । ଡିଜିମେଟ୍ଲ ସମୀପରେ ସୁରାରଂ ଗ୍ରାମର ସୁରେଶ ଯାଦବ, ସ୍ତ୍ରୀ ରେବତୀ, ଏମାନଙ୍କର ଗୋଟିଏ ଝିଅ । ପୂର୍ବରୁ ରେବତୀଙ୍କର ଦୁଇଥର ଆବର୍ସନ ହୋଇଥିଲା ସେ ପୁନର୍ବାର ଗର୍ଭଧାରଣ କରିବାରୁ ତାଙ୍କ ଆପଣାର ଲୋକମାନେ ସୁଲ୍‌ତାନ୍ ବଜାରର ସରକାରୀ ପ୍ରସୂତୀ ବୈଦ୍ୟଶାଳାରେ କିଛିଦିନ ଚିକିତ୍ସା କରାଇଲେ । ସାତମାସ ଗର୍ଭିଣୀ ରେବତୀଙ୍କର ହାଇ ବି.ପି. ଥିବାରୁ, ପ୍ରସବ ସମୟରେ ଅଧିକ କଷ୍ଟ ସହିତ ଜନ୍ମିତ ଶିଶୁ ଦୁର୍ବଳ ହୋଇ ଜନ୍ମ ହେବା କିମ୍ବା ମରିଯିବା ସବନା ରହିଛି ବୋଲି ହସ୍ପିଟାଲ୍ ସୁପରିଟେଣ୍ଡେଟ୍ କହି ତାଙ୍କ ପରିବାରର ଲୋକମାନଙ୍କୁ ସୂଚାଇଥିଲେ । ରେବତୀ ଏମାସର ୮ ତାରିଖରେ ଆଡ୍‌ମିଟ୍ ହେଲେ । ତାଙ୍କୁ ସୋମବାର ସଂଧ୍ୟାରେ ପ୍ରସବ ଯନ୍ତ୍ରଣା ଆରମ୍ଭ ହେବାପାଇଁ ଇଂଜେକ୍ସ କରାଯାଇଥିଲା । ରାତି ଗୋଟାଏବେଳକୁ ରେବତୀଙ୍କର ଯନ୍ତ୍ରଣା ଆରମ୍ଭ ହେଲା । ଡିୟୁଟିରେ ଥିବା ମେଡିକାଲ୍ ଅଫିସର ସଂଧ୍ୟାଦିକ୍ଷୀତ୍ ଖବର ପାଇବା ପରେ ରାତି ୩:୪୫ରେ ରେବତୀଙ୍କର ନର୍ମାଲ୍ ଡେଲିଭରି ହୋଇ ପୁଅଟିଏ ଜନ୍ମ ହୋଇଥିଲା । ସେ ସମୟରେ ରେବତୀଙ୍କ ମାଆ ପାଖରେ ଥିବାବେଳେ, ସ୍ୱାମୀ ଔଷଧ ପାଇଁ ବାହାରକୁ ଯାଇଥିଲେ । ରେବତୀ ସେତେବେଳ ଯାଏ ଡେଲିଭରି ରୁମ୍‌ରେ ଥିଲେ । ଜଣେ ନର୍ସ ଆସି ରେବତୀଙ୍କ ମାଆକୁ କହିଲେ ମଲାପିଲା ଜନ୍ମହୋଇଛି, ଖଣ୍ଡେ କପଡା ଥିଲେ ଦିଅ । ଆଗରୁ ସୂଚନା

ପାଇଥିବା ରେବତୀଙ୍କ ମାଆ ମନଦୁଃଖରେ କପଡା ଖଣ୍ଡେ ଦେଇଥିଲେ, ସେମାନେ ଶିଶୁକୁ କପଡାରେ ଗୁଡାଇ ଏକ ଜରିମୁଣାରେ ରଖିଦେଲେ । ଟଙ୍କା ଦେଲେ ଆମର ଜଣେ ଚିହ୍ନାଲୋକ ମଲାଛୁଆକୁ ନେଇ ପୋତିଦେବ କହି ପରାମର୍ଶ ମଧ୍ୟ ଦେଇଥିଲେ । ହେଲେ ରେବତୀଙ୍କ ସ୍ୱାସ୍ଥ୍ୟ ଭଲ ନଥିବାରୁ, ତାଙ୍କ ଶାଶୁ ଶଶୁର ହସ୍ପିଟାଲ୍‌କୁ ଆସିବା ପର୍ଯ୍ୟନ୍ତ ଏଇଠି ରଖିଥା'ନ୍ତୁ ବୋଲି ରେବତୀଙ୍କ ମାଆ କହିବାରୁ ଜରିମୁଣାଟିକୁ ଆଉଟିକିଏ ଦୂରରେ ରଖିଦେଇ ଚାଲିଗଲେ । ୩:୩୦ବେଳକୁ ରେବତୀଙ୍କ ଶଶୁର ଶିବେୟା ଏବଂ ଆଉ କେତେଜଣ ବନ୍ଧୁବାନ୍ଧବ  ଆସି ମୃତ ଶିଶୁ କେଉଁଠାରେ ଅଛି ବୋଲି ସାଧାରଣ ଭାବରେ ପଚାରିଥିଲେ । ରେବତୀଙ୍କ ମାଆଙ୍କଠାରୁ ଜରିମୁଣାର ସନ୍ଧାନ ପାଇ ମୋ'ନାତୀଟି କାହା ମୁହଁ ନେଇ ଆସିଥିଲା ଟିକେ ଦେଖିବି କହି ଜରିମୁଣାକୁ ଖୋଲି ଦେଖନ୍ତେ ସେଥିରେ ଥିବା ତାଙ୍କ ନାତୀ ହାତଗୋଡ ଛାଟୁଛି । ସାଙ୍ଗେ ସାଙ୍ଗେ ନାତୀର ନାକଠାରେ ହାତଦେଇ ନିଶ୍ୱାସ ପ୍ରଶ୍ୱାସ ପରୀକ୍ଷା କଲେ । ସବୁଠିକ୍ ଥିଲା । ସେଠିକାର ସମସ୍ତେ ଏହି ଘଟଣାରେ ଆଶ୍ଚର୍ଯ୍ୟ  ହେଉଥିବା ବେଳେ, ଡିୟୁଟିରେ ଥିବା ଡକ୍ଟର ରାଜେଶ୍ୱରୀ 'ଆପଣ  ଆଉ ବିଳମ୍ବ ନକରି ନିଲୋଫର୍ ହସ୍ପିଟାଲ୍‌କୁ ନେଇଯାଆନ୍ତୁ' ବୋଲି କହିଥିଲେ । ବଞ୍ଚିଥିବା ଶିଶୁ ମୃତଭାବରେ ଜନ୍ମହୋଇଛି କହି ନିଜର ନିର୍ଲକ୍ଷ୍ୟତାକୁ ଦର୍ଶାଉଥିବା ଡକ୍ଟରମାନେ, ୧୨ ଘଣ୍ଟା ପରେ ଶିଶୁ ବଞ୍ଚିଛି ବୋଲି ଜାଣିସାରିଥିଲେ; ତଥାପି ଶିଶୁ ପ୍ରତି ଅନାଦର ହୋଇଥିଲେ । ତା'ର କାରଣ କ'ଣ ହୋଇପାରେ ? ଆଶ୍ଚର୍ଯ୍ୟ, ଭୟାଦି ସେମାନଙ୍କଠାରେ ପରିଲକ୍ଷିତ ହେଉଥିଲେ ମଧ୍ୟ ସେମାନେ ଯେମିତି  ଭାବୁଥିଲେ କି ଆମର ଏଥିରେ କୌଣସି ଭୂଲ୍ ନାହିଁ । ଏବେ ଶିଶୁଟି ନିଲୋଫର୍ ହସ୍ପିଟାଲ୍‌ରେ ଚିକିତ୍ସାଧିନ । ଚାଞ୍ଚଲ୍ୟ ସୃଷ୍ଟି କରିଥିବା ଏଇ ଘଟଣାଟି ପୁଣିଥରେ ପ୍ରସୂତୀ ହସ୍ପିଟାଲଗୁଡିକର ପ୍ରକୃତ ରୂପକୁ ପଦାରେ ପକାଇ ଦେଇଥିଲା ।

## ୭) ବଞ୍ଚିଥିବା ଶିଶୁକୁ ମାରିଦେଲେ
## ସାକ୍ଷୀ ନ୍ୟୁଜ୍, ୩/ଜୁଲାଇ/୨୦୦୮

**କୋଲକତା :** ସଙ୍ଗୀତା ମୋହନ୍ ଦାସ୍ ଦମ୍ପତିଙ୍କ ଉତ୍ସାହ ଗୋଟିଏ କ୍ଷଣରେ ଧୂଳିସାତ୍ ହୋଇଗଲା । ସେମାନଙ୍କଠାରୁ ଜନ୍ମ ହୋଇଥିବା ଶିଶୁ ମରିଯାଇଛି ବୋଲି ବେଲ୍ଲେବୁ ହସ୍ପିଟାଲ୍ର ନର୍ସମାନେ ନିର୍ଦ୍ଧାରଣ କରି ଦେଇଥିଲେ । ଦଶଘଣ୍ଟା ବିତିଯିବା ପରେ ମୃତଶିଶୁକୁ ଘରକୁ ନେଇଯିବାକୁ ଆସିଥିବା ଦାସ୍, ହଠାତ୍ ତାଙ୍କ ସନ୍ତାନ ନିଶ୍ୱାସ ପ୍ରଶ୍ୱାସ ନେଉଛି ବୋଲି ଲକ୍ଷ୍ୟକଲେ । ସାଙ୍ଗେସାଙ୍ଗେ ଡାକ୍ତରଖାନାରେ ଚହଳ ପଡିଗଲା । ଡାକ୍ତରମାନେ ଆସି ଶିଶୁକୁ ଏମ୍.ଆର୍. ଆଇ ହସ୍ପିଟାଲ ନେଇଯିବାକୁ ନିର୍ଦ୍ଦେଶ ଦେଲେ । ଶିଶୁର ପରିସ୍ଥିତି ପୁନଃ ବିପଜ୍ଜନକ ହେବାକୁ ଲାଗିଲା । ନର୍ସିଙ୍ଗ୍ହୋମ୍ରେ ଅନ୍ୟାୟ ହେଲା ବୋଲି ଦାସ୍ ପୋଲିସ୍ଷ୍ଟେସନ୍ରେ ମଧ୍ୟ ଜଣାଇଥିଲେ । ୩୨ ବର୍ଷର ସଙ୍ଗୀତା ପ୍ରସବ କରିବା ପରେ ତାଙ୍କ ସ୍ୱାମୀ ଦାସ୍ଙ୍କୁ ଡାକ୍ତରଖାନାର ଲୋକମାନେ ତୁରନ୍ତ ଜଣାଇ ନଥିଲେ । ଶିଶୁ ମରିଯାଇଛି ବୋଲି କେବଳ ସଙ୍ଗୀତାଙ୍କୁ କିଛିସମୟ ପରେ ଜଣାଇଥିଲେ । ଦାସଙ୍କର ଜଣେ ମିତ୍ର ଏବାବଦରେ କହିବାକୁ ଯାଇ– "ପ୍ରସବଖାନାରେ ଡାକ୍ତରମାନେ ନଥିଲେ । ନର୍ସମାନେ ବ୍ୟସ୍ତ ହୋଇ ଏଣେତେଣେ ବୁଲୁଥିବା ଆମେ ଦେଖିଛୁ । ଡେଲିଭରି ହେବାଯାଏଁ ଏଠାରେ କେହି ରହନାହିଁ, ତଳକୁ ଚାଲିଯାଅ ବୋଲି ଆମକୁ ନର୍ସମାନେ କହିଥିଲେ । ସଙ୍ଗୀତାକୁ କେବଳ ଶିଶୁ ମରିଯାଇଛି ବୋଲି କହିଥିଲେ ସିନା ଦେଖାଇ ନଥିଲେ" । ଏହା ନିର୍ଣ୍ଣୟତୃଟି ବୋଲି ଡାକ୍ତରମାନେ କହୁଛନ୍ତି । ଆଉ କହୁଛନ୍ତି ଯେ, ଶିଶୁଠାରେ କୌଣସି ସ୍ପନ୍ଦନ ନଦେଖି ଆମେ ଏହି ନିର୍ଣ୍ଣୟ ନେଇଥିଲୁ । ପ୍ରସୂତୀଖାନାରେ ଡାକ୍ତରମାନେ ନଥିଲେ କହିବା ମିଛକଥା ବୋଲି ସେମାନେ କହୁଛନ୍ତି ।

## ୮) ଇନାଡୁ ନ୍ୟୁଜ୍-୨୦/୧୧/୨୦୦୮

ସାଙ୍ଗେ ସାଙ୍ଗେ ଜନ୍ମ ହୋଇଥିବା ଶିଶୁଟିଏ ମଇଳାଗଦାରୁ ମିଳିଥିଲା । ହୁଏତ ଝିଅଟିଏ ବୋଲି କିମ୍ବା କୌଣସି ଅଭାଗୀନିର ପାପ ସମ୍ବନ୍ଧୀୟ ଶିଶୁ ହୋଇ ପାରେ ବୋଲି ତା'କୁ ଏକ ପଲିଥିନ୍ ମୁଣାରେ ରଖି ମଇଳା ଗଦାରେ ଫିଙ୍ଗି ଦେଇଥିଲେ । ଆଉ କିଛି ସମୟ ପରେ କୁକୁରମାନଙ୍କ ଆହାର ହେବାକୁ ଯାଉଥିବା ସେହି ଶିଶୁଟିକୁ ସେଠିକାର ବାସିନ୍ଦାମାନେ ଦେଖିପାରି ରକ୍ଷା କରିଥିଲେ । ମୁସାପେଟ୍ ନାମକ ଅଞ୍ଚଳରେ ଏହି ଘଟଣାଟି ଦିନବେଳା ପଦାରେ ପଡିଥିଲା । ଓାଡ୍ କାର୍ଯ୍ୟାଳୟ ପାଖରେ, ଯାଦବ ବସ୍ତି ମଝିରେ ଥିବା ବେକାମୀ ସରକାରୀ ସୌଚଳୟର ଖାଲିସ୍ଥାନଟି ଅତି ଅପରିଷ୍କାର ହୋଇ ପଡିଥିଲା । କୁକ୍କଟପଲ୍ଲୀର ମହିଳାକର୍ମୀ କେତେଜଣ ସେହି ସ୍ଥାନଟିକୁ ପରିଷ୍କାର କରିବାରେ ଲାଗିପଡିଥିଲେ, ସେଠାରେ ଥିବା ଗୋଟିଏ ଜାଗାରେ ଦଳେ କୁକୁର କାହିଁକି ବେଢିଛନ୍ତି ବୋଲି ମୋତିବାଇ, ନର୍ସମ୍ମା ନାମକ ଦୁଇଜଣ ମହିଳାକର୍ମୀ ସେ ଦିଗକୁ ଦେଖିଲାବେଳକୁ ଛୁଆଟିଏ କାନ୍ଦୁଥିବା ଲକ୍ଷ୍ୟକଲେ, ସେମାନେ ଡେରି ନକରି ସେଠାକୁ ଯିବାକୁ ଉଦ୍ୟମ କରନ୍ତେ ବେଢିଥିବା କୁକୁରଗୁଡିକ ଏମାନଙ୍କ ଉପରକୁ ମଧ୍ୟ ଆକ୍ରମଣ କରିବାକୁ ପଛେଇଲେ ନାହିଁ, ତେଣୁ ସେଠାରୁ ଭୟରେ ପଳାଇ ଆସୁଥିବା ଅବସ୍ଥାରେ ଖୁବ୍ ବ୍ୟାକୁଳ ହୋଇ ଅନ୍ୟ ସହକର୍ମୀମାନଙ୍କୁ ଡାକପକାଇଲେ । ଡାକ ଶୁଣି ଦୌଡି ଆସିଥିବା ପି.ନିଲମ୍ମାଙ୍କୁ ସେମାନେ ଏକଥା କହିଲେ, ତୁରନ୍ତ ସେଠାରେ ଚହଳ ପଡିଗଲା, ସେଠିକାର ବାସିନ୍ଦାମାନେ ଆସି କୁକୁରଗୁଡିଙ୍କୁ ଘଉଡାଇ ଜରିମୁଣାରେ ଥାଇ କାନ୍ଦୁଥିବା ଶିଶୁକନ୍ୟାଟିକୁ ଉଦ୍ଧାର କରି, ଧୋଇ ସଫାକଲେ । ବାସିନ୍ଦାମାନଙ୍କ ଉଦ୍ୟମରେ ୧୦୮ (ଚିକିତ୍ସା ବାହାନ) ବାହନ ଆସି ଶିଶୁର ପ୍ରାଥମିକ ଚିକିତ୍ସା କରିଥିଲା । ଏବେ ଶିଶୁର କୌଣସି ଅସୁବିଧା ନାହିଁ ବୋଲି ୧୦୮ର ଡାକ୍ତରମାନେ କହିବାରୁ ଜାଣିଥିବା

ସମସ୍ତେ ଶାନ୍ତିର ନିଶ୍ୱାସ ମାରିଥିଲେ । ଅନେକଲୋକ ଥାଇ ଏହି ଘଟଣାକୁ ଦେଖୁଥିବା ସମୟରେ ସନତ୍‌ନଗରର ପୋଲିସ୍‌ମାନେ ଆସି ଶିଶୁକୁ ସେହି ୧୦୮ରେ ନିଲୋଫର୍ ହସ୍ପିଟାଲ୍‌କୁ ନେଇ ଯାଇଥିଲେ ।

## ୯) ମୃତ୍ୟୁଞ୍ଜୟୀ ଝିଅ
## ମାତୃପ୍ରେମରୁ ଦୂରରେ, ଡାକ୍ତରଖାନାରେ ଥିବା ଝିଅ
## ଇନାଡୁ ନ୍ୟୁଜ୍, ୫/୮/୨୦୦୮

**ବୋଡୁପ୍ପଲ୍ :** ମାତୃତ୍ୱକୁ ଭୁଲିଯାଇଥିବା ଜଣେ ଜନ୍ମଦାତ୍ରୀ ତା'ର ପୁଅକୁ ମଇଳା ଗଦାରେ ଫିଙ୍ଗି ଦେଇଥିଲେ ମଧ୍ୟ ସେ ବଞ୍ଚିଯାଇଥିଲା । ଏଘଟଣା ଖବରକାଗଜରେ ବାହାରିବାର ଏକସପ୍ତାହ ପୁରଣହେବା ଆଗରୁ ଆଉ ଗୋଟିଏ ଶିଶୁପୁତ୍ର ମଧ୍ୟ ମଇଳାଗଦାରୁ ମିଳିଥିଲା । ହୃଦୟବିଦାରକ ହୋଇଥିବା ଏଇ ଘଟଣାଟି ସେଠିକାର ବାସିନ୍ଦାମାନଙ୍କଠାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଉପ୍ପଲ ଡିପୋ, ଶ୍ରୀରାମ ନଗର କଲୋନୀ, ଅନିତା ନର୍ସିଙ୍ଗ୍‌ହୋମ୍‌ରୁ ଗାର୍ଡେନ୍‌କୁ ଯାଇଥିବା ରାସ୍ତାରେ ସଭ୍ୟସମାଜରେ ଚହଳ ପକାଇ ଦେଇଥିବା ଘଟଣା ହେଉଛି ଏଇ ଘଟଣା । ସୋମବାର ଦିନ ସକାଳ ହେବା ଆଗରୁ ଓାକିଙ୍ଗ୍‌କୁ ଯାଉଥିବା, କ୍ଷୀରପ୍ୟାକେଟ୍ ଆଉ ପେପର ନେଇ ଯାଉଥିବା ଲୋକମାନେ ଏହି ରାସ୍ତାରେ ଯାଉଥିଲେ । ସେହି ରାସ୍ତାରେ ଥିବା ଏକ ଇସ୍ତ୍ରୀ ଦୋକାନ ପାଖରେ ଶରୀରରେ ସୂତାଖଣ୍ଡେ ନଥିବା ଶିଶୁଟିଏ ବଡପାଟି କରି କାନ୍ଦୁଥିବା ଘଟଣା ସେଦିନ ବାହାରକୁ ଆସିଥିଲା । କେହି ଜଣେ ବ୍ୟକ୍ତି କାନ୍ଦୁଥିବା ଶିଶୁଟି କେଉଁଠି ଅଛି ବୋଲି ଖୋଜୁଖୋଜୁ ପାଖରେ ଥିବା ମଇଳାକୁଣ୍ଡରୁ ଶିଶୁଟି ମିଳିଥିଲା । ଝିପି ଝିପି ବର୍ଷା ସାଙ୍ଗକୁ କୋହଲା ପବନରେ ଶିଶୁଟି ଅତି ଦାରୁଣ ଅବସ୍ଥାରେ କାନ୍ଦୁଥିଲା । ଅନିତା ନର୍ସିଙ୍ଗହୋମ୍‌ର ମାଲିକ ଏକଥା ପ୍ରଥମେ ପୋଲିସ୍‌କୁ ଜଣାଇବାରୁ ସେମାନେ

ଆସିଥିଲେ ଏବଂ ଶିଶୁଟିକୁ ସେହି ଅନିତା ନର୍ସିଙ୍ଗ୍‌ହୋମ୍‌ରେ ନେଇ ଚିକିତ୍ସା କରାଯାଇଥିଲା । ଉଚିତ୍ ସମୟରେ ଶିଶୁର ଚିକିତ୍ସା ହୋଇପାରିଥିବାରୁ ଶିଶୁଟି ବଞ୍ଚିଗଲା । ତାର ଓଜନ ୨.୩ କେଜି ବୋଲି ଅନିତା ନର୍ସିଙ୍ଗ୍‌ହୋମ୍ ଡାକ୍ତର ମଣ୍ଡ୍ରିରାମିରେଡ୍ଡି କହିଥିଲେ, ଏବେ ଶିଶୁ ସଂପୂର୍ଣ୍ଣ ସୁସ୍ଥ ଅଛି ବୋଲି ମଧ୍ୟ କହିଥିଲେ । ଶିଶୁର ରକ୍ଷଣାବେକ୍ଷଣ କରିବାକୁ ଅନେକ ଦମ୍ପତି ଆଗକୁ ଆସିଥିଲେ ମଧ୍ୟ ଯୋଗ୍ୟ ଦମ୍ପତିଙ୍କୁ ଦିଆଯାଉ ବୋଲି ଉପ୍ପଲ୍ ପୋଲିସ୍‌କୁ ଡାକ୍ତର ମହାଶୟ ସୂଚନା ଦେଇଥିଲେ ।

## ୧୦)
## କୋମଳ ଶିଶୁଟିକୁ ପୋତିଦେଲେ ।

**ଶିଶୁକନ୍ୟାଟି କି ପାପ କରିଥିଲା.. କଣ ଝିଅ ହୋଇ ଜନ୍ମନେବା! ନା ଏତେ ସ୍ତ୍ରୀଲୋକଙ୍କ ଭିତରେ ସେ ପୁଣି ଗୋଟିଏ ଝିଅଭାବରେ ଜନ୍ମନେବା! କଣ ପୋଷିବାକୁ ବଳ ନଥିବା ମାଆ କୋଳରେ ଜନ୍ମନେବା! କି ସ୍ନେହଁ ଦେଇ ପାରୁନଥିବା ଜେଜେମା ଜେଜେବାପାଙ୍କ ନାତୁଣୀ ହେବା!!**

## ଦୁଇ ଦିନର ଶିଶୁକନ୍ୟା ସଜୀବ ସମାଧି । କାନ୍ଦଣା ଶୁଣି ଶିଶୁକନ୍ୟାକୁ ରକ୍ଷା କରିଥିବା ପଥିକମାନେ ।

**ନାଇଡୁପେଟା, ନ୍ୟୁଜ୍‌ଟୁଡେ :** ସେହି ପାପ ଦୁଇଦିନର ଶିଶୁକନ୍ୟା ପାଇଁ ଶାପ ହୋଇଥିଲା । ମରଣ ତାପାଇଁ ଶାସନ ହୋଇ ଶେଷରେ ସେ ସଜୀବ ସମାଧି ହୋଇଗଲା, ହେଲେ ଭୂପୃଷ୍ଠରେ ନ୍ୟାୟ କିଛି ଥିବାରୁ, ଶିଶୁଟିର ଭାଗ୍ୟ ବି ଉନ୍ନତ ଥିବାରୁ ସେ ବଞ୍ଚିଯାଇଥିଲା, ନଚେତ ରାଜ୍ୟରୁ ଆଉଗୋଟିଏ ଝିଅ ଅର୍ନ୍ତଧାନ ହୋଇଯାଇଥାନ୍ତା । ହୃଦୟ ବିଦାରକ ଏଇ ଘଟଣା ମହବୁବ୍ ନଗର ଜିଲ୍ଲାର ଟଟ୍‌କୁରୁ ଗ୍ରାମର । ଏଠିକାର ଗଦ୍ୱାଲ୍ ଗଳିର ରଂଗ୍ରେଜ୍ ଅବ୍ଦୁଲ୍‌ରହମାନ୍ ଏବଂ କୁବ୍ରାବେଗମ୍ ନାମକ ଦମ୍ପତି ରହୁଥିଲେ ।

ସେମାନଙ୍କର ୭ଜଣ ଝିଅ । ସେମାନଙ୍କ ଭିତରୁ ୨ୟ ଝିଅ ୧୯ ବର୍ଷର, ନାମ ମୋହରୁନ୍ ବେଗମ୍ । ଛଅମାସ ପୂର୍ବରୁ ଅର୍ଥାତ୍ ତାର ବିବାହ ହେବା ଆଗରୁ ସେ ଗର୍ଭବତୀ ଥିଲା, ହେଲେ ତା'ର ମାଆବାପା ଏକଥା ଲୁଚାଇ ମହାରାଷ୍ଟ୍ରର ଅବ୍ଦୁଲ୍ ସୁନିଙ୍କ ସହିତ ବିବାହ କରାଇ ଦେଇଥିଲେ । ଦୁଇମାସ ପୂର୍ବରୁ ଏ ଘଟଣା ବାବଦରେ ସୁନି ଜାଣିବାକୁ ପାଇଥିଲେ । ଜାଣିବା ପରେ ସେ ମହରୁନ୍‌କୁ ଏଇଠାରେ ଛାଡି ମହାରାଷ୍ଟ୍ର ପଳାଇଯାଇଥିଲେ । ସେହି ଦିନଠାରୁ ଏଠାରେ ଥିବା ମହରୁନ୍ ଡାକ୍ତର କହିଥିବା ପ୍ରସବସମୟ ଆସିବା ଆଗରୁ ମଙ୍ଗଳବାର ସଖାଳୁ ଝିଅଟିଏ ଜନ୍ମ ଦେଇଥିଲେ । ସେତେବେଳକୁ ଘରେ ଏତେଜଣ ଝିଅ ରହିବା, ବିବାହ ପୂର୍ବରୁ ଗର୍ଭବତୀ ହେବା ଇତ୍ୟାଦି କାରଣରୁ ସେ ଝିଅଟିକୁ ସମାଜରୁ ଦୂର କରିଦେବା ପାଇଁ ସେ ପରିବାରଟି ନିର୍ଣ୍ଣୟ ନେଇଥିଲା । ଝିଅ ଜନ୍ମ ହୋଇଥିବା ସେହି ମଙ୍ଗଳବାର ରାତିରେ ରହମାନ୍, ତାଙ୍କ ବଡଭାଇ ରଷିଦ୍ ଝିଅଟିକୁ ନେଇ ପୋତିଦେବାକୁ ଉଦ୍ୟମ କରିଥିଲେ, କିନ୍ତୁ ସେହି ଗାଆଁର କେଇଜଣ ଏ ଘଟଣା ବାବଦରେ ଜାଣି ପାରିଥିବାରୁ ତାହା ହୋଇପାରି ନଥିଲା । ସେତେବେଳେ ସେମାନେ ଅଟକି ଯାଇଥିଲେ ସିନା, ସେମାନଙ୍କ ଚେଷ୍ଟା ସେତିକିରେ ବନ୍ଦ ହୋଇଯାଇ ନଥିଲା । ଗୁରୁବାର ରାତିରେ କେହି ଜାଣି ନପାରିବା ସ୍ଥିତିରେ ସେମାନେ ଶିଶୁକୁ ନେଇ ପୋତିବା ପାଇଁ ଗଲେ । ଶ୍ମଶାନ ପାଖରେ ଥିବା କୁଣ୍ଟିମାରି ଲକ୍ଷ୍ମନ୍ନାଙ୍କ ଜମିରେ ପହଞ୍ଚିଲେ । ଶିଶୁଟିକୁ ଗୋଟିଏ କପଡାରେ ଗୁଡାଇ, ଦୁଇଫୁଟର ଗାତ ଖୋଳି ସେଥିରେ ଶୁଆଇଲେ । ସେଠାରେ ରାସ୍ତା ତିଆରି ହେବା ପାଇଁ କିଛି ମାଟି ଗଦା ହୋଇଥିଲା, ସେଥିରୁ ସେମାନେ କିଛି ମାଟି ଆଣି ସେହି ଗାତରେ ପୋତିଦେଇ କିଛି ନ ଜାଣିବା ଭଳି ଘରକୁ ଫେରି ଆସିଲେ ।

ତିନିଘଣ୍ଟା ବିତିଗଲା । କୋମଳ ଶିଶୁକନ୍ୟା ସେହି ଗାତରେ ପୋତି ହୋଇ ରହିଥିଲା । ସଖାଳ ସାଢେ ସାତଟା ବାଜିଲା । ଭିଷଂପ୍ପା ନାମକ

ଜଣେ ଯୁବକ ରାସ୍ତାରେ ଆସୁଆସୁ ସେହି ନିର୍ଜନ ପ୍ରଦେଶରେ ସେ ଝିଅର କାନ୍ଦଣା ଶୁଣିବାକୁ ପାଇଲେ । ଆଶ୍ଚର୍ଯ୍ୟ ଏବଂ ସନ୍ଦେହଜନକ ସ୍ଥିତିରେ ସେ ସେହି ଅଞ୍ଚଳକୁ ଖୋଜିବାକୁ ଲାଗିଲେ । ସେତିକିବେଳେ ଜମିରେ ଚଷ କରିବାପାଇଁ ରାଜକୁମାର ନାମକ ଜଣେ ବ୍ୟକ୍ତି ଟ୍ରାକ୍ଟର ନେଇ ଆସିଥିଲେ । ଏକଥା ଭିକ୍ଷଂସ୍ୱା ରାଜକୁମାରକୁ କହିବାରୁ ରାଜକୁମାର ମଧ୍ୟ ଝିଅର କାନ୍ଦଣା ଶୁଣିବାକୁ ପାଇଥିଲେ । ସେହି କାନ୍ଦଣା ଆଧାରରେ ଉଭୟ ଖୋଜୁ ଖୋଜୁ ପୋତାଯାଇଥିବା ଗାତ ପାଖରେ ପହଞ୍ଚିଲେ । ପୋତାଯାଇଥିବା ମାଟି କିଛି ବାହାରକୁ ବାହାରି ଆସିଥିବାରୁ ଭିତରୁ ଶିଶୁର ହାତଗୋଡ ବାହାରକୁ ଦେଖାଯାଉଥିଲା, ସେମାନେ ଗୁଡାଯାଇଥିବା କପଡାକୁ ହାତରେ ବାହାରକୁ ଆଣୁଆଣୁ ଶିଶୁର ମୁଣ୍ଡ ସଂପୂର୍ଣ୍ଣ ଦେଖାଯାଇଥିଲା, ଡେରି ନକରି ଶିଶୁକୁ ବାହାରକୁ ଆଣିଲେ ଏବଂ ପୋଲିସ୍‌କୁ ଖବର ଦେଲେ । ସ୍ଥାୟିବାସିନ୍ଦାମାନଙ୍କ ସାହାଯ୍ୟରେ ଶିଶୁକୁ ନେଇ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରାଇଲେ । ଶିଶୁର ପରିସ୍ଥିତି ଦାରୁଣ ହେଉଥିବାରୁ ସେମାନେ ସ୍ଥାନୀୟ ଡାକ୍ତରଙ୍କ ପରାମର୍ଶରେ ନାରାୟଣପେଟା ଡାକ୍ତରଖାନକୁ ନେଇଯାଇଥିଲେ,ଶେଷରେ ସେଠିକାର ଡାକ୍ତର ଅସ୍‌ଗର୍ ଅଲ୍ଲି, ନର୍ସ ବିଦ୍ୟାବତୀଙ୍କ ଚେଷ୍ଟାରେ ଶିଶୁର ବିପଦ ଦୁରେଇଯାଇଥିଲା । ତା’ପରେ ପୋଲିସ୍ ଆସି ମହବୁବ୍ ନଗର ବଡ ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଶିଶୁର ବିପଦ ସଂପୂର୍ଣ୍ଣଭାବରେ ଦୂର ହୋଇଥିଲା । ସେତେବେଳକୁ ରଂଗ୍ରେଜ୍ ପରିବାର ଉପରେ ସମସ୍ତଙ୍କର ସଂଦେହ ରହିଥିବାରୁ ତଥା ଶିଶୁର ନାଭିରେ ବନ୍ଧାଯାଇଥିବା ସୂତା ଆଧାର ଭାବରେ ମିଳିଥିବାରୁ ପୋଲିସ୍ ଘଟଣାଟି ବିଚାରଦିଗକୁ ନେଇଥିଲା । ଶିଶୁର ମାଆ, ଜେଜେଙ୍କ ଉପରେ ୩୦୭ ସେକ୍ସନ୍ ଅନୁସାରେ କେସ୍ ଫାଇଲ୍ ହୋଇଥିଲା ।

## ୧୧) ମାତୃସ୍ପର୍ଶରେ ପୁନର୍ଜନ୍ମ

## ମରିଯାଇଥିବା ଶିଶୁ ବଞ୍ଚିଲା (ଅଷ୍ଟ୍ରେଲିଆର ଘଟଣା)

## ଇନାଡୁ ନ୍ୟୁଜ୍, ୨୯/୦୯/୨୦୧୦

**ସିଡ୍ନି :** ଡାକ୍ତରମାନେ ମଧ୍ୟ ମୃତ୍ୟୁ ଧ୍ରୁବୀକରଣ କରିଥିବା ଶିଶୁଟି ମାଆର ସ୍ପର୍ଶରେ ପୁନଃ ପ୍ରାଣ ପାଇଥିଲା । ଅଷ୍ଟ୍ରେଲିଆର ସିଡ୍ନିରେ ୫ମାସ ତଳେ ଘଟିଥିବା ଏହି ଘଟଣା ଟିକିଏ ବିଳମ୍ବରେ ବହିର୍ଗତ ହୋଇଥିଲା । କେଟ୍ ନାମକ ମହିଳା ପ୍ରସବ ସମୟ ହେବା ଆଗରୁ ସ୍ଥାନୀୟ ଡାକ୍ତରଖାନାରେ ଏକ ଶିଶୁକୁ ଜନ୍ମ ଦେଇଥିଲେ । ଶିଶୁ ମରିଯାଇଛି ବୋଲି ଡାକ୍ତରମାନେ କହିବାରୁ ସେହି ମାଆଜଣକ ଦୁଃଖରେ ଭାଙ୍ଗିପଡିଥିଲେ । ନିସ୍ତେଜ ଭାବରେ ପଡିଥିବା ଶିଶୁକୁ ନିଜ ହାତରେ ଆଣି ଛାତିରେ ଲଗାଇ ମାନସିକଦୁଃଖରେ କିଛି ସମୟ ସେହିଭଳି ମୌନ ରହିଥିଲେ । ଏଭଳି ଦୁଇଘଣ୍ଟା ବିତିଯିବା ପରେ ନିସ୍ତେଜ ଥିବା ଶିଶୁର ହାତଗୋଡ ହଲିବାକୁ ଲାଗିଲା ଆଉ ସେ ନିଶ୍ୱାସ ପ୍ରଶ୍ୱାସ ନେବାକୁ ଲାଗିଲା । କିଛି ସମୟ ପରେ ଆଖି ଖୋଲିଲା, ସେହି ପରିଣାମରେ କେଟ୍‌ଙ୍କର ଖୁସି କହିଲେ ନସରେ । ଏହି ଅଦ୍ଭୁତ ଘଟଣାକୁ ସେ ତାଜା ଭାବରେ ଏକ ଟି.ଭି ଚ୍ୟାନେଲ୍‌ରେ କହିଥିଲେ । ସେତେବେଳକୁ ତାଙ୍କଠାରୁ ଜନ୍ମ ନେଇଥିବା ଶିଶୁ ସମ୍ପୂର୍ଣ୍ଣ ସୁସ୍ଥ ଥିଲା ।

ଏମିତି ହଜାରେ ଦୃଷ୍ଟାନ୍ତ ଆପଣମାନେ ଆପଣଙ୍କ ପାଖାପାଖି ପ୍ରସୂତୀ ବିଭାଗମାନଙ୍କରେ ଦେଖି ପାରିବେ । ଏହିଭଳି ଅନେକ ନିଦର୍ଶନ ଜନନ ସିଦ୍ଧାନ୍ତର ଅନୁକୂଳ ଭାବରେ ଆପଣମାନେ ଖୋଜିଲେ ମଧ୍ୟ ପାଇପାରିବେ । ମୁଁ ଆପଣମାନଙ୍କୁ ତତ୍ସମ୍ବନ୍ଧୀୟ କେତୋଟି ପ୍ରଶ୍ନ ଦେଉଛି । ଆପଣମାନେ ଏହାର ଉତ୍ତର କହିପାରିବେ କି ? ଚେଷ୍ଟାକରି ଦେଖନ୍ତୁ ।

**୧. ପୂନର୍ଜନ୍ମରେ କେତେକ ବିଷୟ ମନେପଡି ପୂର୍ବ ଜନ୍ମର କିଛିକଥା**

କହିପାରୁଥିବା ଅନେକ ଦୃଷ୍ଟାନ୍ତ ଭୂପୃଷ୍ଠରେ ଦେଖିବାକୁ, ଶୁଣିବାକୁ ମିଳିଛି ହେଲେ ଗର୍ଭସ୍ଥ ସ୍ଥିତିକୁ କିଏ କହିବା ଲୋକ ଅଛନ୍ତି ? କ'ଣ ଗର୍ଭସ୍ଥ ସ୍ଥିତି ଆପଣଙ୍କର ମନେଅଛି ?

୨. ଜ୍ୟୋତିଷ୍ୟଶାସ୍ତ୍ର ଅନୁସାରେ ଶିଶୁ ଜନ୍ମହେବା ପରେ ଜାତକ ଲେଖାନ୍ତି, ହେଲେ ଶିଶୁ ଯଦି ଗର୍ଭରେ ଜୀବିତ ଥାଏ ବୋଲି କହୁଛନ୍ତି ତେବେ ଗର୍ଭରୁ କାହିଁକି ଜାତକ ଲେଖାଉ ନାହାନ୍ତି ?

୩. କେତେକ ସନ୍ଦର୍ଭରେ ଜନ୍ମିତ ଶିଶୁଠାରେ କେଇମିନିଟ୍ ବା କେଇଘଣ୍ଟା ପର୍ଯ୍ୟନ୍ତ ଶ୍ୱାସ, ରକ୍ତ ସଞ୍ଚାଳନ, ହଲ୍‌ଚଲ୍ ହେବା, ଚୈତନ୍ୟ ନଆସିବା ଇତ୍ୟାଦି ଘଟଣା କାହିଁକି ଘଟିଥାଏ ?

୪. ଗାଉଁଲି ଧାଇମାନେ କହନ୍ତି ଯେ, ଗର୍ଭଫୁଲରେ ପ୍ରାଣ ଅଛି, ତାହା ଶିଶୁ ଶରୀରକୁ ଆସିଥାଏ, ତେବେ ଶିଶୁ ଗର୍ଭରେ ଥିବାବେଳେ ସେ ପ୍ରାଣ କେଉଁଠି ଥିଲା ? ଶିଶୁଠାରେ କି ଗର୍ଭଫୁଲରେ ?

୫. କେତେକ ବଡବଡ ହସ୍ପିଟାଲ୍‌ରେ ଶିଶୁ ମରିଯାଇଛି ବୋଲି ଡକ୍ଟରମାନେ ନିର୍ଦ୍ଧାରଣ କରିବାପରେ ମଧ୍ୟ ଶିଶୁ ବଞ୍ଚିଥିବା ପ୍ରମାଣ ମିଳିଛି, ମିଳୁଛି ? ଏହା କିପରି ସମ୍ଭବ ?

୬. ଗର୍ଭସ୍ଥ ଶିଶୁଠାରେ ପ୍ରାଣ ନଥିଲେ ତାହା ବଢିବ ନାହିଁ, ସେ ଗର୍ଭରେ ମରିଗଲେ ମାଆକୁ ବିପଦ ବୋଲି କହନ୍ତି, ତେବେ ଗର୍ଭ ଧାରଣ କରିବା ପରଠାରୁ ଶିଶୁଶରୀର ମାଆଗର୍ଭରେ କିପରି ରହିଥିଲା ? ଯଦି ପୂର୍ବରୁ ପ୍ରାଣ ନଥିଲା ତେବେ ଶିଶୁ ଗର୍ଭରେ କିପରି ବଢିଲା ? ସେତେବେଳେ ମାଆକୁ କାହିଁକି କିଛି ବିପଦ ପଡିଲା ନାହିଁ ?

୭. ଯୋଗଶାସ୍ତ୍ର ଭଗବଦ୍ଗୀତାରେ ଜୀବ ଏକ ଶରୀର ଲାଭ କଲା ପରେ ତା'ର ବାଲ୍ୟ, କିଶୋର, ଯୌବନ, ବୃଦ୍ଧା ଏବଂ ମରଣ

**ଅବସ୍ଥା ବିଷୟ ଭଗବାନ କହିଛନ୍ତି ବୋଲି ସମସ୍ତେ ଜାଣନ୍ତି, ହେଲେ ସେଥିରେ ଭଗବାନ୍ ଗର୍ଭାବସ୍ଥା କଥା କାହିଁକି କହି ନାହାନ୍ତି ?**

**୮. ଗୀତାରେ ଜୀବ ପୁରୁଣାଶରୀର ଛାଡି ନୂଆଶରୀର ଧାରଣ କରେ ବୋଲି କହିଛନ୍ତି ହେଲେ ଏଇ ନୂଆ ଶରୀର କହିଲେ ସଂପୂର୍ଣ୍ଣ ଶରୀର ! କି ଛଅମାସର ଅଧାଗଢା ଶରୀର ?**

**୯. ଭଗ (ଯୋନି)ରୁ ସଜୀବ ଭାବରେ ଜଣେ ଜନ୍ମହେଲେ ସେ ଭଗବାନ ହୁଏ, କ'ଣ ଆମେ ସମସ୍ତେ ଭଗବାନ ?**

ଏଠାରେ ଆମେ କହିବାକୁ ଥିବା ଛୋଟ କଥାଟିଏ ହେଉଛି ! ଆମ ପଞ୍ଚଭୂତର ଶରୀରରେ ବାୟୁ ନାମକ ଭୂତ ଅନ୍ୟତମ । ବାୟୁକୁ ପ୍ରାଣ ମଧ୍ୟ କୁହାଯାଏ । ତେଣୁ ପଞ୍ଚବାୟୁକୁ ପଞ୍ଚପ୍ରାଣ ମଧ୍ୟ କହନ୍ତି । ସାଧାରଣ ଭାବେ ଆମ ନାକ ବାଟରେ ପବନ (ପ୍ରାଣ) ଯିବା ଆସିବା କରିବାବେଳେ ପ୍ରାଣ ଅଛି କହି, ନକରିବା ବେଳେ ନାହିଁ ବୋଲି କହୁଛେ । ଶରୀରରେ ପ୍ରାଣ ଥିବାବେଳେ ଜୀବ ମଧ୍ୟ ରହିଥାଏ । ତେଣୁ ନାଶାରନ୍ଧ୍ରରେ ପ୍ରାଣ (ପବନ) ନଥିବା ପର୍ଯ୍ୟନ୍ତ ଶିଶୁଠାରେ ଜୀବନ ନାହିଁ ବୋଲି ଜାଣିବା ଉଚିତ୍ ନା ! । ମାଆ ଗର୍ଭର ଦ୍ରବପଦାର୍ଥ ଭିତରେ ଶିଶୁ ବୁଡି ରହିଥାଏ । ତେଣୁ ସେଠାରେ ଶ୍ୱାସ ଚଳିବା ସୁଯୋଗ ନାହିଁ, ତେଣୁ ଜୀବନ ହିଁ ନାହିଁ ବୋଲି ଜାଣିବା ଉଚିତ୍ । ଜନନ ବିଷୟରେ ଆମେ ପଚାରିଥିବା ଏଇ ଉପର ପ୍ରଶ୍ନଗୁଡିକର ଉତ୍ତର ଖୋଜନ୍ତୁ । ସତ୍ୟ ଅସତ୍ୟ ଆପଣଙ୍କୁ ନିଶ୍ଚୟ ବୁଝାପଡିଯିବ । ବାସ୍ତବରେ ଗର୍ଭସ୍ଥ ଶିଶୁଠାରେ ପ୍ରାଣ ଥାଏ କି ନଥାଏ ତାହା ଆପଣମାନେ ନିଜର ବୁଦ୍ଧିକୁ ତୀକ୍ଷ୍ଣକରି ପରିଶୀଳନ କରନ୍ତୁ । ଆପଣମାନଙ୍କ ପାଖାପାଖି ଥିବା ପ୍ରସୂତୀ ବିଭାଗଗୁଡିକରେ ଘଟୁଥିବା ଘଟଣାଗୁଡିକୁ ନିଜେ ପରିଶୀଳନ କରନ୍ତୁ, ସତକଥା କ'ଣ ତାହା ନିଶ୍ଚୟ ଜାଣିପାରିବେ ।

*****

# ମରଣ

ଶରୀର ଯନ୍ତ୍ର କାର୍ଯ୍ୟକ୍ଷମ ନହୋଇ ସ୍ଥିର ରହିଯିବାକୁ ମରଣ କହନ୍ତି । ଗୋଟିଏ ଯନ୍ତ୍ରର ଯେପରି ଅନେକ ଭାଗ ରହିଥାଏ । ସେହିପରି ଶରୀରରେ ମଧ୍ୟ ଅନେକ ଭାଗ ରହିଥାଏ । ଯନ୍ତ୍ରଟିଏ ଚାଳିତ ହେବାପାଇଁ ଯେମିତି ଜଣେ ଅପରେଟର ବା ଡ୍ରାଇଭର ଆବଶ୍ୟକ ହୋଇଥାଏ ସେମିତି ଏକ ଶରୀର ଚାଳିତ ହେବାପାଇଁ ଜଣେ ଚାଳକ ଆବଶ୍ୟକ ହୋଇଥାଏ । ଯନ୍ତ୍ରଟିକୁ ଯିଏ ଚଳାଏ ସିଏ ଡ୍ରାଇଭର, ଶରୀରକୁ ଯିଏ ଚଳାଏ ସିଏ ଆତ୍ମା । ଶରୀରର ଚାଳକ ଶରୀର ଭିତରେ ଥାଇ ଶରୀରକୁ ଚଳାଇବା ପାଇଁ ଯେଉଁ ସମୟ ନିଏ ତାହାହେଲା ଜୀବନକାଳ । ଶରୀର ଯନ୍ତ୍ରଟି କୌଣସି ତ୍ରୁଟି ବଶତଃ ଅଚଳ ହେବାବେଳେ ଆତ୍ମା ଶରୀରକୁ ନ ଚଳାଇ ଛାଡି ଚାଲିଯାଏ । ଶରୀରଯନ୍ତ୍ର ବନ୍ଦ ହୋଇଯିବାକୁ ମରଣ କହନ୍ତି । ଆତ୍ମା ଶରୀରକୁ ଛାଡି ଚାଲିଯିବା ବେଳେ ଯେଉଁ ମରଣ ନାମକ ସ୍ଥିତିକୁ ଆମେ ବୁଝୁଛେ ସେହି ସ୍ଥିତିଠାରୁ ପୁରାଣ ଲେଖକ, କବିମାନଙ୍କର ଭାବନାରେ ଏକ ଯମଲୋକ ରହିଛି, ସେଠାରେ ଯମରାଜା ଅଛନ୍ତି, ମଣିଷର ଆୟୁଷ ଶେଷ ହୋଇଗଲେ ଯମରାଜ ଯମଗଣଙ୍କୁ ପଠାଇ ଆୟୁଷ ଶେଷ ହୋଇଯାଇଥିବା ଲୋକର ପ୍ରାଣ ନେଇଯାଆନ୍ତି ବୋଲି ରହିଆସିଛି । ଏସବୁ ଶାସ୍ତ୍ରବଦ୍ଧ କଥା ନୁହେଁ, ଏଥିରେ ବାସ୍ତବତାର ଚିହ୍ନ ନାହିଁ ବୋଲି ଆମେ ଅନେକ ଥର କହିଛୁ । ମଣିଷ ମନରେ ଭୟ ଜାଗ୍ରତ କରିବା ପାଇଁ ଯମଲୋକ ଆଉ ସେଠିକାର ଦଣ୍ଡାଦିକୁ କିଛିଲୋକ ସୃଷ୍ଟି କରିଛନ୍ତି ସିନା, ମଣିଷ ପାପଗୁଡ଼ିକର ଦଣ୍ଡ ଭୂପୃଷ୍ଠରେ ହିଁ ଅନୁଭବ କରିଥାଏ ବୋଲି କେହି ସ୍ପଷ୍ଟ କରିପାରି ନାହାନ୍ତି ।

ମରଣ ସମୟରେ ଜୀବ ଅନେକ କଷ୍ଟ ସହନ କରିଥାଏ ଏବଂ ଏହି କଷ୍ଟ ହଜାରେ କଙ୍କଡାବିଛା କମୁଡିଲେ ଯେଉଁଭଳି ଯନ୍ତ୍ରଣା ହୁଏ ଠିକ୍ ସେହିଭଳି ଜନ୍ତ୍ରଣା ହୁଏ ବୋଲି ପୁରାଣରେ ବର୍ଣ୍ଣନା କରାଯାଇଛି । କେତେକ

କୁହନ୍ତି ଯେ, ମରଣ ସମୟରେ ଯମକିଙ୍କରମାନେ ଆସିଥା'ନ୍ତି, ସେମାନେ ଦେଖିବାକୁ ଖୁବ୍ ଭୟଙ୍କର । ମରିବା ପୂର୍ବରୁ ସେମାନଙ୍କୁ ଦେଖି କେହି କେହି ଖୁବ୍ ଭୟ କରିଥାନ୍ତି ବୋଲି ଲୋକେ କହିଥାନ୍ତି । ଆଉ କେତେକ କହିଥା'ନ୍ତି ଯେ ଯମଲୋକ ଅନ୍ୟତ୍ର ଥାଏ, ସେଠାରେ ନାନା ପ୍ରକାରର ଯନ୍ତ୍ରଣା ଥାଏ । ଏହିଭଳି ଅନେକ ଅନ୍ଧବିଶ୍ୱାସ ପୂର୍ଣ୍ଣ ଅଶାସ୍ତ୍ରୀୟ କାହାଣୀଗୁଡିକୁ ବାଦ୍‌ଦେଇ ଯମଲୋକ, ସ୍ୱର୍ଗଲୋକର ପ୍ରକୃତ ଶାସ୍ତ୍ରୀୟତା କ'ଣ ରହିଛି ତାହା ଜାଣିବା ଶ୍ରେୟସ୍କର । ହେତୁବଦ୍ଧ ଭାବରେ ମରଣ ବିଷୟ ଲେଖିବାକୁଗଲେ ସେ ସମୟରେ ଶରୀରରେ କ'ଣ ଘଟୁଛି ଟିକିନିଖି ଜାଣିବାକୁ ପଡିବ । ମରଣ ବାବଦରେ ଜାଣିବା ପାଇଁ ଯେଉଁ ସତ୍ୟ ଆବଶ୍ୟକ ତାହା ଅନୁଭବ କରିଥିବା ଲୋକ ହିଁ ଲେଖି ପାରିବ । ମରଣ ବିଷୟକୁ ଅନ୍ୟ ଏକ ଶରୀରରେ (ପର ଜନ୍ମ) ଲେଖିବାକୁ ଗଲେ, ନୂଆ ଶରୀରରେ ଆଉ ପୂର୍ବର ମରଣ କଥା ମନେ ନଥାଏ, ତେଣୁ ଲେଖିହୁଏ ନାହିଁ । ଜୀବ ଜାଣିପାରେ ନାହିଁ ଯେ, ମୁଁ କିପରି ଏ ଶରୀର ଧାରଣ କଲି । ମରଣ ପରେ ଆସୁଥିବା ଜନନ ବିଷୟ ମଣିଷର ମନେ ନଥିବା ବେଳେ, ଜନ୍ମର ପୂର୍ବ କଥା ହୋଇଥିବା ମରଣ ବିଷୟ ଜୀବ କିପରି ବା କହି ପାରିବ ? ଜନ୍ମ ହେଉ ବା ମରଣ, ଜୀବ ଏ ବାବଦରେ କିଛି ମଧ୍ୟ କହି ପାରିବ ନାହିଁ । ତେଣୁ ଜନନ ମରଣକୁ ଦୁଇଟି ରହସ୍ୟ ବୋଲି କୁହାଯାଏ । ଏ ଦୁଇଟି ରହସ୍ୟ ହୋଇ ରହିଥିବାରୁ ଜନନ (ଜନ୍ମ) ମରଣ ବାବଦରେ ଅନେକ ଅନ୍ଧବିଶ୍ୱାସ ସୃଷ୍ଟିହେବା ମଧ୍ୟ ସ୍ୱାଭାବିକ ।

ଭୂପୃଷ୍ଠରେ ନଥିବା ନୂତନ ବିଷୟ, ମଣିଷକୁ ଜଣାନଥିବା କୌଣସି ନୂତନ ବିଷୟ, ମଣିଷର ଭାବନାରେ ମଧ୍ୟ ପ୍ରବେଶ କରି ପାରୁନଥିବା ବିଷୟ ଏମିତି ଅନେକ କିଛି ଏଇ ମଣିଷ ଦ୍ୱାରା ହିଁ ବାହାରକୁ ଆସିଥାଏ । ଟିଭି ହେଉ, ରେଡିଓ ହେଉ, ସେଲ୍‌ଫୋନ୍ ହେଉ, ରେଳହେଉ କି ବିମାନ ହେଉ, ଲାପ୍‌ଟପ୍ ହେଉ ବା ରୋବୋ ହେଉ ଏସବୁ ଯେତେବେଳେ

ପ୍ରଥମେ ସୃଷ୍ଟି ହେଲା, ସୃଷ୍ଟି କରିଥିବା ଲୋକକୁ ମଧ୍ୟ ଏହା ବାବଦରେ ଜଣା ନଥିଲା । ଏମିତି ଅନେକ ଅଦ୍ଭୁତ ବିଷୟ ମାନବ ଦ୍ୱାରା ହିଁ ବାହାରକୁ ଆସିଛି । ଏସବୁ ଶାସ୍ତ୍ରବଦ୍ଧ ଏବଂ ହେତୁବଦ୍ଧତାର ବିଷୟ । ଏତେ କଥା ଜାଣିପାରୁଥିବା ମଣିଷ ଜନନ ମରଣର ଶାସ୍ତ୍ରବଦ୍ଧତାକୁ କାହିଁକି ବା ଜାଣି ନପାରିବ ! ନିଶ୍ଚୟ ଜାଣି ପାରିବ । ମଣିଷ ଜାଣି ପାରିଥିବା ନୂଆ ସୂତ୍ରଗୁଡିଏ କିପରି ଜାଣିପାରିଲା ତାହା ବିସ୍ତାରିତ ଭାବରେ ଦେଖିଲେ, ସେହି ଅନୁସାରେ ଅନ୍ୟ ବିଷୟଗୁଡିକ ମଧ୍ୟ ଜାଣି ପାରିବା । ମାନବ ଶରୀରରେ ଜୀବ ଥାଏ, ଆତ୍ମା ଥାଏ, ପରମାତ୍ମା ଥାଆନ୍ତି । ଏହି ବିଷୟ ସମସ୍ତଙ୍କୁ ନୂଆ ଲାଗିଲେ ମଧ୍ୟ ଏହା କାହାକୁ ଜଣା ନଥିବା ପରମ ସତ୍ୟ । ଶରୀରରେ ଜୀବାତ୍ମା, ଆତ୍ମା, ପରମାତ୍ମା ରହିଛନ୍ତି ଏହା ଏକ ଭାବନା ନୁହେଁ କି କାହାଣୀ ନୁହେଁ ବରଂ ଏହା ଶାସ୍ତ୍ରବଦ୍ଧ ଭାବରେ ରହିଛି । ଏହାକୁ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ବ୍ରହ୍ମବିଦ୍ୟା ଶାସ୍ତ୍ରରେ କହିଛନ୍ତି ।

ମାନବ ଅନେକ କିଛି ନୂଆ ଶୃଷ୍ଟି କଲାବେଳେ ତା'ର ଗୋଟିଏ ନାଆଁ ସିଦ୍ଧାନ୍ତ ବୋଲି ଦେବା, ସିଦ୍ଧାନ୍ତକୁ ନିଜେ ସୃଷ୍ଟି କରିଥିବାରୁ ସିଦ୍ଧାନ୍ତ ପଛରେ ନିଜର ନାଆଁକୁ ଯୋଡିବା ଆଜି ସାଧାରଣ ଭାବରେ ଆମେ ଦେଖି, ଶୁଣି ଆସୁଛେ । ଉଦାହରଣସ୍ୱରୂପ ନିଉଟନ୍‌ଙ୍କ ସିଦ୍ଧାନ୍ତକୁ ନିଉଟନ୍‌ସିଦ୍ଧାନ୍ତ, ଡାର୍‌ଉଇନ୍‌ଙ୍କ ସିଦ୍ଧାନ୍ତକୁ ଡାର୍‌ଉଇନ୍‌ସିଦ୍ଧାନ୍ତ ଏହିଭଳି ଅନେକ ସିଦ୍ଧାନ୍ତ ରହିଛି ବୋଲି ଆମେ ଜାଣିଛେ । ଜଣେ ଲୋକ ଏକ ନୂଆ ବିଷୟ ପାଇବା ବେଳେ ଆମକୁ ମାନିବାକୁ ପଡୁଛି ଯେ, ଅମୁକ ଲୋକ ଅମୁକ ସିଦ୍ଧାନ୍ତ ସୃଷ୍ଟି କରିଛନ୍ତି । ଏଠାରେ ଭଲ ଭାବରେ ଲକ୍ଷ୍ୟ କଲେ ଆମଠାରେ ଏକ ପ୍ରଶ୍ନ ଆସେ । ତାହା ହେଉଛି ! ଯଦି ଶରୀରରେ ତିନିଜଣ ଅଛନ୍ତି ତେବେ ଏଇ ତିନିଜଣଙ୍କ ଭିତରୁ ସୃଷ୍ଟିଟି କାହା ଦ୍ୱାରା ବାହାରକୁ ଆସିଥିଲା ? ଏହା ଏକ ପ୍ରଶ୍ନ ନୁହେଁ ବୋଲି ଆମେ କହି ପାରିବା ନାହିଁ । ଗୋଟିଏ ଘରେ ତିନିଜଣ ବାସ କରୁଛନ୍ତି, ସେହି ଘରୁ ଏକ ସାହାଯ୍ୟ ମିଳୁଛି, ସାହାଯ୍ୟଟି

କାହା ଦ୍ୱାରା ମିଳିଲା ଆମେ ଜାଣିପାରିବା ଭଳି ଶରୀରକୁ ଯଦି ଏକ ଘର ଭାବିବା ତେବେ ସାହାଯ୍ୟ ମିଳୁଥିବା ଘରୁ କିଏ ସାହାଯ୍ୟ କଲା ତାହା ଆମ ଦୃଷ୍ଟିରେ ପଡି ସେମାନଙ୍କ ଭିତରୁ କାହାର କ୍ଷମତା କେତେ ଯେମିତି ଆମେ ଜାଣି ପାରୁଛେ ସେମିତି ଆମର ଶରୀର ରୂପୀ ଘରେ କେଉଁ ଆତ୍ମାର ବଳ କେତେ ? କିଏ ଆମକୁ କେତେ ସାହାଯ୍ୟ କରୁଛି ? ପ୍ରଶ୍ନର ସମାଧାନ ଜାଣିହେବ ।

ଶରୀର ଗୃହରେ ଜୀବାତ୍ମା, ଆତ୍ମା, ପରମାତ୍ମା ନାମକ ତିନି ଅତ୍ମା ନିବାସ କରିଥା'ନ୍ତି । ଶରୀର ଗୃହରୁ ଏକ ରହସ୍ୟ ବହିର୍ଗତ ହେବାବେଳେ ଶରୀର ନିବାସୀ ସେହି ତିନି ପାତ୍ରଙ୍କର ବିଷଦ ବିବରଣ ଜାଣିବାକୁ ପଡିବ, ନଚେତ କିଛି ବୁଝିହେବ ନାହିଁ । ଏବେ ଜାଣିବାକୁ ହେବ ସେମାନେ କିଏ ? କାହାର କାର୍ଯ୍ୟ କ'ଣ ? ଶରୀରରେ ଥିବା ପ୍ରଥମ ପାତ୍ର ଜୀବାତ୍ମା । ଜୀବାତ୍ମା ବା ଜୀବ କହିଲେ ଆମେ । ଶରୀରରେ ମୁଁ, ମୋର ଇତ୍ୟାଦି ଭାବକୁ ଭିତରେ ଥାଇ ଯିଏ ପ୍ରକଟିତ କରିଥାଏ ସେ ହେଉଛି ଜୀବ, ଶରୀରରେ ବା ଶରୀର ଦ୍ୱାରା କୌଣସି କାର୍ଯ୍ୟ ହେଲେ ସେସବୁ ମୁଁ କରୁଛି ବୋଲି ଭାବୁଥିବା ପାତ୍ର ହେଉଛି ଜୀବ । ତେଣୁ ପ୍ରଥମେ ଜାଣିବା ଦରକାର ଯେ, ଏହି ଜୀବ କିଏ ? ସେ ଶରୀରରେ କାହିଁକି ରହିଛି ? ଏଇଭଳି ଗୋଟିକ ପରେ ଗୋଟିଏ ପ୍ରଶ୍ନ କରି ତା'ର ଜବାବ ଖୋଜିଲେ ଆମେ ନିଶ୍ଚୟ ଜୀବ (ଜୀବାତ୍ମା)କୁ ଜାଣି ପାରିବା ।

ପ୍ରପଞ୍ଚରେ ଅନେକ ପ୍ରକାରର ସ୍ଥିତିଗତି ଥିଲେ ମଧ୍ୟ ଏ ଶରୀରରେ ଯିଏ ଜୀବାତ୍ମା ଭାବରେ ରହିଛି ସେ ଉପରର ସ୍ଥିତିକୁ ନେଇ ମୁଁ ମନ୍ତ୍ରୀ, ମୁଁ ଅଫିସର, ମୁଁ ଧନୀ, ମୁଁ ଜ୍ଞାନୀ, ମୁଁ ଗରିବ ଇତ୍ୟାଦି ଭାବରେ ବାହାରକୁ ପ୍ରକଟିତ ହୋଇଥାଏ । ବାସ୍ତବରେ ଜୀବ ସହିତ ବାହାରର କୌଣସି ସମ୍ବନ୍ଧ ନଥାଏ । ଜୀବାତ୍ମା ଶରୀରର ଏକମାତ୍ର ସ୍ଥାନରେ ନିବାସ କରିଥାଏ । ଏକ

ହିସାବ ଅନୁସାରେ ଶରୀରରେ ଜୀବର ପରିମାଣ ଶରୀରର ୩୧,୧୦୪ ଭାଗରୁ ମାତ୍ର ଏକଭାଗ ବୋଲି ନିର୍ଣ୍ଣୟ କରାଯାଇଛି । (ଏହି ହିସାବର ବିବରଣୀ "ନିଗୁଢ଼ ତତ୍ତ୍ୱାର୍ଥ ବୋଧିନି" ନାମକ ଗ୍ରନ୍ଥରେ ଲେଖା ଯାଇଛି) ତେଣୁ ମାନବ ଶରୀରର ହଜାରହଜାର ଭାଗରୁ ମାତ୍ର ଗୋଟିଏ ଭାଗ ହେଉଛି ଜୀବାତ୍ମା । ସେଥିଲାଗି କେତେବେଳେ କେମିତି ଆମେ ରାଗିଯିବା ବେଳେ ଆମ ଅଜାଣତରେ ଆମ ତୁଣ୍ଡରୁ ବାହାରିଯାଏ ଯେ "ତୁ ମୋ ଆଗରେ ଧୂଳିକଣା ସମାନ, ଫୁଙ୍କି ଦେଲେ ଉଡିଯିବୁ" । ଏତେ ଛୋଟ ଆକାରର ଜୀବାତ୍ମା ଶରୀରରେ କିଛି ମଧ୍ୟ କରି ନଥାଏ । କେବଳ ଶରୀର ଦ୍ୱାରା ହେଉଥିବା କାର୍ଯ୍ୟରୁ ଭଲମନ୍ଦ, ଦୁଃଖସୁଖକୁ ଅନୁଭବ କରିଥାଏ । ଜୀବ ସହିତ ବାହାରର କୌଣସି ସଂପର୍କ ନାହିଁ । ଶରୀରରେ କୌଣସି କାର୍ଯ୍ୟ କରୁନଥିବା, ବାହାର ସହିତ କୌଣସି ସଂପର୍କ ନଥିବା ଜୀବାତ୍ମା ସବୁକିଛି ମୁଁ କରୁଛି ଭାବିଥାଏ, ମୁଁ କରାଉଛି ବୋଲି ଭାବିଥାଏ । ଶରୀରରେ ଜୀବାତ୍ମା ଯାହା ଭାବନା କଲେ ମଧ୍ୟ ଘଟୁଥିବା କାର୍ଯ୍ୟ, କରୁଥିବା ଅଲୋଚନା, ଜାଣି ପାରୁଥିବା ରହସ୍ୟ ସହିତ ତା'ର କୌଣସି ସଂପର୍କ ନାହିଁ । ମୋର ସ୍ଥିତି ଏଇଆ, ମୋର କୌଣସି ବଳ ନାହିଁ, ମୁଁ କିଛି କରେ ନାହିଁ କି କରାଏ ନାହିଁ ବୋଲି ଜୀବ କେବେ ଭାବିନଥାଏ । ଜୀବାତ୍ମା ତା'ର ଅଜ୍ଞାନ ବଶତଃ ନିଜର ସ୍ଥିତି, ପରିମାଣ, ବଳ ବାବଦରେ ଜାଣିପାରି ନଥାଏ । ଜୀବାତ୍ମା କେବଳ ତା'ର କର୍ମକୁ ଅନୁଭବ କରିବା ପାଇଁ ଶରୀରରେ ଜନ୍ମ ନେଇଥାଏ, ସେ ଏସବୁ ନଜାଣିବା ଦ୍ୱାରା କରିଥିବା କାର୍ଯ୍ୟ ସମୂହର କର୍ତ୍ତା ମୁଁ ବୋଲି ଭାବିଥାଏ । ସେହିଭଳି ପାଇଥିବା ସିଦ୍ଧାନ୍ତର ସ୍ରଷ୍ଟା ମଧ୍ୟ ମୁଁ ବୋଲି ଭାବିଥାଏ । ପ୍ରକୃତ ଜ୍ଞାନ ଅନୁସାରେ ଜୀବାତ୍ମା ଶରୀର ଭିତରେ ଅସ୍ୱତନ୍ତ୍ର, ଅନାମକ, କର୍ମବଦ୍ଧ ଏବଂ ଅନୁଭବକ ।

ପ୍ରଥମ ଆତ୍ମା ଭାବରେ ଥିବା ଜୀବାତ୍ମାର ଶରୀରରେ ଘଟୁଥିବା କାର୍ଯ୍ୟ ସହିତ କୌଣସି ସଂବନ୍ଧ ନାହିଁ ଏବଂ ନିଜ ପାଖକୁ ଆସୁଥିବା ଦୁଃଖ

ସୁଖକୁ ଅନୁଭବ କରିବା ଛଡା ତା'ର କୌଣସି ବଳ ନାହିଁ ବୋଲି ଆମେ ଜାଣିଲେ । ଏହିଭଳି ଆମ ଶରୀରରେ ଥିବା ତୃତୀୟ ଆତ୍ମା ପରମାତ୍ମା ମଧ୍ୟ ଜୀବାତ୍ମା ଭଳି କୌଣସି କାର୍ଯ୍ୟ ନକରି ରହିଥା'ନ୍ତି । ଜୀବାତ୍ମା ତା'ର ପ୍ରାରବ୍ଧକର୍ମକୁ ଅନୁଭବ କରୁ କରୁ ଆଗାମି କର୍ମ ଅର୍ଜନ କରିଥାଏ, କିନ୍ତୁ ପରମାତ୍ମାଙ୍କର କର୍ମ ଅନୁଭବ କିମ୍ବା କର୍ମାର୍ଜନ ନଥାଏ । ଜୀବାତ୍ମା ଶରୀରର ଗୋଟିଏ ମାତ୍ର ସ୍ଥାନରେ ରହିଥାଏ, କିନ୍ତୁ ପରମାତ୍ମା ଶରୀରର ପ୍ରତ୍ୟେକ ଅଣୁରେ ବ୍ୟାପକ ଭାବେ ରହି ଶରୀରର ବାହାରେ ମଧ୍ୟ ସର୍ବବ୍ୟାପୀ ହୋଇ ରହିଥା'ନ୍ତି । ଜୀବାତ୍ମାର ଆକାର, ପରିମାଣ ଥିବାବେଳେ ପରମାତ୍ମାଙ୍କର କୌଣସି ଆକାର, ପରିମାଣ ନଥାଏ । ପରମାତ୍ମା ଶରୀରରେ କୌଣସି କାର୍ଯ୍ୟ ନକରି କେବଳ ରହିଥା'ନ୍ତି, ସେ କୌଣସି କାର୍ଯ୍ୟର କାରକ କି କାରଣ ବୋଲି ଭାବି ନଥା'ନ୍ତି । ଏଇଠାରେ ଏବେ ପ୍ରଶ୍ନ ଆସେ ଯେ, ଶରୀରରେ ଜୀବାତ୍ମା କି ପରମାତ୍ମା ଯଦି କିଛି କରିନଥା'ନ୍ତି ତେବେ କାର୍ଯ୍ୟ କିପରି ହୋଇଥାଏ ? ତା'ର ସମାଧାନ ହେଉଛି ! ଆଜି ପର୍ଯ୍ୟନ୍ତ ଆଧ୍ୟାତ୍ମିକ ବିଦ୍ୟାରେ କେବେ ପ୍ରଚାର ହୋଇ ନଥିବା ଆତ୍ମା ଶରୀରରେ ରହିଛି । ଏହି ଆତ୍ମା ହିଁ ପ୍ରଥମରେ ଥିବା ଜୀବାତ୍ମା, ତୃତୀୟରେ ଥିବା ପରମାତ୍ମାଙ୍କ ମଝିରେ ଥିବା ପାତ୍ର । ସମସ୍ତେ ଜୀବାତ୍ମା, ପରମାତ୍ମା ବାବଦରେ କହନ୍ତି, ହେଲେ ଆତ୍ମା ଅନ୍ୟ ଦୁଇଆତ୍ମାର ମଝିରେ ଅଛି ବୋଲି କେହି ଜାଣନ୍ତି ନାହିଁ । ଆତ୍ମା ଶବ୍ଦଟି ସମସ୍ତେ ତୁଣ୍ଡରେ କହୁଥିଲେ ମଧ୍ୟ ଆତ୍ମାର ସଠିକ୍ ବିବରଣ କାହା ପାଖରେ ନାହିଁ । ସମସ୍ତେ ଜୀବାତ୍ମା ଅଛି, ପରମାତ୍ମା ଅଛି କହିବା ବେଳେ କେତେକ ପରମାତ୍ମା ଛଡା ଆଉ କିଛି ନାହିଁ ବୋଲି କହିଥା'ନ୍ତି । ଯିଏ ଯାହାବି କହୁ ଶରୀରରେ କିଛି କରୁନଥିବା ଜୀବାତ୍ମା, ପରମାତ୍ମାଙ୍କ ସମେତ ଆତ୍ମା ମଧ୍ୟ ରହିଛି । ଶରୀରରେ ସବୁ କିଛି କରି କରାଉଥିବା ଆତ୍ମାକୁ ଜାଣି ନପାରିବା ହିଁ ସବୁଠାରୁ ବଡ ଅଜ୍ଞାନ । ଆତ୍ମାର ନାମ ଆମେ ଶୁଣୁଥିଲେ ମଧ୍ୟ ଆତ୍ମା ହିଁ ତୁ, ତୁ ହିଁ ଆତ୍ମା ବୋଲି ଭାବ ରହି ଆସିଛି, ବାଣୀବୋଧ ମଧ୍ୟ

କରାଯାଉଛି । ଜୀବାତ୍ମା, ଆତ୍ମା, ପରମାତ୍ମା ସବୁ ଗୋଟିଏ ହେଲେ ହେଁ ସ୍ଥୂଳ ଭେଦରେ ଏମାନଙ୍କୁ ଚିହ୍ନି ନପାରିବା ଆମର ଦୂର୍ଭାଗ୍ୟ ।

ଦ୍ୱିତୀୟ ଆତ୍ମା ଗୋଟିଏ ଦିଗରେ ଜୀବାତ୍ମାର ଅନ୍ୟଏକ ଦିଗରେ ପରମାତ୍ମାଙ୍କର ମଝିରେ ରହି ପରମାତ୍ମାଙ୍କ ପ୍ରତିନିଧି ଭାବରେ ଏବଂ ଜୀବାତ୍ମାର ଅଧିପତି ଭାବରେ ରହିଥାଏ । ଶରୀରରେ ଆତ୍ମା ସର୍ବବ୍ୟାପୀ ଭାବରେ ନିଜର ବଳକୁ ବିଛାଇ ସମସ୍ତ କାର୍ଯ୍ୟ କରାଇଥାଏ । ଶରୀର ବାହାରେ ହେଉ କି ଭିତରେ ହେଉ ସମସ୍ତ କାର୍ଯ୍ୟ ଆତ୍ମା ହିଁ କରାଇଥାଏ । ଭିତରର ଅବୟବଗୁଡିକୁ ସ୍ପନ୍ଦନ ଦେଇ ପରିଚାଳିତ କରିବା ସହିତ ବାହାର ଅବୟବଗୁଡିକ ଦ୍ୱାରା କାର୍ଯ୍ୟ କରାଉଥିବା ଆତ୍ମା ସର୍ବ କାର୍ଯ୍ୟର କାରଣ ମୁଁ ବୋଲି କଦାପି କହିନଥାଏ । ସେଥିଲାଗି ସେ ଚିହ୍ନାପଡେ ନାହିଁ, ହେଲେ କିଛି କରୁନଥିବା ଜୀବାତ୍ମା ସବୁ ମୁଁ କରୁଛି ଭାବିବା ଦ୍ୱାରା ସେହି ଆତ୍ମା ପାତ୍ର କ'ଣ ଆମେ ଜାଣି ପାରୁନାହେଁ । ଆମକୁ ଜଣାଥାଉ କି ନଥାଉ ଶରୀର ଭିତରେ, ବାହାରେ କାର୍ଯ୍ୟଗୁଡିଏ କରି କରାଇଥାଏ ଏବଂ ଚୈତନ୍ୟ ହୋଇ ସାରାଶରୀରରେ ରହିଥାଏ ଆତ୍ମା । ମଣିଷ ଶୋଇବା ବେଳେ ମଧ୍ୟ ଆତ୍ମା କାର୍ଯ୍ୟ କରିଥାଏ । ରକ୍ତ ସଂଚାଳନ, ହୃତ୍‌ପିଣ୍ଡ ସ୍ପନ୍ଦନ, ଖାଦ୍ୟ ପଚନ ଇତ୍ୟାଦି କାର୍ଯ୍ୟ କରିବା ଛଡା ମନ କରୁଥିବା କାର୍ଯ୍ୟ ମଧ୍ୟ ଆତ୍ମା କରିଥାଏ, ସେସବୁ ପରେ ଜାଣିବା । ଉଭୟ ଆତ୍ମା, ପରମାତ୍ମା କିଛି କରୁନଥିବା ବେଳେ ଜାଗତିକ ଅଭିବୃଦ୍ଧି, ସାମାଜିକ ଉନ୍ନତି ନିମନ୍ତେ ନାନା ଯନ୍ତ୍ରପାତି, ଜଣାନଥିବା ସିଦ୍ଧାନ୍ତ, ବିଜ୍ଞାନ, ଗବେଷଣା ଇତ୍ୟାଦି ଆତ୍ମା ହିଁ ମାନବର ସ୍ମୃତି ଦ୍ୱାରା କରାଇଥାଏ, ଅନେକ ଅଜଣା ବିଷୟ ଜଣାଇଥାଏ । ଆଜି ଭୂପୃଷ୍ଠରେ ଦେଖାଯାଉଥିବା କମ୍ପ୍ୟୁଟରଠାରୁ ଆରମ୍ଭକରି ଅନ୍ୟାନ୍ୟ ଉପକରଣ ପର୍ଯ୍ୟନ୍ତ ସବୁକିଛି ଆତ୍ମା ମାନବର ସ୍ମୃତିଦ୍ୱାରା ଜଣାଇଛି । ଏକଥା ଶାସ୍ତ୍ରବଦ୍ଧ ଭାବରେ କହିବାପାଇଁ ପ୍ରମାଣ ମଧ୍ୟ ଅଛି । ଭଗବଦ୍ଗୀତା ଶାସ୍ତ୍ରର ପୁରୁଷୋତ୍ତମ ପ୍ରାପ୍ତି ଯୋଗର ୧୫ତମ ଶ୍ଳୋକରେ– **"ସର୍ବସ୍ୟ ଚାହଂ ହୃଦିସନ୍ନିବଷ୍ଟୋ ମତଃ**

**ସ୍ମୃର୍ତିଜ୍ଞାନ ମପୋହନଂ ଚ"** । ବୋଲି ଆତ୍ମାର ବିଧି ବିଧାନ କୁହାଯାଇଛି । ସ୍ମୃତି, ଜ୍ଞାନ, ଉଭାବ, ଭୂଲିଯିବା ସବୁକିଛି ଆତ୍ମା ଦ୍ୱାରା ହୋଇଥାଏ ବୋଲି କୁହାଯାଇଛି । ସମସ୍ତ କର୍ମ ଆତ୍ମା ଦ୍ୱାରା ସମ୍ଭବ ହେଉଥିବା ବେଳେ, ମଣିଷ (ଜୀବ) ଅଜ୍ଞାନର ବଶୀଭୂତ ହୋଇ ସବୁ ମୁଁ କରୁଛି ବୋଲି ଭାବୁଛି ।

ପ୍ରତ୍ୟେକ ଶରୀରରେ ଜୀବାତ୍ମା ସହିତ ଆତ୍ମା ରହି ସେହି ଶରୀରରେ ଜୀବନ ନିର୍ବାହ କରାଉଛି । ପ୍ରତ୍ୟେକ ଶରୀରରେ ସ୍ୱତନ୍ତ୍ର ସ୍ୱତନ୍ତ୍ର ଆତ୍ମା ଭାବରେ ରହି ମଧ୍ୟ ଆତ୍ମା ସବୁ ଶରୀରରେ ଗୋଟିଏ ଆଚରଣ ସୂତ୍ର ନେଇ ରହିଛି । ଆତ୍ମା ଅଂଶ ଏ ଜଗତପାଇଁ ଗୋଟିଏ ହେଲେ ମଧ୍ୟ ଗୋଟିଏ ଗୋଟିଏ ଶରୀରରେ ଗୋଟିଏ ଗୋଟିଏ ଆତ୍ମା ରହିଛି । ଭିନ୍ନ ଭିନ୍ନ ଶରୀରର ଆତ୍ମା ଭିନ୍ନ ଭିନ୍ନ ପ୍ରାପଞ୍ଚିକ ଆଚରଣ କରୁଥିବା ଭଳି ମଣିଷକୁ ବୋଧ ହେଉଛି, ଆତ୍ମା ହିଁ ଭିନ୍ନ ଭିନ୍ନ ଆକୃତିର ଶରୀର ନିର୍ମାଣ କରାଇଛି । ପ୍ରପଞ୍ଚରେ କେତେକ କ୍ଷେତ୍ରରେ କେତେକଙ୍କୁ ମହାନ କରିବା ମଧ୍ୟ ଆତ୍ମାର କାର୍ଯ୍ୟ । ଅନେକ ରହସ୍ୟ ବିଷୟ ଲୋକଲୋଚନକୁ ଅଣାଇବା କାର୍ଯ୍ୟ ମଧ୍ୟ ଆତ୍ମା କରାଇଥାଏ । ମଣିଷର ସବୁସୁଖ ପଛରେ, କାହାକୁ ଜଣା ନଥିଲେ ମଧ୍ୟ ସତ ହୋଇଥିବା ଅନେକ ଗବେଷଣାର ଫଳଭାବରେ ରହିଛି । ବିମାନ, ଟିଭି, କମ୍ପ୍ୟୁଟର, ଲାପ୍ଟପ୍, ସେଲଫୋନ୍, ଇତ୍ୟାଦି ଉପକରଣ ସହିତ ବିଦ୍ୟା, ବୈଦ୍ୟାଦି ସର୍ବ ଉନ୍ନତିର ମୂଳ କାରଣ ହେଉଛି ଆତ୍ମା । ଏ ସବୁକୁ ଅଜ୍ଞାନତାରେ ଜୀବ ଜାଣିନପାରି ସବୁର କାରଣ ମୁଁ ବୋଲି ଭାବନା କରୁଛି । ପ୍ରତି ନୂଆକଥା, ପ୍ରତି ଗବେଷଣା ପ୍ରତି କାର୍ଯ୍ୟ ମୋ' ଦ୍ୱାରା ହୁଏ ବୋଲି ମାନବ ଭାବିବା ତାର ସହଜ ସ୍ୱଭାବ ହୋଇଯାଇଛି । ପ୍ରତ୍ୟେକ ଶରୀରର ଆତ୍ମା ସେହି ଶରୀରକୁ ସବୁଦିଗରୁ ପରିଚାଳିତ କରୁଛି, କିନ୍ତୁ ପ୍ରତ୍ୟେକ ଶରୀରରେ ସ୍ୱତନ୍ତ୍ର ସ୍ୱତନ୍ତ୍ର କାର୍ଯ୍ୟ କରୁଛି । ସଚିନ୍ ତେନ୍ଦୁଲ୍‌କରକୁ କ୍ରୀଡାବିତ୍ ଭାବରେ, ଆବୁଲ୍‌କାଲାମ୍‌ଙ୍କୁ ବୈଜ୍ଞାନିକ ଭାବରେ, ନମିତା ଅଗ୍ରବାଲ୍‌ଙ୍କୁ କଣ୍ଠଶିଳ୍ପୀ ଭାବରେ ତିଆରି

କରିବା ସେମାନଙ୍କ ଆତ୍ମାପ୍ରମେୟ ସିନା, ସେମାନଙ୍କର ନୁହେଁ । ପ୍ରତ୍ୟେକ ପ୍ରାପଞ୍ଚିକ ଅଭିବୃଦ୍ଧିର କାରଣ, ବୈଶିଷ୍ଟ୍ୟତା, ନୂତନତା, ପ୍ରାବୀଣ୍ୟତା ଏବଂ ଗବେଷଣାର ବଳ ମଧ୍ୟ ଆତ୍ମା ବୋଲି ଜାଣିବା ଉଚିତ୍ । ବିଶ୍ୱର ଦୁଇଟି ସ୍ତର ରହିଥାଏ । ଗୋଟିଏ ହେଲା ପ୍ରପଞ୍ଚ (ଚରାଚର ପଞ୍ଚଭୂତ) ଅନ୍ୟଟି ହେଲା ପରମାତ୍ମା । ପ୍ରପଞ୍ଚ ସ୍ତରରେ ଆତ୍ମା ମଣିଷର ସୁଖଦୁଃଖରେ ସବୁ କ୍ଷେତ୍ରରେ ମୁଖ୍ୟପାତ୍ର ବହନ କରେ । ପ୍ରପଞ୍ଚ ପ୍ରଗତିରେ ଅନେକ ଆଗକୁ ଯାଇଥିବା ମାନବ ସବୁ ମୋରି ପ୍ରାବିଣ୍ୟତା ମନେକରେ । ଅନେକ ରୋଗର ଔଷଧ ଜଣାଇଥିବା ଆତ୍ମା, ସୁଖ ଭୋଗିବାର ଅନେକ ଉପକରଣ ମଧ୍ୟ ଜଣାଇ ଦେଇଛି । ଆତ୍ମା ଏହି ପ୍ରାପଞ୍ଚିକ ବିଷୟଗୁଡିକ ସମସ୍ତଙ୍କ ଦ୍ୱାରା ନ ଜଣାଇ ମାତ୍ର କେଇଜଣଙ୍କ ଶରୀର ଦ୍ୱାରା ଜଣାଇଥାଏ । ପ୍ରାପଞ୍ଚିକ ବିଷୟ ହୋଇ ଅତି ସତର୍କତାର ସହ କେତେକଙ୍କଠାରେ ଆତ୍ମା ବାହାରକୁ ଜଣା ପଡୁଥିବା ବେଳେ, ପରମାତ୍ମା ସମ୍ବନ୍ଧୀୟ କେତେକ ବିଷୟ କେତେକଙ୍କଠାରୁ ନହୋଇ ମାତ୍ର ଏକ ଶରୀରରୁ ଜଣାପଡେ । ପ୍ରପଞ୍ଚ ସମ୍ବନ୍ଧୀୟ ବିଷୟର ରହସ୍ୟ କେତେକ ଉନ୍ନତ, ସ୍ୱତନ୍ତ୍ର ମଣିଷଠାରୁ ବହିର୍ଗତ ହେବା ସ୍ଥଳେ, ପରମାତ୍ମା ସମ୍ବନ୍ଧୀୟ ରହସ୍ୟ ମାତ୍ର ଜଣେ ମଣିଷର ଆତ୍ମା ଦ୍ୱାରା ବହିର୍ଗତ ହୋଇଥାଏ, ସେହି ମଣିଷକୁ ହିଁ ଭଗବାନ କୁହାଯାଏ । ପରମାତ୍ମାଙ୍କ ବିବରଣ କେବଳ ଭଗବାନଙ୍କ ଛଡା କାହାକୁ ଜଣା ନଥାଏ, ତେଣୁ ପରମାତ୍ମା ବା ଈଶ୍ୱରଙ୍କ ସମ୍ବନ୍ଧୀୟ ସମସ୍ତ ବିବରଣ ମାନବକୁ କେବଳ ମାନବରୂପୀ ଭଗବାନ ଆସି କହିଥା'ନ୍ତି । ଭଗବାନଙ୍କ ବ୍ୟତୀତ ଅନ୍ୟ ମାନବଠାରେ ଥିବା ଆତ୍ମାଗୁଡିକ ପ୍ରପଞ୍ଚର ବଡ ବଡ ଆଶ୍ଚର୍ଯ୍ୟକର ଘଟଣାଦିର ବିବରଣ ଜଣାଇ ପାରନ୍ତି ।

ସ୍ୱୟଂ ପରମାତ୍ମା ଭୂପୃଷ୍ଠରେ ଯେତେବେଳେ ମଣିଷ ହୋଇ ଜନ୍ମ ହୁଅନ୍ତି ସେତେବେଳେ ତାଙ୍କୁ ଭଗବାନ କୁହାଯାଏ । ଜଗତରେ ଥରେ ଭଗବାନ ହୋଇ ଆସିଥିବା ମଣିଷ ହେଉଛନ୍ତି ଭଗବାନ ଶ୍ରୀକୃଷ୍ଣ । କେତେକ ରାମଙ୍କୁ ଭଗବାନ କହନ୍ତି, କେତେକ କୃଷ୍ଣଙ୍କୁ କହନ୍ତି, ହେଲେ

ଭଗବାନ କିଏ ନାମକ ବିଷୟକୁ ଆମେ କେବଳ ଶାସ୍ତ୍ର ପଦ୍ଧତିରେ ଆଲୋଚନା କରୁଛୁ ସିନା,ପୁରାଣର ଆଲୋଚନା କରୁନାହୁଁ। ପରମାତ୍ମା ଶ୍ରୀକୃଷ୍ଣଙ୍କ ପୂର୍ବରୁ କେଉଁ ଜନ୍ମ ନେଇଥିଲେ ସେକଥା କାହାକୁ ଜଣା ନାହିଁ। ପୁରାଣରେ ବିଷ୍ଣୁଙ୍କର ଦଶଗୋଟି ଅବତାର ଥିଲା ବୋଲି କହନ୍ତି। ତାହା ରୂପ, ନାମ, କ୍ରିୟା ସହିତ ହୋଇଥିବା ଜନ୍ମ, କିନ୍ତୁ ଆମେ ରୂପ, ନାମ, କ୍ରିୟା ନଥିବା ଈଶ୍ୱରଙ୍କ ବାବଦରେ କହୁଛୁ ବୋଲି ଜାଣନ୍ତୁ । ସର୍ବବ୍ୟାପୀ ପରମାତ୍ମା (ଈଶ୍ୱର) ସ୍ୱୟଂ ମାନବ ରୂପରେ ଆସି ମାନବକୁ ବ୍ରହ୍ମବିଦ୍ୟା ବା ଯୋଗଶାସ୍ତ୍ର କୁହାଯାଉଥିବା ଭଗବଦ୍ଗୀତାରେ ମାନବକୁ ଜଣା ନଥିବା ଅନେକ ଆଧ୍ୟାତ୍ମିକ ରହସ୍ୟ ଜଣାଇଛନ୍ତି, ସେହି ରହସ୍ୟଗୁଡିକ ଭିତରେ ମୁଖ୍ୟତଃ ଜନ୍ମ ଓ ମୃତ୍ୟୁର ରହସ୍ୟ ସ୍ପଷ୍ଟ ଭାବରେ ରହିଛି, ତାହାକୁ ହିଁ **"ଜନନ ମରଣ ସିଦ୍ଧାନ୍ତ'** ନାମଦେଇ ଜନ୍ମ ଓ ମୃତ୍ୟୁର ରହସ୍ୟକୁ ଆଜି ଆମେ ଜଣାଉଛୁ,ଏହାର ସମସ୍ତ ବାକ୍ୟ ସିଦ୍ଧାନ୍ତ ସମ୍ବଳିତ । ଜନ୍ମହେବା ସମୟର କଥା ମନେଥିଲେ କେହି ଜନ୍ମ ରହସ୍ୟ କହିପାରିବ, ମରଣ ମନେଥିଲେ ମରଣ ରହସ୍ୟ କହିହେବ ! ହେଲେ ଏକଥା କାହାର ମନେନଥିବା ବେଳେ, ଆପଣ କିପରି ଲେଖୁଛନ୍ତି ବୋଲି ଆପଣମାନେ ମଧ୍ୟ ପ୍ରଶ୍ନ କରି ପାରନ୍ତି । ଏହାର ସମାଧାନ ଯାହା ଅଛି ତାହା ମୁଁ କହୁନାହିଁ, ଭଗବଦ୍ଗୀତାର ସାଂଖ୍ୟଯୋଗରେ ଥିବା ୨୨ତମ ଶ୍ଲୋକ ହିଁ ଏପରି କହୁଛି, ସେହି ଆଧାରରେ ଆମେ ଲେଖିଛୁ । ତାହା ଦେଖନ୍ତୁ ।

**ବାସାଂସି ଜୀର୍ଣ୍ଣାନି ଯଥା ବିହାୟ ନବାନି ଗୃହ୍ଣାତି ନରୋପରାଣି ।**
**ତଥା ଶରୀରାଣି ବିହାୟ ଜୀର୍ଣ୍ଣାନ୍ୟନ୍ୟାନି ସଂଯାତି ନବାନି ଦେହୀ ।।**

ଏହିଭଳି ଅକ୍ଷର ପରବ୍ରହ୍ମ ଯୋଗର ଗୋଟିଏ ଶ୍ଲୋକର ଆଧାରରେ ମରଣ ରହସ୍ୟ ମଧ୍ୟ ଲେଖାଯାଇଛି ।

**ଯଂ ଯଂ ବାପି ସ୍ମରନ୍ ଭାବଂ ତ୍ୟଜତ୍ୟନ୍ତେ କଳେବରଂ ।**
**ତଂ ତମେବୈତି କୌନ୍ତେୟ ! ସଦାତଭାବ ଭବିତଃ ।।**

ତାହା କେଉଁ ଭଳି ରହସ୍ୟ ହେଉନା କାହିଁକି, ସବୁ ଆତ୍ମା ହିଁ ଜଣାଇ ଥାଏ । ଭଗବାନଙ୍କ ଆତ୍ମା ସ୍ୱତନ୍ତ୍ର, ସେ କେବଳ ପରମାତ୍ମାଙ୍କ ବିଷୟ ଜଣାଇଥାନ୍ତି । ଭଗବାନଙ୍କ ଆତ୍ମା ଜଣାଇଥିବା ଅନେକ ବିଷୟ ଆଗରୁ ଜଣାଇଛୁ, ଏବେ ମଧ୍ୟ ଜଣାଉଛୁ । ଅସୂୟାହୀନ ଭାବରେ ଏହାକୁ ଟିକିଏ ବୁଝିବାକୁ ଚେଷ୍ଟା କରନ୍ତୁ । କାରଣ ଭଗବାନଙ୍କ ଆତ୍ମା ଜଣାଇଥିବା ବିଷୟକୁ ମାୟାରେ ବୁଡି ରହିଥିବା ମଣିଷ ଏତେ ସହଜରେ ବୁଝି ପାରିବ ନାହିଁ । ଏହି ଜନନ ମରଣ ସିଦ୍ଧାନ୍ତ ମଧ୍ୟ ସେହିଭଳି । ତେଣୁ ସତର୍କତାର ସହିତ ପଢିବା ପାଇଁ ଅନୁରୋଧ କରୁଛୁ । ଲେଖିଥିବା ମୁଁ ଏକ ସାଧାରଣ ଜୀବ, କିନ୍ତୁ ଭଗବାନଙ୍କ ଆତ୍ମା ଜଣାଇଥିବା ବିଷୟ ଆପଣଙ୍କ ବିଚାର ଦ୍ୱାରା ନିର୍ଣ୍ଣୀତ ହେଉ ।

ମାନବର ମରଣ ଚାରି ପ୍ରକାରର । ତା' ଭିତରୁ ଅନ୍ୟତମ ହୋଇଥିବା ଶେଷମରଣ (ମୋକ୍ଷ)କୁ ବାଦ୍ ଦେଇ ଆମେ ଏଠାରେ ତିନି ପ୍ରକାରର ମରଣ ବାବଦରେ ଜଣାଇଛୁ । ସେ ତିନୋଟି ମରଣ ଭିତରୁ ପ୍ରଥମେ ଦୁଇଟି ମରଣ ବାବଦରେ ଜାଣିବା । ଗୋଟିଏ କାଳ ମରଣ ଆଉ ଗୋଟିଏ ଅକାଳ ମରଣ । **ସଂପୂର୍ଣ୍ଣ ଶରୀରକୁ ଛାଡି ନଯାଇ ଜୀବାତ୍ମା ଶରୀରର ମାତ୍ର ଦଶ (୧୦) ଭାଗକୁ ଛାଡି ଚାଲିଯାଇଥିବା ଶରୀରର ମରଣକୁ ଆମେ ଅକାଳ ମରଣ କହୁଛୁ । ଯେଉଁମାନଙ୍କର ଅକାଳମରଣ ହୋଇଥାଏ ସେମାନେ ବଳକା ଚଉଦ (୧୪) ଭାଗର ଶରୀରରେ ବଞ୍ଚି ରହିଥା'ନ୍ତି । ଯେଉଁ ଜୀବ ସଂପୂର୍ଣ୍ଣ ଚବିଶି (୨୪) ଭାଗକୁ ଛାଡି ଚାଲିଯାଏ ତା'ର ମରଣ ସେତେବେଳେ କାଳମରଣ ବୋଲାଇଥାଏ ।** ଯେଉଁମାନେ ଅକାଳ ମରଣ ମରିଥା'ନ୍ତି ସେମାନେ କେବଳ ଆମକୁ ଦେଖା ଯାଆନ୍ତି ନାହିଁ, ତେଣୁ ତାହା କାଳ ବା ସଂପୂର୍ଣ୍ଣମରଣ ନୁହେଁ । ଯେଉଁମାନଙ୍କର କାଳମରଣ ହୋଇଥାଏ ସେମାନେ ଆଉଏକ ଜନ୍ମ ପାଇଥା'ନ୍ତି । ସେହି ମରଣ ବାବଦରେ ଏବେ ଜଣିବା । ମରଣ କହିଲେ

କ'ଣ ଆମେ କିଛି ଜାଣିଛେ, କିନ୍ତୁ ମରଣରେ କ'ଣ ହୁଏ, ସେ ସମୟରେ ଜୀବ କେଉଁ ଅନୁଭୂତି ପାଏ, ତା'ର ପରିସ୍ଥିତି କିପରି ଥାଏ, ଜୀବ କିପରି ଶରୀର ଛାଡି ଚାଲିଯାଏ ତାହା ଜାଣିବା ଉଚିତ୍ । ଶରୀର ଜୀବ ସହିତ ମୋଟ ପଚିଶି (୨୫) ଭାଗର । ଜୀବ ବ୍ୟତୀତ ଥିବା ୨୪ ଭାଗକୁ ଆତ୍ମା ତା'ର ଚୈତନ୍ୟ ଦେଇ ପରିଚାଳିତ କରିଥାଏ । ଏଠାରେ ଆତ୍ମା, ପରମାତ୍ମାଙ୍କୁ ଶରୀରଭାଗ ବୋଲି ହିସାବ କରି ପାରିବା ନାହିଁ । କାରଣ ! ଶରୀର ଭାଗଗୁଡିକୁ ହିସାବ କରିବା ପାଇଁ ଏକ ସୂତ୍ର ରହିଛି । ଶରୀରରେ ସ୍ୱତନ୍ତ୍ର ସ୍ୱତନ୍ତ୍ର କାର୍ଯ୍ୟ କରୁଥିବା ଶରୀରଭାଗ ସମେତ ଜୀବାତ୍ମାକୁ ମିଶାଇ ସଂପୂର୍ଣ୍ଣ ଶରୀର ହେଉଛି ମୋଟ ପଚିଶି (୨୫) ଭାଗର । ଆତ୍ମା ସମସ୍ତ ଶରୀରଭାଗକୁ ବଳ ଯୋଗାଇ କାର୍ଯ୍ୟକ୍ଷମ କରାଉଥିବାରୁ ତା'କୁ ଶରୀରଭାଗ ବୋଲି ଆମେ ହିସାବ କରି ପାରିବା ନାହିଁ । **୨୫ଭାଗର ଶରୀରକୁ ସଜୀବଶରୀର କୁହାଯାଏ । ୨୫ ଭାଗରୁ ୧୦ ଭାଗର ବାହ୍ୟ ଶରୀରକୁ "ସ୍ଥୁଳଶରୀର", ୧୫ ଭାଗର ଭିତର ଶରୀରକୁ "ସୂକ୍ଷ୍ମଶରୀର" କୁହାଯାଏ ।** ଏହିପରି ଶରୀର ସ୍ଥୁଳସୂକ୍ଷ୍ମ ଭେଦରେ ଦୁଇ ପ୍ରକାରର । ଭୂପୃଷ୍ଠରେ ସ୍ଥୁଳଶରୀର ନଥାଇ ସୂକ୍ଷ୍ମଶରୀର ରହିପାରେ ସିନା, ସୂକ୍ଷ୍ମଶରୀର ନଥାଇ ସ୍ଥୁଳଶରୀର ରହିପାରେ ନାହିଁ । ଭିତର ଶରୀର ବା ସୂକ୍ଷ୍ମଶରୀରରେ ଜୀବାତ୍ମା (ଜୀବ) ରହିଥାଏ । ଜୀବାତ୍ମା ରହୁଥିବା ଭିତର ଶରୀର ଚାଲିଯିବା ପରେ ବଳକା ପଡିଥିବା ଉପର ଶରୀରକୁ ଆମେ ମୃତଦେହ କହୁଛେ । ଏହି ଭିତର ଶରୀର ଥିବାଯାଏ ଉପର ଶରୀରର ମୂଲ୍ୟ ଥାଏ । ଭିତର ଶରୀର ନଥିଲେ ଉପର ଶରୀର ନଷ୍ଟ ହୋଇଯାଏ । ଏହି ଦୁଇ ସୂକ୍ଷ୍ମ ଶରୀର ଏବଂ ସ୍ଥୁଳ ଶରୀର କଥା ଯଦି ଆପଣ ବୁଝିଥା'ନ୍ତି ତେବେ ମରଣକୁ ସହଜରେ ବୁଝିପାରିବେ ।

ଘରେ ଘୂରୁଥିବା ପଙ୍ଖା ପବନ ଦିଏ, ବିଦ୍ୟୁତ୍ ବଲ୍ବ, ଟ୍ୟୁବ୍ ଇତ୍ୟାଦି ଆଲୋକ ଦିଅନ୍ତି, ଟିଭି ସିନେମା, ସମ୍ବାଦ ଦେଖାଏ । ଏହି

ଉପକରଣଗୁଡିକ ନିଜ ନିଜର କାର୍ଯ୍ୟ କରୁଥିବା ବେଳେ ଏମାନେ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ହୋଇଥାଏ ବିଦ୍ୟୁତ୍ ନାମକ ବଳ । ସେହିଭଳି ଶରୀରରୂପୀ ଘରେ ୨୫ଗୋଟି ଉପକରଣ ଥାଏ । ସମସ୍ତେ ଅଲଗା ଅଲଗା କାର୍ଯ୍ୟ କରୁଥିଲେ ମଧ୍ୟ ସେଗୁଡିକୁ ଚୈତନ୍ୟ ନାମକ ବଳ ଯୋଗାଇଥାଏ ଆତ୍ମା । ପ୍ରତ୍ୟେକ ଅବୟବକୁ ବଳ ଦେଇ ପରିଚାଳିତ କରିଥାଏ ଆତ୍ମା । ଏହା ପ୍ରତି ସଜୀବ ଶରୀରର ନିୟମ । ଶରୀରର ଆୟୁଷ ଶେଷହେଲେ ମରଣ ଆସିଥାଏ । ମରଣ ପର୍ଯ୍ୟନ୍ତ ଅବୟବଗୁଡିକ କାର୍ଯ୍ୟ କରିଥାନ୍ତି । ଶରୀରରେ ସବୁ କାର୍ଯ୍ୟ ଆତ୍ମା କରୁଛି ବୋଲି ବୋଧହୁଏ ଏବେ ବୁଝି ପାରିଥିବେ । ଗୋଟିଏ ଶରୀରରେ ବା ଗୋଟିଏ ଶରୀର ଦ୍ୱାରା କାର୍ଯ୍ୟଟିଏ ହେଲେ କାର୍ଯ୍ୟର ଦୁଃଖସୁଖକୁ ଜୀବାତ୍ମା ଅନୁଭବ କରିଥାଏ । ଆମେ ଏଠାରେ ଏକ ଉଦାହରଣ ନେବା । ଜଣେ ବ୍ୟକ୍ତି ରାସ୍ତାରେ ଯାଉଥିବା ବେଳେ ତାକୁ ରାସ୍ତାକଡରୁ ଚାଉଳ ବସ୍ତାଟିଏ ମିଳିଲା । ପାଇଥିବା ଚାଉଳ ବସ୍ତାକୁ ସେ ତା'ର ଦୁଇ କିଲୋମିଟର ଦୂରରେ ଥିବା ଘରକୁ ବୋହିନେବ, ନେବାରେ ସେ କିଛି କଷ୍ଟ ଅନୁଭବ କରିବା ସହିତ ଯାହାବି ହେଉ ମୋର ଟଙ୍କା ଖର୍ଚ୍ଚ ନହୋଇ, ବଜାରକୁ ଯିବା ଶ୍ରମ ନକରି ମୋତେ ଚାଉଳ ବସ୍ତାଟି ମିଳିଗଲା ଭାବି କିଛି ସୁଖ ମଧ୍ୟ ଅନୁଭବ କରିବ । ତେବେ ଆମେ ଜାଣିସାରିଛେ ଯେ, ସେ ଲୋକର ଶରୀରରେ ସବୁ କାର୍ଯ୍ୟର କାରଣ ହୋଇଥିବା ଆତ୍ମା ରହିଛି । ଆତ୍ମା ଦ୍ୱାରା ସେହି କାର୍ଯ୍ୟ ହେବାର କାରଣ ମଧ୍ୟ ରହିଛି । କାର୍ଯ୍ୟର ଏହି କାରଣକୁ **ପ୍ରାରବ୍ଧ କର୍ମ** କୁହାଯାଏ । ପ୍ରାରବ୍ଧ ଅନୁଭବ ବା କାର୍ଯ୍ୟଟିଏ କରୁକରୁ ସେଥିରୁ ଯେଉଁ ଭାବ ମିଳିଥାଏ ତାହା ହେଉଛି **ଆଗାମୀ କର୍ମ** । ଏହି ଆଗାମୀକର୍ମକୁ ଆମେ ଗୋଟିଏ କାର୍ଯ୍ୟ କରୁ କରୁ ଅର୍ଜନ କରିବସୁଛେ । କିପରିନା !_କାର୍ଯ୍ୟଟି ମୁଁ କରୁଛି ବୋଲି ଭାବିବା ଦ୍ୱାରା । ଏହି କାର୍ଯ୍ୟଗୁଡିକ ଘଟୁଥିବା ସମୟରେ ଆଖିକୁ ଦେଖାଯାଏ ସିନା, ତା'ର କାରଣ ପ୍ରାରବ୍ଧ ଦେଖାଯାଇ ନଥାଏ । କାର୍ଯ୍ୟରୁ ଉତ୍ପନ୍ନ ଆଗାମୀକର୍ମ

ମଧ୍ୟ କାହାକୁ ଦେଖାଯାଇ ନଥାଏ । ଏମିତି ବିବିଧ ପ୍ରକାରର କର୍ମ ମାନବ ଦ୍ୱାରା ବିବିଧ ଭାବରେ ଆତ୍ମା କରାଉଛି, ସେଥିଲାଗି ଏହି ସାରା ଜଗତ ଆମକୁ ଚିତ୍ରବିଚିତ୍ର ଦେଖାଯାଉଛି ।

ଅନେକ ପ୍ରକାରର କାର୍ଯ୍ୟ ଘଟୁଥିବା ପ୍ରପଞ୍ଚରେ ଆତ୍ମା କିମ୍ବା କର୍ମ କାହାକୁ ଦେଖାଯାଇ ନଥାଏ । ଅନୁଭବୀ ଜୀବ କେବଳ ମୁଁ କରୁଛି ନାମକ ଭାବ ଦ୍ୱାରା ଆଗାମୀ କର୍ମରେ ପଡିଥାଏ । ଜୀବର ଏହି ଭାବ କିପରି ଆସେ ଏକ ଉଦାହରଣ ଦେଖନ୍ତୁ । ଯେଉଁ ଲୋକଟି ଚାଉଳ ବସ୍ତା ନେଇ ଯାଉଥିଲା ବୋଲି ଆମେ ଉଦାହରଣ ନେଇଥିଲେ ତା'ରି କଥା ବିଚାର କରିବା । ଚାଉଳ ବସ୍ତାଟି ଆଉଜଣେ ଲୋକର, ସେ ତାହା ନେଇ ଯାଉଥିବା ବେଳେ କୌଣସି କାରଣରୁ ଚାଉଳବସ୍ତାଟି ରାସ୍ତାକଡରେ ରଖିଦେଇ ଚାଲିଗଲା । ସେହି ସମୟରେ ଆମ ଉଦାହରଣର ଲୋକଟି ସେହି ରାସ୍ତାରେ ଆସୁଥିଲା, ତା'ର ନଜର ସେହି ଚାଉଳବସ୍ତା ଉପରେ ପଡିଲା, ତା'ର ନଜର (ଦୃଷ୍ଟି) ଚାଉଳ ବସ୍ତା ଉପରେ ପଡୁପଡୁ ତା'ର ଆଖି ପର୍ଯ୍ୟନ୍ତ ବ୍ୟାପୀଥିବା ମନ ସେହି ଚାଉଳ ବସ୍ତାର ବିଷୟ ନେଇ ଭିତରେ ଥିବା ବୁଦ୍ଧି ପାଖରେ ପହଞ୍ଚାଇଲା, ଭିତରେ ଥିବା ବୁଦ୍ଧି ଗ୍ରହଣ କରିଥିବା ବିଷୟଗୁଡିକ ସହିତ ବିଚାର କରିବା ଆରମ୍ଭ କଲା । ଗୁଣଗୁଡିକ ଦୁଇପ୍ରକାରର ହୋଇଥିବା କାରଣରୁ ଭଲଗୁଣ ଏବଂ ଖରାପ ଗୁଣ ନେଇ ସେ ଲୋକର ବୁଦ୍ଧି ତା'ର ବିଚାର ଆରମ୍ଭକଲା ।

**ଭଲଗୁଣ** : ଆହା ! କାହାର ଚାଉଳ ବସ୍ତାଟି ପଡିଯାଇଛି ।

**ମନ୍ଦଗୁଣ** : ଚାଉଳ ବସ୍ତା ଯାହାର ହେଉ ତୋ'ର କ'ଣ ଗଲା, ଏଠି କେହି ନାହାନ୍ତି, ତା'କୁ ତୁ ଘରକୁ ନେଇଯାଆ ।

**ଭଲଗୁଣ** : ଯାହାର ଚାଉଳ ବସ୍ତାଟି ପଡିଯାଇଛି ସେ ଖୋଜି ଖୋଜି

ଏଠାକୁ ଆସି ହୁଏତ ନେଇ ଯାଇ ପାରେ, ଯଦି ତୁ ନେଇଯିବୁ ସେ ଆସି କେତେ ଦୁଃଖ କରିବ, ତେଣୁ ତୁ ନେଇଯିବାଟା ଠିକ୍ ହେବ ନାହିଁ ।

**ମନ୍ଦଗୁଣ** : କେହି ନଥିବା ବେଳେ ତୋତେ ମିଳିଛି, ତା'କୁ ଛାଡ୍ ନାହିଁ ! ଏବେ ତାହା ତୋ'ର ଡେରି ନକରି ନେଇ ଯାଆ ।

**ଭଲଗୁଣ** : ତୁ ଯାହା ଭାବୁଛୁ ଭାବ୍ କିନ୍ତୁ ଏହା ଠିକ୍ ହେବ ନାହିଁ ।


**ମନ୍ଦଗୁଣ** : ଯିଏ ଛାଡି ଯାଇଛି, ତା'ର ଭୂଲ୍ ! ଏବେ ତୋତେ ମିଳିଛି ଜଲ୍‌ଦି ଉଠାଇ ନିଏ ।

**ଭଲଗୁଣ** : ତଥାପି ତାହା ତୋ'ର ନୁହେଁ ।

**ମନ୍ଦଗୁଣ** : ଏଠି ଭଲ ମନ୍ଦର ନୀତି ଖୋଜିଲେ ସମାଜରେ ଚଳିପାରିବୁ ନାହିଁ । ନେଇଯାଆ ! ସଂସାରରେ ବଞ୍ଚିବାକୁ ହେଲେ ଏମିତି ଛୋଟ ଛୋଟ କାର୍ଯ୍ୟ ବିଚାରହୀନ ଭାବରେ କରିବାକୁ ହିଁ ହେବ ।


ଏହିଭଳି ଦୁଇଟି ଗୁଣ ଦ୍ୱାରା ତା'ର ପ୍ରାରବ୍ଧରେ ସେ ଚାଉଳ ବସ୍ତା ନେବାରେ ଅଛି କି ନାହିଁ ବୁଦ୍ଧି ଦୁଇଟି ଗୁଣ ଦ୍ୱାରା ବିଚାର କଲାବେଳେ, ଭିତରେ ଥିବା ଚିତ୍ତ ହିଁ ଉଚିତ୍ ନିର୍ଣ୍ଣୟ ନେବ । ଏ କ୍ଷେତ୍ରରେ ବୁଦ୍ଧି କେବଳ ବିଚାର କରେ ସିନା କିଛି ନିର୍ଣ୍ଣୟ ନେଇ ନଥାଏ, କାରଣ ପ୍ରାରବ୍ଧ ଅନୁସାରେ ଜୀବ ଯାହା ସବୁ ଅନୁଭବ କରିବାକୁ ଥିବ ତାହା ଚିତ୍ତ ହିଁ ନିର୍ଣ୍ଣୟ ନେବ । ତେଣୁ ପ୍ରାରବ୍ଧରେ ଜୀବର କିଛି ଦୁଃଖ କିଛି ସୁଖ ଅନୁଭବ କରିବାକୁ ଥିବାରୁ ସେ ବିଷୟଗୁଡିକ ବୁଦ୍ଧି ବିଚାର କଲାବେଳେ ଶେଷରେ ନିର୍ଣ୍ଣୟ ନେଇଥାଏ ଚିତ୍ତ । ଚିତ୍ତର ନିର୍ଣ୍ଣୟ ପାଖରେ ଥିବା ମନ ଗ୍ରହଣ କରି ଶରୀରର ବାହ୍ୟ କର୍ମେନ୍ଦ୍ରିୟ ଯଥା ହାତ, ଗୋଡ ଇତ୍ୟାଦିକୁ ପହଞ୍ଚାଇ ଦିଏ । ଆଦେଶ ପାଇବା କ୍ଷଣରେ ହାତ,ଗୋଡ ଇତ୍ୟାଦି ତାହାକୁ କାର୍ଯ୍ୟରୂପ ଦେଇଥା'ନ୍ତି । ଏଥିରେ ଜୀବର କ'ଣ ବା ହସ୍ତକ୍ଷେପ ରହିଲା ? କିଛି ବି ନାହିଁ । ଏଠାରେ

କାର୍ଯ୍ୟ କରିବାରେ କିଛି କଷ୍ଟ ଏବଂ ଫଳ ପାଇବାରେ କିଛି ସନ୍ତୋଷତାକୁ ଜୀବ ଅନୁଭବ କଲା ସିନା, ସେ ଏଠାରେ କିଛି ମଧ୍ୟ କରି ନାହିଁ । ଏହି କାର୍ଯ୍ୟ ସମୂହର ମୂଳ ପ୍ରାରବ୍ଧକର୍ମ ଅନୁସାରେ ଶରୀର ଅବୟବଗୁଡିକ କାର୍ଯ୍ୟ କଲାବେଳେ, କିଛି କରୁ ନଥିବା ଜୀବାତ୍ମା କେବଳ ଅହଂ ସହିତ ତାଦାତ୍ମ୍ୟ ହୋଇ ନିଜେ ହିଁ ସବୁକିଛି କରୁଛି ବୋଲି ଭାବିଲା, ଅର୍ଥାତ୍ ନିଜକୁ କର୍ତ୍ତା ଭାବିଲା । ଏହି ଅହଂ ଚିତ୍ତର ଅତି ନିକଟରେ ରହିଥାଏ । ତେଣୁ କାର୍ଯ୍ୟରେ କୌଣସି ହସ୍ତକ୍ଷେପ କରୁନଥିବା ଜୀବ ଅହଂଭାବକୁ ଗ୍ରହଣ କରି ଆଗାମୀ କର୍ମକୁ ଆପଣାର କଲା । ଶରୀରରେ ଥିବା ଏହି ଜୀବାତ୍ମା, ବୁଦ୍ଧି, ଚିତ୍ତ ଏବଂ ଅହଂର ଏକ ଚିତ୍ର ଜ୍ଞାନ ଚକ୍ଷୁରେ ଦେଖନ୍ତୁ ।




ଏହି ଉଦାହରଣରେ ରାସ୍ତାରେ ଝୁଉଳବସ୍ତାର ଦୃଶ୍ୟ ବୁଦ୍ଧି ପାଖରେ ପହଞ୍ଚିବା ବେଳେ ମୁଣ୍ଡର ଥିବା ଗୁଣଗୁଡିକ କାର୍ଯ୍ୟକରିବା ଆରମ୍ଭକଲେ । ମଣିଷ ଦେହରେ ଥିବା ଗୁଣଗୁଡିକ ଭଲମନ୍ଦ ଭେଦରେ ଦୁଇ ପ୍ରକାରର । ମନ୍ଦ ବର୍ଗର ଗୁଣଗୁଡିକ ଭିତରେ ଥିବା କାମ (ଆଶା) ଗୁଣ ଝୁଉଳ ବସ୍ତା ବାବଦରେ ବିଚ୍ଛର କରିବା ବେଳେ, ତା'ର ବିପରିତ ଭଲବର୍ଗର ଗୁଣଗୁଡିକ ମଧ୍ୟ ବିଚ୍ଛରକରିବା ଆରମ୍ଭ କରିଦେଲେ, କିନ୍ତୁ ସେଠାରେ

ସେତେବେଳେ କର୍ମ ଅନୁସାରେ ନିର୍ଣ୍ଣୟ ଘଟିଲା । ଏଠାରେ କାମ (ଆଶା) ଗୁଣ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ କାର୍ଯ୍ୟଗୁଡ଼ିକରେ ଅନ୍ୟାନ୍ୟ ଗୁଣଗୁଡ଼ିକ ଯଥା ଲୋଭ,ମୋହ,ମଦ,ମାତ୍ସର୍ଯ୍ୟାଦି ସେହିଭଳି ଦାନ, ଦୟା, ଉଦାରତା, ବୈରାଗ୍ୟ..ଇତ୍ୟାଦି ଗୁଣଗୁଡ଼ିକ କାର୍ଯ୍ୟ କରିଥା'ନ୍ତି । ଏହିସବୁ ଗୁଣରାଜି ଭିତରେ ହିଁ ଜୀବାତ୍ମା, ବୁଦ୍ଧି, ଚିତ୍ତ ଓ ଅହଂ ଚାରିଜଣ ମିଶି ଏକ ଦଳ ଭାବରେ ରହିଥା'ନ୍ତି । ଏବେ ଗୁଣଗୁଡ଼ିକ ଭିତରେ ଜୀବାତ୍ମା କିପରି ଥାଏ ତାହା ତଳ ଚିତ୍ରରେ ଆପଣଙ୍କ ସୂକ୍ଷ୍ମଦୃଷ୍ଟିରେ ଦେଖନ୍ତୁ ।




ଜୀବାତ୍ମା ଶୂନ୍ୟ ହୋଇଥିବାବେଳେ ତା'କୁ କେନ୍ଦ୍ର କରି ରହିଥିବା ବୁଦ୍ଧିର ଏକ ବଳୟ ଥିବାରୁ ଜୀବାତ୍ମାର ଏକ ବଳୟକୁ ମଧ୍ୟ ଆମେ ବୁଝି ପାରିବା । ବୁଦ୍ଧି, ବୁଦ୍ଧି ପରେ ଚିତ୍ତ, ଚିତ୍ତ ପରେ ଅହଂର ଗୋଟିଏ ଗୋଟିଏ ବଳୟ ବା ପରଦା ଥିବାରୁ ମଝିରେ ଥିବା ଜୀବ ତିନିଗୋଟି ବଳୟ ଭିତରେ ରହିଯାଉଛି, ତେଣୁ ଜୀବାତ୍ମାର ଆକାର ଏହିଠାରେ ଉଦ୍ଭବ ହେଉଛି । ଏହି

ଜୀବାତ୍ମା ଗୁଣରାଜିର ତିନି ଭାଗରୁ କୌଣସି ଏକ ଗୁଣଭାଗରେ କୌଣସିନା କୌଣସି ସମୟରେ ତା'ର କର୍ମ ଅନୁସାରେ ରହିଥାଏ । ଏହି ଗୁଣଚକ୍ର ଆତ୍ମାକୁ କେନ୍ଦ୍ରକରି ରହିଥାଏ । ଆତ୍ମା ଯେ କେବଳ ଗୁଣଚକ୍ର ଭିତରେ ଥାଏ ତା ନୁହେଁ,ସେ ଆମ କପାଳଠାରୁ ଗୁଦସ୍ଥାନ ପର୍ଯ୍ୟନ୍ତ ବ୍ୟାପିରହିଥିବା ବ୍ରହ୍ମନାଡୀର ଶୀର୍ଷସ୍ଥାନ ହୋଇଥିବା ସହସ୍ରାରକୁ କେନ୍ଦ୍ର କରିରହି, ସାରା ଶରୀରରେ ମଧ୍ୟ ବ୍ୟାପୀ ରହିଥାଏ । ଆମେ ଏଠାରେ ଗୁଣଚକ୍ର କଥା ଆଲୋଚନା କରୁଛେ, ଏହି ଗୁଣଚକ୍ର ଆତ୍ମାକୁ କେନ୍ଦ୍ର କରି ରହିଥାଏ ଏବଂ ଆତ୍ମା ମୁଖ୍ୟତଃ ବ୍ରହ୍ମନାଡୀରେ ଥାଏ । ବ୍ରହ୍ମନାଡୀ କହିଲେ ସହଜରେ ଆମ ମେରୁଦଣ୍ଡକୁ ହିଁ ବୁଝନ୍ତୁ । ଏହି ବ୍ରହ୍ମନାଡୀର ଅଗ୍ରଭାଗ ଅର୍ଥାତ୍ ଆମ ଦୁଇ ଭୃଲତାର ମଧ୍ୟ ଭାଗରେ ଥିବା ବ୍ରହ୍ମନାଡୀସ୍ଥ ଆତ୍ମାକୁ କେନ୍ଦ୍ରକରି ଗୁଣଚକ୍ର ରହିଥାଏ । ଗୁଣଚକ୍ର ସମେତ ଆଉ ତିନିଗୋଟି ଚକ୍ର ମଧ୍ୟ ରହିଥାଏ । କ୍ରମାନ୍ୱୟରେ ଉପରୁ ତଳ ଦିଗରେ ରହିଥିବା ସେହି ଚକ୍ରଗୁଡିକ ହେଲେ ବ୍ରହ୍ମଚକ୍ର, କାଳଚକ୍ର, କର୍ମଚକ୍ର ଏବଂ ଗୁଣଚକ୍ର । ଗୁଣଚକ୍ର ସବୁଠାରୁ ତଳେ ଥାଏ । ଅନ୍ୟ ଚକ୍ରଗୁଡିକ ମଧ୍ୟ ବ୍ରହ୍ମନାଡୀକୁ କେନ୍ଦ୍ରକରି, ଉପର ତଳ ହୋଇ ରହିଥା'ନ୍ତି । ଏହି ବ୍ରହ୍ମ, କାଳ, କର୍ମ, ଗୁଣଚକ୍ର ବ୍ରହ୍ମନାଡୀକୁ ଘେରି କିପରି ରହିଥା'ନ୍ତି ତାହା ପର ପର୍ଦ୍ଦରେ ଥିବା ଚିତ୍ରରେ ଦେଖି ପାରିବେ ।

ଏହିଭଳି ଚାରିଗୋଟି ଚକ୍ର ଆମ ଭୃକେନ୍ଦ୍ରରେ ରହିଥାଏ । ଏହି ଗୁଣଚକ୍ରରେ ଥିବା ତିନିଗୋଟି ଭାଗରୁ କୌଣସି ଏକ ଭାଗରେ ଜୀବାତ୍ମା ଗୁଣ ସହିତ ମିଶିରହି ଥିବାବେଳେ, ଉପରେ ଥିବା କର୍ମଚକ୍ରରୁ ତଳକୁ କର୍ମପ୍ରସାର ହୋଇଥାଏ । ତାହା କେଉଁ କାର୍ଯ୍ୟ ହେବ ସୂଚିତ କରିଥାଏ । ଏହି କର୍ମପ୍ରସାର ଗୁଣ ଉପରକୁ ହେବା ପାଇଁ ବିଭିନ୍ନ ସମୟ ଥାଏ । ତେଣୁ ସମୟ ବା କାଳ ଅନୁସାରେ କର୍ମପ୍ରସାର ଗୁଣଚକ୍ରକୁ ହୋଇଥାଏ । ଅର୍ଥାତ୍ କାଳକୁ ନେଇ କର୍ମ, କର୍ମକୁ ନେଇ ଗୁଣ, ଶେଷରେ ଗୁଣକୁ ନେଇ କାର୍ଯ୍ୟ ଘଟିଥାଏ ।




ରାସ୍ତାରେ ଝଉଳ ବସ୍ତା ମିଳିବାସମୟ କାଳଚକ୍ର ଅନୁସାରେ ଦ୍ୱିପ୍ରହର ସମୟ । ଏହି ସମୟରେ ଅନୁଭବ କରିଥିବା କର୍ମ କର୍ମଚକ୍ର ଅନୁସାରେ କିଛି ସନ୍ତୋଷ ତଥା ତା'ଠାରୁ କିଛି ଅଧିକ କଷ୍ଟ ଅନୁଭବ ହେଲା । କାର୍ଯ୍ୟ କରିଥିବା ଗୁଣଚକ୍ରର ଗୁଣ ହେଲା ଆଶା (କାମ) । ଜୀବର ଆଗାମୀ କର୍ମ ହେଲା ପାପ । କାର୍ଯ୍ୟ କରିଥିବା ଶରୀରର ଭାଗଗୁଡିକ ହେଲେ ଗୋଡ, ହାତ, ଆଖି, ଭିତରର ମନ, ବୁଦ୍ଧି, ଚିତ୍ତ, ଅହଂ ଏବଂ ଜୀବ । ଏହିଭଳି ଅନେକ ସମୟରେ ଅନେକ ପ୍ରକାରର ପ୍ରାରବ୍ଧକର୍ମ ଶରୀର ଦ୍ୱାରା ଅନୁଭବ ହୋଇଥାଏ । ଜୀବ ଅନୁଭବ କରୁକରୁ ପୁଣି ନୂଆ କର୍ମର ବନ୍ଧନରେ ପଡିଥାଏ, ଏଭଳି ସମସ୍ତଙ୍କ ଶରୀରରେ ହୋଇଥାଏ । ପୁରୁଣା କର୍ମ ଅନୁଭବ କରୁକରୁ ନୂଆ କର୍ମ ବା ଆଗାମୀକର୍ମର ବନ୍ଧନରେ ପଡିବା ଦ୍ୱାରା ଜୀବକୁ ମରିଯିବା ପରେ ପୁଣି ଥରେ ଜନ୍ମ ନେବାକୁ ପଡିଥାଏ । ଜନନ ମରଣ ଏହି କର୍ମ ଦ୍ୱାରା ହିଁ ହୋଇଥାଏ ।

ମରଣ ସମୟରେ ଶରୀରର ଅବସ୍ଥା ଜାଣିବା ପାଇଁ ଜୀବିତ ସମୟର ଅବସ୍ଥା କିପରି ଥିଲା ଜାଣିବାକୁ ହେବ । ଏପର୍ଯ୍ୟନ୍ତ ଶରୀରରେ କାଳ, କର୍ମ, ଗୁଣର କାର୍ଯ୍ୟ ବାବଦରେ କିଛି ଜାଣିଲେ । ଜୀବ, ଆତ୍ମା, ଅବୟବ ଇତ୍ୟାଦି ବାବଦରେ ମଧ୍ୟ କିଛି କିଛି ଜାଣିଲେ । ଏବେ ମରଣ ବିଷୟରେ ଜାଣିବା । ବଞ୍ଚିଥିବା ସମୟରେ ଜୀବ ଦୁଃଖସୁଖକୁ ଅନୁଭବ କରିଥାଏ । ନିଦ୍ରା ସମୟକୁ ବାଦ୍ ଦେଲେ ଜାଗ୍ରତାବସ୍ଥା, ସ୍ୱପ୍ନାବସ୍ଥାରେ ମଧ୍ୟ ପ୍ରାରବ୍ଧ କର୍ମ ଅନୁଭବ ହୋଇଥାଏ । ଗୋଡରେ କଣ୍ଟାଟିଏ ଫୁଟିଗଲେ ସେହି କଷ୍ଟ ମନ ଦ୍ୱାରା ବୁଦ୍ଧିରେ ପହଞ୍ଚି, ବୁଦ୍ଧି ଦ୍ୱାରା ଜୀବର ଅନୁଭବକୁ ଆସିଥାଏ । ପ୍ରତ୍ୟେକ ଅନୁଭବ ଖୁବ୍ ଶୀଘ୍ର ଜୀବ ପାଖରେ ପହଞ୍ଚିବା ଭଳି ଯାନ୍ତ୍ରିକ ବ୍ୟବସ୍ଥା ଶରୀର ଭିତରେ ରହିଛି । ଏହି ଶରୀର ଯନ୍ତ୍ରଗୁଡିକ ମରଣ ସମୟରେ ସ୍ଥିରହେବାକୁ ଲାଗେ, ଏହି ସମୟକୁ ହିଁ **ଅବସାନ ଦଶା** କୁହାଯାଏ । ଜୀବନରେ ଶରୀରର ପାଞ୍ଚଗୋଟି ଅବସ୍ଥା ଥାଏ । ସେଗୁଡିକ ହେଲେ **୧) ବାଲ୍ୟ, ୨) କୈଶୋର, ୩) ଯୌବନ, ୪) ବାର୍ଦ୍ଧକ୍ୟ, ୫) ଅବସାନ** । ଅନ୍ୟ ଦଶାଗୁଡିକ ଶରୀରରେ କିଛି କାଳ ରହୁଥିବା ସ୍ଥଳେ କେବଳ ଏହି ଅବସାନ ଦଶା ମାତ୍ର ପାଞ୍ଚ (୫) ମିନିଟ୍‌ରୁ ଅଧଘଣ୍ଟା ପର୍ଯ୍ୟନ୍ତ ରହିଥାଏ । କେତେକଙ୍କଠାରେ କିଛି ଅଧିକ ସମୟ ରହିପାରେ । ଅନ୍ୟ ଦଶାଗୁଡିକୁ ବାଦ୍‌ଦେଲେ ଅବସାନ ଦଶାରେ ସକ୍ରମରେ କାର୍ଯ୍ୟ କରୁଥିବା ଶରୀର ଅବୟବଗୁଡିକ ଧିରେ ଧିରେ ବଦଳି ସ୍ଥିର ହେବାକୁ ଲାଗିଥାନ୍ତି ।

ଶରୀରର ଅନ୍ୟ ଦଶାଗୁଡିକରେ ସାରା ଶରୀରକୁ ବଳ ଦେଇ ସବୁ କାର୍ଯ୍ୟ କରି କରାଉଥିବା ଆତ୍ମା ସାରା ଶରୀରରେ ବ୍ୟାପୀ ରହିଥିଲେ ମଧ୍ୟ ଅବସାନ ଦଶାରେ ସାରା ଶରୀରରୁ ଧିରେ ଧିରେ ମୁକୁଳିତ ହୋଇଯାଏ । ଶରୀରରୁ ଆତ୍ମା ମୁକୁଳିତ ହେବାବେଳେ ଶରୀରର କେଶ, ଲୋମ, ଚର୍ମକୁ ସ୍ପର୍ଶକଲେ ମଧ୍ୟ କୌଣସି ଅନୁଭବ ହୋଇନଥାଏ । ଏତିକିବେଳେ ପିମ୍ପୁଡି କାମୁଡୁ, ଇଂଜେକ୍ସନ୍ ଦିଆଯାଉ କି କଙ୍କଡା ବିଛା କାମୁଡୁ କୌଣସି

କଷ୍ଟ ଅନୁଭବ ହୋଇନଥାଏ । ବଞ୍ଚିଥିବା ସମୟରେ ଚର୍ମ ଦ୍ୱାରା ଜାଣି ହେଉଥିବା କଷ୍ଟ ଅବସାନ ଦଶାରେ ଜାଣିହୁଏ ନାହିଁ । ଶରୀରସାରା ବିଛାଇ ହୋଇ ରହିଥିବା ଆତ୍ମା ଗୋଟିଏ ସ୍ଥାନକୁ ମୁକୁଳିତ ହେଉଥିବାରୁ ଶରୀରର କର୍ମେନ୍ଦ୍ରିୟଗୁଡିକ କାର୍ଯ୍ୟକରିବା ଶକ୍ତି ହରାଇଥା'ନ୍ତି । ସେତେବେଳେ ମଣିଷ ବିଛଣାରେ ଶବ ଭଳି ପଡିରହେ । ମୁହଁ, ଓଠର ଚଳନ ଶକ୍ତିକୁ ସେ ହରାଇ ଥିବାରୁ କଥା ମଧ୍ୟ କହିପାରେ ନାହିଁ । ସମସ୍ତ କର୍ମେନ୍ଦ୍ରିୟଗୁଡିକ କାର୍ଯ୍ୟକରିବା ବଳ ହରାଇଥିଲେ ମଧ୍ୟ ଶରୀରର ଜ୍ଞାନେନ୍ଦ୍ରିୟଗୁଡିକ କାର୍ଯ୍ୟ କରୁଥିବାରୁ ନିଜ ପାଖକୁ ଆସୁଥିବା ଲୋକମାନେ ତା'କୁ ଦେଖାଯା'ନ୍ତି, ସେ ସେମାନଙ୍କ କଥା ଶୁଣିପାରେ, କିନ୍ତୁ ସେମାନଙ୍କୁ କିଛି କହିପାରେ ନାହିଁ । କର୍ମେନ୍ଦ୍ରିୟଗୁଡିକ କାର୍ଯ୍ୟ କରୁନଥିବାରୁ ବ୍ୟାକୁଳ ହୋଇଉଠେ । ଏସମୟରେ ତା'କୁ କୌଣସି ଶରୀରକଷ୍ଟ ମଧ୍ୟ ଅନୁଭବ ହେଉନଥାଏ । ଯଦି କୌଣସି ଶରୀର ଆଭ୍ୟନ୍ତରୀଣ ଯନ୍ତ୍ରଣା ଥାଏ ତେବେ ତାହା କିଛି ପରିମାଣରେ ମୁକୁଳିତ ହେଉଥିବା ଆତ୍ମା ଦ୍ୱାରା ଅନୁଭବ ହୋଇଥାଏ । କିଛି ସମୟ ପରେ କାର୍ଯ୍ୟ କରୁଥିବା ଜ୍ଞାନେନ୍ଦ୍ରିୟଗୁଡିକ ମଧ୍ୟ ବଳହୀନ ହୋଇପଡେ । ସେତେବେଳେ ପାଖରେ କିଏ ଛିଡା ହୋଇଛି, କ'ଣ କହୁଛି ତାହା ମଧ୍ୟ ସେ ଜାଣିପାରେ ନାହିଁ । ଆଖି ଖୋଲା ଥିଲେ ମଧ୍ୟ ଦେଖାଯାଏ ନାହିଁ, ପଲକ ସ୍ଥିର ହୋଇଯାଏ । କେତେକ ଏହି ସମୟକୁ ଅନ୍ଧ ଭାବରେ ଗ୍ରହଣକରି, ଏହି ସମୟରେ ଉପରୁ ଯମଦୂତମାନେ ଆସନ୍ତି, ମରଣାସନ୍ନ ଲୋକ ସେମାନଙ୍କୁ ଭୟରେ ଦେଖୁଥାଏ, ସେଥିଲାଗି ସେ ଆଉ କାହାକୁ ଦେଖିବାକୁ ଇଚ୍ଛାକରେ ନାହିଁ । ଏହିଭଳି ଅନେକ ଲୋକ ଅନେକ ଅଶାସ୍ତ୍ରୀୟ କଥା କହିଥା'ନ୍ତି ।

ଶରୀରରେ କର୍ମ ଅନୁସାରେ କର୍ମେନ୍ଦ୍ରିୟ, ଜ୍ଞାନେନ୍ଦ୍ରିୟ କାର୍ଯ୍ୟ କରିବା ବନ୍ଦ କରିଦେବା ପରେ ଶରୀରର ଆଉ କୌଣସି ବାହ୍ୟଦଶା ନଥାଏ । ଭିତରେ କେବଳ ମନ, ବୁଦ୍ଧି, ଚିତ୍ତ ଇତ୍ୟାଦି କାର୍ଯ୍ୟ କରୁଥା'ନ୍ତି ସିନା,


କୌଣସି ବାହ୍ୟ ବିଷୟ ଭିତରକୁ ଯାଇପାରେ ନାହିଁ, କାରଣ ! ଶରୀରର ଉପରେ ବା ବାହାରେ ଜ୍ଞାନେନ୍ଦ୍ରିୟଗୁଡିକର କାର୍ଯ୍ୟ ବନ୍ଦ ହୋଇଯାଇଥିବାରୁ ବାହାରୁ ମନର କାର୍ଯ୍ୟ ବନ୍ଦ ହୋଇଯାଇଥାଏ । ମନ ବାହାର ବିଷୟ ନେଇ ବୁଦ୍ଧି ପାଖରେ ପହଞ୍ଚାଇ ପାରେନାହିଁ, ତେଣୁ ବୁଦ୍ଧିରେ ବିଚାର ହୋଇପାରେ ନାହିଁ । ବିଚାର ବନ୍ଦ ହୋଇଯିବା ବେଳେ ଚିତ୍ତ ବା କ'ଣ ନିର୍ଣ୍ଣୟ ନେବ ? ଚିତ୍ତର କାର୍ଯ୍ୟ ମଧ୍ୟ ବନ୍ଦ ହୋଇଯାଏ । ଯେତେବେଳେ କୌଣସି କାର୍ଯ୍ୟ ହେଉନାହିଁ ସେତେବେଳେ ଜୀବକୁ ସବୁ ତୁ ହିଁ କରୁଛୁ ବୋଲି କହୁଥିବା ଅହଂ ମଧ୍ୟ କାର୍ଯ୍ୟରହିତ ହୋଇଯାଏ । ଏତିକି ବେଳେ ମନ ପାଖରେ ଆତ୍ମାର ବଳ ଥିବାରୁ ନିଜର କାର୍ଯ୍ୟ ଅନୁସାରେ ଘଟିଯାଇଥିବା ବିଷୟସବୁ ମନେପକାଏ, ତେଣୁ ମନ ମଧ୍ୟ ଧିରେ ଧିରେ ବଳହୀନ ହୋଇପଡେ । ଏତିକିବେଳେ ବଳହୀନ ହୋଇପଡୁଥିବା ମନ ଯୋଗାଇ ଦେଉଥିବା କିଛିମାତ୍ର ଅତୀତ ଛଡା ମଣିଷର କୌଣସି ଦୁଃଖ କଷ୍ଟ, ଚିନ୍ତା ଇତ୍ୟାଦି ନଥାଏ । ଅନେକ ଶାରୀରିକ, ମାନସିକ ବାଧାରେ ଶାନ୍ତି ନଥିବା ମଣିଷ ତା'ର ଜୀବନରେ କେବେ ମଧ୍ୟ ଅନୁଭବ କରିନଥିବା ସ୍ଥିତିକୁ ଏହି ଦଶାରେ ପାଇଥାଏ । କୌଣସି ଦୁଃଖ, କଷ୍ଟ, ଚିନ୍ତା ନଥିବା ସେହି ସ୍ଥିତି ବାବଦରେ ବଞ୍ଚିଥିବା ଲୋକମାନେ ନଜାଣି, ମୃତ୍ୟୁବେଳେ ଜୀବ ଅନେକ କଷ୍ଟ ଅନୁଭବ କରିଥାଏ ବୋଲି ଭାବିଥା'ନ୍ତି । ଏଭଳି ମନ ବଳହୀନ ହୋଇଯାଉଥିବା ସମୟରେ ଜୀବନର ଛୋଟ ଛୋଟ ବିଷୟଗୁଡିକୁ ଜୀବ ଭୁଲିଯାଏ । ତା'ର ସ୍ମୃତି ବଳହୀନ ହୋଇଯାଉଥିବାରୁ କେବଳ କେତେକ ମୁଖ୍ୟ ବିଷୟ, ଏବଂ ଜୀବନ ବଞ୍ଚିବା ସମୟରେ ତା'ର ଅତି ପ୍ରିୟ ହୋଇଥିବା କେତେକ ବିଷୟ ତା'ପାଖରେ ବଳକା ରହିଥାଏ । ଏହି ବିଷୟଗୁଡ଼ିକୁ ବୁଦ୍ଧି ଗ୍ରହଣ କରି ଜୀବକୁ ଜଣାଇଥାଏ । ମନ ଶେଷସମୟ ପର୍ଯ୍ୟନ୍ତ ମଧ୍ୟ କାର୍ଯ୍ୟ କରିଥାଏ । ଶେଷରେ ସବୁକିଛିକୁ ଭୁଲିଯାଇ କେବଳ ଜୀବନ ବଞ୍ଚିବା ସମୟର ସବୁଠାରୁ ବଡ ଘଟଣାକୁ ରଖିଥାଏ । ଏହାହିଁ ମନର ଶେଷସ୍ମୃତି ।

ତା'ଠାରୁ ଅଧିକ କିଛି ମନରେ ରହିପାରେ ନାହିଁ, ସେହି ଅନ୍ତିମ ବିଷୟଟି ଜୀବାତ୍ମା ବୁଦ୍ଧି ଦ୍ୱାରା ଜାଣି ପାରିଥାଏ । ଜୀବନରେ ମଣିଷ ଯାହା ମୁଖ୍ୟ ବୋଲି ଭାବିଥିବ, ଯେଉଁ ବିଷୟ ତା'ର ଅତି ମୁଖ୍ୟ ହୋଇଥିବ, ଯାହା ତା'ର ଜୀବନର ଲକ୍ଷ୍ୟ ହୋଇଥିବ, ଯାହାକୁ ସେ ଜୀବନର ସାର ଭାବି ବଞ୍ଚିଥିବ ସେହି ବିଷୟ ହିଁ ତା'ର ଶେଷସ୍ମୃତି ହୋଇ ରହିଯିବ । ଏହି ଶେଷ ସ୍ମୃତିକୁ ଜୀବାତ୍ମା ବୁଦ୍ଧି ଦ୍ୱାରା ଦେଖୁଥିବା ବେଳେ, ଆତ୍ମା ନିଜର ବଳକୁ ବୁଦ୍ଧି ଓ ମନଠାରୁ ଦୁରେଇ ଦେଇଥାଏ । ସେତେବେଳେ ଆଉ କୌଣସି ଶରୀରଅବୟବ କାର୍ଯ୍ୟ କରିବାକୁ ଆତ୍ମଚୈତନ୍ୟ ନପାଇ ସ୍ଥିର ହୋଇ ରହିଯା'ନ୍ତି । ଏ ସମୟ ପର୍ଯ୍ୟନ୍ତ ସବୁଦଶାରେ କାର୍ଯ୍ୟ କରୁଥିବା ଶରୀରର ୨୪ଗୋଟି ଭାଗ ଆଉ କିଛି କରିପାରନ୍ତି ନାହିଁ । ତେଣୁ କେବଳ ଜୀବ (ଜୀବାତ୍ମା) ବଳକା ରହେ । ଆତ୍ମା ମଧ୍ୟ ସମସ୍ତ ଅବୟବଗୁଡିକରୁ ଚାଲିଯାଇ ତା'ର ନିବାସ କେନ୍ଦ୍ର ବ୍ରହ୍ମନାଡୀରେ ପହଞ୍ଚିଯାଏ । ସେତେବେଳକୁ ଶରୀର ମୃତ ହୋଇ ମସ୍ତକର ବ୍ରହ୍ମନାଡୀରେ ଆତ୍ମା, ଗୁଣଚକ୍ରରେ ଜୀବ ରହିଯାଇଥା'ନ୍ତି । ଏହି ସ୍ଥିତି ମାତ୍ର କେଇ ସେକେଣ୍ଡ୍ ରହିବା ପରେ ଆତ୍ମା ବ୍ରହ୍ମନାଡୀକୁ ମଧ୍ୟ ଛାଡି, ନିଜ ସହିତ ଥିବା ଚାରିଗୋଟି ଚକ୍ରକୁ ନେଇ ଶରୀର ଛାଡି ଚାଲିଯାଏ, ସେତେବେଳେ ସମ୍ପୂର୍ଣ୍ଣ ମରଣ ହୁଏ । ଅବସାନ ଦଶାରେ ମୁକୁଳିତ ହୋଇ ଶରୀର ଭାଗଗୁଡିକୁ ଛାଡି ଯାଉଥିବା ଆତ୍ମା ଶେଷରେ ନିଜ ସାଥିରେ ଜୀବକୁ, ତା'ଚାରି କଡରେ ଥିବା ଗୁଣଚକ୍ରକୁ, ତା'ଉପରେ ଥିବା କର୍ମଚକ୍ରକୁ ଏବଂ ତା'ଉପରେ ଥିବା ଦୁଇଚକ୍ରକୁ ନେଇ ଆଉ ଏକ ଶରୀରକୁ ଚାଲିଯାଏ । ଏହି ବିଷୟ ଭଗବଦ୍ଗୀତାର ପୁରୁଷୋତ୍ତମପ୍ରାପ୍ତି ଯୋଗର ଅଷ୍ଟମ ଶ୍ଳୋକରେ କୁହାଯାଇଛି ।

**ଶ୍ଳୋକ,୮: ଶରୀରଂ ଯଦବାପ୍ନୋତି ଯଚ୍ଚାପ୍ୟୁତ୍କ୍ରା ମତୀଶ୍ୱରଃ ।**
**ଦେହୀ ତୈତାନି ସଂଯାତି ବାୟୁର୍ଗନ୍ଧାନିବାଶୟାତ୍ ॥**

ଆତ୍ମା ଏକ ଶରୀରରୁ ଯାତ୍ରା କରି ଅନ୍ୟ ଏକ ଶରୀରରେ ପ୍ରବେଶ କରିବା ବେଳେ ତା' ସହିତ କାମକ୍ରୋଧାଦି ଗୁଣଗୁଡିକୁ, କର୍ମ ଏବଂ ଜୀବକୁ ନେଇ ଅଦୃଶ୍ୟ ସ୍ଥିତିରେ ବାୟୁ ଗନ୍ଧକୁ ବୋହି ନେଇଯିବା ଭଳି ନେଇ ପ୍ରବେଶ କରିଥାଏ ।


ମୃତ୍ୟୁବରଣ କରିଥିବା ଶରୀରରୁ ଆତ୍ମା ଚାରିଗୋଟି ଚକ୍ର ସହିତ ଯାତ୍ରା କରିଥାଏ । ଆତ୍ମା ଏହି ଚକ୍ରଗୁଡିକର ଅଖ ଭଳି ରହିବା ଦ୍ୱାରା ଆତ୍ମା ଯେଉଁ ସ୍ଥାନକୁ ଯାଏ ଚକ୍ରଗୁଡିକ ମଧ୍ୟ ସେହି ସ୍ଥାନକୁ ଯାଇଥା'ନ୍ତି । କେବଳ ମଣିଷ କାହିଁକି ପ୍ରତ୍ୟେକ ଜୀବରାଶିରେ ଏହି ସୂତ୍ର ଲାଗୁହୁଏ । କୌଣସି ଜୀବରାଶିର ଶରୀର ନିର୍ଜୀବ ହୋଇଗଲେ, ସେ ଶରୀରରେ ଥିବା ଆତ୍ମା ଚାରିଗୋଟି ଚକ୍ର ସହିତ ଅନ୍ୟ ଏକ ଶରୀର ପାଇଁ ଯାତ୍ରା କରିଥାଏ । ପବନରେ ସୁବାସ ଯେମିତି ଗୋଟିଏ ସ୍ଥାନରୁ ଅନ୍ୟଏକ ସ୍ଥାନକୁ ସୂକ୍ଷ୍ମଭାବରେ ଯାତ୍ରା କରେ ଠିକ୍ ସେହିଭଳି ଆତ୍ମା ମଧ୍ୟ ସୂକ୍ଷ୍ମଭାବରେ ଯାତ୍ରା କରିଥାଏ । ଆତ୍ମା, ଜୀବାତ୍ମା, ଗୁଣ, କର୍ମ ଏସବୁ କିଛି ଦେଖାଯାଆନ୍ତି ନାହିଁ । ସେଥିଲାଗି ଆମ ଆଖି ସାମ୍ନାରେ ଜଣେ ମରିଗଲେ ମଧ୍ୟ ସେ କୁଆଡେ ଯାଉଛି ଆମେ କେହି ଦେଖି ପାରୁନାହେଁ । ମରଣ ସମୟର ରହସ୍ୟ ମଣିଷକୁ ପୂର୍ବକାଳରୁ ଜଣା ନାହିଁ । ଏହି ଜଣା ନଥିବା ରହସ୍ୟ ହେଉଛି !  ଆତ୍ମା ଏହି ଚାରିଚକ୍ର ସହିତ ବାହାରିଯାଏ ବୋଲି ଆଜି ପର୍ଯ୍ୟନ୍ତ କାହାକୁ ଜଣା ନାହିଁ, କୌଣସି ଗୁରୁ କହିନାହାନ୍ତି କି କୌଣସି ପୁସ୍ତକରେ ମଧ୍ୟ ଲେଖାଯାଇ ନାହିଁ । କୌଣସି ଯୁଗରେ ମଧ୍ୟ ଏକଥା କେହି କହି ନାହାନ୍ତି । ଏକଥା ଯେହେତୁ ନୂଆ ତେଣୁ ସତର୍କତାର ସହିତ ବୁଝିବାକୁ ହେବ । ମୋ'ର, ତା'ର ଭେଦ-ହୀନଭାବରେ ସକଳ ଜୀବରାଶୀର ଶରୀରରେ ଏହି ବ୍ରହ୍ମ, କାଳ, କର୍ମ, ଗୁଣଚକ୍ର ରହିଥାଏ । ସୂକ୍ଷ୍ମଭାବରେ କେବଳ ଜ୍ଞାନଦୃଷ୍ଟିକୁ ଦେଖାଯାଉଥିବା ଏହି ବିଷୟ କେବଳ ଜ୍ଞାନୀମାନେ ଜାଣନ୍ତି । ଆଧ୍ୟାତ୍ମିକ ବିଦ୍ୟାର ଅତି ରହସ୍ୟମୟ ବିଷୟ ଏହି ଚାରିଗୋଟି ଚକ୍ରକଥା ବୁଝିଗଲେ ଜନନ ମରଣର




**କର୍ମଚକ୍ର**

ରହସ୍ୟ ଅତି ସହଜରେ ବୁଝିହୁଏ । ପାଠକପାଠିକାମାନେ ବୁଝିବା ପାଇଁ ସୂକ୍ଷ୍ମ ଭାବରେ ଥିବା ସେହି ଝରିଚକ୍ର ଭିତରୁ ଆମର ନିହାତି ଜାଣିବା ବିଷୟ ଥିବା ଗୁଣଚକ୍ରକୁ, ସେଥିରେ ନିବାସ କରୁଥିବା ଜୀବକୁ ମଧ୍ୟ ଚିତ୍ର ମାଧ୍ୟମରେ ପୂର୍ବରୁ ଦେଖାଇଛୁ । ଏବେ କାଳଚକ୍ର ଏବଂ କର୍ମଚକ୍ରକୁ ମଧ୍ୟ ପର ଚିତ୍ରରେ ଦେଖନ୍ତୁ ।

ଏହି କାଳ, କର୍ମ ଗୁଣ ବିଷୟରେ ଆପଣମାନେ ଏବେ କିଛି ବୁଝି ପାରିଥିବେ । ସବୁଠାରୁ ଉପରେ ଥିବା ବ୍ରହ୍ମଚକ୍ର ବିଶ୍ୱ ସମାଚାର ସମ୍ବନ୍ଧୀୟ । ଏବେ ଏହି ସନ୍ଦର୍ଭରେ ଆମର ତାହା ଜାଣିବା ଆବଶ୍ୟକ ନାହିଁ । ଫୁଲର ବାସନା ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଦେଖାନଯାଇ ଯିବା




**କର୍ମ ଚକ୍ର**

ଭଳି ମରଣରେ ଘରିଚକ୍ରର ସ୍ଥିତି କ୍ଷଣକ ଭିତରେ ଅନ୍ୟ ଏକ ଶରୀରରେ ପ୍ରବେଶ କରିଥାଏ । ବାସ୍ତବରେ କହିବାକୁ ଗଲେ ଆତ୍ମା, ଜୀବାତ୍ମା ମାତ୍ର ଏକ ବା ଦୁଇ ସେକେଣ୍ଡ୍‌ରେ ଅନ୍ୟ ଏକ ଶରୀରରେ ପ୍ରବେଶ କରିଥା'ନ୍ତି । ଆହୁରି ବିଶଦ ଭାବରେ ଦେଖିଲେ ମରଣାସନ୍ନ ଲୋକର ଶ୍ୱାସ ଯାହା ଭିତରକୁ ଯାଏ ଏବଂ ଆସେ ତାହା ଅବସାନ ଦଶାରେ ଥରେ ବାହାରକୁ ଆସି ଆଉ ଭିତରେ ପ୍ରବେଶ କରି ନଥାଏ । ଏହିଭଳି ଶ୍ୱାସର ସହଜଗୁଣ ଶେଷଥର ଶରୀରରେ ପ୍ରବେଶ ନକରି ଯେଉଁଠାରେ ଆତ୍ମା ପ୍ରବେଶ କରେ ସେହିଠାରେ ପ୍ରବେଶ କରିଥାଏ । ଏଠାରେ ବାହାରକୁ ଆସିଥିବା ଶ୍ୱାସ ଏଇଠାରେ ପ୍ରବେଶ ନକରି, ଏଠାରୁ ଯାଇ ଅବିଳମ୍ବେ ଅନ୍ୟଏକ ଶରୀରରେ

ପ୍ରବେଶ କରେ । ମୃତ ଶରୀରଠାରୁ, ନୂଆ ଶରୀର ହଜାର ମାଇଲ୍ ଦୂରରେ ଥିଲେ ମଧ୍ୟ ଆତ୍ମା ତତ୍‌କ୍ଷଣାତ୍ ସେଠାରେ ପହଞ୍ଚିଥାଏ । ଜୀବ ସାଙ୍ଗେ ସାଙ୍ଗେ ଅନ୍ୟଏକ ଶରୀରରେ ପ୍ରବେଶ କରୁଥିବାରୁ କୁହାଯାଉଥିବା ଯମପୁର କାହାଣୀ ମଧ୍ୟ ଏଠାରେ ସଂପୂର୍ଣ୍ଣ ମିଛ ପ୍ରମାଣିତ ହେଉଛି । ଏଠାରେ ସତରେ ଯମାଳୟ କଥା କ'ଣ ମିଛ ! ବୋଲି କେତେକ ପ୍ରଶ୍ନ କରି ପାରନ୍ତି । ସେମାନଙ୍କୁ ଏଠାରେ ଏତିକି କୁହାଯାଇ ପାରେ ଯେ, ଯମଲୋକ, ଯମରାଜା....ସବୁ କେବଳ କଳ୍ପିତ । ଆମେ ଅର୍ଜନ କରିଥିବା ପାପପୁଣ୍ୟ ସବୁ ଜନ୍ମଗୁଡିକରେ ଏହି ଭୂପୃଷ୍ଠରେ ହିଁ ଅନୁଭବ କରିବାକୁ ହୁଏ । ପୁଣ୍ୟ କରିଥିବା ଲୋକ ଏଇଠାରେ ସ୍ୱର୍ଗ ଅନୁଭବ କରେ, ପାପୀ ଏଇଠାରେ ନର୍କ ଅନୁଭବ କରେ ।

ଯେତେ ଦୂର ହେଉନା କାହିଁକି ଗୋଟିଏ ବା ଦୁଇ ସେକେଣ୍ଡ୍ କାଳରେ ଯାଉଥିବା ଆତ୍ମା ଜୀବାତ୍ମା ଧାରଣ କରିବାକୁ ଥିବା ଶରୀର ଅମୁକ ଜାଗାରେ ଅଛି ବୋଲି କିପରି ଜାଣନ୍ତି ? କଣ ଆଗରୁ ଜାଣିଥାନ୍ତି ? ବୋଲି ପ୍ରଶ୍ନ କେତେକଙ୍କଠାରେ ଆସିପାରେ । ତା'ର ସମାଧାନକୁ ଟିକିଏ ଲକ୍ଷ୍ୟ କରିବା । ମରଣ ପୂର୍ବରୁ ଅବସାନ ଦଶାରେ ମନର ଶେଷସ୍ମୃତି ଯାହା ଥିବ ତା'ରି ସମ୍ବନ୍ଧୀୟ ଜନ୍ମ ମିଳିବ ବୋଲି ଭଗବଦ୍ଗୀତାରେ କୁହାଯାଇଛି । ଶେଷସ୍ମୃତିକୁ ପ୍ରଥମେ ଦୁଇ ଭାଗରେ ବିଭାଜନ କରିପାରିବା । ପରମାତ୍ମା ସମ୍ବନ୍ଧୀୟ ସ୍ମୃତିସବୁ ଏକ ପ୍ରକାରର, ପ୍ରକୃତି ସମ୍ବନ୍ଧୀୟ ସ୍ମୃତିସବୁ ଅନ୍ୟ ଏକ ପ୍ରକାରର ବୋଲି କହି ପାରିବା । **୧- ଶେଷସ୍ମୃତି ଯେଉଁ ପ୍ରକାରର, ୨- ସେଥିରେ ତାହାର ସ୍ଥିତି ଯେଉଁ ସ୍ଥିତିର** ସେହି ସ୍ଥିତି ଅନୁସାରେ ଜନ୍ମ ମିଳେ । ଏ ବାବଦରେ ଗୀତାର ଅକ୍ଷର ପରବ୍ରହ୍ମ ଯୋଗରେ ଭଗବାନ୍ **"ଯଂ ଯଂ ବାପି ସ୍ମରନ୍ ଭାବଂ ତ୍ୟଜତ୍ୟନ୍ତେ କଳେବରମ୍ ! ତଂ ତମେବୈତି କୌନ୍ତେୟ" !** ବୋଲି କହିଛନ୍ତି । ଏହି ଅନୁସାରେ ଶେଷରେ ଯେଉଁ

ଭାବ ରହିଥିବ ତତ୍ସମ୍ବନ୍ଧୀୟ ଜନ୍ମ ଲଭ୍ୟ ହେବ । ଶେଷରେ ଜୀବର ପ୍ରପଞ୍ଚ ସମ୍ବନ୍ଧୀୟ ସ୍ମୃତି ଥିଲେ ସେହି ସମ୍ବନ୍ଧୀୟ ଜନ୍ମ, ସ୍ଥଳ ହୋଇଥିବା ଘରେ ଜନ୍ମ ହୋଇଥିବା ଶିଶୁଶରୀରରେ ଆତ୍ମା ଜୀବକୁ ନେଇ ପ୍ରବେଶ କରିବ । ଶରୀର ଛାଡିବା ସହିତ ଶେଷ ମନୋଭାବ ସମ୍ବନ୍ଧୀୟ ଶରୀର ଯେଉଁଠାରେ ଜନ୍ମ ହୋଇଥିବ ଆତ୍ମା ଅନ୍ୟ କୁଆଡେ ନଯାଇ ସିଧା ସେହି ଶରୀରକୁ ଯିବ । ଜୀବର ପ୍ରାରବ୍ଧ ଅନୁସାରେ ଜୀବ ଯେଉଁ ଶରୀରରେ ପ୍ରବେଶ କରିବାକୁ ଥିବ ସେହି ଶରୀରରେ ଆତ୍ମା ପ୍ରବେଶ କରିବାପାଇଁ ଉଚିତ କାରଣ ମଧ୍ୟ ଥିବ । ଅନୁଭବ କରିବାକୁ ଥିବା କର୍ମ ଅନୁସାରେ, ଜାଣିବାକୁ ଥିବା ଜ୍ଞାନ ଅନୁସାରେ, ପ୍ରବେଶ କରୁଥିବା ଜୀବ ଅନୁସାରେ ଶିଶୁ ଶରୀରର ମସ୍ତିସ୍କ ମଧ୍ୟ ନିର୍ମାଣହୋଇ ରହିଥିବ । ମରଣ ହୋଇଯାଇଥିବା ଲୋକର ଶେଷସ୍ମୃତି ସହିତ ନୂଆ ଶରୀରର ନିର୍ମାଣ ମେଳ ଖାଉଥିବା ଶରୀରକୁ ଆତ୍ମା ଚିହ୍ନିପାରି ତା'ର ଯାତ୍ରା ଆରମ୍ଭ କରେ । ଆତ୍ମାର କୌଣସି ପ୍ରତିବନ୍ଧକ ନଥାଏ । ସମୁଦ୍ର ଭିତରୁ ଆସି କୂଳରେ ଅଣ୍ଡା ଦେଇଥିବା କଇଁଛ ଅଣ୍ଡାଦେଇ ଚାଲିଗଲେ ମଧ୍ୟ ଅଣ୍ଡାରୁ ବାହାରିଥିବା ନୂଆ କଇଁଛ ଛୁଆମାନେ ଯେମିତି ସମୁଦ୍ର ଦିଗରେ ହିଁ ଆଗେଇ ଚାଲନ୍ତି,ରାସ୍ତାରେ ସେମାନଙ୍କର କୌଣସି ପ୍ରତିବନ୍ଧକ ଆସିଲେ ମଧ୍ୟ ସେମାନେ ବଞ୍ଚିଥିବା ପର୍ଯ୍ୟନ୍ତ ସମୁଦ୍ର ଦିଗରେ ହିଁ ଗତି କରନ୍ତି । ରାସ୍ତାରେ ପ୍ରାଚୀରଟିଏ ଥିଲେ ମଧ୍ୟ ସେମାନେ ପ୍ରାଚୀରର ଶେଷ ପର୍ଯ୍ୟନ୍ତ ଆସି ପୁଣି ସେମାନଙ୍କର ଦିଗ ବଦଳାଇ ସମୁଦ୍ର ଦିଗରେ ହିଁ ଗତି କରନ୍ତି । ସେହିଭଳି ହଜାରମାଇଲ୍ ଦୂରରୁ ପାରାଟିଏ ଆଣି ଛାଡିଦେଲେ ସେ ମଧ୍ୟ ନିଜର ବାସସ୍ଥାନ ଯେଉଁ ଦିଗରେ ଥାଏ ସେହି ଦିଗକୁ ଉଡିଯିବା ଭଳି ଆତ୍ମାର ଲକ୍ଷ୍ୟରେ କୌଣସି ପ୍ରତିବନ୍ଧକ ନଥାଏ । କଇଁଛ ହେଉ, ପାରା ହେଉ ସେମାନଙ୍କୁ ସେମାନଙ୍କର ଆତ୍ମା ଏହିଭଳି କରାଇଥାଏ । ସେହିଭଳି ପ୍ରାରବ୍ଧକର୍ମର ଅନୁଭବ କରାଇବା ପାଇଁ ଉଚିତ ଶରୀର ଏବଂ ଶେଷସ୍ମୃତି ଥିବା ମସ୍ତିସ୍କକୁ ଆତ୍ମା ଚିହ୍ନିପାରେ ।

ମଣିଷ ଅର୍ଜନ କରିଥିବା ଆଗାମୀକର୍ମ ଗୋଟିଏ ସମୟରେ ସଞ୍ଚିତ କର୍ମରେ ମିଶି ଯାଇଥାଏ । ମଣିଷ ମୃତ୍ୟୁବରଣ କରିବା ସମୟରେ ସଞ୍ଚିତ କର୍ମରୁ ପ୍ରାରବ୍ଧକର୍ମ କିପରି ଆସିଥାଏ ? ବୋଲି କେତେକ ପଚାରି ପାରନ୍ତି । ତା'ର ସମାଧାନ ହେଉଛି ! ମରଣ ସମୟରେ ସାରା ଶରୀର ଶକ୍ତି ହରାଇ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ କାର୍ଯ୍ୟ ନକରିବା ବେଳେ ଫୁସଫୁସ୍ ଦ୍ୱାରା ଅଳ୍ପ ଶ୍ୱାସ ଚାଲୁଥିଲେ ମଧ୍ୟ ଶେଷରେ ତାହା ମଧ୍ୟ ବନ୍ଦହୋଇ ମନର କାର୍ଯ୍ୟ ସଂପୂର୍ଣ୍ଣ ବନ୍ଦ ହୋଇଯାଏ । ସେହି ସମୟରେ ହିଁ ଜୀବାତ୍ମା ତା'ର ଶେଷସ୍ମୃତିକୁ ଦେଖିଥାଏ । ଏତିକିବେଳେ ଆତ୍ମା ବ୍ରହ୍ମନାଡୀରୁ ଚାରିଗୋଟି ଚକ୍ର ସହିତ ବାହାରି ଚାଲିଯାଇଥାଏ ।

ସେହି କ୍ଷଣର ଶେଷ ମନୋଦୃଶ୍ୟ ଅନୁସାରେ ସଞ୍ଚିତକର୍ମରୁ ଆତ୍ମା ଦ୍ୱାରା ପ୍ରାରବ୍ଧକର୍ମ ନିର୍ଦ୍ଧାରିତ ହୁଏ । ଜୀବକୁ ଶେଷ ମନୋଦୃଶ୍ୟ ନମିଳିବା ପର୍ଯ୍ୟନ୍ତ ପ୍ରାରବ୍ଧକର୍ମ ନିର୍ଣ୍ଣୟ ହୁଏ ନାହିଁ । ଶେଷ ମନୋଦୃଶ୍ୟରୁ ପ୍ରାରବ୍ଧ ଏବଂ ପ୍ରାରବ୍ଧ ଅନୁସାରେ ଜନ୍ମିତ ଶରୀର ନିର୍ଦ୍ଧାରିତ ହୁଏ । ଶେଷକ୍ଷଣରେ ସମ୍ପାଦିତ ଆଗାମୀକର୍ମ ସଞ୍ଚିତକର୍ମରେ ମିଶିଯାଏ । ସଞ୍ଚିତରୁ ପ୍ରାରବ୍ଧ ତିଆରି ହେବା, ସଞ୍ଚିତରେ ଆଗାମୀକର୍ମ ମିଶିଯିବା ଏକ ସାଙ୍ଗରେ ହୋଇଥାଏ ।

ମଣିଷ ତା'ର ଜୀବନରେ ଯେଉଁ ବିଷୟ ଉପରେ ଅଧିକ ଲଗ୍ନହୋଇ ରହିଥାଏ, ଯେଉଁ ବିଷୟ ଉପରେ ତା'ର ଅଧିକ ଇଚ୍ଛା ଥାଏ, ଯେଉଁ ବିଷୟକୁ ସବୁବେଳେ ଅଧିକ ଭାବୁଥାଏ ସେହି ବିଷୟର ସ୍ମୃତି ଅବସାନ ଦଶାରେ ଶେଷଥର ମନରେ ଆସି ଜୀବ ପାଖରେ ପହଞ୍ଚେ । ସବୁବେଳେ ସ୍ମରଣ କରିବା ଦ୍ୱାରା ଶରୀର ଛାଡିବା ସମୟରେ ତାହାହିଁ ମନେପଡି ପରଜନ୍ମରେ ପୂର୍ବଜନ୍ମର କର୍ମାନୁଗୁଣ ଶରୀର ମିଳିବାରେ ସହାୟ ହୁଏ, ତା'ପରେ ସେହି ସ୍ଥିତିକୁ ପାଇବୁ ବୋଲି ଗୀତାରେ ମଧ୍ୟ ଭଗବାନ କହିଛନ୍ତି । ତା'ଛଡା ସବୁବେଳେ ମୋତେ ସ୍ମରଣ କର ଶେଷରେ–

**ତସ୍ମାତ୍ସର୍ବେଷୁ କାଳେଷୁ ମାମନୁସ୍ମର ଯୁଧ୍ୟଚ ।**
**ମର୍ଯ୍ୟର୍ପିତ ମନୋବୁଦ୍ଧିର୍ମାମୈବେଷ୍ୟ ସଂଶୟଃ,॥**

**ଅଭ୍ୟାସ ଯୋଗଯୁକ୍ତେନ ଚେତସାନାନ୍ୟଗାମିନା ।**
**ପରମଂ ପୁରୁଷଂ ଦିବ୍ୟଂ ଯାତି ପାର୍ଥଽନୁଚିନ୍ତୟନ୍ ,॥**

ମୁଁ ମନେପଡିବା ଦ୍ୱାରା ମୋ'ଠାରେ ଐକ୍ୟ ହୋଇପାରିବୁ ବୋଲି ମଧ୍ୟ କହିଛନ୍ତି, ଏହା ଗୀତାର ଅକ୍ଷରପରବ୍ରହ୍ମ ଯୋଗରେ କହିଛନ୍ତି, ଏହାର ଭାବାର୍ଥ ହେଉଛି "ତୋ'ର ମନ, ବୁଦ୍ଧି ମୋତେ ସମର୍ପଣ କରି, ସବୁବେଳେ ମୋର ସ୍ମରଣକରିବା ଦ୍ୱାରା ମୋତେ ପାଇପାରିବୁ" ଧ୍ୟାନ, ଅଭ୍ୟାସ ଦ୍ୱାରା ମନରେ ସ୍ମରଣ କରିବା ଦ୍ୱାରା ପରମ, ଦିବ୍ୟ ହୋଇଥିବା ମୋତେ ତୁ ପାଇପାରିବୁ" ବୋଲି ଭଗବାନ ଗୀତାରେ ଉପାୟ ମଧ୍ୟ କହିଛନ୍ତି ।

ଜୀବର ପରଜନ୍ମ ଯାହା ମଧ୍ୟ ହେଉ ମରଣ ସମୟରେ ସେ କୌଣସି ଶାରୀରିକ, ମାନସୀକ ଯନ୍ତ୍ରଣା ଭୋଗକରେ ନାହିଁ । ଏଯାବତ୍ ଅନ୍ୟ ଜନ୍ମକୁ ଯିବାର ଅବସାନ ଦଶା ବାବଦରେ ଜାଣିଲେ ଏବଂ ଏହା ସର୍ବସାଧାରଣ ସମସ୍ତଙ୍କଠାରେ ହୋଇଥାଏ ବୋଲି ଜାଣିଲେ । ଜୀବନରେ ଥିବାବେଳେ କର୍ମ ବନ୍ଧନରେ ନପଡି, ଯିଏ ସଞ୍ଚିତକର୍ମକୁ ନିଖୋଜ (ବିନାଶ) କରିଦିଏ ତା'ର ମୋକ୍ଷ ହୋଇଯାଏ । କର୍ମ ନଥିବା ମଣିଷର, ମରଣ ସମୟରେ ଅବସାନ ଦଶା କିପରି ହୋଇଥାଏ ଏବେ ଜାଣିବା ।

ଜଗତରେ ଯୋଗୀ ହିଁ ମୋକ୍ଷ ପାଇଥାଏ ବା ପରମାତ୍ମାଙ୍କଠାରେ ଐକ୍ୟ ହୁଏ । ଯୋଗୀମାନେ ତିନି ପ୍ରକାରର ୧) ବ୍ରହ୍ମଯୋଗୀ, ୨) କର୍ମଯୋଗୀ, ୩) ଭକ୍ତିଯୋଗୀ । ଯୋଗୀମାନଙ୍କର ଲକ୍ଷ୍ୟ ହେଉଛି ପରମଧାମ । ପରମଧାମରେ ପହଞ୍ଚିବା ହିଁ ମୋକ୍ଷ । ବ୍ରହ୍ମଯୋଗୀମାନେ ଶରୀରର ମନକୁ ନିଗ୍ରହକରି ଯୋଗ ଆଚରଣ କରିଥା'ନ୍ତି । କର୍ମଯୋଗୀମାନେ ଅହଂକାରକୁ ବିନାଶକରି କର୍ମଯୋଗ ଆଚରଣ କରିଥା'ନ୍ତି । ଭକ୍ତିଯୋଗୀମାନେ ଚିତ୍ତ

ବିବରଣ ଜାଣି ତାହା ନିଜ ଭାବରୁ ନିଖୋଜ କରି ଭକ୍ତିଯୋଗର ଆଚରଣ କରନ୍ତି । ଏହିଭଳି ଭାବରେ ଯୋଗୀମାନେ ମୋକ୍ଷପାଇଁ ବାଟ ତିଆରି କରିଥା'ନ୍ତି । କୌଣସି କର୍ମ ବଳକା ନଥିବା ଯୋଗୀମାନେ ଶେଷମରଣ ପାଇ ପରମାତ୍ମାଙ୍କଠାରେ ଲୀନ ହୋଇଥା'ନ୍ତି ବା ମୋକ୍ଷ ପାଇଥାନ୍ତି । ମରଣ ପରେ ସେମାନେ ଆଉ ଜନ୍ମ ହୋଇନଥା'ନ୍ତି, ସେମାନଙ୍କର ମରଣ ସାଧାରଣ ମାନବର ମରଣ ଭଳି ହୋଇନଥାଏ । ତିନି ପ୍ରକାରର ଯୋଗୀମାନେ ମୋକ୍ଷ ପାଇବାବେଳେ ସେମାନଙ୍କ ଶରୀରପରିବର୍ତ୍ତନ ଭିନ୍ନ ଭିନ୍ନ ହୋଇଥାଏ । ବ୍ରହ୍ମଯୋଗୀ ପ୍ରଥମେ ତା'ର ଜୀବନରେ ମନକୁ ନିଗ୍ରହ କରିବା ଦ୍ୱାରା କୌଣସି ବିଷୟ ତାର ମନରେ ନଆସିବା ଅଭ୍ୟାସ ହୋଇଯାଇଥାଏ । ମନର କାର୍ଯ୍ୟକୁ ନିଗ୍ରହ କରିବା କାଳକୁ ବ୍ରହ୍ମଯୋଗ କାଳ କୁହାଯାଏ । ଜୀବନରେ ଅନେକ ସମୟ ବ୍ରହ୍ମଯୋଗ ଅଭ୍ୟାସ କରିଥିବା ଦ୍ୱାରା ସେମାନଙ୍କ ମରଣର ଅବସାନ ଦଶାରେ ବାହ୍ୟ ଅବୟବଗୁଡିକ ସ୍ଥିର ହୋଇ, ମନ ଆତ୍ମାରେ ଲଗ୍ନ ହୋଇ, ବୁଦ୍ଧିକୁ ଆତ୍ମା ବିଷୟ ମିଳୁଥିବାରୁ ବୁଦ୍ଧି ଜୀବକୁ ଆତ୍ମା ବିଷୟ ହିଁ ଜଣାଇଥାଏ, ସେତେବେଳେ ଜୀବ କେବଳ ଆତ୍ମାବିଷୟ ଜାଣୁଥାଏ । ମନ ବୁଦ୍ଧିକୁ, ବୁଦ୍ଧି ଜୀବକୁ ଆତ୍ମାବିଷୟ ଜଣାଉଥିବା ସମୟରେ ପ୍ରଥମେ ମନ ବୁଦ୍ଧିରେ ମିଶିଯାଏ । ମନ ବୁଦ୍ଧିରେ ଲୀନହେବା ଅତି କଠିନ ଏବଂ କ୍ୱଚିତ୍ ସମ୍ଭବ ହୋଇଥାଏ । ବଞ୍ଚିଥିବା ବ୍ରହ୍ମଯୋଗୀମାନଙ୍କର ଯୋଗ ସମୟରେ ମନ ଆତ୍ମାବିଷୟ ବୁଦ୍ଧିକୁ ଜଣାଇ ଦେଉଥିବା ବେଳେ ମନ ସହିତ ବୁଦ୍ଧି ନ ମିଶି ଅଲଗା ଅଲଗା ରହିଥାଏ, କିନ୍ତୁ ସେମାନଙ୍କର ଯେତେବେଳେ ଶେଷମରଣର ସମୟ ଆସେ ସେତେବେଳେ ମନ ବୁଦ୍ଧି ସହିତ ମିଶି ଅନ୍ତ (ବିନାଶ) ହୋଇଥାଏ । ମନ ସହିତ ମିଶିବା ପରେ ବୁଦ୍ଧି ସ୍ୱତନ୍ତ୍ର ହୋଇ ଜୀବାତ୍ମାଠାରେ ଲୀନ ହୋଇଯାଏ ଅର୍ଥାତ୍ ମନ, ବୁଦ୍ଧି, ଜୀବ ମିଶି ଗୋଟିଏ ହୋଇଯା'ନ୍ତି । ଏହି ବିଧାନ ମୋକ୍ଷ ମରଣରେ କେବଳ ବ୍ରହ୍ମଯୋଗୀମାନଙ୍କ ପକ୍ଷରେ ସମ୍ଭବ ହୋଇଥାଏ । ମନ ବୁଦ୍ଧି ସହିତ ମିଶିଥିବା ଜୀବ ସ୍ୱତନ୍ତ୍ର ଭାବରେ ବଦଳି ଆତ୍ମାରେ ମିଶି ନିଜେ ଅଦୃଶ୍ୟ ହୋଇଯାଇଥାଏ । ଏତେ

ଜନ୍ମ ଧରି ଜୀବ ଜନ୍ମମରଣ ଚକ୍ରରେ ଘୂରିଘୂରି ଶେଷରେ ବିନାଶ (କ୍ଷୟ) ହୋଇଥାଏ । ସେଥିଲାଗି ଗୀତାରେ ଜୀବକୁ କ୍ଷର କହିଛନ୍ତି । ଭଗବାନଙ୍କ ଦ୍ୱାରା କ୍ଷର ବୋଲି କୁହାଯାଇଥିବା ଜୀବାତ୍ମା ମୋକ୍ଷ ହୋଇଯାଉଥିବା ମରଣରେ କ୍ଷରିହୋଇ (ବିନାଶ ବା ନିଖୋଜ) ତାର ଅସ୍ତିତ୍ୱକୁ ହରାଇଥାଏ । ସୃଷ୍ଟି ପ୍ରାରମ୍ଭରୁ ଜନ୍ମମରଣ ଚକ୍ରରେ ଘୂରୁଥିବା ଜୀବାତ୍ମା ଶେଷମରଣରେ ନିଖୋଜ ହୋଇଯିବା ପରେ ତା'ର ଆଉ ଜନ୍ମହେବା ଦୁର୍ଯୋଗ ନଥାଏ । ଜୀବାତ୍ମା ଆତ୍ମାରେ ମିଶିଯିବା ବେଳେ ଆତ୍ମା ଆଉ ଆତ୍ମାଭାବରେ ନରହି ସ୍ୱତନ୍ତ୍ର ହୋଇ ଶରୀରରେ ଥିବା ପରମାତ୍ମାରେ ମିଶିଯାଏ । ଏହି ସମୟରେ ଆତ୍ମା ପରମାତ୍ମା ଅନୁସନ୍ଧିତ ହୋଇ ଶରୀରରେ ଆଉ କିଛି ନରହି କେବଳ ପରମାତ୍ମା ବଳିପଡନ୍ତି । ଯେତେବେଳେ ଜୀବାତ୍ମା ଆତ୍ମାରେ ମିଶିଯାଏ ସେତେବେଳେ ବାହାର ଶ୍ୱାସ ସ୍ଥିର ହୋଇଯାଏ । ଏହିଭଳି ବ୍ରହ୍ମଯୋଗୀର ଶେଷମରଣ ହୋଇଥାଏ । ଏଥର କର୍ମଯୋଗୀର ଶେଷମରଣ ତଳେ ଦେଖିବା ।

ଜୀବନରେ କର୍ମଯୋଗ ସାଧନା କରିଥିବା ଯୋଗୀମାନେ ସେମାନଙ୍କଠାରେ ଥିବା ଅହଂକାରକୁ ବିନାଶ କରିଥା'ନ୍ତି, ସେମାନେ ଅହଂ ବିବରଣ ଜାଣି ଆଚରଣ କରିଥା'ନ୍ତି, ସେମାନଙ୍କର ଶେଷମରଣ ଅବସାନ ଦଶାରେ ବାହ୍ୟ ଅବୟବଗୁଡିକରୁ ଆତ୍ମାବଳ ଚାଲିଯିବା କାରଣରୁ ସେମାନଙ୍କ ଶରୀର ପଟୁତା ହରାଇଥାଏ । ସେ ସମୟରେ ମନ ଦୈବଚିନ୍ତନରେ ରହି ଦୈବ ସମ୍ବନ୍ଧୀୟ ସ୍ମୃତି ବୁଦ୍ଧିକୁ ଯୋଗାଉଥିବା ବେଳେ, ବୁଦ୍ଧି ତାହା ଜୀବକୁ ଜଣାଏ । ବୁଦ୍ଧି ଦ୍ୱାରା ଆସିଥିବା ବିଷୟ ଜୀବ ଅନୁଭବ କରୁଥିବା ବେଳେ, ମନ ବୁଦ୍ଧିରେ ଲୀନ ହୋଇଯାଇଥାଏ । ମନରେ ମିଶିଯାଇଥିବା ବୁଦ୍ଧି ବ୍ରହ୍ମଯୋଗୀମାନଙ୍କ ଭଳି ଜୀବସହିତ ନମିଶି ଅହଂସହିତ ମିଶିଯାଇଥାଏ । ମନ, ବୁଦ୍ଧି ଅହଂରେ ମିଶିବା ପରେ ସ୍ୱତନ୍ତ୍ର ହୋଇଥିବା ଅହଂ ଜୀବ ସହିତ ମିଶିଯାଇଥାଏ । ମନ, ବୁଦ୍ଧି, ଅହଂକୁ ନିଜଠାରେ ଲୀନ କରିଥିବା

ଜୀବ ସ୍ୱତନ୍ତ୍ର ହୋଇ ଆତ୍ମାରେ ଲୀନ ହୋଇଥାଏ । ଜୀବକୁ ନିଜଠାରେ ମିଶାଇ ଆତ୍ମା ଶେଷରେ ପରମାତ୍ମାରେ ଲୀନ ହୋଇଥାଏ । ତାହାହିଁ କର୍ମଯୋଗୀମାନଙ୍କର ମୋକ୍ଷ । ବଦଳି ଯାଇଥିବା ଜୀବ ଶେଷରେ ଆତ୍ମା ଦ୍ୱାରା ପରମାତ୍ମାରେ ଲୀନ ହୋଇ ବିଶ୍ୱର ଅଣୁଅଣୁରେ ବ୍ୟାପୀଯାଇଥାଏ । ଏଠାରେ ବିଚାରଯୋଗ୍ୟ ବିଷୟ କ'ଣ ଜାଣନ୍ତି ! ବ୍ରହ୍ମଯୋଗୀମାନଙ୍କଠାରେ ମନ ବୁଦ୍ଧିରେ, ବୁଦ୍ଧି ଜୀବଠାରେ, ଜୀବ ଆତ୍ମାରେ, ଆତ୍ମା ପରମାତ୍ମାରେ ମିଶିବା ବେଳେ, ଅହଂ ଏବଂ ଚିତ୍ତର ପ୍ରସ୍ତାବ ନାହିଁ । ଏହି ବିଷୟ ଆମେ ପରେ ଜାଣିପାରିବା,ଏବେ ଭକ୍ତିଯୋଗୀର ମୋକ୍ଷ କିପରି ହୁଏ ଜାଣିବା ।

ମୋକ୍ଷ ହୋଇଯାଉଥିବା ଶେଷମରଣରେ ପ୍ରଥମେ ସେମାନଙ୍କର ଶରୀର ସ୍ଥିର ହୋଇ, ମନ ପରମାତ୍ମା ଧ୍ୟାନରେ ରହି, ସେହି ବିଷୟ ବୁଦ୍ଧିକୁ ଜଣାଉଥାଏ । ବୁଦ୍ଧି ତାହା ଜୀବକୁ ଜଣାଇ ଦେଉଥିବା ସମୟରେ ଯେଉଁ ଅନୁଭବ ହୁଏ ଜୀବ ସେହି ଅନୁଭବରେ ରହିଥାଏ । ଠିକ୍ ଏହି ସମୟରେ ମନ ବୁଦ୍ଧିରେ ମିଶି ଅନ୍ତ ହୋଇଥାଏ ଏବଂ ପରେ ବୁଦ୍ଧି ଅହଂରେ ମିଶି ଅନ୍ତ ହୁଏ । ଏହି ସମୟରେ ସ୍ୱତନ୍ତ୍ର ହୋଇଥିବା ଅହଂ ମଧ୍ୟ ଚିତ୍ତରେ ମିଶି ବିନାଶ ହୋଇଯାଏ । ସ୍ୱତନ୍ତ୍ର ଅହଂରେ ମିଶିଥିବା ଚିତ୍ତ ମଧ୍ୟ ସ୍ୱତନ୍ତ୍ର ଭାବରେ ବଦଳି ଜୀବଠାରେ ଲୀନ ହୋଇଯାଇଥାଏ । ବ୍ରହ୍ମଯୋଗୀମାନଙ୍କଠାରେ ଶେଷରେ ଜୀବାତ୍ମା ଅପେକ୍ଷା, କର୍ମଯୋଗୀମାନଙ୍କଠାରେ ଶେଷରେ ଜୀବାତ୍ମା ଅପେକ୍ଷା, ଚିତ୍ତରେ ମିଶି ସ୍ୱତନ୍ତ୍ର ହୋଇଯାଇଥିବା ଜୀବାତ୍ମା ଆତ୍ମାରେ ମିଶି ବିନାଶ ହୁଏ, ସର୍ବଶେଷରେ ଶରୀରରେ ହିଁ ଆତ୍ମା ପରମାତ୍ମାରେ ମିଶିଯାଏ । ଏହିଭଳି ଭକ୍ତିଯୋଗୀମାନେ ଶେଷରେ ମୋକ୍ଷ ପାଇ ବିଶ୍ୱବ୍ୟାପ୍ତ ଭାବରେ ଅଣୁଅଣୁରେ ମିଶିଯାଇଥାଆନ୍ତି ।

ବ୍ରହ୍ମଯୋଗୀମାନଙ୍କର ଶେଷମରଣରେ ଅହଂ ଆଉ ଚିତ୍ତ କ'ଣ ହେଲେ, କର୍ମଯୋଗୀମାନଙ୍କର ଶେଷ ମରଣରେ ଚିତ୍ତ କ'ଣ ହେଲା ?

ବୋଲି କେତେକ ପଚାରି ପାରନ୍ତି । ତା'ର ସମାଧାନ ହେଉଛି ! କର୍ମଯୋଗୀମାନଙ୍କର ଅହଂ ଉପରେ, ଭକ୍ତିଯୋଗୀମାନଙ୍କର ଚିତ୍ତ ଉପରେ ସର୍ବଦା ଧ୍ୟାନ ଥିବାରୁ ତାହା ସେମାନଙ୍କର ଶରୀରରେ ବଳକା ରହିଯାଏ, ହେଲେ ଏଗୁଡିକ ଉପରେ ଧ୍ୟାନ ନଥିବା ବ୍ରହ୍ମଯୋଗୀମାନଙ୍କଠାରେ ବୁଦ୍ଧି ଜୀବ ସହିତ ମିଶିବା ବେଳେ ଅହଂ ଏବଂ ଚିତ୍ତ ବିନାଶ ହୋଇଥା'ନ୍ତି । ସେହିଭଳି କର୍ମଯୋଗୀମାନଙ୍କଠାରେ ଅହଂ ଜୀବ ସହିତ ମିଶିବାବେଳେ ଚିତ୍ତ ବିନାଶ ହୋଇଥାଏ । ଭକ୍ତିଯୋଗୀମାନଙ୍କଠାରେ ସେପରି ନହୋଇ ଅହଂ ଏବଂ ଚିତ୍ତ ବଦଳି ବିନାଶ ହୋଇଥା'ନ୍ତି । କର୍ମ ଯୋଗରେ ଚିତ୍ତ ସାଧାରଣ ଭାବେ ବିନାଶ ହେବାବେଳେ, ଅହଂ ଜୀବ ସହିତ ମିଶି, ବଦଳି, ବିନାଶ ହୋଇଥାଏ । ଯୋଗୀମାନଙ୍କ ବ୍ୟତୀତ ସାଧାରଣ ଲୋକେ ମରିଯିବା ବେଳେ ସେମାନଙ୍କର ମନ, ବୁଦ୍ଧି ବିନାଶ ହେବା ସମୟରେ ଚିତ୍ତ ଏବଂ ଅହଂ ଦୁଇଟିଯାକ ବିନାଶ ହୋଇଥା'ନ୍ତି । ପରଜନ୍ମକୁ ଯିବା ମରଣରେ ମନ, ବୁଦ୍ଧି, ଚିତ୍ତ, ଅହଂଗୁଡିକ କୌଣସି ପ୍ରକାରରେ ନ ବଦଳି ଯେପରି ଥିଲେ ସେପରି ରହିବା ଅବସ୍ଥାରେ ବିନାଶ ହୋଇଥାନ୍ତି । ଏତେବେଳଯାଏଁ ଯୋଗୀମାନଙ୍କର ଶରୀରରେ ଜନ୍ମ ନଥିବା ମରଣ କିପରି ହୋଇଥାଏ ତାହା ଜାଣିଲେ । ଏହିଠାରେ କିଛି ଅଧିକ ଜାଣିବାରେ ଅଛି । ସନ୍ଦେହଟିଏ ଆସିଥାଏ, କଣନା! କଣ ସମସ୍ତ ଯୋଗୀମାନଙ୍କର ଏଇଭଳି ମରଣ ହୋଇଥାଏ ? ବୋଲି କେତେକ ସଂଦେହ କରି ପାରନ୍ତି । ଏହାର ସମାଧାନ ହେଉଛି ! ଯୋଗୀ ହେଲେ ମଧ୍ୟ ଏଭଳି ମରଣ ମରିବା ସମସ୍ତଙ୍କ ପକ୍ଷେ ସମ୍ଭବ ହୋଇନଥାଏ । ଯେଉଁ ଯୋଗୀମାନଙ୍କର ଆଉ କୌଣସି କର୍ମ ନଥାଏ କେବଳ ସେହି ଯୋଗୀମାନଙ୍କର ମୋକ୍ଷ ବା ଶେଷ ମରଣ ସମ୍ଭବ ହୋଇଥାଏ । ଯୋଗୀ ହୋଇଥିଲେ ମଧ୍ୟ ଯଦି କର୍ମ ବାକି ଥାଏ ତେବେ ମୋକ୍ଷ ହୋଇନଥାଏ । ସେମାନଙ୍କ ମରଣ ସାଧାରଣ ମରଣ ବୋଲି କହି ପାରିବା । କର୍ମ ନଥିବା ମଣିଷର ଶେଷ ମରଣକୁ ବାହାରର

ଲୋକମାନେ ଚିହ୍ନି ପାରିଥା'ନ୍ତି । ତାହା କିପରିନା ! ଯେଉଁମାନେ ସଂପୂର୍ଣ୍ଣ ଯୋଗୀ ଏବଂ ସେମାନେ ସଂପୂର୍ଣ୍ଣ କର୍ମକୁ ବିନାଶ କରିଦେଇଛନ୍ତି ସେମାନେ ଯେଉଁଦିନ ମୃତ୍ୟୁବରଣ କରିବେ ସେଦିନ ଦିନବେଳା ହୋଇଥିବ, ମାସର ପକ୍ଷଟି ଶୁକ୍ଳପକ୍ଷ ହୋଇଥିବ, ବର୍ଷର ଆୟଣଟି ଉତ୍ତରାୟଣ ହୋଇଥିବ । ଦିନବେଳା, ଶୁକ୍ଳପକ୍ଷ, ଉତ୍ତରାୟଣ ହୋଇ ମଧ୍ୟ ମରଣ ସମୟରେ ଯୋଗୀର ଶରୀର ଯଦି ସୂର୍ଯ୍ୟରଶ୍ମି ପଡିଥିବା ଅଞ୍ଚଳରେ ନାହିଁ ତେବେ ତା'ର ମୋକ୍ଷ ନହୋଇ ସେ ଅନ୍ୟଏକ ଜନ୍ମକୁ ଯିବ, କାରଣ ! ତା'ର କର୍ମ ଆଉ ବାକି ଅଛି ବୋଲି କହିପାରିବା । ଯେଉଁମାନେ ଯୋଗୀ ନୁହନ୍ତି ସେମାନେ ମଧ୍ୟ ଠିକ୍ ଏହି ସମୟରେ ଯଥା- ଦିନବେଳା, ଶୁକ୍ଳପକ୍ଷ, ଉତ୍ତରାୟଣ, ସୂର୍ଯ୍ୟରଶ୍ମି ପଡିଥିବା ସ୍ଥାନରେ ରହି ମୃତ୍ୟୁବରଣ କରିଥା'ନ୍ତି, କିନ୍ତୁ ସେମାନଙ୍କ ପକ୍ଷରେ ଏହି ସୂତ୍ର କାର୍ଯ୍ୟକାରୀ ହୋଇ ନଥାଏ । ଏହି ସୂତ୍ର କେବଳ ଯୋଗୀମାନଙ୍କ ପାଇଁ ଲାଗୁହୁଏ ବୋଲି ଗୀତାର ଅକ୍ଷରପରବ୍ରହ୍ମ ଯୋଗରେ ଥିବା ୨୩ତମ ଶ୍ଳୋକରେ **"ଯତ୍ରକାଳେ ତ୍ୱନାବୃତ୍ତିଂ ମାବୃତ୍ତିଂ ଚୈବ ଯୋଗୀନଃ । ପ୍ରଯାତା ଯାନ୍ତି ତଂକାଳ ବକ୍ଷାମି ଭରତର୍ଷଭ ॥" ଅର୍ଥାତ୍ କେଉଁ କାଳରେ ମୃତ୍ୟୁବରଣ କଲେ ଯୋଗୀମାନଙ୍କର ମୋକ୍ଷ ହୁଏ, କେଉଁ କାଳରେ ମୃତ୍ୟୁବରଣ କଲେ ପୁଣି ଜନ୍ମହୁଅନ୍ତି ସେହି କାଳ ବାବଦରେ କହୁଛି ଶୁଣ୍ ବୋଲି କହିଛନ୍ତି** । ଏହି ଶ୍ଳୋକରେ ସ୍ୱତନ୍ତ୍ର ଭାବରେ ଯୋଗୀନଃ ବୋଲି କହିଛନ୍ତି । ତା'ଛଡା ସୂର୍ଯ୍ୟରଶ୍ମି ଥିବା ଦିନବେଳା, ଉତ୍ତରାୟଣ, ମାସର ଶୁକ୍ଳପକ୍ଷ ସମୟରେ ମରଣପ୍ରାପ୍ତ ଯୋଗୀର ମୋକ୍ଷ ହୁଏ ବୋଲି କହିଛନ୍ତି । ମେଘ ଢାଙ୍କି ରଖିଥିବା ଦିନବେଳା କିମ୍ବା ରାତ୍ରିବେଳା, କୃଷ୍ଣପକ୍ଷ କିମ୍ବା ଦକ୍ଷିଣାୟନରେ ମୃତ୍ୟୁବରଣ କରିଥିବା ଯୋଗୀମାନେ ପୁନଃ ଜ୍ଞାନପ୍ରକାଶ ବା ଜ୍ଞାନତେଜ ଯୁକ୍ତହୋଇ ଜନ୍ମ ହୋଇଥା'ନ୍ତି ବୋଲି ଭଗବାନ କହିଛନ୍ତି । ଏହି ଅନୁସାରେ ସାଧାରଣ ଲୋକମାନଙ୍କର ମରଣପାଇଁ ଏହି ସୂତ୍ର କାର୍ଯ୍ୟ କରେନାହିଁ ବୋଲି ଜଣାଯାଉଛି ।

ଏହି ବିବରଣୀ ଲେଖିବା ପରେ କହିବାକୁ ପଡୁଛି ଯେ, ଏହି ବିବରଣୀ ଅତୀତ, ଚଳିତ, ଭବିଷ୍ୟତରେ କେହି ଲେଖି ନାହାନ୍ତି କି ଲେଖିବେ ନାହିଁ । ଏହା ଆମର ଗର୍ବ ବୋଲି ଭୂଲ୍ ବୁଝନ୍ତୁ ନାହିଁ, କାରଣ ! ଗର୍ବକୁ ମୁଁ ବ୍ୟବହାର କରୁଛି ସିନା, ଗର୍ବ ମୋତେ ବ୍ୟବହାର କରୁନାହିଁ ।

ମରଣରେ କି ନିର୍ଭୟ ରହଛି ଜାଣି ନଥିବା ପାଠକ ପାଠିକାମାନଙ୍କର ଏହି ବିବରଣୀ ଉପଯୋଗୀ ହେବ ବୋଲି ଭାବୁଛୁ । ପୁରାଣ ଉପରେ କିମ୍ୱା ଗତ ସମୟରେ କେଶ ବଢାଇଥିବା ଲୋକମାନଙ୍କ ଉପରେ ବିଶ୍ୱାସ ରଖିଥିବା ଲୋକମାନେ ପଚାରି ପାରନ୍ତି ଯେ, ସେମାନେ (ଅନ୍ୟମାନେ) କହିଥିବା ଭଳି ଆପଣ ଯମରାଜା କିମ୍ୱା ଯମପୁର ବାବଦରେ କିଛି ବି ଲେଖି ନାହାନ୍ତି ! କହି, ତାହା ସତ୍ୟ, ଏହା ସତ୍ୟ ନୁହେଁ ବୋଲି ଭାବିଲେ, ଶାସ୍ତ୍ରବଦ୍ଧତା ନଥିବା ବିଷୟଗୁଡିକୁ ଆପଣ କାହିଁକି ଏବଂ କିପରି ବିଶ୍ୱାସ କରୁଛନ୍ତି ? ବୋଲି ଆମ ତରଫରୁ ପ୍ରଶ୍ନ ଆସିପାରେ । **ଭଗବଦ୍ଗୀତାରେ** ଅନେକ ପ୍ରମାଣ ସହିତ ଭଗବାନ ଶ୍ରୀକୃଷ୍ଣ କହିଥିବା ବିଷୟଗୁଡିକ ବିପୁଳ ଭାବରେ ବ୍ୟାଖ୍ୟା କରିଛୁ ।

ଏହି ଗ୍ରନ୍ଥରେ କୁହାଯାଇଥିବା **"ଜନନ ମରଣର ରହସ୍ୟଗୁଡିକ"** ବାବଦରେ ଗତକାଳରେ କେହି କହିନଥିଲେ କି ଭବିଷ୍ୟତ କାଳରେ କେହି ମଧ୍ୟ ଏହାଠାରୁ ଅଧିକ କହିପାରିବେ ନାହିଁ ।

**ଏବେ ମଧ୍ୟ ସମସ୍ତେ ଜନନ ମରଣ ବାବଦରେ ଥିବା ସତ୍ୟକୁ ଜାଣିପାରିବେ ବୋଲି ପ୍ରଗାଢ ବିଶ୍ୱାସ ରଖି ସମାପ୍ତ କରୁଛୁ ।**

-=====-

**ଅସତ୍ୟକୁ ହଜାରେ ଜଣ ସତ୍ୟ କହିଲେ ମଧ୍ୟ ତାହା ସତ୍ୟ ନୁହେଁ,**
**ସତ୍ୟକୁ ହଜାରେ ଜଣ ଅସତ୍ୟ କହିଲେ ମଧ୍ୟ ତାହା ଅସତ୍ୟ ନୁହେଁ ।**

*****

ଅବଶ୍ୟ ପାଠକରନ୍ତୁ ପାଠକରାନ୍ତୁ

# ଦେବାଳୟ ରହସ୍ୟ

ପ୍ରପଞ୍ଚପଟରେ ଭାରତଦେଶ ଆଧ୍ୟାତ୍ମିକର ଏନ୍ତୁଡିଶାଳ ଭାବରେ କୁହାଯାଉଥିବା ଦକ୍ଷିଣ ଭାରତଦେଶ ସ୍ୱଚ୍ଛ ଐଶ୍ୱରୀୟ ଜ୍ଞାନର ନିଳୟ । ଦକ୍ଷିଣ ଭାରତଦେଶରେ ନିର୍ମିତ ହୋଇଥିବା ଦେବାଳୟଗୁଡିକ (ମନ୍ଦିରଗୁଡିକ), ସୃଷ୍ଟ୍ୟାରମ୍ଭରେ କୁହାଯାଇଥିବା ଐଶ୍ୱରୀୟ ଜ୍ଞାନର ସଙ୍କେତ ତଥା ସନ୍ଦେଶ ଭାବରେ ବିରାଜିତ । ଦେବାଳୟଗୁଡିକର ବିଧିବିଧାନ ଜଣାନଥିବା ଦୂର୍ଭାଗ୍ୟ ପରିସ୍ଥିତିରେ ଆମେ ଆଜି ରହିଛେ । ଆମ ଉତ୍ତରପିଢୀ ପଚାରୁଥିବା ପ୍ରଶ୍ନର ଉତ୍ତର ଦେଇପାରୁ ନଥିବା ସ୍ଥିତିରେ ଦେବାଳୟଗୁଡିକୁ ରଖି ଆମେ ହିଁ ତାହାକୁ ପ୍ରଶ୍ନାର୍ଥକ କରିଦେଉଛେ । ଆଧ୍ୟାତ୍ମିକ ରହସ୍ୟଗୁଡିକୁ ଦେବାଳୟଗୁଡିକର ପାଦେପାଦେ ସେଦିନର ଜ୍ଞାନୀମାନେ ଖଞ୍ଜିଥିବାବେଳେ, ସେଗୁଡିକୁ ଯେଉଁମାନେ ଖୋଜନ୍ତି ସେମାନଙ୍କୁ ସେହି ରହସ୍ୟଗୁଡିକ ଅଜଣା ରହିଯିବା ସମୟରେ ମରୁଭୂମିରେ ସବୁଜିମା ମିଳିଯିବା ଭଳି ଅପରୂପ ଆଧ୍ୟାତ୍ମିକକ ଗ୍ରନ୍ଥ ହୋଇ ଆମକୁ ମିଳିଯାଇଛି ଏହି "ଦେବାଳୟ ରହସ୍ୟ" ।

ଏହି ଗ୍ରନ୍ଥରେ ଦେବାଳୟର ମୁଖଶାଳାଠାରୁ ଆରମ୍ଭ କରି ଗର୍ଭଗୃହ ର ସାକାର ପ୍ରତିମା ପର୍ଯ୍ୟନ୍ତ ଏବଂ ପ୍ରତିମାର ପୂଜା ବିଧିରେ ଥିବା ପ୍ରତି କାର୍ଯ୍ୟକଳାପକୁ ସୁନ୍ଦରଶୈଳୀରେ ଶାସ୍ତ୍ରବଦ୍ଧ ବିବରଣୀ ଦିଆଯାଇଛି । ଏପର୍ଯ୍ୟନ୍ତ କେହି ଖୋଲି କହିପାରି ନଥିବା ଆଧ୍ୟାତ୍ମିକ ରହସ୍ୟର ଉନ୍ମୋଚନ କରି ସର୍ବପ୍ରଥମେ ପ୍ରବୋଧାନନ୍ଦ ଯୋଗୀଶ୍ୱର ସାରା ପ୍ରପଞ୍ଚକୁ (ଦୁନିଆକୁ) ଜଣାଇଛନ୍ତି ।

ରଚୟିତା : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ                                        ପାଠକରାନ୍ତୁ

# ପ୍ରେତ - ଭୂତଙ୍କ
# ଯଥାର୍ଥ ସଙ୍ଘଟନା ।

ବିଜ୍ଞାନ ରଙ୍ଗମଞ୍ଚରେ ନାସ୍ତିକମାନଙ୍କ ଦୃଷ୍ଟି ନିକ୍ଷେପ, ଆଧ୍ୟାତ୍ମିକରେ ଆସ୍ତିକମାନଙ୍କ ଜ୍ଞାନୋଦୟ କରୁଥିବା ଏହି ଗ୍ରନ୍ଥଟି ମହା ଶକ୍ତିବନ୍ତ ଗ୍ରନ୍ଥ । ଏହି ଗ୍ରନ୍ଥକୁ ପାଠ ପଢିନଥିବା ଲୋକମାନେ ବିଶ୍ୱାସରେ ପାଖରେ ରଖିଲେ, ପାଠ ପଢିଥିବା ଲୋକମାନେ ଭକ୍ତିଭାବରେ ପଢିଲେ ଏଥିରୁ ଜ୍ଞାନ ଜାଣି ପାରିବା ସହିତ, ତା ପୂର୍ବରୁ କେଇଶହ ଟଙ୍କା ଖର୍ଚ୍ଚକରି ମଧ ଭଲ ହୋଇନଥିବା ରୋଗସବୁ ଚିକିତ୍ସା ନକରି ଭଲହୋଇଯାଏ । ଏହି ଗ୍ରନ୍ଥ ପାାଠକଲେ ପ୍ରେତ କହିଲେ କଅଣ ଭୂତ କହିଲେ କଅଣ ଜଣାପଡିଯାଏ ।

**ରଚୟିତା** : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**